ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) ଏବଂ ଗଞ୍ଜାମ ଜିଲା ମାନସିକ ସ୍ୱାସ୍ଥ୍ୟ ଟିମ୍‌ର ମିଳିତ ପ୍ରଚେଷ୍ଟା ଯୋଗୁ ଜଣେ ମାନସିକ ଦିବ୍ୟାଙ୍ଗ ରୋଗୀ ସୁସ୍ଥ ହୋଇଛନ୍ତି। ସେ ହେଲେ ଗଞ୍ଜାମ ଜିଲା ବେଲଗୁଣ୍ଠା ବ୍ଲକ ଅନ୍ତର୍ଗତ କଇଥପୋଲି ହରିଜନ ସାହିର ପ୍ରଭାସିନୀ ନାଇକ। ସେ ମାନସିକ ରୋଗରୁ ଆରୋଗ୍ୟ ଲାଭ କରିଥିବାବେଳେ ତାଙ୍କ ଝିଅ ବର୍ଷା (୧୭ ବର୍ଷ)ଙ୍କୁ ପାଠପଢ଼ା ପାଇଁ ସରକାରୀ ସହାୟତା ମିଳିଥିବା ଶୁକ୍ରବାର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରଭାସିନୀ ମାନସିକ ରୋଗଗ୍ରସ୍ତ ହୋଇପଡ଼ିଥିଲେ। ତେଣୁ ନାବାଳିକା ଝିଅ ବର୍ଷାଙ୍କୁ ଘରର ସବୁ କାମଧନ୍ଦା ସହ ଖାଦ୍ୟ ଯୋଗାଡ଼, ମା'ଙ୍କର ଯତ୍ନ ଆଦି ସମସ୍ତ ଦାୟିତ୍ୱ ସମ୍ଭାଳିବାକୁ ପଡୁଥିଲା। ଆର୍ଥିକ ଦୁରବସ୍ଥା ମଧ୍ୟ ଆଉ ଏକ ବାଧକ ଥିଲା। ଏ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପରେ ବିଏସ୍‌କେୱାଇ ଟିମ୍ ମିଶନ ମୋଡରେ କାମ ଆରମ୍ଭ କରିଥିଲା। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ, ଗଞ୍ଜାମ ଜିଲା ମାନସିକ ସ୍ୱାସ୍ଥ୍ୟ ଟିମ୍ ଓ ବେଲଗୁଣ୍ଠା କମ୍ୟୁନିଟି ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଦଳଗତ ଉଦ୍ୟମ ଆରମ୍ଭ ହୋଇଥିଲା। ପ୍ରଭାସିନୀ ରହୁଥିବା ଗ୍ରାମରେ ପହଞ୍ଚି ଏହି ମିଳିତ ଟିମ ସ୍ଥାନୀୟ ଜନପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ, ଆଶା ଓ ଅଙ୍ଗନୱାଡ଼ି କର୍ମୀଙ୍କ ସହାୟତାରେ ପ୍ରଭାସିନୀଙ୍କ ପରିବାର ସହ ଆଲୋଚନା କରିଥିଲା। ପରିବାରର ପୂର୍ଣ୍ଣ ସହମତିରେ ପ୍ରଭାସିନୀଙ୍କୁ ଗତ ଫେବୃୟାରୀ ୧୬ରେ ସ୍ୱତନ୍ତ୍ର ଗାଡିରେ କମ୍ୟୁନିଟି ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇ ସେଠାରେ ଆବଶ୍ୟକ ଚିକିତ୍ସା ପରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମେଡିକାଲ କଲେଜ ଓ ହସ୍ପିଟାଲ ପରିସରରେ ଥିବା ଜିଲା ମାନସିକ ସ୍ୱାସ୍ଥ୍ୟ ଓ ନିଶା ନିବାରଣ ଚିକିତ୍ସାଳୟକୁ ନିଆଯାଇ ଉନ୍ନତ ଚିକିତ୍ସା ଆରମ୍ଭ କରାଯାଇଥିଲା। ବିଶେଷଜ୍ଞଙ୍କ ଦ୍ୱାରା ପଦ୍ଧତିଗତ ଚିକିତ୍ସା ଓ ନିରନ୍ତର ପର୍ଯ୍ୟବେକ୍ଷଣ ଯୋଗୁ ପ୍ରଭାସିନୀଙ୍କ ମାନସିକ ସ୍ଥିତିରେ ଦ୍ରୁତ ଉନ୍ନତି ଆସିଥିଲା। ଶେଷରେ ଗୁରୁବାର ପ୍ରଭାସିନୀଙ୍କୁ ହସ୍ପିଟାଲରୁ ଡିସ୍‌ଚାର୍ଜ କରାଯାଇଥିଲା। ସମ୍ପୂର୍ଣ୍ଣ ଚିକିତ୍ସା ଏବଂ ଔଷଧ ଆଦି ତାଙ୍କୁ ମାଗଣାରେ ଯୋଗାଇ ଦିଆଯାଇଥିଲା। ଶୁକ୍ରବାର ମିଳିଥିବା ଖବର ଅନୁସାରେ ବର୍ତ୍ତମାନ ପ୍ରଭାସିନୀ ପ୍ରାୟ ସ୍ୱାଭାବିକ ଜୀବନ ଆରମ୍ଭ କରୁଛନ୍ତି। ବିଏସ୍‌କେୱାଇ ଏବଂ ଜିଲା ମାନସିକ ସ୍ୱାସ୍ଥ୍ୟ ଟିମ୍ ମଧ୍ୟ ତାଙ୍କ ପରିବାର ସହ ଯୋଗାଯୋଗରେ ଅଛନ୍ତି ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଶିକ୍ଷା ପାଇଁ ଝିଅକୁ ମିଳିଲା ସହାୟତା

ସେପଟେ ବର୍ଷାଙ୍କୁ ଶିକ୍ଷା ବାବଦ ଜରୁରୀ ଖର୍ଚ୍ଚ ନିମନ୍ତେ ୫ହଜାର ଟଙ୍କାର ଆର୍ଥିକ ସହାୟତା ଦିଆଯାଇଛି। 'ବୁକ ବ୍ୟାଙ୍କ'ରୁ ମାଗଣାରେ ତାଙ୍କୁ ବହି ଯୋଗାଇ ଦିଆଯାଇଛି। ବର୍ଷାଙ୍କ ଯୁକ୍ତ୨ ଶିକ୍ଷା ନିମନ୍ତେ ସମସ୍ତ ଫି' ଛାଡ଼ କରିବା ପାଇଁ ଭଞ୍ଜନଗର ଉପଜିଲାପାଳ ସମ୍ପୃକ୍ତ କଲେଜକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ପରିବାରକୁ ଖାଦ୍ୟ ସୁରକ୍ଷା ଯୋଜନାରେ ମଧ୍ୟ ସାମିଲ କରାଯାଇଥିବାବେଳେ ଗ୍ରାମୀଣ ଆବାସ ଯୋଜନାରେ ସାମିଲ ନିମନ୍ତେ ପ୍ରକ୍ରିୟା ଆରମ୍ଭ ହୋଇଥିବା ସୂଚନା ମିଳିଛି।

BIJU PATTANAIK
FILM & TELEVISION INSTITUTE OF ODISHA
BOSE Campus, Cuttack-753 007
email: bpftio123@gmail.com

ADMISSION NOTICE -2023

No.CAD-5097:- Biju Pattanaik Film & Television Institute of Orissa, Cuttack is a Government owned, AICTE recognized Institute offering 4 years Degree Course (B.CAT) under BPUT (Biju Pattanaik University of Technology).

ON-LINE Application are invited for admission to the 1st year Programme in the following specializations for academic session 2023-24.

| Sl No. | Course | No. of Seats | Entry Qualification |
|---|---|---|---|
| 1. | Cinematography | 20 | Intermediate (10+2) in Science from CHSE, Odisha/ CBSE/ICSE/ Other State Board or any equivalent recognized by CHSE. |
| 2. | Sound Recording & Sound Design | 20 | |
| 3. | Film Editing | 20 | Intermediate (10+2) in Science/Arts/Commerce from CHSE, Odisha/ CBSE/ICSE/ Other State Board or any equivalent recognized by CHSE. |

Desirous candidates may apply through OJEE (www.ojee.nic.in).

The last date of submission of online Application Form is 20.03.2023.

For any Queries Contact :
8249889162, 9437069564, 9439978071

Sd/-
Director

Make your Career in
Film / TV / Radio
For Details Visit : www.bpftio.org
OIPR-11058/11/0020/2223

IDBI BANK
ଆଇଡ଼ିବିଆଇ ବ୍ୟାଙ୍କ ଲିଃ., ୧ମ ମହଲା, ଆଇଡ଼ିବିଆଇ ହାଉସ୍, ଜନପଥ, ୟୁନିଟ୍ - ୯, ଭୁବନେଶ୍ୱର-୭୫୧୦୨୨,
ଫୋନ୍: ୦୬୭୪-୬୬୧୬୫୪୬, CIN: L65190MH2004GOI148838

ପରିଶିଷ୍ଟ-୪ [ରୁଲ୍୮(୧)]
ଦଖଲ ନୋଟିସ୍
ସ୍ଥାବର ସମ୍ପତ୍ତି ନିମନ୍ତେ

ନିମ୍ନ ସ୍ୱାକ୍ଷରକାରୀ ଆଇଡ଼ିବିଆଇ ବ୍ୟାଙ୍କ ଲିମିଟେଡ୍‌ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ୫୪) (ସରଫେଶୀ ଆକ୍ଟ) ଏବଂ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ କଥିତ ଆକ୍ଟ ଅନୁଯାୟୀ ଡ଼ିମାଣ୍ଡ ନୋଟିସ୍ ଜାରି କରି ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥରାଶି ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନେ ତାଙ୍କର ଦେୟ ପଇଠ କରିବାରେ ବିଫଳ ହୋଇଛନ୍ତି ସେହେତୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ର ଉପଧାରା (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୮ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ ନିମ୍ନ ଦର୍ଶିତ ତାରିଖରେ ଦଖଲକୁ ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡ଼ିକ ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ପାଇଁ ଆଇଡ଼ିବିଆଇ ବ୍ୟାଙ୍କ ଲିମିଟେଡ ନିକଟରେ ଉତ୍ତରଦାୟୀ ରହିବେ । ଏତଦ୍‌ଦ୍ୱାରା ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।

| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ବକେୟା ପରିମାଣ | ଡିମାଣ୍ଡ /ଦଖଲ ନୋଟିସ୍‌ର ତାରିଖ | ସ୍ଥାବର ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| ଋଣଗ୍ରହୀତା: ମେସର୍ସ ମୁନରାଣୀ ଏଣ୍ଟରପ୍ରାଇଜର୍ସ, ସ୍ୱତ୍ୱାଧିକାରୀ/ବନ୍ଧକଦାତା: ଶ୍ରୀମତୀ ମୁନରାଣୀ ମହାନ୍ତି, ସା: ୧ମ ମହଲା, ଖାତା ନଂ.: ୬୪୩/୬୪୧, ପ୍ଲଟ୍ ନଂ.: ୭୪୩/୨୯୪୪୩, ଲେକ୍ଟୁଡିପଡ଼ା, ଜିଲ୍ଲା: ନୟାଗଡ଼, ଓଡ଼ିଶା - ୭୫୨୦୭୦/ ଗ୍ୟାରେଣ୍ଟିଦାତା: ସତ୍ୟ ନାରାୟଣ ମାଝୀ, ସା: ନିଉ ରାଜବାଟି ଲେନ୍, ତ୍ରିନାଥ ଛକ, ନୟାଗଡ଼, ଓଡ଼ିଶା - ୭୫୨୦୬୯ | ଟ.୬୦,୦୬,୭୬୦/- ଏବଂ ସେବାବଦ ତତ୍‌ପରବର୍ତ୍ତୀ ସୁଧ ଓ ଦେୟ | ୨୯.୧୨.୨୦୨୨ / ୧୦.୦୩.୨୦୨୩ | ଶ୍ରୀମତୀ ମୁନରାଣୀ ମହାନ୍ତି, ସ୍ୱାମୀ: ଶ୍ରୀ ସତ୍ୟନାରାୟଣ ମାଝୀଙ୍କ ନାମରେ ଥିବା ସ୍ଥାବର ବାସୋପଯୋଗୀ ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୨୬୫/୧୭୦୯ (କ୍ଷେତ୍ର: ଏକର୦.୦୬୫ ଡିସିମିଲି), ଖାତା ନଂ.: ୬୧୬/୩୮୮, ମୌଜା: ଅଣ୍ଡିଲୋ, ଥାନା/ଏସଆରଓ/ତହସିଲ: ବାଲିଅନ୍ତା, ଥାନା ନଂ.: ୧୪, ଖୋର୍ଦ୍ଧା, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ରେଭିନ୍ୟୁ ପ୍ଲଟ୍ ନଂ.: ୨୫୭, ପୂର୍ବ: ସବ୍ ପ୍ଲଟ୍ ନଂ.: ୨୦୯, ପଶ୍ଚିମ: ରେଭିନ୍ୟୁ ପ୍ଲଟ୍ ନଂ.: ୨୫୮, ସହିତ ସେଠାରେ ଥିବା ଗୃହ ଏବଂ ନିର୍ମାଣ ଏବଂ ଉକ୍ତ ସ୍ଥାନ ସହିତ ସଂଲଗ୍ନ ହୋଇଥିବା ସମସ୍ତ କଳକବ୍ଜା ଓ ଯନ୍ତ୍ରପାତି କିମ୍ବା ସ୍ଥାନ ସହିତ ସ୍ଥାୟୀ ଭାବରେ ଖୋଲା ପଡିଥିବା ଭୂ-ସଂଲଗ୍ନ ଯେକୌଣସି ଦ୍ରବ୍ୟ। |
| ଋଣଗ୍ରହୀତା/ବନ୍ଧକଦାତା: ୧) ଶ୍ରୀ ପ୍ରଣବ କୁମାର ରୟ, ଠିକଣା-୧: ମାର୍ଫତ୍: ହ୍ୱାଇଟପେପର ଇନ୍‌ଫ୍ରାଟେକ୍ ପ୍ରା. ଲିଃ., ସା: ପ୍ଲଟ୍ ନଂ.: ୫୮୪୦, ୫୨୦୮, ଗଜପତି ନଗର, ପୋ.: ସୈନିକ ସ୍କୁଲ, ଭୁବନେଶ୍ୱର, ଖୋର୍ଦ୍ଧା, ଓଡ଼ିଶା - ୭୫୧୦୦୫, ଠିକଣା-୨: ସା: ପ୍ଲଟ୍ ନଂ.: ୨୮୯/୧୬୬୪/୬୫୯୪, ନିଳାଦ୍ରୀ ବିହାର, ସୈଳଶ୍ରୀ ବିହାର, ଭୁବନେଶ୍ୱର, ଓଡ଼ିଶା - ୭୫୧୦୨୧, ଠିକଣା-୩: ସା: ଫ୍ଲାଟ୍ ନଂ.: ୧୦୨, ୧ମ ମହଲା, ପ୍ରିମିୟର ଆଶିଆନା, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର - ୭୫୧୦୨୪/ ୨) ଶ୍ରୀମତୀ ସସ୍ମିତା ରୟ, ସା: ଫ୍ଲାଟ୍ ନଂ.: ୧୦୨, ୧ମ ମହଲା, ପ୍ରିମିୟର ଆଶିଆନା, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର - ୭୫୧୦୨୪ | ଟ.୭,୧୦,୮୮୪/- ଏବଂ ସେବାବଦ ତତ୍‌ପରବର୍ତ୍ତୀ ସୁଧ ଓ ଦେୟ | ୨୩.୧୨.୨୦୨୨ / ୦୬.୦୩.୨୦୨୩ | ଶ୍ରୀ ପ୍ରଣବ କୁମାର ରୟ ଏବଂ ଶ୍ରୀମତୀ ସସ୍ମିତା ରୟଙ୍କ ନାମରେ ଥିବା ଜମିର ସମସ୍ତ ଅଂଶବିଶେଷ ଯାହାର ଫ୍ଲାଟ୍ ନଂ.: ୧୦୨, ୧ମ ମହଲା, ପ୍ରିମିୟର ଆଶିଆନା ହାଉସିଙ୍ଗ୍ କମ୍ପ୍ଲେକ୍ସ, ମୌଜା: ଚନ୍ଦ୍ରଶେଖରପୁର, ୟୁନିଟ୍ ନଂ.: ୪୧, ହାଲ୍ ଖାତା ନଂ.: ୩୦୦, ହାଲ୍ ପ୍ଲଟ୍ ନଂ.: ୮୪୬, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଏହାର ଚାରିପାର୍ଶ୍ୱରେ ପୂର୍ବ: ରେଭିନ୍ୟୁ ପ୍ଲଟ୍ ନଂ.: ୮୪୭, ପଶ୍ଚିମ: ପଟିଆ ଗ୍ରାମର ମୌଜା ପାଟେରୀ, ଉତ୍ତର: ପଟିଆ ଗ୍ରାମର ମୌଜା ପାଟେରୀ ଏବଂ ରାସ୍ତା, ଦକ୍ଷିଣ: ପଟିଆ ଗ୍ରାମର ମୌଜା ପାଟେରୀ, ସହିତ ସେଠାରେ ଥିବା ଗୃହ ଏବଂ ନିର୍ମାଣ ଏବଂ ଉକ୍ତ ସ୍ଥାନ ସହିତ ସଂଲଗ୍ନ ହୋଇଥିବା ସମସ୍ତ କଳକବ୍ଜା ଓ ଯନ୍ତ୍ରପାତି କିମ୍ବା ସ୍ଥାନ ସହିତ ସ୍ଥାୟୀ ଭାବରେ ଖୋଲା ପଡିଥିବା ଭୂ-ସଂଲଗ୍ନ ଯେକୌଣସି ଦ୍ରବ୍ୟ। |

ସ୍ଥାନ: ଭୁବନେଶ୍ୱର, ତାରିଖ: ୧୦.୦୩.୨୦୨୩
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଆଇଡ଼ିବିଆଇ ବ୍ୟାଙ୍କ ଲିମିଟେଡ

# ଝିଅର ମୃତଦେହ ନେଉଥିବା ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ

ଦାରିଙ୍ଗବାଡ଼ି,୧୦।୩(ଡି.ଏନ୍.ଏ)

## ମା'ଙ୍କ ସମେତ ୩ ଆହତ

କନ୍ଧମାଳ ଜିଲା ଦାରିଙ୍ଗବାଡି ଥାନା ମୁଣ୍ଡାନାଜୁ ବୁଲାଣି ରାସ୍ତାରେ ଶୁକ୍ରବାର ଝିଅର ମୃତଦେହ ନେଇ ଯାଉଥିବା ଏକ ଆମ୍ବୁଲାନ୍ସ (ଓଡି ୦୨ଆର-୩୬୭୭) ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ମୃତକଙ୍କ ମା' ରାତ୍ରୀ ଭୋଇ, ଭଉଣୀ ବୀର ଭୋଇ ଓ ଭାଇ ସୁଦାମ ଭୋଇ।

ବାଲୁଗୁଡ଼ା ବ୍ଲକ ଲଣ୍ଡାଗାଁ ଗ୍ରାମର ନାଥ ଭୋଇଙ୍କ ନାବାଳିକା ଝିଅ ରଚନା ଅସୁସ୍ଥ ଥିବାରୁ ପରିବାର ଲୋକେ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରଚନାଙ୍କ ମୃତ୍ୟୁ ଘଟିଥିଲା। ଝିଅର ମୃତଦେହ ନେଇ ପରିବାର ଲୋକେ ଲଣ୍ଡାଗାଁକୁ ଫେରୁଥିଲେ। ଏହି ସମୟରେ ରାତି ଅନିଦ୍ରା ଥିବା ଆମ୍ବୁଲାନ୍ସ ଚାଳକଙ୍କ ଆଖି ଲାଗିଯାଇଥିଲା। ଫଳରେ ଗାଡ଼ିଟି ଦାରିଙ୍ଗବାଡ଼ି ଥାନା ମୁଣ୍ଡାନାଜୁ ବୁଲାଣି ରାସ୍ତାରେ ଏକ ୱାଲ୍‌ରେ ପିଟିହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦାରିଙ୍ଗବାଡ଼ି ପୋଲିସ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ଅନ୍ୟ ଆମ୍ବୁଲାନ୍ସରେ ବାଲିଗୁଡ଼ା ଡାକ୍ତରଖାନାକୁ ପଠାଇଛି। ସେହିପରି ଅନ୍ୟ ଏକ ଗାଡ଼ିରେ ମୃତଦେହ ଲଣ୍ଡାଗାଁକୁ ପଠାଇଥିଲା। ଅନ୍ୟପଟେ ଦୁର୍ଘଟଣାଗ୍ରସ୍ତ ଆମ୍ବୁଲାନ୍ସକୁ ଜବତ କରିଥିବା ବେଳେ ଚାଳକଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।

# ମହିଳା-ପୁରୁଷଙ୍କୁ ସମାନ ସୁଯୋଗ, ସମ୍ମାନ ମିଳିବା ଆବଶ୍ୟକ



ଭୁବନେଶ୍ୱର, ୧୦।୩ (ବ୍ୟୁରୋ)

ଜାତୀୟ ନମୁନା ସର୍ବେକ୍ଷଣ କାର୍ଯ୍ୟାଳୟ ଓ ଭାରତ ସରକାରଙ୍କ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟ ଭୁବନେଶ୍ୱର ପକ୍ଷରୁ ଶୁକ୍ରବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ନୟାପଲ୍ଲୀସ୍ଥିତ ଆଞ୍ଚଳିକ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପ୍ଲାନିଂ ଆପ୍ଲାଏଡ୍ ଇକୋନୋମିକ୍ସ ଆଣ୍ଡ୍ ଷ୍ଟାଟିଷ୍ଟିକ୍ସଠାରେ ଆୟୋଜିତ କାର୍ଯ୍ୟକ୍ରମରେ କାର୍ଯ୍ୟାଳୟର ଉପମହାନିର୍ଦ୍ଦେଶକ ଶ୍ରୀନିବାସ ଉପ୍ପଲା ଅଧ୍ୟକ୍ଷତା କରି କହିଲେ, ଜୀବନର ପ୍ରତ୍ୟେକ କ୍ଷେତ୍ରରେ ପ୍ରଥମେ ମହିଳାଙ୍କ ଅପେକ୍ଷା ପୁରୁଷଙ୍କ ଅଧିକ କର୍ତ୍ତୃତ୍ୱ ଥିଲା। ମାତ୍ର ବର୍ତ୍ତମାନ ଆମେ ସମାନତା ଆଡ଼କୁ ଗତି କରୁଛୁ। ତେଣୁ ପୁରୁଷ ଓ ମହିଳା ଉଭୟଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ସମାନ ସୁଯୋଗ ଏବଂ ସମ୍ମାନ ମିଳିବା ଉଚିତ। ଉତ୍କଳ ବିଶ୍ୱବିଦ୍ୟାଳୟ ସମାଜ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର ନବନୀତା ରଥ ଅତିଥି ଭାବେ ଯୋଗଦେଇ ମହିଳାଙ୍କ ସଶକ୍ତୀକରଣ, ଲିଙ୍ଗଗତ ଅସମାନତା ଆଦି ବିଷୟରେ ବକ୍ତବ୍ୟ ରଖିଥିଲେ। ଉପନିର୍ଦ୍ଦେଶକ ସୋମନାଥ ଜାନା ଧନ୍ୟବାଦ ଦେଇଥିଲେ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

URGENTLY REQUIRED
+2 Pass/continue (Should interest in ART n CRAFT WORK)
PROJECTRONICS
71, Lane 5, Bapuji Nagar, BBSR, Odisha
Ph.- 9776414425

URGENTLY REQUIRED
HOTEL MANAGER: (Exp. in Online Platform)
DATA ENTRY OPERATOR: (Tally & MS Office)
LEGAL ASSISTANT: (Graduate / LLB)
Contact: 9338554697

URGENT REQUIRED
FRESH / EXPERIENCED
Marketing Executive / Sales / Customer Support Engineer for M/s SIBA SHAKTI ELASTOMER
Qualification: Diploma / Degree / B.Tech.
Email CV to:
info@sibashaktielastomer.co.in

ସର୍ବସାଧାରଣ ସର୍ଭେ (କ୍ଷେତ୍ର କାର୍ଯ୍ୟ): 10th / +2 ପାସ୍ କିମ୍ବା ଫେଲ୍, ବୟସ: 20-28 ବର୍ଷ, ସ୍ମାର୍ଟ ଫୋନ୍ ଓ ବାଇକ୍ ଜରୁରୀ। ଦରମା- 15,000/- ମାସିକ + ପେଟ୍ରୋଲ + ଖାଇବା ଭତ୍ତା।
ଫୋନ୍/ WhatsApp :
9515249158

SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESERCH
Department of Empowerment of Persons with Disabilities (Divyangjan)
(Ministry of Social Justice & Empowerment, Government of India)
OLATPUR, PO - BAIROI, DIST - CUTTACK (ODISHA) - 754010

RECRUITMENT NOTICE

Applications are invited from the eligible candidates for the following posts as under:

| Sl. No. | Name of the Post | No. of Posts |
|---|---|---|
| Adv. No. AD 6B 10.01.2023 Dated 07.03.2023 | | |
| 1. | General Duty Medical Officer | 1 |
| 2. | Prosthetist & Orthotist Grade- I | 1 |
| 3. | Laboratory Technician Grade- II | 1 |
| 4. | Plaster Technician | 1 |
| Adv. No. AD 6B 19.02.2023 Dated 07.03.2023 | | |
| 1. | General Duty Medical Officer (Consultant) | 6 |
| 2. | Legal Consultant | 1 |
| 3. | Staff Nurse (Consultant) | 5 |
| 4. | Physiotherapy (Consultant) | 1 |
| 5. | Occupational Therapy (Consultant) | 1 |
| 6. | Prosthetist & Orthotist (Consultant) | 1 |
| 7. | Radiographer (Consultant) | 1 |
| 8. | Pharmacist (Consultant) | 2 |
| 9. | Laboratory Technician (Consultant) | 1 |
| 10. | Office Assistant (Consultant) | 1 |
| 11. | MTS (Skilled) - Nursing Assistant (Out Sourcing) | 4 |

The aspiring applicants fulfilling the eligibility criteria in all respect can submit their application through online mode. The online registration of application will be made available on SVNIRTAR, Cuttack official Website i.e. https://www.recruitment.svnirtar.nic.in. The link of submission of online application in respect of above said posts along with other relevant information will be activated on 14th March, 2023 For all other details, terms and conditions please log on to website www.svnirtar.nic.in.

Sd/- Director (Offg.)

“ପକ୍ଷପାତିତା ହେଲା ପୂର୍ଣ୍ଣ ଆନ୍ତରିକତାର ପରମ ଶତ୍ରୁ। ସେ ପକ୍ଷପାତିତା ଦେହର ହେଉ ବା ପ୍ରାଣର ହେଉ ବା ମନର ହେଉ। ଆଉ ମଧ୍ୟ ତୁମ ମନରେ ଥିବା ପୂର୍ବ କଳ୍ପିତ ଧାରଣା ଉପରେ ପୂର୍ଣ୍ଣ ନିର୍ଭର କରିବା ଅନୁଚିତ। ତୁମକୁ ଏସବୁ ଅତିକ୍ରମ କରିବାକୁ ହେବ। –ଶ୍ରୀମା

# ରାୟର ପୁନର୍ବିଚାର



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟ ଶାସନ ସଚିବ ଆଲାପନ ବନ୍ଦୋପାଧ୍ୟାୟଙ୍କ ମାମଲାରେ ଗତ ବର୍ଷ ସୁପ୍ରିମକୋର୍ଟ ଦେଇଥିବା ରାୟର ପୁନର୍ବିଚାର କରିବାକୁ ନିଷ୍ପତ୍ତି ନେଇଛନ୍ତି। ସେ ସମୟରେ ଶୀର୍ଷ ଅଦାଲତ ରାୟ ଦେଇଥିଲେ ଯେ, ସେଣ୍ଟ୍ରାଲ ଆଡ୍‌ମିନିଷ୍ଟ୍ରେଟିଭ ଟ୍ରିବ୍ୟୁନାଲ (ସିଏଟି) ନେଇଥିବା ନିଷ୍ପତ୍ତି ବିରୋଧରେ ଦାୟର ପିଟିଶନର ଶୁଣାଣି କରିବା ପାଇଁ କେବଳ ଦିଲ୍ଲୀ ହାଇକୋର୍ଟର ନ୍ୟାୟିକ ଅଧିକାର ରହିଛି, ଅନ୍ୟ କୌଣସି ହାଇକୋର୍ଟ ତାହା କରିପାରିବେ ନାହିଁ। ଗତବର୍ଷ ଜାନୁୟାରୀରେ ସୁପ୍ରିମକୋର୍ଟ କେନ୍ଦ୍ରର ପିଟିଶନକୁ ବିଚାର ପାଇଁ ଅନୁମତି ଦେଇଥିଲେ ଏବଂ କଲକତା ହାଇକୋର୍ଟର ରାୟକୁ ରଦ୍ଦ କରି କେନ୍ଦ୍ରର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ବିରୋଧରେ ଥିବା ବନ୍ଦୋପାଧ୍ୟାୟଙ୍କ ପିଟିଶନର ଶୁଣାଣିକୁ କଲିକତା ସିଏଟି ବେଞ୍ଚରୁ ଦିଲ୍ଲୀ ପ୍ରିନ୍ସିପାଲ ବେଞ୍ଚକୁ ପଠାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଏଭଳି ସମାନ ସ୍ଥିତି ବି କେନ୍ଦ୍ର ଓ ମାଗାସେସ୍ ପୁରସ୍କାର ବିଜେତା ତଥା ଭାରତୀୟ ବନ ସେବା ଅଧିକାରୀ ସଞ୍ଜୀବ ଚତୁର୍ବେଦୀଙ୍କ ମଧ୍ୟରେ ନ୍ୟାୟିକ ଲଢ଼େଇରେ ଦେଖାଯାଇଥିଲା। କିନ୍ତୁ ପ୍ରିନ୍ସିପାଲ ସିଏଟି ବେଞ୍ଚର ରାୟକୁ ଉତ୍ତରାଖଣ୍ଡ ହାଇକୋର୍ଟ ରଦ୍ଦ କରି ମାମଲାକୁ ଆଲ୍ଲାହାବାଦ ବେଞ୍ଚରୁ ନିଜ ନିକଟକୁ ପଠାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଫଳରେ ଗତ ବର୍ଷର ସୁପ୍ରିମକୋର୍ଟଙ୍କ ରାୟକୁ ଦୃଷ୍ଟିରେ ରଖି କେନ୍ଦ୍ର ହାଇକୋର୍ଟର ନ୍ୟାୟିକ କ୍ଷମତା ଉପରେ ପ୍ରଶ୍ନ ଉଠାଇଛନ୍ତି। ଏହି ପରିପ୍ରେକ୍ଷୀରେ ଯେହେତୁ ଅର୍ଡରକୁ ଚ୍ୟାଲେଞ୍ଜ କରିବା ପାଇଁ ଦୂର ସ୍ଥାନରୁ କର୍ମଚାରୀମାନେ ଦିଲ୍ଲୀ ଆସିବାରେ ଅସୁବିଧାର ସମ୍ମୁଖୀନ ହେବେ, ସେଥିପାଇଁ ସୁପ୍ରିମକୋର୍ଟ ଗତ ବର୍ଷର ରାୟ ଉପରେ ପୁନର୍ବିଚାର କରିବାକୁ ରାଜି ହୋଇଛନ୍ତି। ସମସ୍ତ ୨୫ଟି ହାଇକୋର୍ଟର ସମାନ ଭାବେ ବିଚାର କରିବାର କ୍ଷମତା ରହିଛି ଏବଂ ସେଭଳି କୌଣସି ବିଶେଷ ବ୍ୟବସ୍ଥାର ପରିକଳ୍ପନା କରିବା ଠିକ୍ ନୁହେଁ।

### ଦୀର୍ଘଦିନ ପରେ ନିଯୁକ୍ତି

କିଛି ଦିନ ପୂର୍ବେ କେତେଜଣ ବାବୁ ପର୍ଯ୍ୟବେକ୍ଷକ ଯାହା କହୁଥିଲେ ଏବେ ତାହା ଘଟିଛି। ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ (ସେଲ୍) ଅଧ୍ୟକ୍ଷ ସୋମା ମଣ୍ଡଳଙ୍କୁ ପବ୍ଲିକ ଏଣ୍ଟରପ୍ରାଇଜେସ୍ ସିଲେକ୍‌ସନ ବୋର୍ଡ (ପିଇଏସ୍‌ବି)ର ସଦସ୍ୟ ଭାବେ କେନ୍ଦ୍ର ନିଯୁକ୍ତି ଦେଇଛି। ମଣ୍ଡଳ ସେଲ୍‌ରୁ ଆସନ୍ତା ମାସରେ ଅବସର ନେବାର ଥିଲା। ବୋର୍ଡରେ ପବ୍ଲିକ୍ ସେକ୍ଟର ସଦସ୍ୟ ପଦ ରିୟର ଆଡମିରାଲ ଶେଖର ମିତ୍ତଲଙ୍କ ଅବସର ପରେ ୧୧ ମାସରୁ ଅଧିକ ସମୟ ହେଲା ଖାଲି ରହିଥିଲା। ଏବେ ମଣ୍ଡଳ ପିଇଏସ୍‌ବିରେ ୩ ବର୍ଷ ପାଇଁ ରହିବେ। ସେ ମଧ୍ୟ ଷ୍ଟାଣ୍ଡିଂ କନ୍‌ଫରେନ୍ସ ଅଫ୍ ପବ୍ଲିକ ଏଣ୍ଟରପ୍ରାଇଜେସ୍ (ଏସ୍‌ସିଓପିଇ)ର ଅଧ୍ୟକ୍ଷ ଅଛନ୍ତି। ସଲେକ୍‌ସନ ବୋର୍ଡ ଗଠନ ପ୍ରସ୍ତାବର ଏବକାର ସ୍ଥିତିରୁ ସ୍ପଷ୍ଟ ସୂଚନା ମିଳେ ଯେ, ବୋର୍ଡରେ ଗୋଟିଏ ସଦସ୍ୟ ପଦବୀ ପବ୍ଲିକ ସେକ୍ଟରରେ ବ୍ୟାପକ ଅଭିଜ୍ଞତା ଥିବା ଜଣେ ଟପ୍ ଏକ୍‌ଜିକ୍ୟୁଟିଭଙ୍କ ପାଇଁ ଉଦ୍ଦିଷ୍ଟ। ତେବେ ଏପ୍ରିଲ୍‌ରେ ସେଲ୍ ଅଧ୍ୟକ୍ଷାଙ୍କ ଅବସର ପୂର୍ବରୁ ଏହି ପଦବୀକୁ ୧୧ ମାସ ଧରି ଖାଲି ରଖାଯାଇଥିବା ଘଟଣାର କୌଣସି ସମ୍ପର୍କ ନ ଥିବା ଜଣାପଡ଼ିଛି। ମଣ୍ଡଳ ଏହି ପଦବୀ ପାଇଁ ଯୋଗ୍ୟ ବୋଲି ପୂର୍ବରୁ ଅନୁମାନ କରାଯାଉଥିଲା। ମଣ୍ଡଳଙ୍କ ନିଯୁକ୍ତି ପରେ ଏବେ ବୋର୍ଡରେ ସମସ୍ତ ସଦସ୍ୟ ରହିଛନ୍ତି। ବୋର୍ଡର ଅଧ୍ୟକ୍ଷ ଭାବେ ମଲ୍ଲିକା ଶ୍ରୀନିବାସନ ଏହାର ନେତୃତ୍ୱ ନେଉଛନ୍ତି। ଏଥିରେ ବି ଅନ୍ୟ ଦୁଇ ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ଅମରଜିତ ସିହ୍ନା ଓ ଶୈଳେଶ ଅଛନ୍ତି।

### ବିବାଦରୁ ଫିଲ୍ମ ହେବ କି ?

କର୍ଣ୍ଣାଟକ ରାଜ୍ୟ ପ୍ରଶାସନର ଦୁଇ ବରିଷ୍ଠ ମହିଳା ଅଧିକାରୀଙ୍କ ମଧ୍ୟରେ ବିବାଦ ଏବେ ସାଧାରଣରେ ଉଗ୍ର ହୋଇଛି। ଆଇପିଏସ୍ ଅଧିକାରୀ ଡି. ରୂପା ଏବଂ ଆଇଏଏସ୍ ଅଧିକାରୀ ରୋହିଣୀ ସିନ୍ଦୂରୀ ଏଭଳି ଉତ୍ତେଜନା ସୃଷ୍ଟି କରିଛନ୍ତି ଯେ, ଦୁଇ ଜଣ ଚଳଚ୍ଚିତ୍ର ନିର୍ଦ୍ଦେଶକ ସେମାନଙ୍କ ବିବାଦୀୟ କାହାଣୀକୁ ରୁପେଲି ପରଦାରେ ପ୍ରଦର୍ଶିତ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ସେମାନଙ୍କ ମଧ୍ୟରେ ବିବାଦ ପ୍ରକାଶ ପାଇବା କ୍ଷଣି ସରକାର ସଙ୍ଗେସଙ୍ଗେ ଦୁଇ ବରିଷ୍ଠ ଅଧିକାରୀଙ୍କୁ ବଦଳି କରିଥିଲେ ମଧ୍ୟ ତାହା ଆହୁରି ତୀବ୍ର ହୋଇଛି। କର୍ଣ୍ଣାଟକର ମୁଖ୍ୟ ଶାସନ ସଚିବ ବନ୍ଦିତା ଶର୍ମାଙ୍କ ନିକଟରେ ପରସ୍ପର ବିରୋଧରେ ଅଭିଯୋଗ କରିଥିବା ଏହି ଦୁଇ ଅଧିକାରୀଙ୍କ ଉପରେ ବିଭାଗୀୟ ତଦନ୍ତ ଜାରି ରହିଛି। ମୁଖ୍ୟ ଶାସନ ସଚିବ ସେମାନଙ୍କୁ ଡକାଇ ଏକ ବୁଝାମଣା କରିବାକୁ ଚାହିଁଛନ୍ତି। ବ୍ୟକ୍ତିଗତ ଆକ୍ଷେପକୁ ନେଇ ସିନ୍ଦୂରୀ ଆଇପିଏସ୍ ଅଧିକାରୀ ରୂପାଙ୍କ ବିରୋଧରେ ଅଭିଯୋଗ କରିବା ସହ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଅପରପକ୍ଷେ ରୂପା ମଧ୍ୟ ସିନ୍ଦୂରୀଙ୍କ ବିରୋଧରେ କରିଥିବା ଅଭିଯୋଗର ତଦନ୍ତ ଦାବି କରିଛନ୍ତି। ସିନ୍ଦୁରଙ୍କ ବିରୋଧରେ ଡି.ରୂପା ଓ ୬୦ଟିରୁ ଊର୍ଦ୍ଧ୍ୱ ମିଡିଆ ସଂସ୍ଥା ଭୁଲ୍ ଓ ମାନହାନି ତଥ୍ୟ ପ୍ରକାଶ କରିଥିବାର ଅଭିଯୋଗ କରିଥିଲେ। ହେଲେ ସେଥିରୁ ସିନ୍ଦୂରୀଙ୍କୁ ବେଙ୍ଗାଲୁରୁ କୋର୍ଟ ମୁକ୍ତ କରିଛନ୍ତି। ରୂପା ଦାବି କରିଥିଲେ ଯେ, ତାଙ୍କର ବହୁ ଆପତ୍ତିଜନକ ଫଟୋ ସିନ୍ଦୂରୀ ତାଙ୍କ ସୋସିଆଲ ମିଡିଆରେ ଅପ୍‌ଲୋଡ କରବା ସହ ସର୍ଭିସ କଣ୍ଡକ୍ଟ ଗାଇଡ୍‌ଲାଇନ ଉଲ୍ଲଂଘନ କରି ସେଗୁଡ଼ିକୁ ବରିଷ୍ଠ ଅଧିକାରୀଙ୍କ ପାଖକୁ ପଠାଇଥିଲେ। ସିନ୍ଦୁରୀଙ୍କ ବିରୋଧରେ ରୂପା ଦୁର୍ନୀତି ସମେତ ୧୯ଟି ଅଭିଯୋଗ ଦାଖଲ କରିଛନ୍ତି। ଏବେସୁଦ୍ଧା ରୂପା ଓ ସିନ୍ଦୂରୀଙ୍କ ବିବାଦ ଲାଗି ରହିଛି। ଏଣୁ ଫିଲ୍ମ କରିବାକୁ ହେଲେ ସ୍କ୍ରିପ୍ଟରେ ବହୁ ପରିବର୍ତ୍ତନ ହେବା ସମ୍ଭାବନା ରହିଛି।

Email: dilipcherian@gmail.com

# ପ୍ରଗତିଶୀଳ ସାହିତ୍ୟର ଆବଶ୍ୟକତା



ଅଧ୍ୟାପକ ଗୋପବନ୍ଧୁ

ବିଶ୍ୱ ସାମାଜିକ ସଂଗ୍ରାମର ଇତିହାସରେ ଯେକୌଣସି ବିପ୍ଳବର ସଫଳତା ପଛରେ ମୁଖ୍ୟ ଭୂମିକା ଗ୍ରହଣ କରିଆସିଛି ସାହିତ୍ୟ। ୟୁରୋପର ରେନାଁସାଠାରୁ ଆରମ୍ଭ କରି ଫରାସୀ ବିପ୍ଳବ ପର୍ଯ୍ୟନ୍ତ, ଯୁକ୍ତରାଷ୍ଟ୍ର ଆମେରିକାରେ ଦାସତ୍ୱ ପ୍ରଥା ବିରୋଧୀ ଆନ୍ଦୋଳନଠାରୁ ଆରମ୍ଭ କରି ଦକ୍ଷିଣ ଆଫ୍ରିକାର ବର୍ଣ୍ଣବୈଷମ୍ୟବାଦ ବିରୋଧୀ ଆନ୍ଦୋଳନ ପର୍ଯ୍ୟନ୍ତ, ରୁଷିଆର ବୋଲ୍‌ଶେଭିକ ଆନ୍ଦୋଳନଠାରୁ ଆରମ୍ଭ କରି ଚାଇନାର କୃଷକ ଆନ୍ଦୋଳନ ପର୍ଯ୍ୟନ୍ତ ସମସ୍ତ କ୍ଷେତ୍ରରେ ସାହିତ୍ୟର ଭୂମିକା ସର୍ବାପେକ୍ଷା ଅଧିକ। କାରଣ ସାହିତ୍ୟ ହିଁ ବିପ୍ଳବର ବାର୍ତ୍ତାକୁ ପୁରପଲ୍ଲୀରେ ପହଞ୍ଚାଇବାକୁ ସବୁଠାରୁ ସହଜ ଓ ପ୍ରଭାବଶାଳୀ ମାଧ୍ୟମ। ଏହାହିଁ ସୃଷ୍ଟିକରେ କୌଣସି ବିପ୍ଳବର ସାମାଜିକ ପୃଷ୍ଠଭୂମି। ବର୍ତ୍ତମାନ ପରିପ୍ରେକ୍ଷୀରେ ସାମାଜିକ ଗଣମାଧ୍ୟମର ବହୁଳ ପ୍ରସାର ସାହିତ୍ୟର ଗତିକୁ ଆହୁରି ତୀବ୍ରତର କରିଛି। ପୁସ୍ତକ ରୂପରେ ମୁଦ୍ରଣ ସଙ୍କୁଚିତ ହୋଇଥିଲେ ବି ଗଣମାଧ୍ୟମ ଏହାର ଅଭାବକୁ ଅନେକ ମାତ୍ରାରେ ପୂରଣ କରୁଛି।

ଭାରତବର୍ଷରେ ଏକ ସଫଳ ସାମାଜିକ ବିପ୍ଳବ ଜରିଆରେ ଜାତିବାଦ ଓ ଧାର୍ମିକ ମୌଳବାଦର ଧ୍ୱଂସ ସାଧନ କରି ସମାନତା ଓ ଯୁକ୍ତିଯୁକ୍ତତା ଉପରେ ପ୍ରତିଷ୍ଠିତ ଏକ ନୂତନ ସମାଜର ସଂସ୍ଥାପନ ପାଇଁ ପ୍ରଗତିଶୀଳ ଓ ସଂସ୍କାରବାଦୀ ସାହିତ୍ୟ ସୃଷ୍ଟିର ଆବଶ୍ୟକତା ରହିଛି। ଯେଉଁ ସାହିତ୍ୟ ଜାତିବାଦର ମୂଳତତ୍ତ୍ୱ ଉଚ୍ଚନୀଚ ଭେଦଭାବ, ଘୃଣାଦ୍ୱେଷଭାବ, ପାତରଅନ୍ତରଭାବ ବିରୋଧରେ ଜନଜାଗରଣ ସୃଷ୍ଟି କରିବା ପାଇଁ ଉଦ୍ଦିଷ୍ଟ ହୋଇଥିବ। ଏହା ସହିତ ନିର୍ଭୀକ ଭାବେ ଧାର୍ମିକ ପାଖଣ୍ଡବାଦର ମୁଖା ଖୋଲି ପାରୁଥିବ। ଯେଉଁ ସାହିତ୍ୟ ଜନସାଧାରଣଙ୍କୁ ଅନ୍ଧବିଶ୍ୱାସ ଓ କୁସଂସ୍କାରରୁ ମୁକ୍ତ ହେବା ପାଇଁ ବୌଦ୍ଧିକ ଖୋରାକ ଯୋଗାଉଥିବ। ବୌଦ୍ଧିକ ଦାସତ୍ୱରୁ ମୁକୁଳିବାର ମାର୍ଗ ଦର୍ଶନ କରୁଥିବ। ବୈଜ୍ଞାନିକ ଚେତନାର ବିକାଶ ସହିତ ମାନବିକତା ଓ ନୈତିକତା ଉପରେ ପ୍ରତିଷ୍ଠିତ ଏକ ନୂତନ ଉତ୍କର୍ଷ ସମାଜର ସମ୍ଭାବନାକୁ ଅଙ୍କୁରିତ କରୁଥିବ।

ଦୁଃଖର କଥା ଭାରତବର୍ଷ ତଥା ଓଡ଼ିଶାରେ ଏପରି ପ୍ରଗତିଶୀଳ ଓ ବିପ୍ଳବୀଧର୍ମୀ ସାହିତ୍ୟର ପ୍ରସାର ଆଶାନୁରୂପେ ହୋଇପାରି ନାହିଁ। ବିଭିନ୍ନ ସମୟରେ, ବିଭିନ୍ନ କ୍ଷେତ୍ରରେ କାଁ ଭାଁ ବିକ୍ଷିପ୍ତ ବିପ୍ଳବୀ ସାହିତ୍ୟ ସୃଷ୍ଟି ହୋଇଛି ସତ୍ୟ, କିନ୍ତୁ ଏଗୁଡ଼ିକ ସୁଦୂରପ୍ରସାରୀ ପ୍ରଭାବ ପକାଇ ପାରି ନାହିଁ। ଏହା ପୂର୍ବ ସାମାଜିକ ଓ ଏହାକୁ ନେଇ ଗଢ଼ିଉଠିଥିବା ବୌଦ୍ଧିକ ଭିତ୍ତିଭୂମିକୁ ଦୋହଲାଇ ପାରି ନାହିଁ। ଫଳରେ ଏପରି ସାହିତ୍ୟ ଗୋଟିଏ ସଫଳ ଗଣବିପ୍ଳବ ତିଆରି କରିବାରେ ସଫଳ ହୋଇପାରି ନାହିଁ। ବିପ୍ଳବୀ ସାହିତ୍ୟ ସୃଷ୍ଟିର ଯେଉଁ ଟିକକ ବି ପ୍ରୟାସ ହୋଇଛି, ତାହା ଜାତିବାଦୀ ଓ ପାଖଣ୍ଡବାଦୀ ସାହିତ୍ୟର ଦୃଢ଼ ବେଷ୍ଟନୀ ମଧ୍ୟରେ ହଜିଯାଇଛି। ତେଣୁ ଏହା ସ୍ପଷ୍ଟ ଯେ ଅଦ୍ୟାବଧି ସାମାଜିକ ବିପ୍ଳବର ଭିତ୍ତିଭୂମି ତିଆରି ହୋଇପାରି ନାହିଁ। ତେବେ ଏହା ଦାନା ବାନ୍ଧୁଥିବା ପ୍ରତୀୟମାନ ହେଉଛି।



ଅତୀତରେ ବହୁ ମହାମନୀଷୀ ସଂସ୍କାରବାଦୀ ଓ ପ୍ରଗତିଶୀଳ ସାହିତ୍ୟ ସୃଷ୍ଟି କରିବାକୁ ପ୍ରୟାସ କରିଛନ୍ତି। କିନ୍ତୁ ଏମାନେ ଜାତିବାଦ ଓ ପାଖଣ୍ଡବାଦର କବଚକୁ ଛିଦ୍ର କରିପାରି ନାହାନ୍ତି। ଏହାର କାରଣ ହେଉଛି ଏବେବି ଦେଶରେ ଜାତିବାଦୀ ଓ ମୌଳବାଦୀ ସାହିତ୍ୟ ପ୍ରାଧାନ୍ୟ ବିସ୍ତାର କରି ରହିଛି। ବ୍ୟବସ୍ଥାର ପରିବର୍ତ୍ତନ ପାଇଁ ଲେଖନୀ ଚାଳନା ହେଉନାହିଁ। ବିଭେଦଭରା ସମାଜର ସ୍ଥିତାବସ୍ଥାକୁ ବଜାୟ ରଖିବାକୁ ସାହିତ୍ୟିକଙ୍କ ମଧ୍ୟରେ ପ୍ରତିଯୋଗିତା ଚାଲିଛି। ସଂଖ୍ୟାଧିକ ଲେଖନୀ ପୋଥିପୁରାଣର ପ୍ରାଚୀନ ବିଚାରକୁ ପରିବ୍ୟାପ୍ତ କରିବା ପାଇଁ ଉଦ୍ଦିଷ୍ଟ। ଏଥିରେ ନୂତନତାର ଛାପ ନଥାଏ। ବିଭିନ୍ନ ଧର୍ମଗ୍ରନ୍ଥରେ ଯାହା ବର୍ଣ୍ଣନା କରାଯାଇଛି ତାକୁ ହିଁ ଫେଣେଇବାରେ ସାହିତ୍ୟିକମାନେ ବ୍ୟସ୍ତ। ସମାଜରେ ପ୍ରଗତିଶୀଳ ଚେତନା ଆଣିବା ଦିଗରେ ଏମାନେ ଅକ୍ଷମ। ତଥାପି ଏମାନେ ସାହିତ୍ୟିକ। କାହିଁ କେତେ ପୁରସ୍କାର ଓ ସମ୍ମାନ ଏମାନଙ୍କ ଉପରେ ଅଜାଡ଼ାଯାଏ। ଯେହେତୁ ଏମାନେ ସାହିତ୍ୟ ମାଧ୍ୟମରେ ପ୍ରଗତିଶୀଳ ଚେତନାର ପ୍ରସାରକୁ ପ୍ରତିରୋଧ କରନ୍ତି। ସାମାଜିକ ବିପ୍ଳବକୁ ଅଟକାନ୍ତି ଓ ସ୍ଥିତାବସ୍ଥାକୁ ବଜାୟ ରଖନ୍ତି।

ସମାଜର ବ୍ୟବସ୍ଥାଗତ ତ୍ରୁଟିକୁ ଜଣେ ସାହିତ୍ୟିକ ଯଦି ଦେଖିପାରିବ ନାହିଁ, ତେବେ ଆଉ କାହା ପାଖରୁ ଏହା ଆଶା କରାଯାଇପାରେ! ସାହିତ୍ୟକୁ ସମାଜର ଦର୍ପଣ ବୋଲି କୁହାଯାଏ। ଏହା କେବଳ ସମସାମୟିକ ସାମାଜିକ ସ୍ଥିତିକୁ ଉଦ୍ଭାସିତ କରେ ତାହା ନୁହେଁ, ଏହା ସହିତ ଯେଉଁ ଅଭାବ ଅସୁବିଧା ରହିଛି; ତାହାର ମଧ୍ୟ ସମାଧାନର ମାର୍ଗ ଦର୍ଶନ କରେ। ଜଣେ ସାହିତ୍ୟିକର ଗଭୀର ଚିନ୍ତନ ଏପରି ଦିଗ୍‌ଦର୍ଶନ ଦେବାରେ ସହାୟକ ହୁଏ। ଗୋଟିଏ ସମ୍ବେଦନଶୀଳ ହୃଦୟ ଭିତରୁ ଏପରି ସାହିତ୍ୟ ନିଃସୃତ ହେବା ସ୍ୱାଭାବିକ। ସାହିତ୍ୟ ହେଉଛି ମୁକ୍ତ ଚିନ୍ତନର ପରିପ୍ରକାଶ। ଯେତେବେଳେ ଗୋଟିଏ ଭ୍ରାନ୍ତ ବ୍ୟବସ୍ଥାର ସପକ୍ଷରେ ସାହିତ୍ୟ ସୃଷ୍ଟି କରାଯାଏ, ତାହା ଆଉ ମୁକ୍ତ ଚିନ୍ତନର ପରିଭାଷା ହୁଏ ନାହିଁ। ତାହା ଭ୍ରଷ୍ଟ ବ୍ୟବସ୍ଥା ସହିତ ବୁଝାମଣା ବୋଲି ଧରିନେବାକୁ ହୁଏ। ବର୍ତ୍ତମାନର ପରିପ୍ରେକ୍ଷୀରେ ପୂର୍ବାବସ୍ଥା ସହିତ ବୁଝାମଣାଭିତ୍ତିରେ ସାହିତ୍ୟର ସୃଜନ ହେଉଛି ବୋଲି ଧରିନେବାକୁ ହେବ।

ଜଣେ ସାହିତ୍ୟିକର ସଫଳତା ସେ କେତେ ପୁରସ୍କାର ପାଇଛି ଓ କେତେ ସମ୍ମାନିତ ହୋଇଛି ତା' ଉପରେ ନିର୍ଭର କରେ ନାହିଁ। ସେମାନେ ହେଉଛନ୍ତି ସଫଳ ସାହିତ୍ୟ ସ୍ରଷ୍ଟା, ଯେଉଁମାନେ ନିଜର କଲମ ମୁନରେ ବିପ୍ଳବ ସୃଷ୍ଟି କରିପାରିଛନ୍ତି। ଏଠାରେ ୟ୍ୟାରିଏଟ ଷ୍ଟୋଙ୍କ 'ଅଙ୍କଲ ଟମ୍ସ କ୍ୟାବିନ' ବହିଟି ଉଲ୍ଲେଖଯୋଗ୍ୟ, ଯାହା ଯୁକ୍ତରାଷ୍ଟ୍ର ଆମେରିକାରେ ଦାସତ୍ୱ ପ୍ରଥା ଉଚ୍ଛେଦ ବିରୋଧରେ ହୋଇଥିବା ଆନ୍ଦୋଳନକୁ ମଜଭୁତ କରିବାରେ ସହାୟକ ହୋଇଥିଲା। ଏହାର ଓଡ଼ିଆ ଅନୁବାଦ ହୋଇଛି 'ଟମ କକାଙ୍କ କୁଟୀର'। ୟୁରୋପରେ ରୁଷୋ, ଭୋଲ୍‌ଟାୟାର, ମଣ୍ଟେଷ୍କୁଙ୍କ ପରି ଦାର୍ଶନିକମାନଙ୍କ ବିପ୍ଳବୀ ଲେଖନୀ ୟୁରୋପର ନବଜାଗରଣ ଆନ୍ଦୋଳନକୁ ମଜଭୁତ କରିଥିଲା। ମ୍ୟାକ୍ସିମ ଗୋର୍କିଙ୍କ କାଳଜୟୀ ଲେଖନୀ 'ମଦର' ସେ ସମୟରେ ରୁଷିଆରେ ଚାଲିଥିବା ସାମ୍ୟବାଦୀ ଆନ୍ଦୋଳନକୁ ଖୋରାକ ଯୋଗାଇଥିଲା। ଏହାର ଓଡ଼ିଆ ଅନୁବାଦ ହୋଇଛି 'ମାଁ'। ସେହିପରି ଖ୍ୟାତନାମା ବେଙ୍ଗଲୀ ଲେଖିକା ତସ୍‌ଲିମା ନସରିନ୍‌ଙ୍କ ବହୁ ଚର୍ଚ୍ଚିତ ପୁସ୍ତକ 'ଲଜ୍ଜା' ବିପ୍ଳବୀ ସାହିତ୍ୟର ଅନ୍ୟ ଏକ ଦୃଷ୍ଟାନ୍ତ। ଏହିପରି ଅନେକ ଲେଖକ ଓ ଲେଖିକା ପ୍ରଗତିଶୀଳ ସାହିତ୍ୟ ଭଣ୍ଡାରକୁ ସମୃଦ୍ଧ କରିଛନ୍ତି ଏବଂ ବୈପ୍ଳବିକ ପ୍ରେରଣାକୁ ବଞ୍ଚାଇ ରଖିଛନ୍ତି।

ଭାରତବର୍ଷରେ ମଧ୍ୟ ଏପରି କିଛି କାଳଜୟୀ ସାହିତ୍ୟ ସୃଷ୍ଟି ହୋଇଛି, ଯାହାର ଲୋକପ୍ରିୟତା ଏବେ ଅନୁଭୂତ ହେଉଛି। ଏଗୁଡ଼ିକ ମଧ୍ୟରୁ ମହାତ୍ମା ଫୁଲେଙ୍କ ପୁସ୍ତକ 'ଗୋଲାମଗିରି' ଅନ୍ୟତମ। ଯେଉଁଥିରେ ସେ ଜାତି ବ୍ୟବସ୍ଥାରେ ସମାଜର ତଳ ସ୍ତରର ଲୋକମାନେ କିପରି ଦାସତ୍ୱର ଜୀବନ ଯାପନ କରନ୍ତି, ତାହାର ନିଖୁଣ ଚିତ୍ର ଉପସ୍ଥାପନ କରିଛନ୍ତି। ରାମସ୍ୱାମୀ ପେରିୟାରଙ୍କ 'ସତ୍ୟ ରାମାୟଣ' ଏବଂ 'ଜାତିସତ୍ତା ଓ ପିତୃପୁରୁଷ' ପରି ତାମିଲ ପୁସ୍ତକ ଜାତିବାଦ ଓ ଧାର୍ମିକ ପାଖଣ୍ଡାବାଦକୁ ଶକ୍ତ ପ୍ରହାର। ସେହିପରି ଡ ଆମ୍ବେଦକରଙ୍କ ରଚିତ 'ଏନିହିଲେଶନ ଅଫ କାଷ୍ଟ' ବା ଜାତିପ୍ରଥାର ବିଲୋପ ବହିଟି ସାମାଜିକ ସଂସ୍କାରର ପ୍ରଭାବଶାଳୀ ସୃଷ୍ଟି, ଯାହା ଜାତିପ୍ରଥା ବିଲୋପର ଯୋଜନାବଦ୍ଧ ମାର୍ଗଦର୍ଶନ କରେ। ଏହାବାଦ୍ ବି ଆହୁରି କିଛି ବିପ୍ଳବୀ ସାହିତ୍ୟ ସୃଷ୍ଟି ରହିଛି।

ତଥାପି ଭାରତବର୍ଷ ତଥା ଓଡ଼ିଶାରେ ପ୍ରଗତିଶୀଳ ଲେଖନୀର ପ୍ରଚୁର ଅଭାବ ରହିଛି। ଏଦିଗରେ ସାହିତ୍ୟିକ ଓ ସାହିତ୍ୟ ଜଗତ ଅନୁଶୀଳନ କରିବା ବିଧେୟ।

ଦର୍ଶନ ବିଭାଗ (ଅବସରପ୍ରାପ୍ତ)
ବାରିପଦା, ମୟୂରଭଞ୍ଜ
ମୋ. ୭୦୦୮୯୭୬୧୮୦

# ଜଳକଷ୍ଟ



ଅନ୍ତର୍ଯ୍ୟାମୀ ପଟ୍ଟନାୟକ

ସହରୀକରଣ, ଖାଦ୍ୟ ଉତ୍ପାଦନର ଚାପ, ଜନସଂଖ୍ୟା ବୃଦ୍ଧି ଏବଂ ନିର୍ମାଣ, ଘରୋଇ ଓ ଶକ୍ତି କ୍ଷେତ୍ରରେ ବଢ଼ୁଥିବା ଚାହିଦା ଯୋଗୁ ୨୦୩୦ ବେଳକୁ ବିଶ୍ୱ ୪୦% ଜଳ ସଙ୍କଟର ସମ୍ମୁଖୀନ ହେବ। ବିଶ୍ୱ ଜଳ ଦିବସରେ ଜାତିସଂଘ ଏହି ଚେତାବନୀ ଦେଇଛି। ଜାତିସଂଘ ଜାରି କରିଥିବା ବିଶ୍ୱ ଜଳ ରିପୋର୍ଟ–୨୦୨୩ରେ ଏହି ତଥ୍ୟ ସାମ୍ନାକୁ ଆସିଛି। ବିଶ୍ୱରେ ଜଳ ଆବଶ୍ୟକତା ପୂରଣ କରିବାକୁ ପର୍ଯ୍ୟାପ୍ତ ଜଳ ରହିଛି। କିନ୍ତୁ ଜଳ ବ୍ୟବହାରରେ ପରିବର୍ତ୍ତନ ବିନା ଏହା ସମ୍ଭବ ନୁହେଁ ବୋଲି ଜାତିସଂଘର ବାର୍ଷିକ ବିଶ୍ୱ ଜଳ ବିକାଶ ରିପୋର୍ଟ କହିଛି। ଜଳର ଠିକ୍ ମାନ ନିର୍ଦ୍ଧାରଣ, ତଦାରଖ ଓ କାର୍ଯ୍ୟକାରୀ କରା ନ ଗଲେ ଜଳାଭାବକୁ ରୋକାଯାଇପାରିବ ନାହିଁ। ରିପୋର୍ଟ ଅନୁସାରେ, ଜଳ ସଙ୍କଟର ସବୁଠୁ ବଡ଼ କାରଣ ସାଜିଛି ଜନସଂଖ୍ୟା ବୃଦ୍ଧି। ୨୦୫୦ ବେଳକୁ ଜନସଂଖ୍ୟା ୯୦୦ କୋଟି ଅତିକ୍ରମ କରିବ ବୋଲି ଆଶଙ୍କା କରାଯାଉଛି। ପ୍ରତିଦିନ ୭୪୮ ମିଲିଅନ୍ ଲୋକ ସ୍ୱଚ୍ଛ ପାନୀୟ ଜଳର ଉତ୍ତମ ଓ ସୁରକ୍ଷିତ ସ୍ରୋତ ପାଇବାରୁ ବଞ୍ଚିତ। ଭୂତଳ ଜଳ ଭଣ୍ଡାର ହ୍ରାସ ଭାରତ, ଚାଇନା, ପାକିସ୍ତାନ, ନେପାଳ, ବାଂଲାଦେଶ ଭଳି ଦେଶ ପାଇଁ ବଡ଼ ସମସ୍ୟା ପାଲଟିଛି। ଜଳବାୟୁ ପରିବର୍ତ୍ତନ ଯୋଗୁ ଠିକ୍ ସମୟରେ ବର୍ଷା ହେଉନାହିଁ। ଏସବୁ ଉତ୍କଟ ସମସ୍ୟା ଆଗାମୀ ଦିନରେ ଭୟଙ୍କର ରୂପ ନେବ।

ଖରାର ତାତି ଯେତିକି ବଢ଼େ, ଜଳକ୍ଲିଷ୍ଟ ଅଞ୍ଚଳରେ ପାନୀୟ ଜଳକଷ୍ଟ ସେତିକି ଉତ୍କଟ ହୋଇଥାଏ। ରାଜ୍ୟର କେତେକ ସ୍ଥାନରେ ପାଣି ମୁନ୍ଦିଏ ପାଇଁ ମହିଳାଙ୍କୁ ତିନିରୁ ପାଞ୍ଚ କିଲୋମିଟର ପର୍ଯ୍ୟନ୍ତ ଦୂର ସ୍ଥାନକୁ ଯିବାକୁ ପଡ଼େ। କେଉଁଠି ପାନୀୟ ଜଳର ଆଦୌ ବ୍ୟବସ୍ଥା ନାହିଁ ତ ଆଉ କେଉଁଠି ବ୍ୟବସ୍ଥା ଥିଲେ ମଧ୍ୟ ତାହା କାର୍ଯ୍ୟକ୍ଷମ ଅବସ୍ଥାରେ ନାହିଁ। କେଉଁଠି ନଳକୂପ ଭାଙ୍ଗି ଅଚଳ ହୋଇପଡ଼ିଛି ତ ଆଉ କେଉଁଠି ଭୂତଳ ଜଳସ୍ତର କମି ଯାଇଥିବାରୁ ନଳକୂପରୁ ପାଣି ବାହାରୁ ନାହିଁ। ଆଉ କେଉଁଠି ପାଇପ୍ ଜଳ ଯୋଗାଣ ବ୍ୟବସ୍ଥା ଥିଲେ ସୁଦ୍ଧା ତାହା କାର୍ଯ୍ୟକ୍ଷମ ଅବସ୍ଥାରେ ନାହିଁ।

ପ୍ରାୟ ପ୍ରତିବର୍ଷ ରାଜ୍ୟରେ ନିଦାଘ ଗ୍ରୀଷ୍ମ, ତା' ସହ ପାନୀୟ ଜଳ ସମସ୍ୟାକୁ ସାଥିରେ ନେଇ ଆସେ। ପ୍ରତିବର୍ଷ ଏହାର ନିରାକରଣ ପାଇଁ ପଦକ୍ଷେପ ଘୋଷଣା କରାଯାଏ, ଅଥଚ ପରବର୍ତ୍ତୀ ବର୍ଷ ପୁଣି ସମସ୍ୟାର ପୁନରାବୃତ୍ତି ହୁଏ। ବିଡ଼ମ୍ବନାର ବିଷୟ ହେଲା, ପାନୀୟ ଜଳ ଯୋଗାଣ ପାଇଁ ଅନେକ ଯୋଜନା ଚାଲିଥିବା ଦାବି କରାଯାଉଛି, କିନ୍ତୁ ଅବସ୍ଥାରେ ଉନ୍ନତି ହେବା ପରିବର୍ତ୍ତେ ସ୍ଥିତି ଅଧିକ ବିଗିଡ଼ି ଚାଲିଛି। ଏ ସନ୍ଦର୍ଭରେ ଜନଗଣନା ରିପୋର୍ଟର ତଥ୍ୟକୁ ଉଦ୍ଧାର କରାଯାଇପାରେ। ପାନୀୟ ଜଳ ସ୍ଥିତି ନେଇ ଜନଗଣନା ରିପୋର୍ଟର ତୁଳନାତ୍ମକ ବିଶ୍ଳେଷଣ କଲେ ସ୍ଥିତିରେ ଅବନତି ସ୍ପଷ୍ଟ ଜଣାପଡ଼େ। ଦଶବର୍ଷ ତଳେ ରାଜ୍ୟର ୩୦.୮% ପରିବାରଙ୍କୁ ନିଜ ଘରଠାରୁ ୫୦୦ ମିଟରରୁ ଅଧିକ ଦୂରକୁ ଯାଇ ପାଣି ଆଣିବାକୁ ପଡୁଥିଲା। ୨୦୨୧ ବେଳକୁ ନିଜ ଘରଠାରୁ ୫୦୦ ମିଟରରୁ ଅଧିକ ଦୂର ଯାଇ ପାଣି ଆଣୁଥିବା ପରିବାରଙ୍କ ଭାଗ



୩୫.୪%କୁ ବୃଦ୍ଧି ପାଇଛି। ବର୍ତ୍ତମାନ ବି ରାଜ୍ୟର ମାତ୍ର ୨୨.୪୪% ପରିବାର ପାଇଁ ନିଜ ଘର ପରିସରରେ ପାନୀୟ ଜଳର ବ୍ୟବସ୍ଥା ଥିବା ବେଳେ ଅବଶିଷ୍ଟ ୭୭% ପରିବାରକୁ ପାଣି ପାଇଁ ଘରୁ ବାହାରକୁ ଯିବାକୁ ପଡ଼େ। ରାଜ୍ୟ ସରକାରଙ୍କ ତଥ୍ୟ ଅନୁଯାୟୀ ୪୬,୭୩୨ଟି ଗ୍ରାମ ଅନ୍ତର୍ଗତ ମୋଟ ୧ ଲକ୍ଷ ୪୧ ହଜାର ୯୨୮ଟି ଜନବସତି ମଧ୍ୟରୁ ୮୧,୮୧୨ଟି ଜନବସତି ପାଇଁ ପାନୀୟ ଜଳର ବ୍ୟବସ୍ଥା କରାଯାଇଛି। ଏହାର ଅର୍ଥ ହେଲା ବର୍ତ୍ତମାନ ବି ପ୍ରାୟ ୪୦% ଜନବସତି ଜଳକ୍ଲିଷ୍ଟ। ଏହାହିଁ ରାଜ୍ୟର ପାନୀୟ ଜଳ ସମସ୍ୟାର ଉତ୍କଟ ରୂପର ଚିତ୍ର ପ୍ରଦାନ କରୁଛି। ଏହା କେବଳ ପାନୀୟ ଜଳ ଭଳି ମୌଳିକ ଆବଶ୍ୟକତା ପୂରଣ କ୍ଷେତ୍ରରେ ବିଫଳତାର ସୂଚନା ଦେଉନାହିଁ, ସାମଗ୍ରିକ ଭାବେ ବିକାଶ ଓ ପ୍ରଗତି ନେଇ ଦାବି କେତେ ଫମ୍ପା ଓ ଅନ୍ତଃସାରଶୂନ୍ୟ ତାହାର ମଧ୍ୟ ଦୁର୍ଭାଗ୍ୟଜନକ ଇଙ୍ଗିତ।

ପାନୀୟ ଜଳ ବ୍ୟବସ୍ଥା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଭିଜନ୍ ୨୦୨୩ ପ୍ରସ୍ତୁତ କରାଯାଇଛି। ଏହି ଯୋଜନା ଅଧୀନରେ ରାଜ୍ୟର ସବୁ ଅଞ୍ଚଳକୁ ଫ୍ଲୋରୋସିସ୍‌ମୁକ୍ତ ବିଶୁଦ୍ଧ ପାନୀୟ ଜଳ ଯୋଗାଣର ଲକ୍ଷ୍ୟ ରଖାଯାଇଛି। ପ୍ରତି ବ୍ଲକର ୧୬୦୦ଟି ନଳକୂପ ଏବଂ ୫୮ଟି ପାଇପ୍ ଜଳ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଯୋଜନା ରହିଛି। ତେବେ ଏହାର କାର୍ଯ୍ୟକାରିତା କ୍ଷେତ୍ରରେ ଉଦାସୀନତା ଯୋଗୁ ଲକ୍ଷ୍ୟ ହାସଲ ନେଇ ସନ୍ଦେହ ଦେଖାଦେଇଛି। ଏହାଛଡ଼ା ତ୍ରୟୋଦଶ ଅର୍ଥ କମିଶନ ପାନୀୟ ଜଳ, ପରିମଳ ପାଇଁ ସ୍ୱତନ୍ତ୍ର ଭାବେ ୨,୭୫୬ କୋଟି ଟଙ୍କାର ଅନୁଦାନ ମଞ୍ଜୁର କରିଥିଲେ ସୁଦ୍ଧା ଏହାର ବିନିଯୋଗ ଆଦୌ ଉତ୍ସାହଜନକ ନୁହେଁ। ସାମ୍ପ୍ରତିକ ପାନୀୟ ଜଳ ସମସ୍ୟାର ମୁକାବିଲା ସରକାରୀ କଳ ପାଇଁ ଏକ ବଡ଼ ଆହ୍ୱାନ। ଏଥିପାଇଁ ଉଭୟ ସ୍ୱଳ୍ପମିଆଦୀ ଏବଂ ଦୀର୍ଘମିଆଦୀ ପଦକ୍ଷେପ ନିଆଯିବା ଆବଶ୍ୟକ। ପ୍ରଥମ, ସ୍ୱଳ୍ପମିଆଦୀ ପଦକ୍ଷେପ ସ୍ୱରୂପ ଯୁଦ୍ଧକାଳୀନ ଭିତ୍ତିରେ ଅନେକ ନଳକୂପର ମରାମତି କରାଯାଇ ସେଗୁଡ଼ିକୁ କାର୍ଯ୍ୟକ୍ଷମ କରାଯାଉ, ଦୂଷିତ ହୋଇଯାଇଥିବା ଜଳ ଉତ୍ସଗୁଡ଼ିକ ବିଶୋଧୀକରଣ ଏବଂ ଜଳକ୍ଲିଷ୍ଟ ଅଞ୍ଚଳରେ ନୂତନ ଗଭୀର ନଳକୂପ ଖନନ ପାଇଁ ଜରୁରୀ ପଦକ୍ଷେପ ଗ୍ରହଣ କରାଯାଉ। ଦୀର୍ଘମିଆଦୀ ପଦକ୍ଷେପ ସ୍ୱରୂପ ପାନୀୟ ଜଳ ଯୋଗାଣ ନେଇ ପ୍ରସ୍ତୁତ ଭିଜନ ୨୦୨୩ ଏବଂ ଅନ୍ୟ ଯୋଜନାଗୁଡ଼ିକର ରୂପାୟନକୁ ତ୍ୱରାନ୍ୱିତ କରାଯାଉ।

ଜଳ ସୃଷ୍ଟି ଆମ ହାତରେ ନାହିଁ, କିନ୍ତୁ ପ୍ରାକୃତିକ ସାଧନଗୁଡ଼ିକୁ ରକ୍ଷା କରିବା ଆମ କର୍ତ୍ତବ୍ୟ। ଜଳ ସଂରକ୍ଷଣ ପାଇଁ ଆବାଳବୃଦ୍ଧବନିତା ଶପଥ ନେଲେ ଏହି ସଙ୍କଟ କେତେକାଂଶରେ ଦୂର କରାଯାଇପାରେ। ସମ୍ପ୍ରତି ସମଗ୍ର ବିଶ୍ୱରେ ଉତ୍କଟ ଜଳାଭାବ ଦେଖାଯିବା ସହ ସେହି କ୍ରମରେ ଜଳ ପ୍ରଦୂଷଣ ଦେଖାଯାଉଛି। ଇଆଡ଼େ ଅବିଚାରିତ ଭାବେ ଜଳ ନଷ୍ଟ ହେଉଥିଲେ ମଧ୍ୟ ଆମମାନଙ୍କ ଭିତରେ ସେତେଟା ସଚେତନତା ବଢ଼ିନାହିଁ। ବ୍ୟାପକ ବୃକ୍ଷରୋପଣ ଓ ଜଳ ସୁରକ୍ଷା ପାଇଁ ଆମମାନଙ୍କ ଭିତରେ ସଚେତନତା ବଢ଼ିବା ଜରୁରୀ। ଜଳ ମାନବ ଜୀବନ ପାଇଁ ଗୁରୁତ୍ୱ ପ୍ରତିପାଦିତ ହୋଇପାରନ୍ତା।

ପାରାଦୀପ
ମୋ: ୯୪୩୭୦୨୨୦୬୧

## ଏଇ ଭାରତରେ

ସେବା ଲାଗି ଡାକ୍ତରଙ୍କୁ ଦ୍ୱିତୀୟ ଭଗବାନ କୁହାଯାଏ, ଯାହାର ବାସ୍ତବତା ପ୍ରତିପାଦିତ କରୁଛନ୍ତି ପଶ୍ଚିମବଙ୍ଗ ସୁନ୍ଦରବନର ଡା. ଫାରୁକ୍ ହୁସେନ। ଫାରୁକ୍ ଗରିବ ଲୋକଙ୍କ ଚିକିତ୍ସା କରିବା ଲାଗି ସରକାରୀ ଚାକିରି ଛାଡ଼ି ଦେଇଛନ୍ତି। ବିନା ଦେୟରେ ସେ ଲୋକଙ୍କ ଚିକିତ୍ସା ଜାରି ରଖିଛନ୍ତି। ସେଥିପାଇଁ ଲୋକେ ତାଙ୍କୁ 'ବିନା ପଇସାର ଡାକ୍ତର' ବୋଲି ସମ୍ବୋଧନ କରୁଛନ୍ତି। ଗରିବ ପରିବାରରେ ଜନ୍ମିତ ଫାରୁକ୍ ଲୋକମାନଙ୍କ ଦୁର୍ଦ୍ଦଶା ଦେଖି ସେମାନଙ୍କ ସେବା କରିବା ପାଇଁ ପିଲାଦିନରୁ ଲକ୍ଷ୍ୟ ରଖିଥିଲେ। ପରେ ଡାକ୍ତରୀ ପଢ଼ି ସରକାରୀ ଚାକିରି କରିଥିଲେ। ୨୦୧୪ରେ ଚାକିରି ଛାଡ଼ି ଦେଇ ଲୋକଙ୍କ ସେବା କରିବାରେ ଲାଗିଛନ୍ତି। କେବଳ ଏତିକି ନୁହେଁ ଫାରୁକ୍ ତାଙ୍କ ଗାଁର କିଛି ଯୁବକଙ୍କ ସହାୟତାରେ 'ନବ ଦିଗନ୍ତ' ଏନ୍‌ଜିଓ ଗଠନ କରିଛନ୍ତି। ଉକ୍ତ ଏନ୍‌ଜିଓ ମାଧ୍ୟମରେ ସେ ଏକ ସ୍କୁଲ ବି ଖୋଲିଛନ୍ତି। ସୁନ୍ଦରବନ ଅଞ୍ଚଳରେ ମହିଳା ଓ ଝିଅମାନଙ୍କୁ ମାଗଣାରେ ସାନିଟାରି ନାପ୍‌କିନ ବାଣ୍ଟୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୧ ମାର୍ଚ୍ଚ ୧୯୯୮

- ଉତ୍ତର-ପୂର୍ବ ଉପକୂଳବର୍ତ୍ତୀ କୋକିଲାଇ ଅଭିମୁଖେ ଯାଉଥିବା ଏଲ୍‌ଟିଟିଇ ଗେରିଲାଙ୍କ ୪ଟି ଜାହାଜକୁ ଶ୍ରୀଲଙ୍କା ନୌବାହିନୀର କର୍ମଚାରୀମାନେ ସମୁଦ୍ରରେ ନଷ୍ଟ କରିଦେବା ଫଳରେ ୧୮ ଗେରିଲା ନିହତ।
- ମେଘାଳୟର ନୂତନ ମୁଖ୍ୟମନ୍ତ୍ରୀ ଭାବେ ମିଳିତ ସଂସଦୀୟ ଫୋରମ (ୟୁଡିଏଫ୍)ର ନେତା ବି.ବି. ଲିଙ୍ଗଡୋ ଶପଥ ଗ୍ରହଣ କରିଛନ୍ତି।
- ଲୋକ ସଭା ନିର୍ବାଚନରେ ଦଳର ବିପର୍ଯ୍ୟୟ ପାଇଁ ନୈତିକ ଦାୟୀ ବୋଲି ସ୍ୱୀକାର କରି ଆସାମରେ କ୍ଷମତାସୀନ ଏ.ଜି.ପି. ଷ୍ଟିଅରିଂ କମିଟିର ସବୁ ସଦସ୍ୟଙ୍କ ସମୂହ ଇସ୍ତଫା ପ୍ରଦାନ।

## ଚିରନ୍ତନୀ

ଆଜି ତ ମନେ ପଡଇ ନାହିଁ
ସେ କେଉଁ ପଥେ ରହିଲି ଚାହିଁ
ସେ କେଉଁ ଗୀତ ଆସିଲା ଭାସି ବନୁ
ସକଳ ରୂପ ଅରୂପ ହେଲା ଅତନୁ ହେଲା ତନୁ।
–(କୁହୁ ପ୍ରାସ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | | | | | | | 7 |
| 2 | | 1 | | | 3 | | | |
| | | | 1 | | | 3 | 6 | |
| | 3 | | | 9 | | | | |
| | 7 | | | | 5 | | | |
| | | | | | 8 | | | 4 |
| | 1 | 4 | | 2 | | 8 | | |
| | | | | | | | | 5 |
| 5 | | 8 | 6 | | 4 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 2 | 5 | 1 | 8 | 3 | 7 | 6 | 9 |
| 6 | 3 | 8 | 7 | 5 | 9 | 2 | 1 | 4 |
| 7 | 9 | 1 | 2 | 4 | 6 | 3 | 8 | 5 |
| 5 | 8 | 3 | 6 | 2 | 4 | 1 | 9 | 7 |
| 1 | 4 | 7 | 8 | 9 | 5 | 6 | 3 | 2 |
| 2 | 6 | 9 | 3 | 7 | 1 | 5 | 4 | 8 |
| 8 | 5 | 6 | 4 | 3 | 7 | 9 | 2 | 1 |
| 9 | 1 | 4 | 5 | 6 | 2 | 8 | 7 | 3 |
| 3 | 7 | 2 | 9 | 1 | 8 | 4 | 5 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ରେଲୱେ ବର୍ଥ ସଂରକ୍ଷଣ ଫର୍ମ ଦେଉନାହାନ୍ତି କର୍ତ୍ତୃପକ୍ଷ

ମହାଶୟ,

ପୂର୍ବତଟ ରେଲୱେ ଅନ୍ତର୍ଗତ କଟକ ରେଲଷ୍ଟେଶନର ଟିକେଟ ଆରକ୍ଷଣ କେନ୍ଦ୍ରରେ ଆବଶ୍ୟକ ଟ୍ରେନ୍ ଟିକେଟ ନିମିତ୍ତ ଦରକାର ପଡୁଥିବା ଫର୍ମ କର୍ତ୍ତୃପକ୍ଷ ଦେଉନାହାନ୍ତି। ଏହାକୁ ଖୋର୍ଦ୍ଧା ଡିଭିଜନର ରେଲୱେ ଷ୍ଟୋର ଦେବା କଥା। ଦୈନିକ ହାରାହାରି କେବଳ କଟକ କେନ୍ଦ୍ରରେ ଆବଶ୍ୟକ ପଡୁଛି ଚାରିଶହରୁ ପାଞ୍ଚଶହ ଫର୍ମ। ଏ ସମସ୍ୟା କେବଳ କଟକ ଆରକ୍ଷଣ କେନ୍ଦ୍ରର ନୁହେଁ ଏହା ସମଗ୍ର ରାଜ୍ୟରେ ଘଟୁଛି। ନିୟମ ଅନୁଯାୟୀ ଟିକେଟ ନିକଟସ୍ଥ ଆରକ୍ଷଣ କେନ୍ଦ୍ରର ଷ୍ଟେଶନ ମ୍ୟାନେଜର ବିଧିବଦ୍ଧ ଭାବେ କର୍ତ୍ତୃପକ୍ଷଙ୍କୁ ଜଣାଇ ରେଳ ଗମନା ଗମନ ଖର୍ଚ୍ଚରେ ଆରକ୍ଷଣ କେନ୍ଦ୍ରକୁ ପହଞ୍ଚାଇବା କଥା। କେବଳ ଆରକ୍ଷଣ ପାଇଁ ଦରକାର ପଡୁଥିବା ଫର୍ମ ନୁହେଁ; ଏହାସହ ଷ୍ଟାପଲର୍ ପିନ୍, ରବର, ପେନ୍ ଓ ମାର୍କର ସହ ଅନ୍ୟ ଆନୁଷଙ୍ଗିକ ଜିନିଷ ମଧ୍ୟ କର୍ତ୍ତୃପକ୍ଷ ଆଉ ପୂର୍ବ ପରି ଯୋଗାଉ ନାହାନ୍ତି। ଷ୍ଟାଫ୍‌ମାନେ ନିଜେ ଖୋର୍ଦ୍ଧା ଯାଇ ସେଠାରେ ସମସ୍ତ ଖର୍ଚ୍ଚ ହାତରୁ ବହନ କରି ନିଜ ଖର୍ଚ୍ଚରେ ଗାଡ଼ିରେ ଆଣୁଛନ୍ତି। କେତେକ ସ୍ଥାନରେ ଫର୍ମ ମଧ୍ୟ ପଇସା ନେଇ ଦେଉଛନ୍ତି। ଅନେକ ଆରକ୍ଷଣ କେନ୍ଦ୍ରର ନିକଟବର୍ତ୍ତୀ ଜେରକ୍ସ ଦୋକାନରେ ଏହି ଫର୍ମ ବିକ୍ରି ହେଉଛି। କେତେକ କାଉଣ୍ଟରରେ ଫର୍ମ ନାହିଁ କିମ୍ବା ଫର୍ମ ଆଣିବା ପାଇଁ କର୍ମଚାରୀ ଖୋର୍ଦ୍ଧା ଯାଉଛନ୍ତି ବୋଲି ଉତ୍ତର ମିଳୁଛି। ତେଣୁ ଏହାର ଉଚ୍ଚସ୍ତରୀୟ ତଦନ୍ତ ହୋଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ଓ ନିୟମିତ ଭାବେ ପୂର୍ବପରି ଷ୍ଟେସନାରୀ ସାମଗ୍ରୀ ସହ ଫର୍ମ କର୍ତ୍ତୃପକ୍ଷ ନିଜ ଖର୍ଚ୍ଚରେ କାଉଣ୍ଟରକୁ ଯୋଗାନ୍ତୁ।

– ଶ୍ୟାମସୁନ୍ଦର ସାମଲ, ବିଡ଼ାନାସୀ, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ୧୦ ଗ୍ରାମ୍ ବ୍ରାଉନ୍‌ସୁଗାର, ବାଇକ୍ ଜବତ: ଜଣେ ଗିରଫ



**ଖୋର୍ଦ୍ଧା ଅଫିସ,୧୦।୩:** ଖୋର୍ଦ୍ଧାରେ ବ୍ରାଉନ୍‌ସୁଗାର କାରବାର ଥମିବାରେ ନାଁ ଧରୁନି। ଧରପଗଡ଼ ସତ୍ତ୍ୱେ ଏହା କାୟା ବିସ୍ତାର କରିବାରେ ଲାଗିଛି। ଶୁକ୍ରବାର ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ପାନବରଜ ଛକରେ ଚଢ଼ାଉ କରି ଜଣେ ବ୍ରାଉନ୍‌ସୁଗାର ବେପାରୀଙ୍କୁ ଗିରଫ କରିଛି। ସେ ହେଲେ ନୟାଗଡ଼ ଜିଲା ରଣପୁର ଥାନା ତରେଇ ଗ୍ରାମର ରାମଚନ୍ଦ୍ର ବଲିୟାରସିଂ। ତାଙ୍କଠାରୁ ୧୦ଗ୍ରାମ୍ ବ୍ରାଉନ୍‌ସୁଗାର ସହ ଏକ ବାଇକ୍(ଓଡି୦୨-ଏଏଚ୍-୨୪୧୪)ଜବତ ହୋଇଛି। ଲୋକେଶ୍ୱରପୁରଠାରେ ଦୋଳ ମେଳଣ ଚାଲିଛି। ପୂର୍ବାହ୍ନରେ ପୋଲିସ ପାଟ୍ରୋଲିଂ ବେଳେ ପାନବରଜ ଛକରେ ରାମଚନ୍ଦ୍ର ଗ୍ରାହକଙ୍କୁ ଅପେକ୍ଷା କରିଥିଲେ। ସନ୍ଦେହ ହେବାରୁ ପୋଲିସ ପଚରାଉଚରା ବେଳେ ବ୍ରାଉନ୍‌ସୁଗାର ଜବତ କରିଥିଲା। ଏନ୍‌ଡିପିଏସ୍ ଆକ୍ଟରେ ମାମଲା ରୁଜୁକରି ପୋଲିସ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ୨୫ ୟୁନିଟ୍ ରକ୍ତ ସଂଗ୍ରହ

**ଟାଙ୍ଗୀ(ଖୋର୍ଦ୍ଧା),୧୦।୩(ଡି.ଏନ୍.ଏ.):** ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଦୀକ୍ଷିତପଡା ଗ୍ରାମର ଅବଦୁଲ କାଲାମ କ୍ଲବ ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ୍ ୨୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଖୋର୍ଦ୍ଧା ଜଲା ଚିକିତ୍ସାଳୟର ଡା. ସୌରଭ ସୁନ୍ଦରାୟ, ସହଯୋଗୀ ଝୁନୁବାଳା ସାହୁ, ଅରୁଣ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ। କ୍ଲବର କର୍ମକର୍ତ୍ତା ସେଖ ସାହିଦ, ସେଖ ଇରସାଦ, ସେଖ ଫରିଲାହ, ସେଖ ଆସପର, ସେଖ ଆସଲମ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

### ଏବିଭିପି ପକ୍ଷରୁ ପରୀକ୍ଷାର୍ଥୀଙ୍କୁ ଅଭିନନ୍ଦନ



**ଖୋର୍ଦ୍ଧା ଅଫିସ,୧୦।୩:** ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଖୋର୍ଦ୍ଧା ନଗର ଶାଖା ପକ୍ଷରୁ ମାଟ୍ରିକ ପରୀକ୍ଷାର୍ଥୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଯାଇଛି। ଏବିଭିପିର କର୍ମକର୍ତ୍ତା କେନ୍ଦ୍ର ଆଗରେ ଛିଡ଼ା ହୋଇ ପିଲାଙ୍କ ମଥାରେ ଫୁଲ ଚନ୍ଦନ ଲଗାଇ ସେମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ବିଜେବି ହାଇସ୍କୁଲ ଓ ସରକାରୀ ବାଳିକା ହାଇସ୍କୁଲ ସମେତ ଅନ୍ୟ କେନ୍ଦ୍ରରେ ମଧ ପିଲାଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏବିଭିପି ପକ୍ଷରୁ ଜିଲାର ସମସ୍ତ କେନ୍ଦ୍ର ଆଗରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ରାଜ୍ୟ ସହ ସମ୍ପାଦିକା ଦିପ୍ତିମୟୀ ପ୍ରତିହାରୀ, ଖୋର୍ଦ୍ଧା ନଗର ସମ୍ପାଦିକା ସରଗମ ନାୟକ, ଲିପ୍ସା ପ୍ରଧାନ, ଶୋଭନ ରାଉତରାୟ, ଅନ୍ନପୂର୍ଣ୍ଣା ସ୍ୱାଇଁଙ୍କ ସମେତ ନଗର ଓ ଜିଲାର ଅନ୍ୟ କାର୍ଯ୍ୟକର୍ତ୍ତାମାନେ ସାମିଲ ହୋଇଥିଲେ।

### ଦଶଦୋଳ ମେଳଣ ପାଇଁ ବୈଠକ

**ଟାଙ୍ଗୀ(ଖୋର୍ଦ୍ଧା),୧୦।୩(ଡି.ଏନ୍.ଏ.):** ଚାନ୍ଦପୁର ଦଶଦୋଳ ମେଳଣ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୧୭ ଓ ୧୮ ତାରିଖରେ ଏହି ମହୋତ୍ସବ ପାଳନ ହେବ। ଏନେଇ ପ୍ରସ୍ତୁତି ବୈଠକ ସଭାପତି ନଥୁମଲ୍ଲ ମହାରାଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଯାତ୍ରାକୁ ଶୃଙ୍ଖଳିତ, ସୁନ୍ଦର ଓ ଆକର୍ଷଣୀୟ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ଶୃଙ୍ଖଳିତ ଓ ସୁବାର୍ତ୍ତା ବହନ କରୁଥିବା ପଟୁଆରକୁ କମିଟି ପକ୍ଷରୁ ଏଥର ସମ୍ମାନିତ କରାଯିବ। ଆଶୁ ଚିକିତ୍ସା କେନ୍ଦ୍ର ଓ ପାନୀୟଜଳର ବ୍ୟବସ୍ଥା କରାଯିବ। ସ୍ଥାନୀୟ ପ୍ରଶାସନର ସହଯୋଗ ଲୋଡ଼ିଛି କମିଟି। ୧୩ ମୌଜାରୁ ୨୧ ଦୋଳରେ ବାଇଶି ଠାକୁର ବିଜେ କରିଥାନ୍ତି। ୧୯୩୬ ମସିହାରୁ ଏହି ଯାତ୍ରା ଅନୁଷ୍ଠିତ ହୋଇଆସୁଛି। ୧୩୬୩ ସାଲ ରାଜ ସନନ୍ଦ ମୁତାବକ ଭୋଗ ନୀତି, ପୂଜାପାଠ ହୋଇଥାଏ। କମିଟି ସମ୍ପାଦକ ମନୋଜ ଦାସ ମହୋତ୍ସବର ସଫଳତା ପାଇଁ ଅଞ୍ଚଳବାସୀଙ୍କ ସହଯୋଗ କାମନା କରିଛନ୍ତି।

# ୧୧୭୦ ପ୍ରକଳ୍ପ ଅଧାପନ୍ତରିଆ

**ବେଗୁନିଆ,୧୦।୩(ଡି.ଏନ୍.ଏ.)**



ଜନଶୁଣାଣି ଶିବିରରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

**ସାମାଜିକ ସମୀକ୍ଷାର ଜନଶୁଣାଣି ଶିବିର**
- ୧୨୬୧ ପ୍ରକଳ୍ପ କାର୍ଯ୍ୟ ସରିଛି
- ୩୪୧ ପରିବାର ୧୦୦ ଦିନର କାର୍ଯ୍ୟ ଶେଷ କରିଛନ୍ତି

ଖୋର୍ଦ୍ଧା ଜିଲା ବେଗୁନିଆ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଥିବା ଅଭ୍ୟର୍ଥନା ପ୍ରକୋଷ୍ଠରେ ଶୁକ୍ରବାର ସାମାଜିକ ସମୀକ୍ଷାର ଜନଶୁଣାଣି ଶିବିର ଶାନ୍ତିଶୃଙ୍ଖଳାରେ ଶେଷ ହୋଇଛି। ୨୦୨୨-୨୩ ଆର୍ଥିକ ବର୍ଷର ୨୧ଟି ପଞ୍ଚାୟତ ପାଇଁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ତେବେ ବିଭିନ୍ନ ସ୍ଥାନରେ ପ୍ରକଳ୍ପ କାର୍ଯ୍ୟ ଶେଷ ନ ହୋଇ ଅଧାପନ୍ତରିଆ ଭାବେ ପଡି ରହିଛି। ଏହାକୁ ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ବ୍ଲକ ଉନ୍ନୟନ ଅଧିକାରୀ ଲକ୍ଷ୍ମୀଧର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ଅଧ୍ୟକ୍ଷା ସାବିତ୍ରୀ ମହାପାତ୍ର, ଜିଲା ସାମାଜିକ ସମୀକ୍ଷକ ପ୍ରଦୋଷ କୁମାର ମହାରଣା, ଅମ୍ବୁଡସମ୍ୟାନ ଜୟନାରାୟଣ ନନ୍ଦ ପ୍ରମୁଖ ଯୋଗଦେଇଥିଲେ। ସରପଞ୍ଚ, ସମିତିସଭ୍ୟ, ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ୨୦୨୨ ଏପ୍ରିଲ ଆରମ୍ଭରୁ ୨୦୨୩ ମାର୍ଚ୍ଚ ପର୍ଯ୍ୟନ୍ତ ଉକ୍ତ ଯୋଜନାର କାର୍ଯ୍ୟକାରିତା ସମ୍ବନ୍ଧରେ ସମୀକ୍ଷା କରାଯାଇଥିଲା। ବ୍ଲକରେ ଥିବା ୧୬୦ଟି ରାଜସ୍ୱ ଗ୍ରାମରେ ବିଭିନ୍ନ ଜନହିତକର ଯୋଜନାରେ ମୋଟ୍ ୨୪୩୧ଟି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ପାଇଁ ପ୍ରାୟ ୧କୋଟି ଟଙ୍କା ବ୍ୟୟବରାଦ ହୋଇଥିଲା। ସେଥିମଧ୍ୟରୁ ୧୨୬୧ଟି ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ଆଉ ୧୧୭୦ଟି ପ୍ରକଳ୍ପ କାର୍ଯ୍ୟ ଅଧାପନ୍ତରିଆ ଭାବେ ପଡିରହିଛି। ସେହିପରି ୩୪୧ ପରିବାର ୧୦୦ ଦିନର କାର୍ଯ୍ୟ ଶେଷ କରିଛନ୍ତି। ଉକ୍ତ ଆର୍ଥିକ ବର୍ଷରେ ଏହି ଯୋଜନାରେ ଶଗଡଭଙ୍ଗା ପଞ୍ଚାୟତରେ ଆଖିଦୃଶିଆ ବିକାଶ ହୋଇଛି। ତେବେ ଏହି ଯୋଜନାର ଅନ୍ତର୍ଭୁକ୍ତ ୨୬୦ ପ୍ରକାରର କାର୍ଯ୍ୟ ଆଗାମୀ ୨୦୨୩-୨୪ ବର୍ଷରେ ସୃଷ୍ଟି କରିବା ପାଇଁ ଯୋଜନା କରାଯାଇଛି। ଏଥିରେ ଜଳସେଚନ, ନୂତନ ଜଙ୍ଗଲ ସୃଷ୍ଟି, କୃଷି ଉଦ୍ୟାନ ଓ ଗ୍ରାମ୍ୟ ଶ୍ମଶାନକୁ ସୁରକ୍ଷା ବ୍ୟବସ୍ଥା ବ୍ୟାପକ କରାଯିବ ବୋଲି ଆଲୋଚନା କରାଯାଇଥିଲା। ସେହିପରି ଏହି ଯୋଜନାର ବାସ୍ତବ ଉପକାର କିଭଳି ଗ୍ରାମାଞ୍ଚଳର ଗରିବ ଲୋକଙ୍କ ହିତରେ ଆସିବ ସେନେଇ ଗ୍ରାମ ରୋଜଗାର ସେବକଙ୍କୁ ବିଡିଓ ସାହୁ ଚେତାବନୀ ଦେଇଥିଲେ। ଅନ୍ୟପକ୍ଷରେ ଏହି ଯୋଜନା ଅଣକୁଶଳୀ ଶ୍ରମିକଙ୍କ ହିତରେ ଆସିପାରୁନାହିଁ ଓ ପ୍ରକୃତ ଗରିବ ଲୋକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ତାଲିକାରେ ଅନ୍ତର୍ଭୁକ୍ତ କରାଯାଇ ନାହିଁ ବୋଲି ଉପସ୍ଥିତ ଜନପ୍ରତିନିଧିମାନେ ଉପସ୍ଥାପନ କରିଥିଲେ। ସେହିପରି ନିର୍ମାଣ ହୋଇଥିବା ପ୍ରକଳ୍ପର ସୂଚନାଫଳକ ଲେଖାଯାଇନାହିଁ। ଗ୍ରାମ ରୋଜଗାର ସେବକମାନେ କାର୍ଯ୍ୟର ଠିକ୍ ତଥ୍ୟ ଉପସ୍ଥାପନ କରିପାରୁ ନାହାନ୍ତି ବୋଲି ଜିଲା ସମୀକ୍ଷକ ମହାରଣା ଅସନ୍ତୋଷ ମତବ୍ୟକ୍ତ କରିଥିଲେ। ଏପିଓ ସଞ୍ଜୟ କୁମାର ସେନାପତି ଶିବିର ପରିଚାଳନା କରିଥିବା ବେଳେ ଜିପିଇଓ ଦେବାଶିଷ ସାହୁ ଧନ୍ୟବାଦ ଦେଇଥିଲେ।

# ମାର୍ଚ୍ଚ ୧୫ରୁ ଆନ୍ଦୋଳନ ଚେତାବନୀ

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

**ଟାଙ୍ଗୀ(ଖୋର୍ଦ୍ଧା),୧୦।୩(ଡି.ଏନ୍.ଏ.)**

ଟାଙ୍ଗୀ ବ୍ଲକ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଶୁକ୍ରବାର ଶତାଧିକ ଶିକ୍ଷୟିତ୍ରୀ ଶିକ୍ଷକ ସ୍ଥାନୀୟ ବଳରାମ ଦେବ ମନ୍ଦିରଠାରୁ ଶୋଭାଯାତ୍ରାରେ ବାହାରି ମଣ୍ଡଳ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୩ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଯମୁନାମଣି ହେମ୍ବ୍ରମ୍ ଓ ସୁଧାଂଶୁ ମଞ୍ଜରୀ ଦେବୀ ଦାବିପତ୍ର ଗ୍ରହଣ କରିଥିଲେ। ଠିକା ନିଯୁକ୍ତି ଉଚ୍ଛେଦପୂର୍ବକ ୬ଟି ଇନ୍‌କ୍ରିମେଣ୍ଟ ପ୍ରଦାନ, କେନ୍ଦ୍ରୀୟ ହାରରେ ବେତନ ପ୍ରଦାନ, ପୁରୁଣା ପେନ୍‌ସନ ପୁନଃ ପ୍ରଚଳନ ଆଦି ଦାବି ରହିଛି। ଦାବି ପୂରଣ ନ ହେଲେ ଓଡ଼ିଶା ମିଳିତ ପ୍ରାଥମିକ ଶିକ୍ଷକ ସଂଘ ଆସନ୍ତା ମାର୍ଚ୍ଚ ୧୫ରୁ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଶିକ୍ଷକ ସଂଘ ସଭାପତି ସଲୀଳ କୁମାର ସ୍ୱାଇଁ, ସମ୍ପାଦକ ସନ୍ତୋଷ କୁମାର ବେହେରା, ପ୍ରସନ୍ନ କୁମାର ଶ୍ରୀଚନ୍ଦନ, ସମରେଶ୍ ବେହେରା, ଶ୍ୟାମସୁନ୍ଦର ବିଶ୍ୱାଳ, ଦେବାନନ୍ଦ ବେହେରା, କୁମୁଦିନୀ ସାହୁ, ମିନତି ଶ୍ରୀଚନ୍ଦନ, ପ୍ରଶାନ୍ତ ମହାପାତ୍ର, ସୁଶାନ୍ତ ସ୍ୱାଇଁ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।



ମିଳିତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଉଛି।

# ଅସ୍ଥାୟୀ ବିଦ୍ୟୁତ୍ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ



ଅସ୍ଥାୟୀ ବିଦ୍ୟୁତ୍ କର୍ମଚାରୀମାନେ ଧାରଣାରେ ବସିଛନ୍ତି।

**ବାଲୁଗାଁ,୧୦।୩(ଡି.ଏନ୍.ଏ.)**

ନିଖିଳ ଓଡ଼ିଶା ବିଦ୍ୟୁତ୍ ମଜ୍‌ଦୁର ମହାସଂଘର ଆହ୍ୱାନକ୍ରମେ ଶୁକ୍ରବାର ୪ଦଫା ନେଇ ବାଲୁଗାଁ ବିଦ୍ୟୁତ୍ ଡିଭିଜନ କାର୍ଯ୍ୟାଳୟ ସମ୍ମୁଖରେ ଅସ୍ଥାୟୀ ବିଦ୍ୟୁତ୍ କର୍ମଚାରୀମାନେ ବିକ୍ଷୋଭ ପ୍ରଦର୍ଶନ କରିବା ସହ କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ବହୁ ବର୍ଷ ଧରି ବାଲୁଗାଁ ଡିଭିଜନ ଅଧୀନରେ କର୍ମଚାରୀମାନେ ଅସ୍ଥାୟୀଭାବେ କାର୍ଯ୍ୟ କରିଆସୁଥିବା ବେଳେ ଶୋଷଣର ଶିକାର ହେଉଛନ୍ତ। ଦରମା ବୃଦ୍ଧି କରାଯାଉ ନ ଥିବା ବେଳେ ସମସ୍ୟା ସମ୍ପର୍କରେ ମଧ ବିଭାଗୀୟ କର୍ତ୍ତୃପକ୍ଷ ଗୁରୁତ୍ୱ ଦେଉନଥିବା ଶ୍ରମିକମାନେ ଅଭିଯୋଗ ଆଣିଛନ୍ତି । ବିଦ୍ୟୁତ୍ ଠିକା ଶ୍ରମିକଙ୍କ ସ୍ଥାୟୀ ନିଯୁକ୍ତି, ସ୍ଥାୟୀ ହେବା ପର୍ଯ୍ୟନ୍ତ କର୍ମଚାରୀଙ୍କୁ ସିଧାସଳଖ ଦରମା ପ୍ରଦାନ କରିବା, ସ୍ଥାୟୀ କର୍ମଚାରୀଙ୍କ ସମକକ୍ଷ ଏବଂ ସମାନ କାମକୁ ସମାନ ଦରମା, ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ ଚାକିରୀ ସର୍ତ୍ତାବଳୀ, ଗୋଷ୍ଠୀ ସ୍ୱାସ୍ଥ୍ୟ ବୀମା ଏବଂ ଗୋଷ୍ଠୀ ଅବଧି ବୀମା କରାଇବା ଆଦି ଦାବି ସମ୍ପର୍କରେ କର୍ମଚାରୀଙ୍କ ପକ୍ଷରୁ ବାରମ୍ବାର ଅଭିଯୋଗ ହୋଇଥିଲେ ମଧ ବିଭାଗୀୟ କର୍ତ୍ତୃପକ୍ଷ କର୍ଣ୍ଣପାତ କରିନଥିଲେ ବୋଲି ଶ୍ରମିକମାନେ ଅଭିଯୋଗ କରିଛନ୍ତି। ବାଲୁଗାଁ ବିଦ୍ୟୁତ୍ ଡିଭିଜନ ଅଧୀନ ବାଲୁଗାଁ, ବାଣପୁର, ନାଚୁଣୀ, ଟାଙ୍ଗୀ, ଚାନ୍ଦପୁର ଏବଂ ରଣପୁର ସବ୍-ଡିଭିଜନ ଅଞ୍ଚଳରେ କାର୍ଯ୍ୟରତ ଶତାଧିକ ଅସ୍ଥାୟୀ କର୍ମଚାରୀ ଦାବି ସମ୍ପର୍କିତ ପ୍ଲାକାର୍ଡ ଧରି କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ ବିଭାଗୀୟ କର୍ତ୍ତୃପକ୍ଷ ଆନ୍ଦୋଳନସ୍ଥଳକୁ ଆସିନଥିବା ଜଣାପଡ଼ିଛି । ଅନ୍ୟପକ୍ଷରେ ଦାବି ପୂରଣ ନ ହେବା ଯାଏ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଧାରଣା ଏବଂ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିବ ବୋଲି କର୍ମଚାରୀଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି ।

# ଖଟିଆକୁଦିରେ ସମ୍ବର୍ଦ୍ଧନା ସଭା

**କୃଷ୍ଣପ୍ରସାଦ,୧୦।୩(ଡି.ଏନ୍.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ କଣ୍ଡରା ଗାଁ ଖଟିଆକୁଦି ଆନୁକୂଲ୍ୟରେ ତ୍ରିନାଥ ଦେବ ପାଲା, ନାମ, ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ କୃଷ୍ଣପ୍ରସାଦ ଥାନା ଆଇଆଇସି ଶରତ କୁମାର ନାୟକ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ବକ୍ତାଭାବେ ଗାୟକ ପଦ୍ମକେଶରୀ ଅଶୋକ କୁମାର ଦଳେଇ, ସମ୍ମାନିତ ଅତିଥି ଗାୟକ ଶରତ ପ୍ରଧାନ, ତ୍ରିନାଥ ଦେବ ପାଲା ପରିଷଦ ସଭାପତି ସୁଦର୍ଶନ ପାତ୍ର, ସମ୍ପାଦକ ବୃନ୍ଦାବନ ବେହେରା ଯୋଗଦେଇଥିଲେ। ସାଂସ୍କୃତିକ ସଭାପତି ନରେନ୍ଦ୍ର ବେହେରା ମଞ୍ଚକାର୍ଯ୍ୟ ପରିଚାଳନା କରିଥିବା ବେଳେ କୋଷାଧ୍ୟକ୍ଷ ଚିତ୍ରସେନ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଗାୟକ ସୂର୍ଯ୍ୟ ସୁବାସ ଚନ୍ଦ୍ର ଶତପଥୀ, ଗାୟକ ଅର୍ଜ୍ଜୁନ କରୁଣାକର ବାରିକ, ଅଙ୍ଗନୱାଡି କର୍ମୀ ନେତ୍ରମଣି ଦାସ, ଆଶାକର୍ମୀ ଆଭା ଖୁଣ୍ଟିଆ, ସଂକୀର୍ତ୍ତନ ଗୁରୁ ଜୟରାମ ଦାସ, ପାଲା ବାୟକ ଦୁର୍ଯ୍ୟୋଧନ ନାୟକ, ସଞ୍ଜୟ ଜେନା, କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ସମେତ ୨୦ଜଣ ସଂକୀର୍ତ୍ତନ ପାଳିଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସନ୍ନ୍ୟାସୀ ମଲିକ ଧନ୍ୟବାଦ ଦେଇଥିଲେ।

# 'ପ୍ରାରମ୍ଭ' କର୍ମଶାଳା ଉଦ୍‌ଘାଟିତ

**ବେଗୁନିଆ,୧୦।୩(ଡି.ଏନ୍.ଏ.)**

ବେଗୁନିଆ ସରକାରୀ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ କର୍ମଶାଳା 'ପ୍ରାରମ୍ଭ' ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁରେଶ ଚନ୍ଦ୍ର ସେଠୀ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦାଶରଥି ପ୍ରଧାନ, ନଳିନୀ ପ୍ରଭା ଦେବୀ, ବରିଷ୍ଠ ଶିକ୍ଷକ ଶାନ୍ତନୁ ପାଇକରାୟ, ସିଆରସିସି ସୂର୍ଯ୍ୟ ନାରାୟଣ ପଣ୍ଡା ପ୍ରମୁଖ ଅତିଥିଭାବେ ଯୋଗଦେଇ ଆୟୋଜିତ କର୍ମଶାଳା ସମ୍ପର୍କରେ ଆଲୋକପାତ କରିଥିଲେ। ଶିବିରରେ ବ୍ଲକର ୧୦୦ରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କୁ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ପ୍ରଶିକ୍ଷଣ ଦିଆଯାଇଛି। ଏହି ପ୍ରଶିକ୍ଷଣ କର୍ମଶାଳା ୪ଦିନ ଧରି ଚାଲିବ। ଏହି ପ୍ରଶିକ୍ଷଣ ଦ୍ୱାରା ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ଭିତ୍ତିଭୂମି ବିକାଶ ଓ ଶିକ୍ଷକଙ୍କର ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ବୃଦ୍ଧି କରେ ବୋଲି ଶିବିରରେ ମତପ୍ରକାଶ ପାଇଥିଲା। ଶିକ୍ଷକ ପବିଧର ପରିଡ଼ା, ସନ୍ତୋଷ କୁମାର ମହାପାତ୍ର, ସ୍ମୃତି ପଟ୍ଟନାୟକ, ଶିକ୍ଷୟିତ୍ରୀ ଝୁନୁବାଳା ପୃଷ୍ଟି, ଶୁଭଲକ୍ଷ୍ମୀ ଷଡ଼ଙ୍ଗୀ ପ୍ରମୁଖ ଶିବିର ପରିଚାଳନା କରିଥିଲେ। ସିଆରସିସି ସନ୍ଧ୍ୟାରାଣୀ ରଥ ଓ ସରୋଜ କୁମାର ବେହେରା ସହଯୋଗ କରିଥିଲେ।




କର୍ମଶାଳାରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

## ଏସ୍ଏ-୨ ଆରମ୍ଭ

# ୪୯୪ ପରୀକ୍ଷାର୍ଥୀ ଅନୁପସ୍ଥିତ



ପରୀକ୍ଷା ପରେ ପିଲାମାନେ ବିଦ୍ୟାଳୟରୁ ବାହାରୁଛନ୍ତି।

**ଖୋର୍ଦ୍ଧା ଅଫିସ,୧୦।୩**

### ୧୩୯ କେନ୍ଦ୍ରରେ ୨୬,୦୭୭ ପରୀକ୍ଷାର୍ଥୀ

ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ ଅଫ୍ ସେକେଣ୍ଡାରି ଏଜୁକେଶନ) ଦ୍ୱାରା ପରିଚାଳିତ ମାଟ୍ରିକ ସମ୍ମେଟିଭ ଆସେସ୍‌ମେଣ୍ଟ (ଏସ୍ଏ)-୨ ପରୀକ୍ଷା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଚଳିତ ବର୍ଷ ଜିଲାରେ ୩ ଶହ ହାଇସ୍କୁଲର ୨୬,୪୫୭ ରେଗୁଲାର ଏବଂ ୧୧୪ ଏକ୍ସ ରେଗୁଲାରରେ ମୋଟ ୨୬,୫୭୧ଜଣ ପରୀକ୍ଷାର୍ଥୀ ରହିଥିଲେ। ପ୍ରଥମ ଦିନରେ ମୋଟ୍ ୪୯୪ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ଜିଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ରାଜ୍ୟ ମୁକ୍ତ ବିଦ୍ୟାଳୟର ରେଗୁଲାର ଓ ଏକ୍ସ ରେଗୁଲାରରେ ୩୦୭ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ରାଜ୍ୟ ମୁକ୍ତ ବିଦ୍ୟାଳୟ ପାଇଁ ଗୋଟିଏ କେନ୍ଦ୍ର ସମେତ ଜିଲାରେ ମୋଟ ୧୪୦ କେନ୍ଦ୍ରରେ ପରୀକ୍ଷା ଆୟୋଜିତ ହୋଇଥିଲା। ସକାଳ ୭ଟା ୩୦ ସୁଦ୍ଧା ପିଲାମାନେ ନିର୍ଦ୍ଧାରିତ କେନ୍ଦ୍ରରେ ପହଞ୍ଚିଥିଲେ। ଫାଟକ ଆଗରେ, ଶିକ୍ଷୟିତ୍ରୀ ଶିକ୍ଷକମାନେ ପିଲାଙ୍କୁ ଚେକିଂ ପରେ ଭିତରକୁ ଛାଡିଥିଲେ। ସକାଳ ୮ଟାରୁ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ପରୀକ୍ଷା ଆୟୋଜନ ହୋଇଥିଲା। ପ୍ରଥମ ଦିନରେ ଭାଷା ସାହିତ୍ୟ ପରୀକ୍ଷା ରହିଥିଲା। କେନ୍ଦ୍ରରୁ ବାହାରିବା ସମୟରେ ପିଲାଙ୍କ ମଧ୍ୟରେ ନବୀନ ଉତ୍ସାହ ରହିଥିଲା। ସହଜ ପ୍ରଶ୍ନ ଆସିଥିବାରୁ ପ୍ରଥମ ଦିନ ପରୀକ୍ଷା ଭଲ ହୋଇଥିବା ଅଧିକାଂଶ ପିଲାଙ୍କ ଗୋଟିଏ ପ୍ରକାର ଉତ୍ତର ରହିଥିଲା। ଏନେଇ ଜିଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇ କୁହନ୍ତି ଶୃଙ୍ଖଳିତ ପରୀକ୍ଷା ଆୟୋଜନ ଉପରେ ଗୁରୁତ୍ୱ ଦିଆଯାଇଛି। ପରୀକ୍ଷା ହଲ୍‌କୁ ପରୀକ୍ଷାର୍ଥୀ ଏବଂ ଶିକ୍ଷୟିତ୍ରୀଶିକ୍ଷକମାନଙ୍କୁ ମୋବାଇଲ ଫୋନ ନେବାକୁ ମନା କରାଯାଇଛି। ସମସ୍ତ ପରୀକ୍ଷା କେନ୍ଦ୍ରରେ ବିଶୁଦ୍ଧ ପାନୀୟଜଳ ବ୍ୟବସ୍ଥା ଲାଗି ନିର୍ଦ୍ଦେଶ ଦିଆଯାଇଛି। କପି ରୋକିବା ଲାଗି ଜିଲା ଶିକ୍ଷା ବିଭାଗ ପକ୍ଷରୁ ୩ଟି ସ୍କ୍ୱାଡ୍ ଗଠନ କରାଯାଇଥିବା ବେଳେ ଜିଲା ପ୍ରଶାସନସ୍ତରରେ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କୁ ଗୋଟିଏ ସ୍କ୍ୱାଡ୍ ରହିଛି। ପରୀକ୍ଷା ସୁପରିଚାଳନା ଲାଗି ସମସ୍ତ ବ୍ୟବସ୍ଥା କରାଯାଇଛି। ପ୍ରଶ୍ନପତ୍ର ରଖିବା ପାଇଁ ୧୨ଟି ନୋଡାଲ କେନ୍ଦ୍ର ରହିଛି। ସମସ୍ତ କେନ୍ଦ୍ରରେ ଜଣେ ସୁପରିଣ୍ଟେଣ୍ଡେଣ୍ଟ ଏବଂ ସହାୟକ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ନିଯୁକ୍ତି ଦିଆଯାଇଛି। ବୋର୍ଡର ଗାଇଡ୍‌ଲାଇନ ଅନୁସାରେ ପରୀକ୍ଷା ଚାଲିଛି। ଜିଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ କୁହନ୍ତି, ପ୍ରଶ୍ନପତ୍ର ରହୁଥିବା ନୋଡାଲ ସେଣ୍ଟରରେ ପୋଲିସ ମୁତୟନ ରହିଛନ୍ତି। ଶୃଙ୍ଖଳିତ ପରୀକ୍ଷା ଆୟୋଜନ ଉପରେ ଗୁରୁତ୍ୱ ଦିଆଯାଇଛି। ସେହିପରି ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ କହିଛନ୍ତି, ମାଟ୍ରିକ ପରୀକ୍ଷା ପୂର୍ବରୁ ଜିଲା ଶିକ୍ଷାଧିକାରୀଙ୍କ ସମେତ ସମସ୍ତ ମଣ୍ଡଳ ଶିକ୍ଷାଧିକାରୀଙ୍କୁ ନେଇ ବୈଠକ ହୋଇଥିଲା। ପରୀକ୍ଷା ସମୟରେ ପିଲାଙ୍କ ଯେପରି କୌଣସି ଅସୁବିଧା ନ ହୁଏ ସେଥିପ୍ରତି ଗୁରୁତ୍ୱ ଦିଆଯାଇଛି। ଜିଲା ପ୍ରଶାସନ ପକ୍ଷରୁ ଏକ ସ୍କ୍ୱାଡ୍ ଟିମ୍ ଗଠନ କରାଯାଇଛି। ଏହି ଟିମ୍ ବିଭିନ୍ନ କେନ୍ଦ୍ର ପରିଦର୍ଶନ କରିବେ। ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର କୁହନ୍ତି, ସଫଳତା ପାଇଁ ପ୍ରତ୍ୟେକ ସ୍ତରରେ ପରୀକ୍ଷା ଦେବାକୁ ପଡ଼େ। ପରୀକ୍ଷା ସମୟରେ ଅଧୈର୍ଯ୍ୟ ହୁଅ ନାହିଁ। ଧୀରସ୍ଥିର ଭାବେ ପ୍ରଶ୍ନକୁ ବୁଝି ପରୀକ୍ଷା ଦିଅ। ଅଭିଭାବକମାନେ ମଧ ପିଲାଙ୍କ ମନୋବଳ ବୃଦ୍ଧି ଲାଗି ପରାମର୍ଶ ଦେଇଛନ୍ତି। ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ କହିଛନ୍ତି, ସଫଳତା ପଛରେ କଠିନ ପରିଶ୍ରମ ରହିଛି। ଶାନ୍ତ ଚିତ୍ତ ମନରେ ଲେଖିବା ଆରମ୍ଭ କଲେ, ଜଟିଳ ପ୍ରଶ୍ନ ମଧ ସହଜ ଲାଗିବ।

### ଏମାନେ ଯାହା କୁହନ୍ତି...

" ପ୍ରଥମ ଦିନ ପରୀକ୍ଷା ଭଲ ହୋଇଛି। ପରୀକ୍ଷା କେନ୍ଦ୍ରକୁ ପହଞ୍ଚିବା ବେଳେ ମନରେ ଭୟ ରହିଥିଲା। କିପରି ପ୍ରଶ୍ନ ଆସିବ, କ'ଣ ଲେଖିବି। ଯଦି ଭୁଲ୍ ହୋଇଯିବ, ଏଭଳି ମନରେ ଅନେକ ପ୍ରଶ୍ନ ଉଙ୍କିମାରିଥିଲା। କେନ୍ଦ୍ରରେ ପହଞ୍ଚିବା ପରେ ସାର୍‌ଙ୍କ ଦୁଇପଦ କଥା ମନେପଡିଗଲା। ଲେଖିବା ଆରମ୍ଭ କରିବା ବେଳେ କେତେବେଳେ ସରିଗଲା, ଜଣାପଡିଲା ନାହିଁ। ଆଗକୁ ମଧ ସବୁ ପରୀକ୍ଷା ଭଲ ହେବ ବୋଲି ଆଶା କରୁଛି।

**- ପର୍ଶୁରାମ ମହାପାତ୍ର, ବିଜେବି ହାଇସ୍କୁଲ ଛାତ୍ର**

" ପ୍ରଥମ ଦିନ ଭାଷା ସାହିତ୍ୟ ପରୀକ୍ଷା ରହିଥିଲା। ଯେତିକି ଆଶା କରିଥିଲି ତାହାଠାରୁ ଭଲ ହେବ। ପରୀକ୍ଷା ହଲକୁ ଯିବା ପୂର୍ବରୁ ଗୁରୁଜୀ,ଗୁରୁମା' ମନର ଭୟ ଦୂର କରିଥିଲେ। ମା'ସରସ୍ୱତୀଙ୍କ ଆଶୀର୍ବାଦରୁ ସମସ୍ତ ପ୍ରଶ୍ନର ଉତ୍ତର ଲେଖିଛି। ଆଗକୁ ମଧ ପରୀକ୍ଷା ଭଲ ହେବ ବୋଲି ବିଶ୍ୱାସ ରହିଛି।

**- ସୁଧାଂଶୁ ଜଗଦ୍ଦେବ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଖୋର୍ଦ୍ଧା**

" ସହଜ ପ୍ରଶ୍ନ ଆସିଥିଲା। ସବୁ ପ୍ରଶ୍ନର ଉତ୍ତର ଲେଖିଛି। ମାଟ୍ରିକ ପରୀକ୍ଷାକୁ ନେଇ ସମସ୍ତଙ୍କ ମନରେ ଟିକିଏ ଭୟ ରହିଥାଏ। ମୋର ମଧ ଟିକିଏ ଭୟ ରହିଥିଲା। କିଭଳି ପ୍ରଶ୍ନ ଆସିବ, ତାହାକୁ ନେଇ ଆଶଙ୍କାରେ ରହିଥିଲି। ତେବେ ନିର୍ଦ୍ଧାରିତ ସମୟ ପୂର୍ବରୁ ପରୀକ୍ଷା ସରିଥିଲା। ଆଶା ଅନୁସାରେ ମାର୍କ ଆସିବ ବୋଲି ବିଶ୍ୱାସ ରହିଛି। ଆଗକୁ ଆହୁରି ଅଧିକ ପରିଶ୍ରମ କରିବି।

**- ମନୀଷ ମିଶ୍ର,ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଖୋର୍ଦ୍ଧା**

" ଚଳିତ ମାଟ୍ରିକ ପରୀକ୍ଷାରେ ଆମ ବିଦ୍ୟାଳୟରୁ ୨୧୨ଜଣ ପରୀକ୍ଷା ଦେଉଛନ୍ତି। ସମସ୍ତ ପରୀକ୍ଷାର୍ଥୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି। ପରୀକ୍ଷା ପୂର୍ବରୁ ପିଲାଙ୍କ ଅଭିଭାବକଙ୍କ ସହ ବୈଠକ କରାଯାଇଥିଲା। ପିଲାଙ୍କ ମନୋବଳ ବୃଦ୍ଧି ଲାଗି ପରାମର୍ଶ ଦିଆଯାଇଛି। ଶିଶୁ ମନ୍ଦିରର ସମସ୍ତ ଗୁରୁଜୀ,ଗୁରୁମା' ପିଲାଙ୍କ ଯୋଗାଯୋଗରେ ରହିଛନ୍ତି।

**- ଗିରିଜା ମୋହନ ମହାପାତ୍ର, ପ୍ରଧାନାଚାର୍ଯ୍ୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଖୋର୍ଦ୍ଧା**

# 'ଭଲ ପାଠପଢ଼, ବିଦ୍ୟାଳୟର ଗୌରବ ରଖ'

**ଖୋର୍ଦ୍ଧା ଅଫିସ,୧୦।୩**

ଖୋର୍ଦ୍ଧା ବ୍ଲକ ନାଳିପଡ଼ା ଅର୍ଜ୍ଜୁନପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଓ ପୁରସ୍କାର ବିତରଣ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ପଦ୍ମଚରଣ ଲେଙ୍କାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ମୁଖ୍ୟ ଅତିଥି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦେବେନ୍ଦ୍ର ବରାଳ, ହେମନ୍ତ କୁମାର ବେହେରା, ସାମାଜିକ କର୍ମୀ ସଞ୍ଜୟ କୁମାର ପଟ୍ଟନାୟକ, ଶିକ୍ଷକ ସୁରେଶ ଚନ୍ଦ୍ର ବିଶ୍ୱାଳ, ପ୍ରସନ୍ନ କୁମାର ମହାପାତ୍ର, ରତ୍ନାକର ରାଉତରାୟ, ଅଗାଧୁ ସେଠୀ, ସମିତିସଭ୍ୟ ବୁଦ୍ଧଦେବ ମାଝି ଓ ସୂର୍ଯ୍ୟ ପ୍ରସାଦ ମହାନ୍ତି ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଭଲ ମଣିଷ ହୁଅ, ଭଲ ପାଠପଢି ବିଦ୍ୟାଳୟର ଗୌରବ ବୃଦ୍ଧି କର। ମା'ବାପା ଏବଂ ଗୁରୁଜନଙ୍କୁ ସମ୍ମାନ ଦେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଶିକ୍ଷକ ଉଲ୍ଲାସ କୁମାର ବେହେରା ଅତିଥି ପରିଚୟ, ପ୍ରଧାନ ଶିକ୍ଷକ ଅଭିରାମ ବେହେରା ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଶଶୀଭୂଷଣ ମହାରଣା ଓ ଗଣେଶ୍ୱର ମହାନ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ୨୩ଟି ବିଭାଗରେ ଅନୁଷ୍ଠିତ କ୍ରୀଡ଼ା ପ୍ରତିଯୋଗିତାର ୭୨ଜଣ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରମାନେ ଦଳଗତ ଓ ଏକକ ନୃତ୍ୟ ପରିବେଷଣ କରିଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୦।୩।୨୦୨୩

| | |
|---|---|
| ୩,୯୧,୨୬୮ ଟଙ୍କା | |
| ସୁନା | ୪.୨୦୦ ଗ୍ରାମ୍ |
| ରୁପା | ମିଳିନାହିଁ |

## ସଂକ୍ଷେପରେ

### ଜଳିଗଲା ୪ ବଖରା

ସାକ୍ଷୀଗୋପାଳ,୧୦।୩(ଡି.ଏନ୍.ଏ./ସ୍ୱ.ପ୍ର.)- ସ୍ଥାନୀୟ ଅଲଗୁମ ପଞ୍ଚାୟତର କାନପୁର ଗ୍ରାମରେ ଶୁକ୍ରବାର ସକାଳେ ଆକସ୍ମିକ ଅଗ୍ନିକାଣ୍ଡ ଘଟି ୪ ବଖରା ଘର ଜଳିଯାଇଛି। ଗଦାଧର ପ୍ରଧାନ, କାଶୀନାଥ ପ୍ରଧାନ ଓ ସଦାଶିବ ପ୍ରଧାନଙ୍କର ୪ ବଖରା ଚାଳଘର ପୋଡ଼ିଯାଇଛି। ଗ୍ରାମର ଯୁବକମାନେ ନିଆଁ ଲିଭାଉଥିବା ବେଳେ ଖବରପାଇ ସାକ୍ଷୀଗୋପାଳ ଅଗ୍ନିଶମ କେନ୍ଦ୍ରର କର୍ମଚାରୀମାନେ ଦୁଇଟି ଦମକଳ ସହିତ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହି ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ଧାନ, ଚାଉଳ, ଲୁଗାପଟା ଓ ବାସନକୁସନ ପୋଡ଼ି ଯାଇଥିବା ଜଣାପଡିଛି। ଅଗ୍ନିକାଣ୍ଡର କାରଣ ଜଣାପଡିନାହିଁ।

### ମହିଳାଙ୍କୁ ଅସଦାଚରଣ ଅଭିଯୋଗ, ଜଣେ ଗିରଫ

ଡେଲାଙ୍ଗ,୧୦।୩(ଡି.ଏନ୍.ଏ.)- ଡେଲାଙ୍ଗ ଥାନା ଅଞ୍ଚଳର ଜେନାପୁର ପଞ୍ଚାୟତରେ ଜଣେ ମହିଳାଙ୍କୁ ଅସଦାଚରଣ କରାଯାଇଥିବା ଅଭିଯୋଗରେ ପୋଲିସ ଜଣକୁ ଗିରଫ କରିଛି ସେ ହେଲେ ଶ୍ରୀପତିପୁର ଗ୍ରାମର ସଂଗ୍ରାମ ମହାନ୍ତି (୩୨)। ମିଳିଥିବା ସୂଚନା ଅନୁଯାୟୀ ହୋଲି ଦିନ ରାତିରେ ମହିଳା, ତାଙ୍କ ସ୍ୱାମୀ ଓ ୨ଟି ସନ୍ତାନଙ୍କ ସହିତ ଘରେ ଶୋଇଥିଲେ। ମଧରାତ୍ରରେ ଅଭିଯୁକ୍ତ ଜଣକ ତାଙ୍କ ଘରେ ପଶି ମହିଳାଙ୍କୁ ଅସଦାଚରଣ କରିବା ସମୟରେ ମହିଳାଙ୍କ ନିଦ ଭାଙ୍ଗିଯାଇଥିଲା। ସେ ପାଟି କରିବାରୁ ତାଙ୍କ ସ୍ୱାମୀ ଉଠିଯାଇଥିଲେ। ଏହା ଦେଖି ଅଭିଯୁକ୍ତ ଜଣକ ଚମ୍ପଟ ମାରିଥିଲେ। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ନଂ. ୭୬/୨୩ରେ ମାମଲା ରୁଜୁ କରିବା ସହ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଆଇଆଇସି ଅନିଲ କୁମାର ମହାନ୍ତି କହିଛନ୍ତି।

### ୧୨ରେ ରୌପ୍ୟ ଜୟନ୍ତୀ ସଂକ୍ରାନ୍ତ ବୈଠକ

ପୁରୀ ଅଫିସ, ୧୦।୩: ଭୋଳାନାଥ ବିଦ୍ୟାପୀଠର ପୁରାତନ ଛାତ୍ରୀଛାତ୍ରଙ୍କ ରୌପ୍ୟ ଜୟନ୍ତୀ ସଂକ୍ରାନ୍ତ ବୈଠକ ୧୨ ତାରିଖ ରବିବାର ପୂର୍ବାହ୍ଣ ସାଢେ ୧୦ଟାରେ ଅନୁଷ୍ଠିତ ହେବ। ବିଦ୍ୟାପୀଠ ପରିସରରେ ହେବାକୁ ଥିବା ଏହି ବୈଠକରେ ପୂର୍ବତନ ଛାତ୍ରୀଛାତ୍ରମାନେ ଉପସ୍ଥିତ ରହି ନିଜର ମତାମତ ଦେବାକୁ ଛାତ୍ର ସଂସଦ ସମ୍ପାଦକ ତଥା ପୂର୍ବତନ ଶିକ୍ଷକ ସୂର୍ଯ୍ୟମଣି ନାୟକ ଅନୁରୋଧ କରିଛନ୍ତି। ଏଥିଲାଗି ମୋବାଇଲ ନମ୍ବର ୮୩୨୭୭୫୪୧୧୮ରେ ଯୋଗାଯୋଗ କରିବାକୁ ସଂସଦ ପକ୍ଷରୁ ନିବେଦନ କରାଯାଇଛି।

# ଯାଞ୍ଚ ହେଉନି ଅଗ୍ନି ନିରାପତ୍ତା ପ୍ରମାଣପତ୍ର

ପୁରୀ ଅଫିସ,୧୦।୩:

ପୁରୀ ସହରରେ ଥିବା ବ୍ୟବସାୟିକ ପ୍ରତିଷ୍ଠାନ, ଆପାର୍ଟମେଣ୍ଟ ଓ ହୋଟେଲଗୁଡ଼ିକର ଅଗ୍ନି ନିରାପତ୍ତା ପ୍ରମାଣପତ୍ର ନିୟମିତ ଭାବେ ଯାଞ୍ଚ କରାଯାଉନାହିଁ। ପ୍ରଶାସନର ଖାମଖିଆଲି ମନୋଭାବ ଯୋଗୁ ଅନେକ ସମୟରେ ଛୋଟବଡ଼ ଅଗ୍ନିକାଣ୍ଡ ଘଟୁଛି। ମରୀଚିକୋଟ ଛକ ନିକଟସ୍ଥ ଲକ୍ଷ୍ମୀ ମାର୍କେଟ କମ୍ପ୍ଲେକ୍ସ ଓ ନୀଳାଦ୍ରି କମ୍ପ୍ଲେକ୍ସ ପରିସରସ୍ଥ ଓଡ଼ିଶା ହ୍ୟାଣ୍ଡଲୁମ୍ ଶୋ' ରୁମ୍‌ରେ ଅଗ୍ନିକାଣ୍ଡ ଘଟଣା ଏହାର ଦୁଇଟି ଜ୍ୱଳନ୍ତ ଉଦାହରଣ ବୋଲି କୁହାଯାଇପାରେ। ଏଭଳି ଘଟଣା ପୂର୍ବରୁ ପ୍ରଶାସନ ଚୁପ୍ ବସିଥିବାବେଳେ ଘଟଣା ପରେ ତତ୍ପର ହୋଇଉଠିଛି।

ଅଗ୍ନି ନିରାପତ୍ତା ପ୍ରମାଣପତ୍ର ଯାଞ୍ଚ କରାଯିବ ବୋଲି ଅଧିକାରୀମାନେ କହୁଛନ୍ତି। ତେବେ ଯାଞ୍ଚ ପ୍ରକ୍ରିୟା କିଛିଦିନ ଚାଲିବା ପରେ ପୁଣି ଧୀରେ ଧୀରେ ଶିଥିଳ ପଡ଼ିଯିବ ବୋଲି ସାଧାରଣରେ ଆଲୋଚନା ହେଉଛି। ସରକାର ନିୟମ ପ୍ରଣୟନ କରୁଥିଲେ ମଧ ପ୍ରଶାସନ ତାହାକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରୁ ନ ଥିବାରୁ ଅଗ୍ନିକାଣ୍ଡ ଘଟି କ୍ଷୟକ୍ଷତି ହେଉଥିବା ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି। ଯେଉଁ ବ୍ୟବସାୟ ପ୍ରତିଷ୍ଠାନ ଓ ଆପାର୍ଟମେଣ୍ଟ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଗ୍ରହଣ କରିନାହିଁ ସେଗୁଡ଼ିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବୁଦ୍ଧିଜୀବୀଙ୍କ ସମେତ ବହୁ ସାମାଜିକ ସଙ୍ଗଠନର କର୍ମକର୍ତ୍ତା ଦାବି କରିଛନ୍ତି। ଏ ନେଇ ପୁରୀ ଜିଲ୍ଲା ଯୁବ ଅଧିବକ୍ତା ମଞ୍ଚ ପକ୍ଷରୁ ଶୁକ୍ରବାର ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁଙ୍କୁ ଦାବିପତ୍ର ଦିଆଯାଇଛି।

ଯୁବ ଅଧିବକ୍ତା ମଞ୍ଚ ପକ୍ଷରୁ ଅଭିଯୋଗରେ ଦର୍ଶାଯାଇଛି ଯେ, ଶ୍ରୀମନ୍ଦିରଠାରୁ ମାତ୍ର ୨ଶହ ମିଟର ଦୂରରେ ଅବସ୍ଥିତ ସମ୍ରାଟ ବିଲ୍ଡିଂରେ ବିନା ଅଗ୍ନି ନିରାପତ୍ତା ପ୍ରମାଣ ପତ୍ରରେ ବ୍ୟବସାୟ ଚାଲିଥିଲା ଏବଂ ଅଗ୍ନି ନିର୍ବାପନ ସିଲିଣ୍ଡର, ଜରୁରିକାଳୀନ ପ୍ରସ୍ଥାନ ଦ୍ୱାର ନ ଥିଲା। ଫଳରେ ଅପ୍ରଶସ୍ତ ରାସ୍ତା ଦେଇ ଦମକଳ ଗାଡ଼ି ପ୍ରବେଶ କରିପାରିଲା ନାହିଁ ଏବଂ କ୍ଷୟକ୍ଷତି ରୋକାଯାଇପାରିଲା ନାହିଁ। ୨୦୧୭ ସେପ୍ଟେମ୍ବର ୨୬ରେ ଗେଜେଟରେ ପାସ୍ ହୋଇଥିବା ଧାରା ୨୬ ଫାୟାର ସେଫ୍ଟି ଆକ୍ଟ ୧୯୯୩ ଅନୁସାରେ ହୋଟେଲ ବା ମଲ୍‌ରେ ଫାୟାର ସୁପରଭାଇଜର ଓ ଫାୟାର ସେଫ୍ଟି ବ୍ୟବସ୍ଥା ନିହାତି ରହିବା ଆବଶ୍ୟକ। ପୁରୀରେ ପାଖାପାଖି ୧ହଜାର ଛୋଟ ବଡ଼ ହୋଟେଲ, ଲଜ୍, ଧର୍ମଶାଳା ରହିଛି। କିନ୍ତୁ କେତେକ ହାତ ଗଣତି ସଂସ୍ଥାରେ ଅଗ୍ନିନିରାପତ୍ତା ବ୍ୟବସ୍ଥା ରହିଥିବା ବେଳେ ଅନ୍ୟମାନେ କେବଳ ନିୟମକୁ ଆଖିଠାର ଭାବେ ପାଳନ କରୁଛନ୍ତି। ତେଣୁ ସମସ୍ତ ହୋଟେଲ, ଲଜ୍, ଧର୍ମଶାଳା, ଆପାର୍ଟମେଣ୍ଟର ଅଗ୍ନି ନିରାପତ୍ତା ପ୍ରମାଣପତ୍ର ଯାଞ୍ଚ କରାଯାଉ। ଅଗ୍ନି ନିରାପତ୍ତା ପ୍ରମାଣପତ୍ର ନ ଥିଲେ ସମ୍ପୃକ୍ତ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗହଣ ସହ କୋଠାକୁ ସିଲ୍ କରାଯିବାକୁ ମଞ୍ଚ ଦାବି କରିଛି। ଦାବିପତ୍ର ପ୍ରଦାନ ସମୟରେ ମଞ୍ଚ ଆବାହକ ଅନିଲ୍ କୁମାର ସାହୁ, ସଭାପତି ବିଶ୍ୱଜିତ ପ୍ରଧାନ, ସୁଭାଶିଷ ମହାନ୍ତି, କର୍ତ୍ତବୀର ମହାପାତ୍ର, ରତିକାନ୍ତ ପ୍ରତିହାରୀ, ସୁରେଶ ମହାପାତ୍ର, ବନବାସ ବରାଳ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ବ୍ୟବସାୟିକ ପ୍ରତିଷ୍ଠାନ, ଆପାର୍ଟମେଣ୍ଟ ଓ ହୋଟେଲଗୁଡ଼ିକରେ ଅଗ୍ନି ନିରାପତ୍ତା ପ୍ରମାଣପତ୍ର ଯାଞ୍ଚ ପାଇଁ ଏକ କମିଟି ଗଠନ ହେବା ସହ ଓଡ଼ିଶାକୁ ସ୍ମୋକ୍ ଏଭକେଶନ ମେଶିନ୍ ଆଣିବା ପାଇଁ ସ୍ୱତନ୍ତ୍ର ରିଲିଫ କମିଶନଙ୍କୁ ଚିଠି ଲେଖାଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ ସାହୁ କହିଥିବା ମଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି।



ଜିଲ୍ଲା ଯୁବ ଅଧିବକ୍ତା ମଞ୍ଚ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ ସାହୁଙ୍କୁ ଦାବିପତ୍ର ଦିଆଯାଉଛି।

**ନିୟମିତ ଯାଞ୍ଚ ପାଇଁ ଦାବି କଲା ଜିଲ୍ଲା ଯୁବ ଅଧିବକ୍ତା ମଞ୍ଚ**

# ପ୍ରଥମ ଦିନରେ ୭୦୦ରୁ ଊର୍ଦ୍ଧ୍ୱ ପିଲା ଅନୁପସ୍ଥିତ



ଏକ କେନ୍ଦ୍ରରେ ଛାତ୍ରୀଛାତ୍ରମାନେ ପରୀକ୍ଷା ଦେଉଛନ୍ତି ।

**ପୁରୀ ଜିଲ୍ଲାରେ ମାଟ୍ରିକ ପରୀକ୍ଷା**

ପୁରୀ ଅଫିସ, ୧୦।୩:

ଚଳିତ ବର୍ଷର ମାଟ୍ରିକ ପରୀକ୍ଷା ବା ସମେଟିଭ୍-୨ ପରୀକ୍ଷା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ପୁରୀ ଜିଲାରେ ମୋଟ ୧୨୨ଟି ପରୀକ୍ଷା କେନ୍ଦ୍ରରେ ୨୧ ହଜାର ୭୮୭ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଉଛନ୍ତି। ଏମାନଙ୍କ ମଧ୍ୟରେ ୨୦ ହଜାର ୭୮୪ ଜଣ ମାଟ୍ରିକ, ୧୨୩ ଜଣ ମଧ୍ୟମା ଏବଂ ୮୮୦ ଜଣ ଏସ୍‌ଓଏସ୍‌ସି ପରୀକ୍ଷାର୍ଥୀ ରହିଛନ୍ତି। ପ୍ରଥମ ଦିନରେ ୭୦୦ରୁ ଅଧିକ ପିଲା ଅନୁପସ୍ଥିତ ଥିବା ଜିଲା ଶିକ୍ଷାଧିକାରୀ ବିଶ୍ୱଜିତ୍ ଘୋଷ କହିଛନ୍ତି। ସେହିପରି କାର୍ଯ୍ୟରେ ଅବହେଳା ଯୋଗୁ ବିଭିନ୍ନ ବିଦ୍ୟାଳୟର ଶିକ୍ଷକଙ୍କୁ ନିଲମ୍ବିତ କରାଯାଇଥିବା ଘୋଷ ସୂଚନା ଦେଇଛନ୍ତି। ଶୁକ୍ରବାର ଭୋରରୁ ଷ୍ଟ୍ରଙ୍ଗରୁମ୍ ଖୋଲାଯାଇ କଡ଼ା ସୁରକ୍ଷା ମଧ୍ୟରେ ବିଭିନ୍ନ ପରୀକ୍ଷା କେନ୍ଦ୍ରକୁ ପ୍ରଶ୍ନପତ୍ର ପଠାଯାଇଥିଲା। ୭ଟା ୫୫ରେ ପରୀକ୍ଷାର୍ଥୀଙ୍କୁ ପ୍ରଶ୍ନପତ୍ର ବିତରଣ କରାଯାଇଥିଲା। ୮ଟାରେ ପରୀକ୍ଷା ଆରମ୍ଭ ହୋଇଥିଲା। ଜିଲାରେ ପରୀକ୍ଷା ସୁପରିଚାଳନା ପାଇଁ ୧୨ଟି ନୋଡାଲ୍ ସେଣ୍ଟର୍ କରାଯାଇଛି। ସେହିପରି ପୁରୀ ପୌରାଞ୍ଚଳରେ ୧୪ଟି ପରୀକ୍ଷା କେନ୍ଦ୍ର ଓ ଗୋଟିଏ ନୋଡାଲ ସେଣ୍ଟର କରାଯାଇଛି। ୨୯୯୬ ଜଣ ମାଟ୍ରିକ, ୬୫ ଜଣ ମଧ୍ୟମା ଏବଂ ୧୭୬ ଜଣ ଏସ୍‌ଓଏସ୍‌ସି ପରୀକ୍ଷାର୍ଥୀ ରହିଛନ୍ତି। ୩ଟି ବିଭାଗରେ ମୋଟ ୩୨୩୭ ପରୀକ୍ଷାର୍ଥୀ ପରୀକ୍ଷା ଦେଉଛନ୍ତି। ଗରମକୁ ଦୃଷ୍ଟିରେ ରଖି କେନ୍ଦ୍ରଗୁଡ଼ିକରେ ପର୍ଯ୍ୟାପ୍ତ ପାଣି ବ୍ୟବସ୍ଥା କରାଯାଇଛି।





ଶ୍ରୀଗୁଣ୍ଡିଚା ଆଧାତ୍ମିକ ଟ୍ରଷ୍ଟ ପୁରୀ ଶାଖା ଆନୁକୂଲ୍ୟରେ ଯୁଥ ହଷ୍ଟେଲରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱମାନେ ।

# 'ଅଦ୍ୱୈତ ଦର୍ଶନ, ସାଂଖ୍ୟ ଦର୍ଶନରୁ ରାଧା ମତବାଦର ଉତ୍ପତ୍ତି'

**ଗୋବିନ୍ଦ ଉପାସନା ଓ ଶ୍ରୀଜଗନ୍ନାଥ ଶୀର୍ଷକ ଆଲୋଚନାଚକ୍ର**

- ପ୍ରଫୁଲ୍ଲ କୁମାର ମହାନ୍ତିଙ୍କୁ ଶ୍ରୀପୁରୁଷୋତ୍ତମ ସେବା ସମ୍ମାନ
- ଦାଶରଥି ମହାପାତ୍ର, ସୂର୍ଯ୍ୟକାନ୍ତ ଦାସ ରାୟଙ୍କୁ ଶ୍ରୀଗୁଣ୍ଡିଚା ସେବା ସମ୍ମାନ

ପୁରୀ ଅଫିସ, ୧୦।୩:

ଶ୍ରୀଗୁଣ୍ଡିଚା ଆଧାତ୍ମିକ ଟ୍ରଷ୍ଟ ପୁରୀ ଶାଖା ଆନୁକୂଲ୍ୟରେ ଯୁଥ ହଷ୍ଟେଲ ପରିସରରେ ଗୋବିନ୍ଦ ଉପାସନା ଓ ଶ୍ରୀଜଗନ୍ନାଥ ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟ ଉପାଧକ୍ଷ ବିନୋଦ କୁମାର ପଣ୍ଡା ଆଲୋଚନାଚକ୍ରକୁ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି ଯୋଗଦେଇ କହିଥିଲେ, ଜଗଦଗୁରୁ ଶଙ୍କରାଚାର୍ଯ୍ୟ ରାଧାତତ୍ତ୍ୱର ପ୍ରବକ୍ତା ଓ ଉପାସକ। ଜଗନ୍ନାଥ ସଂସ୍କୃତିରେ ଆତ୍ମା ସ୍ୱରୂପ ରାଧା ଓ ପରମାତ୍ମା ସ୍ୱରୂପ ଶ୍ରୀକୃଷ୍ଣ ଜଗନ୍ନାଥ ଅଟନ୍ତି। ସ୍ୱର୍ଗର ଗୋଲକ ଭୁବନରେ ପରମାତ୍ମା କୃଷ୍ଣଙ୍କ ନିତ୍ୟ ରାସ ତତ୍ତ୍ୱର ଅବତାରଣା ଶ୍ରୀକ୍ଷେତ୍ରରେ ଥିବାରୁ ଶ୍ରୀକ୍ଷେତ୍ରର ଅନ୍ୟନାମ ଗୋଲକ ବୃନ୍ଦାବନ ବା ଭୌମ ବୃନ୍ଦାବନ। ବିଶିଷ୍ଟ ଅତିଥି ଭାବେ ଐତିହାସିକ ମଦନ ମୋହନ ମହାପାତ୍ର ଯୋଗଦେଇ କହିଲେ, ଅଦ୍ୱୈତ ଦର୍ଶନ ଓ ସାଂଖ୍ୟ ଦର୍ଶନରୁ ରାଧା ମତବାଦର ଉତ୍ପତ୍ତି। ଅର୍ଥବ ବେଦ ରାଧୋପନିଷଦ ଓ ଗୋପାଳ ତାପିନୀ ଉପନିଷଦର କେନ୍ଦ୍ରୀୟ ଦେବତା ଶ୍ରୀଜଗନ୍ନାଥ। ଅନ୍ୟତମ ଅତିଥି ଭାବେ ଡ. କାର୍ତ୍ତିକ କୁମାର ଦାସ, ଡ. ପ୍ରମୋଦ କୁମାର ଦଳାଇ, ପ୍ରମୋଦା ଦେବୀ ଓ ବିଜୟଲକ୍ଷ୍ମୀ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ଟ୍ରଷ୍ଟ ସମ୍ପାଦକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷାବିତ ଶିବ ସୁନ୍ଦର ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଆଲୋଚନା ଚକ୍ରରେ ସଦାଶିବ ମିଶ୍ର, ସୁଚରିତା ପ୍ରତିହାରୀ, ପୁରୁଷୋତ୍ତମ ନନ୍ଦ, ଅନାମ ଚନ୍ଦ୍ର ସାହୁ, ଡ. ରାନୁ ମିଶ୍ର, କାଶୀନାଥ ଖୁଣ୍ଟିଆ, ପ୍ରଭାତ ଚନ୍ଦ୍ର ରଥ, କୈଳାଶ ଚନ୍ଦ୍ର ସାହୁ, ବିଜୟ ଚରଣ ମହାନ୍ତି ପ୍ରମୁଖ ନିଜ ମତ ଉପସ୍ଥାପନ କରିଥିଲେ। ଏହି ଅବସରରେ ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତିଙ୍କୁ ଶ୍ରୀପୁରୁଷୋତ୍ତମ ସେବା ସମ୍ମାନ, ଦାଶରଥି ମହାପାତ୍ର ଓ ସୂର୍ଯ୍ୟକାନ୍ତ ଦାସ ରାୟଙ୍କୁ ଶ୍ରୀଗୁଣ୍ଡିଚା ସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା। ତପନ କୁମାର ସେଠୀ ଓ ଯୋଗେନ୍ଦ୍ର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଟ୍ରଷ୍ଟ ସଦସ୍ୟ ଭବାନୀ ପ୍ରସାଦ ବଳିୟାରସିଂ ଧନ୍ୟବାଦ ଦେଇଥିଲେ।

# ବାଇକ୍ ଚେକିଂ, ମାସକରେ ୧୨୯୭ ଏମ୍‌ଭିପିଆର୍ ରୁଜୁ

ନିମାପଡ଼ା,୧୦।୩(ଡି.ଏନ୍.ଏ.)

ନିମାପଡ଼ା ପୋଲିସ ଉପଖଣ୍ଡ ଅଧୀନ ୯ଟି ଥାନା ଅଞ୍ଚଳରେ ବାଇକ୍ ଚେକିଂ କଡ଼ାକଡ଼ି କରାଯାଇଛି। ଏ ଦିଗରେ ନିମାପଡ଼ା ପୋଲିସ ଉପଖଣ୍ଡ ପକ୍ଷରୁ କଡ଼ା ଆଭିମୁଖ୍ୟ ଓ ପଦକ୍ଷେପ ଗ୍ରହଣ କରାଯାଇଥିବା ଏସ୍‌ଡିପିଓ ଦେବାଶିଷ ମିଶ୍ର ସୂଚନା ଦେଇଛନ୍ତି। ଏହି ପୋଲିସ ଉପଖଣ୍ଡ ଅଧୀନ ନିମାପଡ଼ା, ଗୋପ, କାକଟପୁର, ଅସ୍ତରଙ୍ଗ, କୋଣାର୍କ, ରାମଚଣ୍ଡୀ, ଚନ୍ଦ୍ରଭାଗା ମେରାଇନ, ଅସ୍ତରଙ୍ଗ ମେରାଇନ, ଚାରିଛକ ଆଦି ୯ ଥାନା ଅଞ୍ଚଳରେ ପୋଲିସ ପକ୍ଷରୁ ବାଇକ୍ ଚେକିଂ କରାଯାଉଥିବାରୁ ବାଇକ୍ ଚାଳକମାନଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଫେବୃୟାରୀ ମାସରେ ମାସକ ମଧ୍ୟରେ ମୋଟରଯାନ ଆକ୍ଟ ଅନୁସାରେ ନିମାପଡ଼ା ଥାନା ପୋଲିସ ପକ୍ଷରୁ ୩୫୦ଜଣ ଅମାନିଆ ବାଇକ୍ ଚାଳକ, ଗୋପ ଥାନା ପକ୍ଷରୁ ୨୫୫ଜଣ, କାକଟପୁର ଥାନା ପକ୍ଷରୁ ୧୮୫, ରାମଚଣ୍ଡୀ ଥାନା ପୋଲିସ ପକ୍ଷରୁ ୮୫, ଚନ୍ଦ୍ରଭାଗା ମେରାଇନ ଥାନା ପକ୍ଷରୁ ୩୦, ଅସ୍ତରଙ୍ଗ ମେରାଇନ ଥାନା ପକ୍ଷରୁ ୨୦, ଚାରିଛକ ଥାନା ପକ୍ଷରୁ ପ୍ରାୟ ୨୦୦ଜଣ ମୋଟରେ ନିମାପଡ଼ା ପୋଲିସ ଉପଖଣ୍ଡ ଅଧୀନ ୯ଟି ଥାନା ପୋଲିସ ପକ୍ଷରୁ ୧୨୯୭ଜଣ ଅମାନିଆ ବାଇକ୍ ଚାଳକଙ୍କ ବିରୋଧରେ ଏମ୍‌ଭିପିଆର୍ ଦିଆଯାଇଥିବା ଏସ୍‌ଡିପିଙ୍କ କାର୍ଯ୍ୟାଳୟରୁ ଜଣାପଡ଼ିଛି। ଏସ୍‌ପି କେ.ବିଶାଲ ସିଂଙ୍କ ନିର୍ଦ୍ଦେଶକ୍ରମେ ବିଭିନ୍ନ ଥାନା ଆଇଆଇସିଙ୍କ ନେତୃତ୍ୱରେ କଡ଼ାକଡ଼ି ଭାବେ ବାଇକ୍ ଚେକିଂ ତ୍ୱରାନ୍ୱିତ କରାଯାଉଛି।

# 'ପରୀକ୍ଷା ଦେବା ପରେ ନର୍ଭସ ଦୂର ହୋଇଗଲା'





ଜିଲା ସ୍କୁଲ ପରୀକ୍ଷା କେନ୍ଦ୍ରରେ ଛାତ୍ରୀଛାତ୍ରମାନେ ପରୀକ୍ଷା ଦେଇସାରି ଫେରୁଛନ୍ତି ।

ପୁରୀ ଅଫିସ, ୧୦।୩:

ମାଟ୍ରିକ ପରୀକ୍ଷା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନ ମାତୃଭାଷା ସାହିତ୍ୟ ପରୀକ୍ଷା ଥିଲା। ପ୍ରଶ୍ନ ସହଜ ପଡ଼ିଥିବାରୁ ପରୀକ୍ଷା ଭଲ ହୋଇଥିବା ଅନେକ ଛାତ୍ରୀଛାତ୍ର କହିଛନ୍ତି। ପୁରୀ ହରଚଣ୍ଡୀ ସାହି ଶିଶୁମନ୍ଦିର ଛାତ୍ର ସ୍ୱାଭିମାନୀ ପ୍ରତିହାରୀ କହିଛନ୍ତି, ପ୍ରଥମ ଦିନର ପରୀକ୍ଷା ଭଲ ହୋଇଛି। ଆଶାଠାରୁ ଅଧିକ ନମ୍ବର ରହିବ ବୋଲି ଭାବୁଛି। ପ୍ରାୟ ସମସ୍ତ ପ୍ରଶ୍ନ ସହଜ ଥିଲା। ପରୀକ୍ଷା ପାଇଁ ବହୁ ପୂର୍ବରୁ ପ୍ରସ୍ତୁତ କରୁଛି। ସ୍କୁଲ ଓ ଟିଉଶନ ପଡ଼ାକୁ ଛାଡି ଘରେ ପ୍ରାୟ ୬ଘଣ୍ଟା ପଢ଼ା ଉପରେ ଧ୍ୟାନ ଦେଉଛି। ପ୍ରଥମ ଦିନ ପରୀକ୍ଷା ଦେବାକୁ ଯିବା ସମୟରେ ନର୍ଭସ ଲାଗିଥିଲା। ମାତ୍ର ସହଜ ପ୍ରଶ୍ନ ପଡ଼ିଥିବା ଦେଖି ମନ ଖୁସି ହେବା ସହ ନର୍ଭସ ଦୂର ହୋଇଗଲା। ଆଗାମୀ ପରୀକ୍ଷା ମଧ ଭଲ ହେବ ବୋଲି ଆଶା ରହିଥିବା ସେ ପ୍ରକାଶ କରିଛନ୍ତି। ବିଶ୍ୱମ୍ଭର ବିଦ୍ୟାପୀଠର ଛାତ୍ରୀ ପ୍ରଜ୍ଞା ପାରମିତା ରଥ କହିଛନ୍ତି, ସାହିତ୍ୟ ପରୀକ୍ଷା ଭଲ ହୋଇଛି। ସହଜ ପ୍ରଶ୍ନ ପଡ଼ିଥିଲା। ସମସ୍ତ ପ୍ରଶ୍ନର ଉତ୍ତର ଦେଇଛି। ୭୦ରୁ ୮୦ ପ୍ରତିଶତ ନମ୍ବର ରହିବ ବୋଲି ଆଶା କରୁଛି। ଶିକ୍ଷକ ଏବଂ ଅଭିଭାବକଙ୍କ ତତ୍ତ୍ୱାବଧାନରେ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଛି। ଦିନକୁ ୭ଘଣ୍ଟା ପାଖାପାଖି ପରିଶ୍ରମ କରୁଛି। ସେହିପରି ଏହି ବିଦ୍ୟାଳୟର ଛାତ୍ରୀ ଅର୍ପିତା ଦାଶ କହିଛନ୍ତି, ସେ ଯେଉଁଭଳି ଆଶା କରିଥିଲେ ସେହିଭଳି ପ୍ରଶ୍ନ ପଡିଥିଲା। ବହୁତ ଭଲ ହୋଇଛି। ଆଗକୁ ମଧ ଭଲ ହେବ। ଆସନ୍ତା ପେପର ଇଂଲିଶ ରହିଥିବାରୁ ତା' ଉପରେ ଅଧିକ ଧ୍ୟାନ ଦେଉଛି। ପରୀକ୍ଷା ହଲରେ କପି ରୋକିବା ପାଇଁ ଚେକିଂ କରାଯାଇଥିଲା। ଘୋଡ଼ାବଜାରସ୍ଥିତ ସରସ୍ୱତୀ ବିଦ୍ୟା ମନ୍ଦିର ଛାତ୍ରୀ ଅମ୍ରିତା ତ୍ରିପାଠୀ କହିଛନ୍ତି, ପ୍ରଥମେ ଟିକେ ନର୍ଭସ ଲାଗୁଥିଲା, ମାତ୍ର ପ୍ରଶ୍ନ ସହଜ ପଡ଼ିଥିବାରୁ ନର୍ଭସ ଦୂର ହୋଇଗଲା। ପରୀକ୍ଷା ଭଲ ହୋଇଛି। ତେଣୁ ଭଲ ମାର୍କ ରହିବ ବୋଲି ଆଶା। ଦିନକୁ ୫ରୁ ୭ଘଣ୍ଟା ପଢୁଛି।

# ବିଭିନ୍ନ ପ୍ରକଳ୍ପ ଦେଖିଲେ ପାର୍ଲାମେଣ୍ଟାରି କମିଟି ସଦସ୍ୟା

ପିପିଲି,୧୦।୩(ଡି.ଏନ୍.ଏ.)

ରାଜ୍ୟ ସରକାରଙ୍କ ୫-ଟି ଯୋଜନାରେ ରୂପାନ୍ତରୀକରଣ ହୋଇଥିବା ପିପିଲି ବ୍ଲକ ମଙ୍ଗଳପୁର ପଞ୍ଚାୟତର ପଦ୍ମାବତୀ ଉଚ୍ଚ ବିଦ୍ୟାପୀଠକୁ ପାର୍ଲାମେଣ୍ଟାରି କମିଟି ସଦସ୍ୟା ଅଗ୍ରିମା ଗୁପ୍ତା ଗୁରୁବାର ଅପରାହ୍ନରେ ପରିଦର୍ଶନ କରିଛନ୍ତି। ଏହି ବିଦ୍ୟାଳୟରେ ଥିବା ସ୍ମାର୍ଟକ୍ଲାସ ରୁମ୍, ଲାଇବ୍ରେରି, ଶ୍ରେଣୀଗୃହ ବୁଲି ଦେଖିବା ସହ ରାଜ୍ୟ ସରକାରଙ୍କ ୫-ଟି ଯୋଜନାକୁ ଖୁବ୍ ପ୍ରଶଂସା କରିଛନ୍ତି। ସେଠାରୁ ଦାଣ୍ଡମୁକୁନ୍ଦପୁର ପଞ୍ଚାୟତ ଜିମ୍ ସେଣ୍ଟର, ପାଠାଗାର ଓ ମିଶନଶକ୍ତି ଗୃହ ବୁଲି ଦେଖିବା ସହ ହାଟସାହି ପଞ୍ଚାୟତ ପାର୍କ (ଗ୍ରାମୀଣ ଉଦ୍ୟାନ) ବ୍ଲକ ପରିସରରେ ଥିବା ମିଶନଶକ୍ତି କାଫେ ସେଣ୍ଟରରେ ପହଞ୍ଚି ରାଜ୍ୟ ସରକାରଙ୍କ ମହିଳାମାନଙ୍କୁ ଜୀବିକା ସହ ସ୍ୱାବଲମ୍ବୀ ଓ ସଶକ୍ତୀକରଣ କାର୍ଯ୍ୟକ୍ରମକୁ ବେଶ୍ ପ୍ରଶଂସା କରିଥିଲେ। ତାଙ୍କର ଏହି ଗସ୍ତ ସମୟରେ ପିପିଲି ବିଡିଓ ରଶ୍ମିତା ନାଥ, ବ୍ଲକ ଅଧକ୍ଷା ଦେବସ୍ୱିନୀ ନନ୍ଦ, ଉପାଧକ୍ଷ ପ୍ରଫୁଲ୍ଲ ସ୍ୱାଇଁ, ଏମ୍‌ପି ପ୍ରତିନିଧି ନାରାୟଣ ସ୍ୱାଇଁ, କେନ୍ଦ୍ର ସମବାୟ ବ୍ୟାଙ୍କ ପୁରୀ ଜିଲା ସଭାପତି କିଶୋର ଛୋଟରାୟ, ଜିଲା ପରିଷଦ ଧରଣୀଧର ସାହୁ ଓ ସୁଶାନ୍ତ କୁମାର ମଲ୍ଲିକ, ଦେବାଶିଷ ନନ୍ଦ, ଦାଣ୍ଡମୁକୁନ୍ଦପୁର ସରପଞ୍ଚ ପରେଶ ମିଶ୍ର, ସହଜପୁର ସରପଞ୍ଚ ସତ୍ୟନାରାୟଣ ବସ୍ତିଆ, ହାଟସାହି ସରପଞ୍ଚ ଗଣେଶ ବେହେରା, ପିପିଲି ବ୍ଲକ ସହକାରୀ ନିର୍ବାହୀଯନ୍ତ୍ରୀ ଶୁଚିସ୍ମିତା ବେହେରା, ସହକାରୀ ଯନ୍ତ୍ରୀ ବସନ୍ତ କୁମାର ସାହୁ, ଯନ୍ତ୍ରୀ ପ୍ରଣବ ପ୍ରକାଶ ସାହୁ, ପୂର୍ବତନ ସରପଞ୍ଚ କୃଷ୍ଣଚନ୍ଦ୍ର ବସ୍ତିଆ, ବିଶ୍ୱଜିତ୍ ଦାଶ, ମଙ୍ଗଳପୁର ସେବା ସମବାୟ ସମିତି ସଭାପତି ମାଗୁଣି ଚରଣ ପରିଡା, ତ୍ରିଲୋଚନ ନାୟକ, ମନୋରଞ୍ଜନ ପ୍ରଧାନ, ଏକନ ପରିଡା, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ପ୍ରଭାତ ମେକାପ ପ୍ରମୁଖ ଉପସ୍ଥିତ ଥିଲେ ।



# ଜଗତ୍‌ସିଂହପୁରରୁ ଚୋରି ଟ୍ରାକ୍ଟର ଗୋପରୁ ଜବତ

ଗୋପ,୧୦।୩(ଡି.ଏନ୍.ଏ.)

ଜଗତ୍‌ସିଂହପୁର ଜିଲାରୁ ଚୋରି ହୋଇଥିବା ଏକ ଟ୍ରାକ୍ଟର ପୁରୀ ଜିଲା ଗୋପ ବ୍ଲକ ଅଞ୍ଚଳର ଏକ କବାଡ଼ିଆ ଦୋକାନରେ ବିକ୍ରି ହୋଇଥିବା ନେଇ ଗୋପ ଥାନା ଅଧିକାରୀ ସୁନୀଲ କୁମାର ପ୍ରଧାନ ଶୁକ୍ରବାର ସକାଳେ ଏକ ବିଶେଷ ସୂତ୍ରରୁ ଖବର ପାଇଥିଲେ। ଫଳରେ ଏକ ଟିମ୍ ଉକ୍ତ କବାଡ଼ିଆ ଦୋକାନରେ ଚଢ଼ାଉ କରି ଗୋଟିଏ ଚୋରା ଟ୍ରାକ୍ଟର ଜବତ କରିବା ସହିତ ଟ୍ରାକ୍ଟର ଚୋରି ର୍‍ୟାକେଟରେ ସମ୍ପୃକ୍ତ ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଗୋପ ଥାନା ଅଞ୍ଚଳ ପାଞ୍ଚୋଣା ଗ୍ରାମର ସଂଗ୍ରାମ କିଶୋର ସାହୁ(୨୬), କରମଙ୍ଗା ଗ୍ରାମର ତୁଷାରନାଥ (୨୭), କାକଟପୁର ଥାନା ଅଞ୍ଚଳ କୁଣ୍ଡେଇହାଟ ନରେନ୍ଦ୍ରପୁର ଗ୍ରାମର ମାନସ ନାଥ (୨୯) ଓ ଅନ୍ୟ ଜଣେ ନିମାପଡ଼ା ଥାନା ଅଞ୍ଚଳର ବୋଲି ଜଣାପଡ଼ିଛି। ତେବେ ଏହି ଘଟଣାର ତଦନ୍ତ ଦାୟିତ୍ୱ ଜଗତ୍‌ସିଂହପୁର ଜିଲା ନାଉଗାଁ ପୋଲିସ ହାତକୁ ଯାଇଥିବା ବେଳେ ତଥାପି ଗୋପ ଥାନା ପକ୍ଷରୁ ଆହୁରି ଅଧିକ ଖୋଳତାଡ଼ ଚାଲିଛି।



ପ୍ରକାଶ ଯେ, ଶୁକ୍ରବାର ସକାଳେ ଏକ ଚୋରା ଟ୍ରାକ୍ଟର ଗୋପ ଅଞ୍ଚଳର ଏକ କବାଡ଼ିଆ ଦୋକାନରେ କଟା ହେଉଥିବା ନେଇ ବିଶେଷ ସୂତ୍ରରୁ ଗୋପ ଥାନା ଅଧିକାରୀ ପ୍ରଧାନ ଖବର ପାଇଥିଲେ। ସେ ସେଠାରେ ଚଢ଼ାଉ କରି ଚୋରା ଟ୍ରାକ୍ଟର ଜବତ କରି ତଦନ୍ତ ବେଳେ ନଂ.ଓଡି ୨୧ ଏଚ ୫୪୨୩ ବିଶିଷ୍ଟ ଏହି ଟ୍ରାକ୍ଟରଟି ନାଉଗାଁ ଥାନା ଅଞ୍ଚଳ ଏରେଡା ଗ୍ରାମର କାଳନ୍ଦୀଚରଣ ବେହେରାଙ୍କ ବୋଲି ଜଣା ପଡିବା ପରେ ନାଉଗାଁ ଥାନାଧିକାରୀ ଅନିରୁଦ୍ଧ ନାୟକଙ୍କୁ ଖବର ଦେଇଥିଲେ। ନାଉଗାଁ ପୋଲିସ ଗୋପରେ ପହଞ୍ଚିବା ପରେ ନାଉଗାଁ ଓ ଗୋପ ପୋଲିସ ମିଳିତ ଭାବେ ଚଢ଼ାଉ କରି ଟ୍ରାକ୍ଟର ଚୋରିରେ ସମ୍ପୃକ୍ତ ୪ଜଣଙ୍କୁ ଗିରଫ କରିଥିଲେ। ସୂଚନାଥାଉକି, ଟ୍ରାକ୍ଟର ମାଲିକ କାଳନ୍ଦୀଚରଣ ମାର୍ଚ୍ଚ ୧ରେ ନିଜର ଟ୍ରାକ୍ଟରଟି ଘର ନିକଟରେ ରଖିଥିବା ବେଳେ ଦୁର୍ବୃତ୍ତମାନେ ଚୋରି କରିଦେଇଥିଲେ। ଏ ନେଇ ଟ୍ରାକ୍ଟର ମାଲିକ ନାଉଗାଁ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା(ନଂ.୪୭/୨୩) ରୁଜୁ କରି ତଦନ୍ତ ଚଳାଇଥିଲା। ତେବେ ଦୁର୍ବୃତ୍ତମାନେ ଚୋରି ଟ୍ରାକ୍ଟରକୁ ରାତି ଅଧିଆ ଗୋପ ଥାନା ଅଞ୍ଚଳରେ ଥିବା ଏକ କବାଡିଆ ଦୋକାନରେ ୭୦ ହଜାର ଟଙ୍କାରେ ବିକ୍ରି କରିଥିଲେ। ଶୁକ୍ରବାର ଗୋପ ପୋଲିସ ଏହି ଚୋରା ଟ୍ରାକ୍ଟର କଟା ହେବା ଖବରପାଇ ଟ୍ରାକ୍ଟରକୁ ଜବତ କରିବା ପରେ ଘଟଣା ପଦାକୁ ଆସିଥିଲା। ଗତ ଦୁଇ ମାସ ତଳେ ଯାଜପୁର ପୋଲିସ ଏକ ଟ୍ରକ୍ ଚୋରି ଘଟଣାରେ ଗୋପ ଥାନା ଅଞ୍ଚଳର ଗୋଟିଏ କବାଡିଆ ଦୋକାନ ମାଲିକଙ୍କୁ ଗିରଫ କରିଥିବା ବେଳେ ଏବେ ପୁଣି ଚୋରି ଟ୍ରାକ୍ଟର ଜବତ ଘଟଣା ଗୋପ ପୋଲିସକୁ ଏକ ବଡ଼ ସଫଳତା ମିଳିଛି। ସୂଚନାଯୋଗ୍ୟ, ଗୋପ ଥାନା ଅଞ୍ଚଳ ନୂଆହାଟ, ବେଗୁନିଆ, ନାଗପୁର, ଗୋପ ବଜାରରେ ଅଞ୍ଚଳରେ ଚାଲିଥିବା କବାଡିଆ ଦୋକାନଗୁଡ଼ିକ ଚୋରା ଚାଲାଣ ପେଣ୍ଠସ୍ଥଳୀ ହୋଇଥିଲେ ମଧ ପୋଲିସ ସେତେଟା ଗୁରୁତ୍ୱ ଦେଉ ନ ଥିବା ନେଇ ସାଧାରଣରେ ଚର୍ଚ୍ଚା ହୋଇଛି।

**୪ ଗିରଫ, ତଦନ୍ତ କରିବ ନାଉଗାଁ ପୋଲିସ**

# ପ୍ରତିଶ୍ରୁତି ଦେଇ ଭୁଲିଗଲା ବିଏମ୍‌ସି

ଭୁବନେଶ୍ୱର, ୧୦।୩ (ବ୍ୟୁରୋ)

ପ୍ରତି ୱାର୍ଡରେ ଆମିଷ ମାର୍କେଟ ନିର୍ମାଣ ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପ୍ରତିଶ୍ରୁତି ଦେଇଥିଲା। ୨ବର୍ଷ ମଧ୍ୟରେ ନିର୍ମାଣ କରାଯିବାକୁ ଲକ୍ଷ୍ୟ ରଖିଥିବାବେଳେ ଏନେଇ ପ୍ରତି ଦୁଇ ମାସରେ ଥରେ ଆମିଷ ବ୍ୟବସାୟୀ ସଂଘ ସହିତ ଆଲୋଚନା କରଯିବାକୁ ଧାର୍ଯ୍ୟ ହୋଇଥିଲା। ମାତ୍ର ଇତି ମଧ୍ୟରେ ୩ମାସ ବିତି ଯାଇଥିଲେ ବି ଦ୍ୱିତୀୟ ବୈଠକ ହୋଇ ପାରୁନାହିଁ। ଭୁବନେଶ୍ୱର ଆମିଷ ବ୍ୟବସାୟୀ ମହାସଂଘ (ମାଂସ ବିଭାଗ) ପକ୍ଷରୁ ବାରମ୍ବାର ଏନେଇ ବିଏମ୍‌ସିକୁ ଅବଗତ କରାଯିବା ସତ୍ତ୍ୱେ ସେମାନେ ଆଲୋଚନା ପାଇଁ ଡାକୁନାହାନ୍ତି। ଏପରିକି ମହାସଂଘ ପକ୍ଷରୁ ମାର୍ଚ୍ଚ ୧ରେ ମେୟର ସୁଲୋଚନା ଦାସ ଏବଂ କମିଶନର ବିଜୟ ଅମୃତା କୁଲାଙ୍ଗେଙ୍କୁ ଦାବିପତ୍ର ଦିଆଯାଇଥିଲା। ୧୦ ଦିନ ପରେ ବି ସେମାନଙ୍କ ଠାରୁ କୌଣସି ଉତ୍ତର ମିଳିପାରି ନ ଥିବାରୁ ମହାସଂଘ ପକ୍ଷରୁ କ୍ଷୋଭ ପ୍ରକାଶ କରାଯାଇଛି। ସେହିପରି



ବିଏମ୍‌ସି କେବଳ ମିଥ୍ୟା ପ୍ରତିଶ୍ରୁତି ଦେଇ ବ୍ୟବସାୟୀଙ୍କୁ ଭଣ୍ଡାଇ ଚାଲିଛି ବୋଲି ଅଲ୍ ଓଡ଼ିଶା ଆମିଷ ବ୍ୟବସାୟୀ ମହାସଂଘ ରାଜ୍ୟ ସଭାପତି ସେଖ୍ ମୁନ୍ତାକିମ୍ ବକ୍ସ ଅଭିଯୋଗ କରିଛନ୍ତି। ଘାଟିକିଆଠାରେ ନିର୍ମିତ ହୋଇଥିବା ଅତ୍ୟାଧୁନିକ ମାଂସ ମାର୍କେଟ ନିର୍ମାଣରେ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇଥିଲା। ୬୭ଟି ୱାର୍ଡରେ ସେଭଳି (ମାଛ, ଚିକେନ୍, ମଟନ୍) ଅତ୍ୟାଧୁନିକ ଆମିଷ ମାର୍କେଟ ନିର୍ମାଣ କରିବା ପାଇଁ ପ୍ରାୟ ୧ଶହ କୋଟିର ବଜେଟ୍ ଆବଶ୍ୟକ। ମାତ୍ର ବିଏମ୍‌ସିର ଚଳିତ ବଜେଟ୍‌ରେ ଆମିଷ ହାଟ ନିର୍ମାଣ ପାଇଁ କୌଣସି ଅଟକଳ ରଖାଯାଇ ନାହିଁ। ଅପରପକ୍ଷେ ଥଇଥାନ ନ କରି ବିଏମ୍‌ସି ଆମିଷ ବ୍ୟବସାୟୀଙ୍କୁ ବାରମ୍ବାର ଉଚ୍ଛେଦ କରୁଥିବାରୁ ସେମାନେ ନିଜର ଗୁଜୁରାଣ ମେଣ୍ଟାଇବାରେ ସଫଳ ହେଉନାହାନ୍ତି। କେଉଁଠି ପରିମଳ ନାମରେ ତ ଆଉ କେଉଁଠି ସୁରକ୍ଷା ଦୃଷ୍ଟିରୁ

**ପ୍ରତି ୱାର୍ଡରେ ଆମିଷ ହାଟ ନିର୍ମାଣ ପ୍ରସଙ୍ଗ**

- ୩ ମାସ ପରେ ବି ହୋଇପାରୁନି ଆଲୋଚନା
- କ୍ଷୋଭ ପ୍ରକାଶ କଲା ଭୁବନେଶ୍ୱର ଓ ଅଲ୍ ଓଡ଼ିଶା ଆମିଷ ବ୍ୟବସାୟୀ ମହାସଂଘ

ସେମାନଙ୍କ ଦୋକାନ ବନ୍ଦ କରାଯାଉଛି। ରାସ୍ତା କଡ଼ରେ ବସି ମାଛ ବିକୁଥିବା ବ୍ୟବସାୟୀଙ୍କୁ ଉଠାଇ ଦିଆଯାଉଛି। ତେଣୁ ବିଏମ୍‌ସି ପ୍ରତିଶ୍ରୁତି ଦେଇ ଭୁଲି ଯାଇଥିବାରୁ ଏପରି ବିଭିନ୍ନ କ୍ଷେତ୍ରରେ ବିଏମ୍‌ସି ଉପରୁ ସହରବାସୀଙ୍କ ବିଶ୍ୱାସ ତୁଟି ଯାଉଥିବା ସେମାନେ କହିଛନ୍ତି। ସୂଚନାଯୋଗ୍ୟ, ଭୁବନେଶ୍ୱରରେ ରହୁଥିବା ଲୋକଙ୍କ ମଧ୍ୟରେ ପ୍ରାୟ ୯୦ ପ୍ରତିଶତ ଲୋକ ଆମିଷ ପ୍ରିୟ। ଏମାନଙ୍କ ଚାହିଦା ମେଣ୍ଟାଇବା ପାଇଁ ସହରରେ ୩ହଜାର ୩୫୦ରୁ ଊର୍ଦ୍ଧ୍ୱ ଆମିଷ ବ୍ୟବସାୟୀ ରହିଛନ୍ତି। ସେମାନଙ୍କ ମଧ୍ୟରେ ୩୫୦ରୁ ଊର୍ଦ୍ଧ୍ୱ ମଟନ୍ ବ୍ୟବସାୟୀ ହୋଇଥିବାବେଳେ ୧ହଜାର ଚିକେନ୍ ବ୍ୟବସାୟୀ ଏବଂ ୨ହଜାରରୁ ଊର୍ଦ୍ଧ୍ୱ ମାଛ ବ୍ୟବସାୟୀ ରହିଛନ୍ତି। ସେହିପରି ସହରରେ ବଡ଼ ଆମିଷ ବଜାର ଭାବେ ୪ନଂ. ମାର୍କେଟ, ୩ ନଂ, ୧ ନଂ ମାର୍କେଟ, ବଡ଼ଗଡ଼ ହାଟ, ୮ନଂ ମାର୍କେଟ, ସୁନ୍ଦରପଦା, ଡମଣା ଆଦି କେତେକ ମାର୍କେଟ ରହିଛି। ଯେଉଁଠାରେ ମାଛ, ଚିକେନ୍, ମଟନ୍ ଉପଲବ୍ଧ ହେଉଛି। ତେବେ କେବଳ ୮ନଂ ମାର୍କେଟକୁ ଛାଡିଦେଲେ ଅନ୍ୟ ସବୁଠାରେ ଯିଏ ଯେପରି ଭାବେ ପାରୁଛନ୍ତି ବ୍ୟବସାୟ କରୁଛନ୍ତି। ସ୍ୱଚ୍ଛତା କିମ୍ବା ବ୍ୟବସ୍ଥିତ ଢଙ୍ଗରେ ବ୍ୟବସାୟ କରାଯାଉ ନାହିଁ। ତେଣୁ ବ୍ୟବସ୍ଥିତ ଢଙ୍ଗରେ ବ୍ୟବସାୟ କରିବା ସହ ଆମିଷ ହାଟ ନିର୍ମାଣ କରିବା ପାଇଁ ୨୦୨୨ ଡିସେମ୍ବର ୫ରେ ଆୟୋଜିତ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏଥିସହ ମୁଖ୍ୟ ରାସ୍ତାରେ ଆମିଷ ବେପାର ବନ୍ଦ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିଲା। ବ୍ୟବସାୟୀମାନେ ନିର୍ଦ୍ଦେଶ ମାନୁ ଥିବାବେଳେ ବିଏମ୍‌ସି ନିଜ ପ୍ରତିଶ୍ରୁତିରୁ ଓହରି ଯାଇଥିବା ମହାସଂଘ ଅଭିଯୋଗ କରିଛି।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ, ଜଣେ ଗିରଫ

ଭୁବନେଶ୍ୱର, ୧୦।୩(ବ୍ୟୁରୋ)

ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରିବା ଘଟଣାରେ ଏୟାରଫିଲ୍ଡ ଥାନା ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ସ୍ଥାନୀୟ ଥାନା ଅନ୍ତର୍ଗତ ସୁନ୍ଦରପଦା ଅଞ୍ଚଳର ସନ୍ତୋଷ ପ୍ରଧାନ। ତାଙ୍କଠାରୁ ଆକ୍ରମଣରେ ବ୍ୟବହୃତ ଲୁହା ପାଇପ ଜବତ କରିଛି ପୋଲିସ। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ଗତ ୨୪ ତାରିଖ ସନ୍ଧ୍ୟାରେ ଅଭିଯୋଗକାରୀ ମୁନା ଜେନା ପାଲାମଣ୍ଡପ ସମ୍ମୁଖ ରାସ୍ତାରେ ଯାଉଥିବା ସମୟରେ ଅଭିଯୁକ୍ତ ସନ୍ତୋଷ ତାଙ୍କୁ ଅଟକାଇ ସେଣ୍ଟରିଂପଟା ଚୋରି ସମ୍ପର୍କରେ ପଚାରିଥିଲେ। ଚୋରି ସମ୍ପର୍କରେ ସେ କିଛିବି ଜାଣି ନ ଥିବା କହିବାରୁ ଅଭିଯୁକ୍ତ ହଠାତ ଉତ୍କ୍ଷିପ୍ତ ହୋଇ ପାଖରେ ଥିବା ଏକ ଲୁହା ପାଇପ ସାହାଯ୍ୟରେ ମୁନାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ତାଙ୍କର ମୁଣ୍ଡ ଫାଟି ଯିବାରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା। ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ।

## ସଂକ୍ଷେପରେ

### ୧୩ରେ ପଞ୍ଚମବେଦ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ

ଭୁବନେଶ୍ୱର,୧୦।୩(ବ୍ୟୁରୋ): ଆସନ୍ତା ୧୩ ତାରିଖରୁ 'ପଞ୍ଚମବେଦ'ର ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ଓ 'ପଞ୍ଚମବେଦ ସମ୍ମାନ-୨୦୨୩' ଏବଂ ଅମୀୟ ପଟ୍ଟନାୟକ ସ୍ମୃତି ସମ୍ମାନ- ୨୦୨୩ ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହେବ। ଉଦ୍‌ଘାଟନୀ ସନ୍ଧ୍ୟାରେ 'ପଞ୍ଚମବେଦ'ପକ୍ଷରୁ ନାଟକ 'ଫୁଲ୍ ଟେନ୍‌ସନ୍' ମଞ୍ଚସ୍ଥ ହେବ। ୨ୟ ଦିନରେ 'ଉତ୍ତରପୁରୁଷ' ପକ୍ଷରୁ ନାଟକ 'ଶେଷ ଅଧ୍ୟାୟ', ୩ୟ ଦିନରେ ଓଡ଼ିଶା ନାଟ୍ୟସଂଘର ନାଟକ 'ପୁନଶ୍ଚ ଅବଲୋକରା' ଓ ଉଦ୍‌ଯାପନୀ ସନ୍ଧ୍ୟାରେ ବାଗ୍‌ଦେବୀ ଲିଟେରେଚର ଟ୍ରଷ୍ଟ ପକ୍ଷରୁ ନାଟକ 'ଓଡ଼ଶ' ପରିବେଷଣ କରାଯିବ। ଓଡ଼ିଶାର ଥିଏଟର ଓ ସଙ୍ଗୀତ ଜଗତର ବିଶିଷ୍ଟ ବ୍ୟକ୍ତିତ୍ୱ ଭାସ୍କର ପୁହାଣ ୨୦୨୩ ବର୍ଷ ପାଇଁ 'ଅମିୟ ପଟ୍ଟନାୟକ ସ୍ମୃତି ସମ୍ମାନ'ରେ ସମ୍ମାନିତ ହେବେ। ଏହି ଅବସରରେ ନିର୍ଦ୍ଦେଶକ ଧୀର ବସା, ସଙ୍ଗୀତ ନିର୍ଦ୍ଦେଶକ ଅଜୟ କୁମାର ପାଣି, କଣ୍ଠଶିଳ୍ପୀ ଡ. ବିଜୟ କୁମାର ଜେନା, ଅଭିନେତା ଓ ନିର୍ଦ୍ଦେଶକ ଡ. ପ୍ରସନ୍ନ ମିଶ୍ର, ଅଭିନେତ୍ରୀ ମଞ୍ଜୁଲତା ପ୍ରଧାନଙ୍କୁ 'ପଞ୍ଚମବେଦ ସମ୍ମାନ-୨୦୨୩' ସମ୍ମାନିତ କରାଯିବ ବୋଲି ପଞ୍ଚମବେଦ ତରଫରୁ ସଭାପତି ହରେନ୍ ସାହୁ ସୂଚନା ଦେଇଛନ୍ତି।

### ଶିଶୁ ସୁରକ୍ଷା ଦିଗରେ ଦିନିକିଆ କର୍ମଶାଳା

ଭୁବନେଶ୍ୱର,୧୦।୩(ବ୍ୟୁରୋ): ଶିଶୁ ସୁରକ୍ଷା ଦିଗରେ ଗଣମାଧ୍ୟମର ଭୂମିକା ସମ୍ପର୍କରେ ଏକ ଦିନିକିଆ କର୍ମଶାଳା ଶୁକ୍ରବାର ପାନ୍ଥନିବାସରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମାଜ, ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ଉନ୍ନୟନ ବିଭାଗ ପକ୍ଷରୁ ଏହି କର୍ମଶାଳା ଆୟୋଜିତ ହୋଇଥିଲା। ଏହି କରର୍ମଶାଳାରେ ଗଣମାଧ୍ୟମ ପ୍ରତିନିଧି, ସ୍ତମ୍ଭକାର, ରେଡିଓ ପ୍ରତିନିଧିମାନେ ଯୋଗଦେଇଥିଲେ। କର୍ମଶାଳାର ପରିଚାଳିକା ତୃପ୍ତି ଦାସ ପ୍ରୋଗ୍ରାମ ମ୍ୟାନେଜର ପ୍ରୀତିକାନ୍ତ ପଣ୍ଡାଙ୍କ ପରିଚୟ କରାଇଥିଲେ। ଶିଶୁ ସୁରକ୍ଷା ଦିଗରେ ଓଡ଼ିଶାର ସିନାରିଓ ଏବଂ ଶିଶୁ ଅଧିକାର ସମ୍ପର୍କରେ ସୂଚନା ଦେଇଥିଲେ। ସେହିପରି ଡ. ମୃଣାଳ ଚାଟାର୍ଜୀ ଓ ଶୁଭଦର୍ଶନୀ ଦାସ ଗଣମାଧ୍ୟମକୁ ସେବା ଯୋଗାଉଥିବା ଅନୁଷ୍ଠାନ ଓ ସମ୍ପ୍ରଦାୟ ମଧ୍ୟରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ। ବୀଣା ହରିୟାଣି, ସଂଗ୍ରାମ କିଶୋର ସାମଲ, ସମରେନ୍ଦୁ ଧଳ, ଶୁଭଶ୍ରୀ ମହାରଣା, ବିଷ୍ଣୁ ପ୍ରସାଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ସରିଲା ପଞ୍ଚୁ ଦୋଳ ମେଳଣ

ବାଲିପାଟଣା,୧୦।୩(ଡି.ଏନ୍.ଏ.): ପାଞ୍ଚ ଦିନ ଧରି ଚାଲିଥିବା ବାଲିପାଟଣା ପଞ୍ଚୁ ଦୋଳ ମେଳଣ ଶୁକ୍ରବାରେ ଶେଷ ହୋଇଛି। ହୋଲି ଅବସରରେ ଚଣାହଟ୍ଟା ଜନବିଦ୍ୟା ମନ୍ଦିରସ୍ଥିତ ସ୍କୁଲ୍ ମେଳଣ ପଡ଼ିଆରେ ଅନୁଷ୍ଠିତ ହୋଇଥିବାବେଳେ ବାଲିପାଟଣା ହାଟ ନିକଟ ମେଳଣ ପଡ଼ିଆଠାରେ ହାଟ ମେଳଣ ଅନୁଷ୍ଠିତ ହୋଇଥିଲା। ଚଣାହଟା ଦହିକଡ଼ି ମେଳଣରେ ୧୦ରୁ ଊର୍ଦ୍ଧ୍ୱ ବିମାନ ଯୋଗଦେଇଥିଲେ। ସେହିପରି ହାଟ ମେଳଣରେ ହରିହର ଭେଟ ପରେ ମେଳଣରୁ ବିଗ୍ରହମାନେ ମନ୍ଦିର ପ୍ରାଙ୍ଗଣକୁ ଫେରିଥିଲେ। ଗୁରୁବାର ବିଳମ୍ବିତ ରାତ୍ରରେ ସରାଟ ମୌଜାର ଇଷ୍ଟଦେବ ଶ୍ରୀ ନୀଳକଣ୍ଠେଶ୍ୱର ଦେବ ଗାଁ ଗାଁ ବୁଲି ଭୋଗ ଖାଇବା ପରେ ଦହିକଡି ମେଳଣରେ ପହଞ୍ଚିଥିଲେ। ଦହିକଡି ମେଳଣ ଥାନପତି ଗୋପୀନାଥ ଦେବଙ୍କ ସହ ଅନ୍ୟ ଠାକୁରମାନେ ବିମାନରେ ମେଳଣରେ ବିରାଜମାନ ହୋଇଥିଲେ। ହରିହର ଭେଟ ପରେ ଚଳନ୍ତି ପ୍ରତିମାମାନେ ସ୍ୱ ମନ୍ଦିର ପ୍ରତ୍ୟାବର୍ତ୍ତନ କରିଥିଲେ।




ସୂଚନା ଭବନରେ ଅନୁଷ୍ଠିତ ଓଡ଼ିଶା ସଦ୍‌ଭାବନା ଉତ୍ସବରେ ଉପସ୍ଥିତ ଅତିଥିଙ୍କ ଗହଣରେ ସମ୍ମାନିତ ବ୍ୟକ୍ତିତ୍ୱ। (ଫଟୋ: ମୌସମ)

# ୧୫ଜଣଙ୍କୁ ସମୃଦ୍ଧିଶ୍ରୀ ସମ୍ମାନ

**ଓଡ଼ିଶା ସଦ୍‌ଭାବନା ଉତ୍ସବ**

ଭୁବନେଶ୍ୱର,୧୦।୩(ବ୍ୟୁରୋ)

ଐତିହ୍ୟ, ସାଂସ୍କୃତିକ ପରମ୍ପରା, ଉତ୍କୃଷ୍ଟ କଳା, ଭାସ୍କର୍ଯ୍ୟ, ସମୃଦ୍ଧ ସାହିତ୍ୟ ତଥା ବୀର ଓ ବରପୁତ୍ର, ମାତୃଶକ୍ତିଙ୍କ ଗୌରବ ଗାଥାକୁ ପୁନର୍ଜୀବିତ କରିବା ସହିତ ଭବିଷ୍ୟତ ପିଢ଼ିକୁ ସଚେତନତାର ବାର୍ତ୍ତା ପ୍ରଦାନ କରିବା ଲକ୍ଷ୍ୟନେଇ ସ୍ଥାପନା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଶୁକ୍ରବାର "ସଦଭାବନା ସମ୍ମାନ ୨୦୨୩" ସୂଚନା ଭବନରେ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ଅଧ୍ୟକ୍ଷ ନିବେଦିତା ନାୟକଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ଗୁଜରାଟର ପୂର୍ବତନ ଗୃହ ସଚିବ ସୁଦୀପ ନନ୍ଦା, ରାଜ୍ୟ ସରକାରଙ୍କ ଇଞ୍ଜିନିୟରିଂ ମୁଖ୍ୟ ଗ୍ରାମୀଣ କାର୍ଯ୍ୟ ବିଭାଗ ଅକ୍ଷୟ କୁମାର ପ୍ରଧାନ, ସୁଦାମ ମହାରଣା, କିଟ୍ ବିଶ୍ୱବିଦ୍ୟାଳୟର ଯୋଗ ଏବଂ ଆୟୁର୍ବେଦର ଡିନ୍ ବିଶ୍ୱ ବନ୍ଦିତା କର, ଡ. ନିହାର ରଞ୍ଜନ ରାୟ, ଇଭୋସର ପରିଚାଳନା ନିର୍ଦ୍ଦେଶକ କଳିଙ୍ଗ କେଶରୀ ରଥ, ଓଏଏସ୍ ସାରଦା ପ୍ରସାଦ ପଣ୍ଡା, ବ୍ରିଗେଡିୟର୍ ଡି.ଆର.ସି ପଟ୍ଟନାୟକ, କଲ୍ୟାଣୀ ନାୟକ, ରାଜକିଶୋର ପାଇକରାୟ, ଡ. ଆଲୋକ ଶ୍ରୀବାସ୍ତବ, ଅଶୋକ ଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ୧୫ଜଣଙ୍କୁ ସମୃଦ୍ଧିଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ୨ଜଣଙ୍କୁ ସଂପ୍ରୀତି ସମ୍ମାନ, ୫ଜଣଙ୍କୁ ସ୍ୱତନ୍ତ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମର ଆୟୋଜକ ନିବେଦିତା ନାୟକ କହିଛନ୍ତି, ପରମ୍ପରା ଓ ସଂସ୍କୃତିକୁ ନେଇ ମହିଳାଙ୍କୁ ଆତ୍ମନିର୍ଭର କରିବା ଆମର ମୂଳ ଲକ୍ଷ୍ୟ। ମହିଳା ସଶକ୍ତୀକରଣ ପାଇଁ ସ୍ଥାପନା ପରିବାର କଳା ଓ ସଂସ୍କୃତିକୁ ନେଇ ଗାଁଗହଳିର ମହିଳାଙ୍କ ବିକାଶ ପାଇଁ ସର୍ବଦା ଚେଷ୍ଟିତ ବୋଲି ମତପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଟ୍ରଷ୍ଟର ସମ୍ପାଦକ ସରୋଜ କୁମାର ଭୂୟାଁ ଧନ୍ୟବାଦ ଦେଇଥିଲେ।

## ଛାତ୍ରୀଙ୍କୁ ଅସଦାଚରଣ, ଘର ମାଲିକ ଗିରଫ

**ମା-ପୁଅ ଫେରାର**

ଭୁବନେଶ୍ୱର,୧୦।୩(ବ୍ୟୁରୋ)

ରାଜଧାନୀରେ ଘର ମାଲିକଙ୍କ ଉତ୍ପାତ ଦେଖିବାକୁ ମିଳିଛି। ପରୀକ୍ଷା ଲାଗି ପ୍ରୋଜେକ୍ଟ ପ୍ରସ୍ତୁତି କରୁଥିବାବେଳେ କୌଣସି କାରଣକୁ ନେଇ କଲେଜ ଛାତ୍ରୀ ଓ ତାଙ୍କ ବନ୍ଧୁଙ୍କୁ ମାଡ ମାରିବା ସହ ଅସଦାଚରଣ ଅଭିଯୋଗରେ ଇନ୍‌ଫୋସିଟି ଥାନା ପୋଲିସ ସଂପୃକ୍ତ ଘର ମାଲିକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଉକ୍ତ ଥାନା ଅନ୍ତର୍ଗତ ଶିଶୁ ବିହାର ଅଞ୍ଚଳର ଉପେନ୍ଦ୍ର ଚାନ୍ଦ (୬୯)। ଏହି ଘଟଣାରେ ସଂପୃକ୍ତ ତାଙ୍କ ସ୍ତ୍ରୀ ଓ ପୁଅ ଫେରାର ଥିବାରୁ ତାଙ୍କୁ ଧରିବା ଲାଗି ପୋଲିସ ଚଢ଼ଉ ଜାରି ରଖିଛି। ପୋଲିସ ସୂଚନାନୁଯାୟୀ, ଅଭିଯୁକ୍ତଙ୍କ ଘରେ କେତେଜଣ କଲେଜ ଛାତ୍ରୀ ଭଡାରେ ରହୁଥିଲେ। ଗୁରୁବାର ସନ୍ଧ୍ୟାରେ ଅଭିଯୋଗକାରିଣୀ ଓ ଦୁଇ ବନ୍ଧୁ ଜଣେ ପୁରୁଷ ବନ୍ଧୁଙ୍କ ସହ ମିଶି ପରୀକ୍ଷା ଲାଗି ପ୍ରୋଜେକ୍ଟ ପ୍ରସ୍ତୁତି କାର୍ଯ୍ୟରେ ବ୍ୟସ୍ତ ଥିବାବେଳେ ଅଭିଯୁକ୍ତ ଓ ତାଙ୍କ ପୁଅ ସେଠାକୁ ଆସି ହଠାତ୍ ଅଶ୍ରାବ୍ୟ ଭାଷାରେ ଗାଳି କରିଥିଲେ। ଏହାକୁ ଜଣେ ଛାତ୍ରୀ ପ୍ରତିବାଦ କରିବାରୁ ଅଭିଯୁକ୍ତଙ୍କ ପୁଅ ଏକ ଲୁହାଛଡରେ ତାଙ୍କୁ ମାଡ ମାରିଥିଲେ। ଏଥିସହ ଅସଦାଚରଣ କରିବା ସହିତ ସେମାନଙ୍କ ଫଟୋ ଉଠାଇଥିଲେ। ଏହି ସମୟରେ ଅଭିଯୁକ୍ତଙ୍କ ସ୍ତ୍ରୀ ମଧ୍ୟ ସେଠାକୁ ଆସି ସେମାନଙ୍କ ଫଟୋ ସାମାଜିକ ଗଣମାଧ୍ୟମରେ ପ୍ରସାର କରିଦେବାର ଧମକ ମଧ୍ୟ ଦେଇଥିଲେ। ଏପରିକି ୩ ଅଭିଯୁକ୍ତ ଛାତ୍ରୀଙ୍କ ଦୁଇବନ୍ଧୁଙ୍କ ପର୍ସରୁ ସାଢେ ୯ ହଜାର ଟଙ୍କା ଓ ଏକ ସୁନା କାନଫୁଲ ନେଇଯାଇଥିବା ନେଇ ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି।

## ଶିକ୍ଷା, ଅର୍ଥନୈତିକ ସଶକ୍ତୀକରଣ ଦ୍ୱାରା ଲିଙ୍ଗଗତ ଅସମାନତା, ଶୋଷଣକୁ ପ୍ରତିହିତ କରିହେବ

**ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ମହିଳା ଦିବସ**

ଭୁବନେଶ୍ୱର,୧୦।୩(ବ୍ୟୁରୋ)

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଏବଂ ଓଡିଶା ବିଦ୍ୟୁତ୍ ଶକ୍ତି ସଞ୍ଚାରଣ ନିଗମ(ଓପିଟିସିଏଲ୍) ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଯୋଗଦେଇ ପଞ୍ଚାୟତିରାଜ ବିଭାଗର ଅତିରିକ୍ତ ଶାସନ ସଚିବ ତଥା ଓର୍‌ମାସ ଅଧ୍ୟକ୍ଷା ଗୁହା ପୁନମ ତାପସ କୁମାର କହିଲେ, ଲିଙ୍ଗଗତ ଅସମାନତା ଓ ଶୋଷଣକୁ ପ୍ରତିହିତ କରିବାକୁ ହେଲେ ଶିକ୍ଷା ଓ ଅର୍ଥନୈତିକ ସଶକ୍ତୀକରଣର ଦୁଇଟି ଅସ୍ତ୍ର ଏକାନ୍ତ ଜରୁରୀ। ଅନ୍ୟତମ ଅତିଥି ଭାବେ ଓପିଟିସିଏଲ୍‌ର ପରିଚାଳନା ନିର୍ଦ୍ଦେଶକ ସଞ୍ଜୟ କୁମାର ମିଶ୍ର କହିଲେ, ଜନସଂଖ୍ୟାର ଅଧାଭାଗ ମହିଳାଙ୍କୁ ଉତ୍ପାଦନକ୍ଷମ କରିପାରିଲେ ଦେଶ ତଥା ସମାଜର ପ୍ରଗତି ସମ୍ଭବ। କୁଳପତି ପ୍ରଫେସର ଚୌଧୁରୀ ସମାନତା ପାଇଁ ସମସ୍ତେ ଉଦ୍ୟମ କରିବା ଉଚିତ ବୋଲି ମତ ପ୍ରକାଶ କରିଥିଲେ। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଚଣ୍ଡୀ ଚରଣ ରଥ, ଛାତ୍ରୀ ସଂଗଠନ ଅଧିକାରୀ ଡ଼. ଶିଖା ସିଂ ସ୍ୱାଗତ ଭାଷଣ ଦେଇଥିବା ବେଳେ ଦୁଇଜଣ ଦୃଷ୍ଟିବାଧିତ ଛାତ୍ରୀ ନିଜର ଅନୁଭୂତି ବଖାଣିଥିଲେ। କୁଳସଚିବ ଶ୍ୟାମଳୀ ମହାପାତ୍ର, ଓପିଟିସିଏଲର ଲୋକସମ୍ପର୍କ ଅଧିକାରୀ ଡ. ମାନସ ବେହେରା, ପଙ୍କଜ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅଧାପିକା ଜୟଶ୍ରୀ ଜେଠୀ ସଭା ସଂଚାଳନା କରିଥିବାବେଳେ ଡ. ଅଶୋକ କୁମାର ଦିଗଲ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ।



ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଓ ଓପିଟିସିଏଲର ମିଳିତ ଆନୁକୂଲ୍ୟରେ ଆୟୋଜିତ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥିମାନେ।

## ବିଶ୍ୱ ଶୌଚାଳୟ ମହାବିଦ୍ୟାଳୟରେ ମହିଳା ଦିବସ ପାଳିତ

ଭୁବନେଶ୍ୱର,୧୦।୩(ବ୍ୟୁରୋ)

ବିଶ୍ୱ ଶୌଚାଳୟ ମହାବିଦ୍ୟାଳୟ ପକ୍ଷରୁ ଶୁକ୍ରବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଇଛି। ମହାବିଦ୍ୟାଳୟର ରାଜ୍ୟ ସଂଯୋଜକ ସଞ୍ଜୟ କୁମାର ପଲାଇଙ୍କ ଅଧ୍ୟକ୍ଷତାରେ ୨ଟି ପର୍ଯ୍ୟାୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଏମ୍‌ସି ପରିମଳ ବିଶେଷଜ୍ଞ ଶୁଭାଶିଷ ମହାନ୍ତି, ମେଡ଼ିକାଲ ଅଫିସର ଡ. ୟାନମ୍ ଦୀପକ, ବନିତା ମହାରଣା ଓ ଡ. ଶୈଳ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ପରିମଳ ଓ ସ୍ୱାସ୍ଥ୍ୟ ସୁରକ୍ଷା ସମ୍ପର୍କରେ ମହିଳାଙ୍କୁ ସଚେତନ କରିଥିଲେ। ପରିମଳ ରକ୍ଷା ଦିଗରେ ମହିଳାଙ୍କ ଭୂମିକା ସମ୍ପର୍କରେ ଅତିଥିମାନେ ମତ ରଖିଥିଲେ। ଏହି ଅବସରରେ ୨୦ଜଣ ସ୍ୱଚ୍ଛ କର୍ମୀଙ୍କୁ ସମ୍ମାନିତ କରାଯିବା ସହ ସାନିଟେଶନ କିଟ୍ ପ୍ରଦାନ କରାଯାଇଥିଲା। ଏହାସହିତ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଆବଶ୍ୟକ ଔଷଧ ମଧ୍ୟ ପ୍ରଦାନ କରାଯାଇଥିଲା। ସ୍ୱଚ୍ଛତା କ୍ଷେତ୍ରରେ ଅନୁଷ୍ଠାନ ସହ ଜଡ଼ିତ ମହିଳାଙ୍କ ପାଇଁ ଆଗାମୀ ଦିନରେ କାର୍ଯ୍ୟପନ୍ଥା ସ୍ଥିର କରାଯାଇଥିଲା। ଶୁଭସ୍ମିତା ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।





ମାଟ୍ରିକ ପରୀକ୍ଷା ଦେବାକୁ ଭୁବନେଶ୍ୱର କ୍ୟାପିଟାଲ ହାଇସ୍କୁଲ କେନ୍ଦ୍ରକୁ ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନେ ଯାଉଛନ୍ତି (ଉପର)। ଛାତ୍ରୀମାନେ ଧାଡ଼ିରେ ପରୀକ୍ଷା ହଲ୍‌କୁ ଯିବାବେଳେ ଯାଞ୍ଚ କରାଯାଉଛି। (ଫଟୋ: ବିକାଶ)

# ମାଟ୍ରିକ୍ ପରୀକ୍ଷା ଦେଲେ ୧୧,୨୯୬ ପିଲା, ୨୨୫ ଅନୁପସ୍ଥିତ

ଭୁବନେଶ୍ୱର, ୧୦।୩(ବ୍ୟୁରୋ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଶୁକ୍ରବାର ଆରମ୍ଭ ହୋଇଛି। ପ୍ରଥମଦିନ ଛାତ୍ରୀଛାତ୍ରମାନେ ସାହିତ୍ୟ ବିଷୟରେ ପରୀକ୍ଷା ଦେଇଥିଲେ। ତେବେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଓ ଭୁବନେଶ୍ୱର ବ୍ଲକରେ ମୋଟ ୧୧,୨୯୬ ଜଣ ପିଲା ପରୀକ୍ଷା ଦେଇଥିବା ଜଣାପଡ଼ିଛି। ବ୍ଲକ ଶିକ୍ଷାଧିକାରୀଙ୍କ ସୂଚନାନୁସାରେ, ୪୯ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ହୋଇଥିଲା। ମୋଟ ୧୧,୫୨୧ ପିଲା ପରୀକ୍ଷା ପାଇଁ ନାମ ପଞ୍ଜୀକରଣ କରିଥିବାବେଳେ ୧୧,୨୯୬ଜଣ ପରୀକ୍ଷା ଦେଇଥିଲେ ଓ ୨୨୫ଜଣ ଅନୁପସ୍ଥିତ ଥିଲେ। ଏ ସମସ୍ତ ଅନୁପସ୍ଥିତ ପିଲା ରେଗୁଲାର ଛାତ୍ରୀଛାତ୍ର। ଏକ୍ସ-ରେଗୁଲାର ପାଇଁ ୪ଜଣ ଛାତ୍ରୀଛାତ୍ର ପଞ୍ଜୀକରଣ କରିଥିଲେ ଓ ସମସ୍ତେ ପରୀକ୍ଷା ଦେଇଥିବା ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ପରୀକ୍ଷା ଆରମ୍ଭ ହେବା ପରେ ସକାଳେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଭୁବନେଶ୍ୱର ନୟାପଲ୍ଲୀସ୍ଥିତ ସୟଦ ମମତାଜ ଅଲି ହାଇସ୍କୁଲ ଓ ଢୁମୁଢୁମାସ୍ଥିତ ଅନ୍ୟଏକ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ। ଏହି ଅବସରରେ ମନ୍ତ୍ରୀ କହିଛନ୍ତି, ପରୀକ୍ଷା କେନ୍ଦ୍ରରେ ଏଥର ଖୁବ୍ ଭଲ ବ୍ୟବସ୍ଥା ହୋଇଛି। ପିଲାମାନେ ୭ଟା ୪୫ରେ ପ୍ରଶ୍ନପତ୍ର ପାଇଛନ୍ତି। ପରୀକ୍ଷା ଠିକ ସମୟରେ ଶାନ୍ତିଶୃଙ୍ଖଳାର ସହ ଆରମ୍ଭ ହୋଇଛି। ପ୍ରଶ୍ନ ଭଲ ଆସିଥିବା ପିଲାଙ୍କ ଚେହେରାରୁ ସ୍ପଷ୍ଟ ବାରି ହୋଇପଡୁଛି। ପିଲାମାନେ ପ୍ରଶ୍ନପତ୍ର ପାଟର୍ନ ପୂର୍ବରୁ ଜାଣିଛନ୍ତି। ତେଣୁ ଡରିବାର ଆବଶ୍ୟକତା ନାହିଁ। ପିଲାମାନେ ନିଶ୍ଚିତ ଭାବେ ଭଲ କରିବେ ବୋଲି ମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି। ସେପଟେ ପ୍ରଶ୍ନପତ୍ର ଭାଇରାଲ ସମ୍ପର୍କରେ ମନ୍ତ୍ରୀ କହିଛନ୍ତି, ଛାତ୍ରୀଛାତ୍ରଙ୍କୁ ପଥଭ୍ରଷ୍ଟ କରିବା ପାଇଁ କିଛି ଅସମାଜିକ ବ୍ୟକ୍ତି ଏପରି କିଛି ଚେଷ୍ଟା କଲେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏ ନେଇ ପୂର୍ବରୁ ସାଇବର ଥାନାରେ ମଧ୍ୟ ଆଲୋଚନା ହୋଇଛି। ମିଛ ପ୍ରଶ୍ନପତ୍ର ଭାଇରାଲ କେବଳ ଉଦ୍ଦେଶ୍ୟମୂଳକ ଭାବେ କରାଯାଉଛି। ସେହିପରି ପୂର୍ବରୁ ଏଫ୍ଏ- ୧, ୨, ୩ ଓ ୪ ପରୀକ୍ଷା ସ୍କୁଲ କର୍ତ୍ତୃପକ୍ଷ କରିଛନ୍ତି। ସେ ସବୁ ମାର୍କ ମିଶି ଫାଇନାଲ ରେଜଲ୍ଟ ଆସିବ। ତେଣୁ ନିଶ୍ଚିତ ଭାବେ ପରୀକ୍ଷା ଫଳ ଚଳିତବର୍ଷ ଭଲ ଆସିବ ବୋଲି ମନ୍ତ୍ରୀ ଦାଶ ଆଶାବ୍ୟକ୍ତ କରିଛନ୍ତି।

**ପରୀକ୍ଷା କେନ୍ଦ୍ର ପରିଦର୍ଶନ କଲେ ମନ୍ତ୍ରୀ**



## ୫୪ କେଜି ଗଞ୍ଜେଇ ଜବତ, ଅଭିଯୁକ୍ତ ଗିରଫ

**କଟକ ଅଫିସ:** ବାରଙ୍ଗ ଥାନା ଅନ୍ତର୍ଗତ ତ୍ରିଶୂଳିଆ ଛକ ନିକଟରେ ରାଜ୍ୟ ଅବକାରୀ ଫ୍ଲାଇଂ ସ୍କ୍ୱାଡ୍ ପକ୍ଷରୁ ଶୁକ୍ରବାର ଚଢ଼ାଉ କରାଯାଇ ଏକ କାର୍ ସହ ୫୪ କେଜି ଗଞ୍ଜେଇ ଜବତ କରାଯାଇଛି। ଏହି ବେଆଇନ କାରବାରରେ ସମ୍ପୃକ୍ତ କନ୍ଧମାଳ ଜିଲା ବାଲିଗୁଡ଼ା କେ. ନୂଆଗାଁର ଜୋହନ୍ ନାୟକ (୨୮)ଙ୍କୁ ଗିରଫ କରାଯାଇଛି। ଏନେଇ ଏକ ମାମଲା(ନଂ.୫୨୬/୨୨-୨୩) ରୁଜୁ ହୋଇଛି। ଉମାକାନ୍ତ ସ୍ୱାଇଁ, ନଟବର ମଲ୍ଲିକ, ପ୍ରଦୀପ କୁମାର ବେହେରା, ରାଜକିଶୋର ନାୟକ ପ୍ରମୁଖ ଅବକାରୀ ଅଧିକାରୀ ଏହି ଚଢ଼ାଉରେ ସାମିଲ ଥିଲେ।

### ସଂକ୍ଷେପରେ

## ୨୪ରୁ କଟକ କଳା ବିକାଶ କେନ୍ଦ୍ର ମହୋତ୍ସବ

**କଟକ ଅଫିସ, ୧୦।୩:** ଦ୍ୱିତୀୟ କଟକ କଳା ବିକାଶ କେନ୍ଦ୍ର ମହୋତ୍ସବ ଆସନ୍ତା ୨୪ରୁ ୨୬ ତାରିଖ ପର୍ଯ୍ୟନ୍ତ କଟକ କଳା ବିକାଶ କେନ୍ଦ୍ରଠାରେ ଅନୁଷ୍ଠିତ ହେବ। ଏଥିରେ ଜାତୀୟ ସ୍ତରର ସ୍ୱନାମଧନ୍ୟ କଳାକାର, ଓଡ଼ିଶୀ ନୃତ୍ୟ, ଓଡ଼ିଶୀ ସଙ୍ଗୀତ, କଥକ, ଭାରତନାଟ୍ୟମ୍, କୁଚିପୁଡ଼ି, ଘୋଡ଼ାନାଚ ଲୋକନୃତ୍ୟ ପରିବେଷଣ କରାଯିବ। ସେହିପରି ହାଇଦ୍ରାବାଦର ପଦ୍ମଶ୍ରୀ ଗୀତା ଚନ୍ଦ୍ରନ, ଓଡ଼ିଶୀ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ କୁମ୍‌କୁମ୍ ମହାନ୍ତି, ପଦ୍ମଶ୍ରୀ ଶ୍ୟାମାମଣୀ ଦେବୀ, ପଦ୍ମଶ୍ରୀ ଉତ୍ସବ ଦାସ, ଡ. ସଙ୍ଗୀତା ଗୋସାଇଁ, ତେଲେଙ୍ଗାନାର ରାଜେନ୍ଦ୍ର ଗଙ୍ଗାନୀ, କଲିକତାର କଥକ ନୃତ୍ୟାଙ୍ଗନା ମଧୁମିତା ରାଏ, ଦିଲ୍ଲୀର କେଡ଼ିଆ ବ୍ରଦର୍ସ, ରାଘବରାଜ ଏବଂ ମଙ୍ଗଳା ଭଟ୍ଟ, ଦୀପିକା ରେଡ଼ି, ସୁଜାତା ମହାପାତ୍ର, ବିଜୟ ଜେନା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିବେଷଣ କରିବେ। ଏନେଇ ଏକ ପ୍ରସ୍ତୁତି ବୈଠକ କେନ୍ଦ୍ରର ମ୍ୟାନେଜିଂ ଟ୍ରଷ୍ଟି ରବୀନ୍ଦ୍ର ନାଥ ମହାନ୍ତିଙ୍କ ପୌରୋହିତ୍ୟରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କେନ୍ଦ୍ରର କାର୍ଯ୍ୟକାରୀ ସଭାପତି ତଥା ଆଡ୍‌ଭୋକେଟ ପ୍ରସନ୍ନ କୁମାର ନନ୍ଦ, ସାଧାରଣ ସମ୍ପାଦକ ପ୍ରସେନଜିତ୍ ମହାନ୍ତି, ଉପସଭାପତି ଭକ୍ତ ବଲ୍ଲଭ ଦାସ, ଯୁଗ୍ମ ସମ୍ପାଦିକା ସୁଦୀପ୍ତା ଦାଶ, କାର୍ଯ୍ୟକାରୀ ସଦସ୍ୟ ଏ. ମହେଶ୍ୱର ରାଓ, ଗୌର ପଟ୍ଟନାୟକ, ପ୍ରଶାସନିକ ଅଧିକାରୀ ରବୀନ୍ଦ୍ର ନାଥ ଜଟ ପ୍ରମୁଖ ଯୋଗ ଦେଇଥିଲେ। ଉପସଭାପତି ରାଧାମୋହନ ସାହୁ ଧନ୍ୟବାଦ ଦେଇଥିଲେ।

## ବଟେଶ୍ୱର ମହାଦେବଙ୍କ ନୂତନ ତୋରଣ ଉଦ୍‌ଘାଟିତ

**ଫୁଲନଖରା,୧୦।୩ (ଡି.ଏନ୍.ଏ.):** ପାହାଲ ଥାନା ଅଧୀନ ଜଗନ୍ନାଥପୁର ପଞ୍ଚାୟତ ଜୟରଶାସନ ମୌଜାର ପଞ୍ଚବଟିସ୍ଥିତ ବଟେଶ୍ୱର ମହାଦେବଙ୍କ ନୂତନ ତୋରଣ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଅଞ୍ଚଳର ବରିଷ୍ଠ ମୁରବି ବାଉରୀ ବନ୍ଧୁ ବେହେରା ଓ ସୁବଳ ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାପରିଷଦ ସଭ୍ୟ ମହେଶ୍ୱର ଦାଶ, ମନ୍ଦିର ପରିଚାଳନା କମିଟିର କାର୍ଯ୍ୟକାରୀ ସଭାପତି ମାଗୁଣି ସାହୁ, ସମ୍ପାଦକ କେଳୁଚରଣ ଖୁଣ୍ଟିଆ, ଗ୍ରାମ୍ୟ କମିଟି ସଭାପତି ଭାଗବତ ସାହୁ, କିଶୋର କୁମାର ସାହୁ, ପୂର୍ଣ୍ଣଚନ୍ଦ୍ର ବେହେରା, ପଣ୍ଡିତ ମୁରଲୀଧର ପଣ୍ଡା, ଧୀରେନ ସାହୁ, ସାମାଜିକ କର୍ମୀ ଭବାନୀ ଶଙ୍କର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅଞ୍ଚଳର ବୁଦ୍ଧିଜୀବୀ, ମୁରବି ଓ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ମନ୍ଦିର କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜଗନ୍ନାଥ ସାହୁ, ଅନିଲ କୁମାର ସାହୁଙ୍କ ସମେତ ମନ୍ଦିର ପରିଚାଳନା କମିଟି ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଅଂଶୁଘାତଜନିତ ମୃତ୍ୟୁ ହାର ଶୂନ ରଖିବା ଲକ୍ଷ୍ୟ

### ଗ୍ରୀଷ୍ମପ୍ରବାହ ମୁକାବିଲା ନିମନ୍ତେ ପ୍ରସ୍ତୁତି ବୈଠକ

- ଅଚଳ ନଳକୂପ ସଚଳ କରିବାକୁ ନିର୍ଦ୍ଦେଶ
- ବିଦ୍ୟାଳୟ ସମୟ ନିର୍ଘଣ୍ଟ ସ୍ଥିର କରାଯିବ
- ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଶ୍ରମଭିତ୍ତିକ କାର୍ଯ୍ୟ ବନ୍ଦ
- ଗୋରୁଙ୍କ ପାଇଁ ଜଳକୁଣ୍ଡ ସ୍ଥାପନ ହେବ



ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ଗ୍ରୀଷ୍ମପ୍ରବାହ ମୁକାବିଲା ପ୍ରସ୍ତୁତି ବୈଠକରେ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ସହ ଅନ୍ୟମାନେ।

**କଟକ ଅଫିସ, ୧୦।୩**

ଚଳିତ ଗ୍ରୀଷ୍ମଋତୁରେ କଟକ ଜିଲାରେ ଗ୍ରୀଷ୍ମ ପ୍ରବାହର ସଫଳ ମୁକାବିଲା ନିମନ୍ତେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଯୋଗଦେଇ କହିଥିଲେ, ଜିଲାରେ ଅଂଶୁଘାତଜନିତ ମୃତ୍ୟୁହାରକୁ ଶୂନରେ ସୀମିତ ରଖିବା ଜିଲା ପ୍ରଶାସନର ମୂଳ ଲକ୍ଷ୍ୟ। ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଅଂଶୁଘାତ ମୁକାବିଲା ପାଇଁ ସମ୍ପୃକ୍ତ ଅଧିକାରୀମାନେ ସମନ୍ୱୟ ରକ୍ଷାକରି କାର୍ଯ୍ୟ କରିବେ। ଏଥିସହ ଜିଲା କାର୍ଯ୍ୟାଳୟର ଜରୁରିକାଳୀନ ଉପବିଭାଗ ପକ୍ଷରୁ ଏକ ନିୟନ୍ତ୍ରଣ କକ୍ଷ ଏଥିନିମନ୍ତେ କାର୍ଯ୍ୟ କରିବ। ଗତ ବର୍ଷଗୁଡିକରେ ଯେଉଁ ସ୍ଥାନରେ ଅଂଶୁଘାତଜନିତ ସମସ୍ୟା ଦେଖାଦେଇଥିଲା, ସେଠାରେ ସମ୍ପୃକ୍ତ ଅଧିକାରୀମାନେ ପଦକ୍ଷେପ ଗ୍ରହଣ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

ବୈଠକରୁ ମିଳିଥିବା ସୂଚନା ଅନୁଯାୟୀ, ଅଚଳ ନଳକୂପଗୁଡିକୁ ସଚଳ କରିବା ନିମନ୍ତେ ଜନସ୍ୱାସ୍ଥ୍ୟ ଓ ଗ୍ରାମ୍ୟ ପାନୀୟଜଳ ଯୋଗାଣ ବିଭାଗର ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବସ୍‌ଷ୍ଟାଣ୍ଡ, ହାଟ, ମୁଖ୍ୟଛକ ଜାଗା, ଜନଗହଳିପୂର୍ଣ୍ଣ ସ୍ଥାନ ଏବଂ ସହରାଞ୍ଚଳର ପ୍ରମୁଖ ସ୍ଥଳରେ ଜଳଛତ୍ର ବ୍ୟବସ୍ଥା କରିବାକୁ ପଦକ୍ଷେପ ନିଆଯିବ। ସେହିପରି ଗ୍ରୀଷ୍ମପ୍ରବାହ ସମୟରେ ଯେପରି ଲୋଭୋଲ୍ଟେଜ ଓ ବିଦ୍ୟୁତ୍ ସରବରାହ ସମସ୍ୟା ନ ଉପୁଜେ ସେଥିପ୍ରତି ଧ୍ୟାନ ଦେବାକୁ ଟିପିସିଓଡ଼ିଏଲ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦିଆଯାଇଛି। ଉଭୟ ଓଡ଼ିଆ ଓ ଇଂଲିଶ ମାଧ୍ୟମ ବିଦ୍ୟାଳୟଗୁଡିକର ସମୟ ନିର୍ଘଣ୍ଟ ସ୍ଥିର କରିବାକୁ ଜିଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ମଧ୍ୟରେ ଶ୍ରମିକମାନେ କାର୍ଯ୍ୟ ବନ୍ଦ କରିବାକୁ ଜିଲା ଶ୍ରମ ଅଧିକାରୀଙ୍କୁ କୁହାଯାଇଛି। ଡାକ୍ତରଖାନାଗୁଡିକରେ ଜୀବନ ରକ୍ଷାକାରୀ ଔଷଧ ମହଜୁଦ ରଖିବା ସହ ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଡାକ୍ତର, ପାରାମେଡିକାଲ ଷ୍ଟାଫ ଉପସ୍ଥିତ ରହିବାକୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜଙ୍ଗଲରେ ନିଆଁ ନ ଲାଗିବା ନିମନ୍ତେ ସଜାଗ ରହିବା, ବନ୍ୟପ୍ରାଣୀ ଏବଂ ସଂରକ୍ଷିତ ଜଙ୍ଗଲରେ ରହୁଥିବା ଅଧିବାସୀଙ୍କ ପାଇଁ ପାନୀୟଜଳ ଯୋଗାଣ ବ୍ୟବସ୍ଥା କରିବାକୁ ଜଙ୍ଗଲ ବିଭାଗ ଅଧିକାରୀଙ୍କୁ କୁହାଯାଇଛି। ଯାତ୍ରୀବାହୀ ବସ୍‌ଗୁଡିକରେ ବିଶୁଦ୍ଧ ପାନୀୟଜଳ, ଓଆର୍‌ଏସ୍, ଜାତୀୟ ରାଜପଥରେ ଜଳଛତ୍ର ବ୍ୟବସ୍ଥା ସହ ଆବଶ୍ୟକସ୍ଥଳେ ତାପମାତ୍ରାକୁ ଦୃଷ୍ଟିରେ ରଖି ବସ୍ ଚଳାଚଳ ସମୟର ପୁନଃ ନିର୍ଘଣ୍ଟ କରିବାକୁ ପରାମର୍ଶ ଦିଆଯାଇଛି। ସେହିପରି ଗୋରୁଙ୍କୁ ପାନୀୟଜଳ ଯୋଗାଇଦେବା ଉଦ୍ଦେଶ୍ୟରେ ଜଳକୁଣ୍ଡ ସ୍ଥାପନ କରିବାକୁ ଜିଲା ପ୍ରାଣୀ ସମ୍ପଦ ଚିକିତ୍ସା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ବୈଠକରେ ଜିଲା ଜରୁରୀ ଅଧିକାରୀ ଏନ.ଏନ୍. ରାଜଲକ୍ଷ୍ମୀ ଓଝା, ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସତ୍ୟବ୍ରତ ଛୋଟରାୟ, ଉପଜିଲାପାଳ ରଞ୍ଜନ କୁମାର ଜେନା, ଡେପୁଟି କଲେକ୍ଟର ଶଶାଙ୍କ ଶେଖର ଦାସ, ଭାରପ୍ରାପ୍ତ ସହକାରୀ ସୂଚନା ଅଧିକାରୀ ଅଭିରାମ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ୱାମୀ ବିବେକାନନ୍ଦ ଶିକ୍ଷା ନିକେତନର ବାର୍ଷିକ ଉତ୍ସବ

**କଟକ ସଦର,୧୦।୩ (ଡି.ଏନ୍.ଏ.)**

କଟକ ସଦର ବ୍ଲକ ଅନ୍ତର୍ଗତ ତେଲଦିଆସ୍ଥିତ ସ୍ୱାମୀ ବିବେକାନନ୍ଦ ଶିକ୍ଷା ନିକେତନର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମ୍ୟାନେଜିଂ ଟ୍ରଷ୍ଟି ଅମୂଲ୍ୟ ଦେବଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଜଗତସିଂହପୁର ଜିଲା ଘରୋଇ ଶିକ୍ଷାନୁଷ୍ଠାନର ସଭାପତି ଚିତ୍ତରଞ୍ଜନ ରାଉତ, ସମ୍ମାନିତ ଅତିଥି ଭାବେ ଜ୍ୟୋତିରଞ୍ଜନ ସାହୁ, ଅନ୍ୟତମ ଅତିଥି ଭାବେ ଶୁକଦେବ ପରିଡ଼ା, ସୋମପୁର ପଞ୍ଚାୟତ ସମିତିସଭ୍ୟା କୁନି ଭୋଇ, ସାଜିଦ୍ ଅଲ୍ଲୀ, ଭୈରବ ସେଠୀ, ଚିତ୍ତରଞ୍ଜନ ବେହେରା ଓ ସମୀର ସେନାପତି ଯୋଗଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଲତା ଜେନା ବିବରଣୀ ପାଠ କରିଥିଲେ। କୁନି ପିଲାମାନଙ୍କର ଶିକ୍ଷାଦାନ ସହ ମାନସିକ ଦକ୍ଷତା ବୃଦ୍ଧି ଭଳି ଗୁରୁ ଦାୟିତ୍ୱ ଶିକ୍ଷୟିତ୍ରୀମାନଙ୍କ ଉପରେ ନ୍ୟସ୍ତ ରହିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶିକ୍ଷୟିତ୍ରୀ ଭାଗ୍ୟଲକ୍ଷ୍ମୀ ଭୋଇ, ରାଜେଶ୍ୱରୀ ପରିଡ଼ା, ସରୋଜିନୀ ଓଝା, ପୂଜାରାଣୀ ବାରିକ ଓ ସସ୍ମିତା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ କୁନି ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# 'ନାରୀମାନେ ଶକ୍ତିର ମୂର୍ତ୍ତିମନ୍ତ ପ୍ରତୀକ'


ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ ପ୍ରତିଭାବାନ ମହିଳାମାନେ।

**କଟକ ଅଫିସ, ୧୦।୩**

### ରେଜ୍ ଫାଉଣ୍ଡେଶନ୍‌ର ଅନ୍ତର୍ଜାତୀୟ ମହିଳା ଦିବସ

- ସ୍ୱୟଂସିଦ୍ଧା ସମ୍ମାନରେ ସମ୍ବର୍ଦ୍ଧିତ ହେଲେ ୧୮ ଜଣ ପ୍ରତିଭା

ସ୍ୱେଚ୍ଛାସେବୀ ଓ ସାଂସ୍କୃତିକ ଅନୁଷ୍ଠାନ ରେଜ୍ ଫାଉଣ୍ଡେଶନ୍ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ 'ସ୍ୱୟଂସିଦ୍ଧା ସମ୍ମାନ-୨୦୨୩' ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମର ଦ୍ୱିତୀୟ ସଂସ୍କରଣକୁ ସିଏମ୍‌ସି ଡେପୁଟି ମେୟର ଦମୟନ୍ତୀ ମାଝି ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଆଇଏଚ୍‌ଏମ୍‌ର ପୂର୍ବତନ ଅଧ୍ୟକ୍ଷା ଆର୍ଯ୍ୟା କୁମାରୀ ପାଣିଗ୍ରାହୀ ଯୋଗଦେଇ କହିଥିଲେ, ନାରୀମାନେ ଶକ୍ତିର ମୂର୍ତ୍ତିମନ୍ତ ପ୍ରତୀକ। ସେମାନେ ଚାହିଁଲେ ସବୁକିଛି କରିପାରିବେ। ନୂଆ ରାଷ୍ଟ୍ର ସହ ନୂଆ ବିଶ୍ୱ ମଧ୍ୟ ନିର୍ମାଣ କରିପାରିବେ। ସେହିପରି ସମ୍ମାନିତ ଅତିଥି ଲିଙ୍କନ୍ ସୁବୁଦ୍ଧି କହିଥିଲେ, ନାରୀମାନେ କେବେ ବି ଅବଳା କି ଦୁର୍ବଳା ନୁହନ୍ତି। ରୁଚି ଫୁଡ୍‌ଲାଇନ୍‌ର ନିର୍ଦ୍ଦେଶିକା ସଙ୍ଗୀତା ସାହୁ ଓ ସଲିନା ସାହୁ କହିଥିଲେ, ଯେଉଁଠାରେ ନାରୀମାନଙ୍କୁ ପୂଜା କରାଯାଏ ସେଠାରେ ଦେବତାମାନେ ବାସ କରନ୍ତି। ରେଜ୍ ଫାଉଣ୍ଡେଶନ୍‌ର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷା ରଶ୍ମି ସାହୁ ସ୍ୱାଗତ ଭାଷଣ ଓ ଯୁବ କଣ୍ଠଶିଳ୍ପୀ ଈଶିକା ଶର୍ମା ସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ଚଳିତବର୍ଷ ୧୮ ଜଣ ପ୍ରତିଭାବାନ ମହିଳାଙ୍କୁ 'ସ୍ୱୟଂସିଦ୍ଧା ସମ୍ମାନ-୨୦୨୩'ରେ ସମ୍ମାନିତ କରାଯାଇଥିଲା। ଏଥିରେ ସେଣ୍ଟ ଜାଭିୟର୍ସ ସ୍କୁଲର ଟ୍ରଷ୍ଟି ସ୍ନିଗ୍ଧା ମହାନ୍ତିଙ୍କୁ ଶ୍ରେଷ୍ଠ ଶିକ୍ଷାନେତ୍ରୀ, ଶୁଭଲକ୍ଷ୍ମୀ ପୃଷ୍ଟିଙ୍କୁ ଶ୍ରେଷ୍ଠ ଉଦୀୟମାନ ଶିକ୍ଷାବିତ୍ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ଶ୍ରେଷ୍ଠ ଆଦର୍ଶ ମହିଳା ସମ୍ମାନରେ ଆୱେକେନ୍‌ର ପ୍ରତିଷ୍ଠାତ୍ରୀ ସ୍ୱାଗତିକା ଆଚାର୍ଯ୍ୟ, କଳା ଓ ସଂସ୍କୃତି କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ଅମ୍ରିତା ସାବତ, ଅମ୍ରିତା ମହାନ୍ତି ଓ ମନୀଷା କରଙ୍କୁ ସମ୍ମାନିତ କରାଯାଇଥିଲା। ଶ୍ରେଷ୍ଠ ମହିଳା ଉଦ୍ୟୋଗୀ ସମ୍ମାନରେ ସୀମା ଅଗ୍ରୱାଲ ଓ ଡିମ୍ପଲ ନରୁଲାଙ୍କୁ ସମ୍ମାନିତ କରାଯାଇଥିଲା। ଶ୍ରେଷ୍ଠ ମହିଳା ସାମ୍ବାଦିକା ଭାବେ ଐଶ୍ୱର୍ଯ୍ୟା ପରିଜା, ଶ୍ରେଷ୍ଠ ଉଦୀୟମାନ କଳାକାର ଭାବେ ଈଶିକା ଶର୍ମା, ଶ୍ରେଷ୍ଠ ସାମାଜିକ କର୍ମୀ ଭାବେ ସୁନାମଣି ସ୍ୱାଇଁ ଓ ଲିପ୍ସାମଣି ବଡ଼ୁଆ, ଶ୍ରେଷ୍ଠ ସାହସିକା ମହିଳା ଭାବେ ଲାଲବାଗ ଥାନା ସବ୍‌ଇନ୍ସପେକ୍ଟର ତୃପ୍ତିମୟୀ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉଲ୍ଲାସ ଚନ୍ଦ୍ର ବେଉରା ସ୍ୱୟଂସିଦ୍ଧା କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିବାବେଳେ ସମିତ କୁମାର ସେଠୀ ଧନ୍ୟବାଦ ଦେଇଥିଲେ।

## ଯୁବ ଉଦ୍ୟୋଗୀଙ୍କ ହାତରେ ଶିଳ୍ପର ଭବିଷ୍ୟତ

**କଟକ ଅଫିସ,୧୦।୩**

ଉଦ୍ୟୋଗ ସପ୍ତାହ ପାଳନ ଅବସରରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ 'ଭବିଷ୍ୟତରେ ଉଦ୍ୟୋଗୀକରଣର ସ୍ଥିରତା' ଶୀର୍ଷକ ଏକ କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ସୁପ୍ରିମ କୋର୍ଟର ଅବସରପ୍ରାପ୍ତ ବିଚାରପତି ଅନଙ୍ଗ କୁମାର ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଶିଳ୍ପ ବିଭାଗ ପ୍ରମୁଖ ସଚିବ ହେମନ୍ତ ଶର୍ମା, ଏମ୍‌ଏସ୍‌ଏମ୍‌ଇ ବିଭାଗ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କୁଳପତି ସଞ୍ଜୟ ନାୟକ, ଜିଲା ଶିଳ୍ପ ବିଭାଗର ମହମ୍ମଦ ସିଦ୍ଦିକ୍ ଆଲାମ୍, ଜିଲାପାଳ ଭବାନୀ ଶଙ୍କର ଚୟନୀ ଯୋଗଦେଇ କର୍ମଶାଳାର ଲକ୍ଷ୍ୟ ସମ୍ପର୍କରେ କହିଥିଲେ। ଏବେ ନୂତନ ଉଦ୍ୟୋଗୀ ସୃଷ୍ଟି ହେବାର ସମୟ। ଯୁବ ଉଦ୍ୟୋଗୀଙ୍କ ହାତରେ ଶିଳ୍ପର ଭବିଷ୍ୟତ ନିର୍ଭର କରେ। ଏପରି କର୍ମଶାଳା ଯୁବ ଉଦ୍ୟୋଗୀ ସୃଷ୍ଟି କରିବାରେ ସହାୟକ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି କର୍ମଶାଳାରେ ବିଭିନ୍ନ ବିଭାଗର ୧୦୦୦ରୁ ଅଧିକ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ମାର୍ଚ୍ଚ ୫ରୁ ୧୧ ତାରିଖ ପର୍ଯ୍ୟନ୍ତ ଜିଲାରେ ଉଦ୍ୟୋଗ ସପ୍ତାହ ପାଳନ କରାଯାଉଛି। ୫ରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପରେ ସହରର ବିଭିନ୍ନ ସ୍ଥାନରେ ଏଭଳି କର୍ମଶାଳା ଆୟୋଜନ କରାଯାଉଛି।

## 'ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର ପାଇଁ ଅପର୍ଯ୍ୟାପ୍ତ ସୁଯୋଗ ସୃଷ୍ଟି ହେବ'

**କଟକ ଅଫିସ, ୧୦।୩**

### ଗଭର୍ନମେଣ୍ଟ ଇ-ମାର୍କେଟିଂ କର୍ମଶାଳା

ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମ (ଓଏସ୍‌ଆଇସି) ଓ ରାଜ୍ୟ ଜେମ୍ ସେଲ୍‌ର ମିଳିତ ସହଯୋଗରେ 'ପାର୍ଟିସିପେଶନ ଇନ୍ ଗଭର୍ନମେଣ୍ଟ ଇ-ମାର୍କେଟିଂ' ଶୀର୍ଷକ ଦିନିକିଆ ରାଜ୍ୟସ୍ତରୀୟ କର୍ମଶାଳା କଟକସ୍ଥିତ ନିଗମର ମୁଖ୍ୟ କାର୍ଯ୍ୟାଳୟରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିଗମର ଅଧ୍ୟକ୍ଷ ଚିନ୍ମୟ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଜେମ୍ ପଞ୍ଜୀକରଣ ଦ୍ୱାରା ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର ପାଇଁ ରାଜ୍ୟ ଓ ରାଜ୍ୟ ବାହାରେ ମାର୍କେଟିଂର ଅପର୍ଯ୍ୟାପ୍ତ ସୁଯୋଗ ସୃଷ୍ଟି ହେବ। ସେହିପରି ମୁଖ୍ୟବକ୍ତା ଭାବେ ରାଜ୍ୟ ଜେମ୍ ସେଲ୍‌ର ବ୍ୟବସାୟିକ ଫ୍ୟାସିଲିଟେଟର ସୁଧାଂଶୁ ପ୍ରଧାନ ଯୋଗଦେଇ ଜେମ୍ ପଞ୍ଜୀକରଣରେ ଉପୁଜୁଥିବା ବିଭିନ୍ନ ସମସ୍ୟାର ସମାଧାନ ବିଷୟରେ କହିଥିଲେ। ଆଗାମୀ ଦିନରେ ପ୍ରତି ଜିଲାରେ ଏଭଳି କର୍ମଶାଳା ଆୟୋଜନ କରାଯିବାକୁ ଯୋଜନା ରହିଛି। ଏଥିପାଇଁ ଇଚ୍ଛୁକ ଏମ୍‌ଏସ୍‌ଏମ୍‌ଇମାନେ ଓଏସ୍‌ଆଇସିର ୱେବ୍‌ସାଇଟ୍ ମାଧ୍ୟମରେ ଅନ୍‌ଲାଇନ୍ ଫର୍ମପୂରଣ କରିବାକୁ ସେ ପରାମର୍ଶ ଦେଇଥିଲେ। ଜେମ୍ ସେଲ୍‌ର ବରିଷ୍ଠ ଉପଦେଷ୍ଟା ଶୈଳେନ୍ଦ୍ର ସେଠୀ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କର୍ମଶାଳାରେ ଓସିଆ, ଓସ୍‌ମେ ଏବଂ ଓଇଆର ପ୍ରମୁଖ ସଦସ୍ୟମାନେ ଯୋଗଦେଇଥିଲେ। ନିଗମର ପ୍ରଶାସନିକ ଅଧିକାରୀ ସଞ୍ଜୟ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ।



ଗଭର୍ନମେଣ୍ଟ ଇ-ମାର୍କେଟିଂ କର୍ମଶାଳାରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

## ଗୋଷ୍ଠୀ ସହଯୋଗୀ ଭାବେ କର୍ପୋରେଟରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

### ମୁକ୍ତା ଯୋଜନା ସଂକ୍ରାନ୍ତୀୟ କର୍ମଶାଳା

**କଟକ ଅଫିସ,୧୦।୩**

ମୁଖ୍ୟମନ୍ତ୍ରୀ କର୍ମତତ୍ପର ଅଭିଯାନ(ମୁକ୍ତା)ଯୋଜନାର ସଫଳ ରୂପାୟନ ପାଇଁ ଶୁକ୍ରବାର କଟକ ସହିଦ ଭବନରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉକ୍ତ ଯୋଜନାର କାର୍ଯ୍ୟକାରିତାକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ଉପସ୍ଥିତ କର୍ପୋରେଟରମାନଙ୍କୁ ତାଲିମ ଦିଆଯାଇଥିଲା। କଟକ ମହାନଗର ନିଗମ(ସିଏମ୍‌ସି) କମିଶନର ନିଖିଲ ପଵନ କଲ୍ୟାଣ ଏହାକୁ ଉଦ୍‌ଘାଟନ କରି ଏହାର ସଫଳ ରୂପାୟନ ଉପରେ ଗୁରୁତ୍ୱାରୋପ କରିଥିଲେ। ବିଶେଷକରି ସାମାଜିକ ନେତୃତ୍ୱ ଓ ଗୋଷ୍ଠୀ ସହଯୋଗୀ ଭାବେ କର୍ପୋରେଟରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ। ସେହିପରି ନଗର ଉନ୍ନୟନ ବିଭାଗର ଯୁଗ୍ମ ସଚିବ ସାରଦା ପ୍ରସାଦ ପଣ୍ଡା କହିଥିଲେ, କର୍ପୋରେଟରଙ୍କ ଗୋଷ୍ଠୀ ସହଯୋଗୀ ତଥା ନେତୃତ୍ୱର ପରିପ୍ରକାଶ ଘଟିଲେ ମୁକ୍ତା ଯୋଜନାର ଫଳପ୍ରଦ କାର୍ଯ୍ୟକାରିତା ସମ୍ଭବ। ଡେପୁଟି କମିଶନର ଶ୍ୱେତପଦ୍ମା ଡି. ଶତପଥୀ କହିଥିଲେ, ସହରାଞ୍ଚଳରେ ବସବାସ କରୁଥିବା ଗରିବ ଲୋକଙ୍କ ସାମାଜିକ ଓ ଆର୍ଥିକ ଅବସ୍ଥାରେ ସୁଧାର ଆଣିବା ପାଇଁ 'ମୁକ୍ତା' ଯୋଜନା ଏକ ଉପଯୁକ୍ତ ମାଧ୍ୟମ। ପ୍ରାରମ୍ଭରେ କଟକ ସହରରେ 'ମୁକ୍ତା' ଯୋଜନା ଜରିଆରେ ହୋଇଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟ ତଥା ପ୍ରକଳ୍ପଗୁଡିକ ସମ୍ପର୍କରେ ଏକ ଭିଡିଓ ଚିତ୍ର ପ୍ରଦର୍ଶନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଡେପୁଟି ମେୟର ଦମୟନ୍ତୀ ମାଝି ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମିଶନ ଶକ୍ତି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା, ବସ୍ତିବାସିନ୍ଦା ସଂଘ ସଦସ୍ୟ, ନଗରସ୍ତରୀୟ ମହାସଂଘ ସଦସ୍ୟ ଓ କର୍ପୋରେଟରମାନେ ଯୋଗଦେଇଥିଲେ।



କଟକ ଶହୀଦ ଭବନରେ ଅନୁଷ୍ଠିତ କର୍ମଶାଳାରେ ମଞ୍ଚାସୀନ ଅତିଥିବୃନ୍ଦ।

### ମାଟ୍ରିକ ସମ୍ମେଟିଭ-୨ ପରୀକ୍ଷା ଆରମ୍ଭ

# ଜିଲାରେ ୪୬୩ ପରୀକ୍ଷାର୍ଥୀ ଅନୁପସ୍ଥିତ


କଟକ ବଜ୍ରକବାଟି ରୋଡ୍‌ସ୍ଥିତ ସେକେଣ୍ଡାରି ବୋର୍ଡ ହାଇସ୍କୁଲ ପରୀକ୍ଷା କେନ୍ଦ୍ରକୁ ଛାତ୍ରୀମାନେ ପରୀକ୍ଷା ଦେବାକୁ ଯାଉଛନ୍ତି।

**କଟକ ଅଫିସ,୧୦।୩**

### ପରୀକ୍ଷା କେନ୍ଦ୍ର ପରିଦର୍ଶନ କଲେ ଜିଲାପାଳ, ଡିଇଓ

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ସମ୍ମେଟିଭ-୨ ପରୀକ୍ଷା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନରେ ଶାନ୍ତିଶୃଙ୍ଖଳାର ସହ ଛାତ୍ରୀଛାତ୍ରମାନେ ମାତୃଭାଷା ବିଷୟରେ ପରୀକ୍ଷା ଦେଇଛନ୍ତି। ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ନିମନ୍ତେ ଜିଲାର ୨୮, ୮୩୦ ଜଣ ପରୀକ୍ଷାର୍ଥୀ ଫର୍ମପୂରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୨୮, ୪୧୦ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବାବେଳେ ୪୨୦ ଜଣ ଅନୁପସ୍ଥିତ ଥିଲେ। ସେହିପରି ମଧ୍ୟମାରେ ୧୩୮ ଜଣଙ୍କ ମଧ୍ୟରୁ ୧୨୧ ଜଣ ପରୀକ୍ଷା ଦେଇଥିଲେ। ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ପାଇଁ ୨୫୪ ଜଣ ଛାତ୍ରୀଛାତ୍ର ଫର୍ମ ପୂରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୨୨୮ଜଣ ପରୀକ୍ଷା ଦେଇଥିବାବେଳେ ୨୬ଜଣ ଅନୁପସ୍ଥିତ ଥିଲେ। ତେବେ ଜିଲାରେ ପ୍ରଥମ ଦିନ ପରୀକ୍ଷାରେ ମୋଟ୍ ୪୬୩ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଛନ୍ତି। ଅନ୍ୟପକ୍ଷରେ ପରୀକ୍ଷା ପରିଚାଳନାରେ ଯେଭଳି କୌଣସି ତ୍ରୁଟି ନ ରହିବ ସେଥିପାଇଁ ଜିଲାପାଳ ଭବାନୀ ଶଙ୍କର ଚୟନୀ ଏବଂ ଜିଲା ଶିକ୍ଷା ଅଧିକାରୀ (ଡିଇଓ) କୃଷ୍ଣଚନ୍ଦ୍ର ନାୟକ ବିଭିନ୍ନ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ। ଜିଲାପାଳ ଚୟନୀ ଡିଇଓଙ୍କ ସହ ରେଭେନ୍‌ଶା କଲିଜିଏଟ ସ୍କୁଲ ପରୀକ୍ଷା କେନ୍ଦ୍ରରେ ପହଞ୍ଚି ସମସ୍ତ ବ୍ୟବସ୍ଥା ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ପରୀକ୍ଷାରେ କୌଣସି ବିଭ୍ରାଟ ଯେଭଳି ନ ଘଟିବ ସେଥିପାଇଁ ସତର୍କ ରହିବାକୁ ପରୀକ୍ଷା ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଡିଇଓଙ୍କ ସହ ଏକ ଟିମ୍ ବାରଙ୍ଗ ବ୍ଲକ ଅନ୍ତର୍ଗତ ଗୋଡିସାହି ହାଇସ୍କୁଲ ପରିଦର୍ଶନ କରିଥିଲେ। ମୋଟାମୋଟି ଭାବେ ସବୁ ପରୀକ୍ଷା କେନ୍ଦ୍ରରେ ଶାନ୍ତିଶୃଙ୍ଖଳାର ସହ ପରୀକ୍ଷା ହୋଇଛି। କୌଣସି ପରୀକ୍ଷାର୍ଥୀ କପି କରି ନ ଥିବା ଡିଇଓ ନାୟକ ସୂଚନା ଦେଇଛନ୍ତି।

### ଏମାନେ କୁହନ୍ତି...


ସବୁ ପ୍ରଶ୍ନ ସହଜ ଥିବାରୁ ଏହାର ଉତ୍ତର ଦେଇଛି। କିନ୍ତୁ ୨ ମାର୍କର ପ୍ରଶ୍ନର ଉତ୍ତର ଜାଣି ମଧ୍ୟ ସମୟ ଅଭାବରୁ ଲେଖିପାରିଲିନାହିଁ। ସେଥିପାଇଁ ଟିକେ ମନକଷ୍ଟ ଲାଗିଲା। ହେଲେ ଅନ୍ୟ ବିଷୟଗୁଡିକର ଉତ୍ତର ନିର୍ଦ୍ଧାରିତ ସମୟ ମଧ୍ୟରେ ଲେଖିବାକୁ ଚେଷ୍ଟା କରିବି।

**ଶାଶ୍ୱତୀ ସ୍ମରଣିକା, ଛାତ୍ରୀ, ନୂଆବଜାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର**


ପ୍ରଥମ ଦିନରେ ପରୀକ୍ଷା ବହୁତ ଭଲ ହୋଇଛି। ପୂର୍ବରୁ ଯେଉଁଭଳି ପ୍ରସ୍ତୁତି କରିଥିଲି, ସେହିଭଳି ପ୍ରଶ୍ନ ଆସିଥିଲା। ସବୁ ପ୍ରଶ୍ନର ଉତ୍ତର ଦେଇଛି। ଆଶା ଅଛି ୯୦ରୁ ଅଧିକ ମାର୍କ ରହିବ। ଅନ୍ୟ ବିଷୟଗୁଡିକରେ ଭଲ କରିବା ପାଇଁ ଆଶା ରହିଛି।

**ନିସାନା ପରବିନ, ଛାତ୍ରୀ, ଯୋବ୍ରା ମ୍ୟୁନିସିପାଲ ସରକାରୀ ହାଇସ୍କୁଲ**


ପରୀକ୍ଷା କେନ୍ଦ୍ରରେ ଭଲ ବ୍ୟବସ୍ଥା କରାଯାଇଛି। ପରୀକ୍ଷା କେନ୍ଦ୍ରକୁ ପ୍ରବେଶ ପୂର୍ବରୁ ସମସ୍ତ ପରୀକ୍ଷାର୍ଥୀଙ୍କୁ ଯାଞ୍ଚ କରାଯାଇଥିଲା। ପରୀକ୍ଷା ହଲ୍‌ରେ ପିଇବା ପାଣି ଓ ବସିବା ନିମନ୍ତେ ସୁବନ୍ଦୋବସ୍ତ କରାଯାଇଛି। ପ୍ରଥମଦିନ ପରୀକ୍ଷା ଭଲ ହୋଇଛି। ସବୁ ପ୍ରଶ୍ନ ସିଲାବସ୍ ମଧ୍ୟରୁ ଆସିଥିବାରୁ କୌଣସି ଅସୁବିଧା ହୋଇ ନ ଥିଲା। ସବୁ ପ୍ରଶ୍ନର ଉତ୍ତର ଲେଖିଛି।

**ସ୍ନେହାଞ୍ଜଳି ବେହେରା, ଛାତ୍ରୀ, ଯୋବ୍ରା ମ୍ୟୁନିସିପାଲ ସରକାରୀ ହାଇସ୍କୁଲ**


ପରୀକ୍ଷା ପାଇଁ ପ୍ରତିଦିନ ୬/୭ଘଣ୍ଟା ପରିଶ୍ରମ କରୁଥିଲି। ସମ୍ମେଟିଭ-୧ରେ ଭଲ ମାର୍କ ରହିଥିଲା। ତେଣୁ ସମ୍ମେଟିଭ-୨ରେ ଭଲ ମାର୍କ ରଖିବାକୁ ଚେଷ୍ଟା କରିବି। ମାତୃଭାଷା ବିଷୟରେ ଭଲ ମାର୍କ ଆସିବ ବୋଲି ଭାବୁଛି।

**ସତ୍ୟଜିତ୍ ଦାସ, ଛାତ୍ର, ଯୋବ୍ରା ମ୍ୟୁନିସିପାଲ ସରକାରୀ ହାଇସ୍କୁଲ**

# ODISHA PUBLIC SERVICE COMMISSION
## CUTTACK
## NOTICE

**No. 2715/PSC, Dt. 10.03.23**
**(DR-IV) (2PH-07-2022-23)**

**No. D-343:-** It is for information of all provisionally qualified candidates relating to recruitment for the post of **Medical Officers** (**Assistant Surgeon**), pursuant to Advertisement No. 11 of 2022-23 that the Document Verification will commence from **16.03.2023 to 21.03.2023** as per the following programme.

The candidates are required to reach the office of OPSC at 19, Dr. P. K. Parija Road, Cuttack - 753001, **30 minutes before** the commencement of document verification as per the scheduled programme.

**PROGRAMME FOR VERIFICATION OF ORIGINAL CERTIFICATES/DOCUMENTS**

| Date of verification | Time of verification | Roll Nos. of candidates to be verified | Team to verify |
|---|---|---|---|
| 16.03.2023 | 10.00 A.M. To 12.00 P.M. | 100002, 100005, 100006, 100009, 100012, 100014, 100015, 100016, 100018, 100021, 100022, 100025, 100026, 100027, 100029 = 15 candidates | Team - I |
| | | 100032, 100033, 100035, 100036, 100038, 100039, 100042, 100043, 100044, 100045, 100046, 100048, 100049, 100050, 100052 = 15 candidates | Team - II |
| | | 100053, 100060, 100061, 100062, 100064, 100068, 100069, 100072, 100073, 100075, 100077, 100079, 100080, 100082, 100084 = 15 candidates | Team - III |
| | | 100086, 100088, 100089, 100091, 100092, 100093, 100095, 100099, 100103, 100104, 100106, 100107, 100110, 100113, 100114 = 15 candidates | Team - IV |
| | 12.000 P.M. To 01.30 P.M. | 100116, 100117, 100118, 100119, 100121, 100127, 100130, 100131, 100133, 100136, 100137, 100138, 100139, 100140, 100142 = 15 candidates | Team-I |
| | | 100143, 100144, 100146, 100147, 100148, 100150, 100152, 100153, 100155, 100156, 100162, 100163, 100164, 100166, 100168 = 15 candidates | Team - II |
| | | 100169, 100170, 100173,100174, 100176, 100178, 100180, 100186, 100188, 100190, 100192, 100194, 100195, 100198, 100200 = 15 candidates | Team-III |
| | | 100201, 100204, 100208, 100209, 100211, 100214, 100215, 100216, 100217, 100220, 100221, 100222, 100223, 100224, 100228 = 15 candidates | Team-IV |
| | 02.30 P.M. To 04.00 P.M. | 100231, 100232, 100233, 100234, 100235, 100237, 100238, 100239, 100241, 100242, 100244, 100246, 100248, 100249, 100250 = 15 candidates | Team-I |
| | | 100252, 100253, 100255, 100256, 100257, 100259, 100260, 100262, 100263, 100264, 100266, 100267, 100269, 100271, 100273 = 15 candidates | Team - II |
| | | 100276, 100277, 100281, 100282, 100283, 100286, 100287, 100289, 100290, 100291, 100292, 100293, 100295, 100297, 100298 = 15 candidates | Team-III |
| | | 100299, 100300, 100301, 100302, 100303, 100304, 100305, 100306, 100308, 100313, 100314, 100316, 100317, 100320, 100322 = 15 candidates | Team-IV |
| | 04.00 P.M. To 05.30 P.M. | 100323, 100324, 100325, 100330, 100331, 100333, 100334, 100335, 100336, 100337, 100339, 100342, 100343, 100344, 100345 = 15 candidates | Team-I |
| | | 100347, 100349, 100351, 100355, 100356, 100357, 100360, 100363, 100364, 100365, 100366, 100367, 100371, 100375, 100376 = 15 candidates | Team - II |
| | | 100377, 100385, 100386, 100388, 100389, 100390, 100392, 100393, 100394, 100399, 100401, 100402, 100403, 100405,100408 = 15 candidates | Team-III |
| | | 100410, 100411, 100412, 100413, 100415, 100416, 100417, 100418, 100419, 100422, 100424, 100425, 100428, 100429, 100431 = 15 candidates | Team-IV |
| 17.03.2023 | 10.00 A.M. To 12.00 P.M. | 100432, 100434,100435, 100439, 100440, 100443, 100445, 100447, 100451, 100452, 100453, 100454, 100455, 100457, 100460, 100461, 100467, 100468 = 18 candidates | Team-I |
| | | 100469, 100472, 100473, 100474, 100484, 100485, 100487, 100488, 100494, 100496, 100497, 100498, 100502, 100505, 100508, 100509, 100511,100513 = 18 candidates | Team - II |
| | | 100514, 100515, 100517, 100518, 100521, 100522, 100523, 100524, 100526, 100528, 100529, 100531, 100535, 100537, 100541, 100543, 100544 = 17 candidates | Team-III |
| | | 100545, 100547, 100549,100550, 100551, 100552, 100553, 100554, 100556, 100557, 100558, 100559, 100560, 100562, 100564, 100565,100566 = 17 candidates | Team-IV |
| | 12.00 P.M. To 01.30 P.M. | 100567, 100568, 100569, 100571, 100573, 100574, 100575, 100579, 100580, 100581, 100582,100583, 100584, 100586, 100587 = 15 candidates | Team-I |
| | | 100588, 100589, 100591, 100593, 100595, 100597, 100599, 100600, 100601, 100602, 100604, 100605, 100607, 100608, 100609 = 15 candidates | Team - II |
| | | 100610, 100611, 100612, 100613, 100614, 100616, 100617, 100618, 100619, 100625, 100627, 100628, 100629, 100631, 100633 = 15 candidates | Team-III |
| | | 100634,100637,100639, 100642, 100643, 100644, 100645,100646, 100647, 100649, 100650, 100653, 100654, 100655, 100656 = 15 candidates | Team-IV |
| | 02.30 P.M. To 04.00 P.M. | 100657, 100664, 100666, 100667, 100669, 100672, 100675, 100676, 100677, 100678, 100679, 100680, 100682, 100683, 100684 = 15 candidates | Team-I |
| | | 100685, 100687, 100688, 100689, 100690, 100691, 100692, 100696, 100698, 100699, 100700, 100701, 100702, 100703, 100705 = 15 candidates | Team - II |
| | | 100707, 100708, 100709, 100710, 100711, 100712, 100716, 100717, 100719, 100720, 100721, 100723, 100729, 100730, 100731 = 15 candidates | Team-III |
| | | 100733, 100734, 100736, 100737, 100739, 100741, 100743, 100744, 100745, 100746, 100749, 100750, 100751, 100753, 100755 = 15 candidates | Team-IV |
| | 04.00 P.M. To 05.30 P.M. | 100756, 100758, 100759, 100760, 100761, 100762, 100763, 100767, 100769, 100770, 100773, 100774, 100775, 100779,100780 = 15 candidates | Team-I |
| | | 100781, 100782, 100783, 100786, 100787, 100788, 100789, 100790, 100792, 100793, 100794, 100795, 100797, 100798, 100800 = 15 candidates | Team - II |
| | | 100803, 100806, 100807, 100810, 100811, 100813, 100814, 100815, 100818, 100819, 100823, 100825, 100830, 100831, 100832 = 15 candidates | Team-III |
| | | 100833, 100834, 100835, 100836, 100838, 100839, 100840, 100841, 100842, 100843, 100844, 100845, 100846, 100848, 100849 = 15 candidates | Team-IV |
| 18.03.2023 | 10.00 A.M. To 12.00 P.M. | 100850, 100855, 100856, 100858, 100860, 100861, 100864, 100866, 100867, 100868, 100869, 100870, 100871, 100872, 100873, 100874,100876, 100877 = 18 candidates | Team-I |
| | | 100880,100881, 100882, 100883, 100884, 100886, 100890, 100893, 100896, 100900, 100901, 100902, 100904, 100906, 100907, 100908, 100909 = 17 candidates | Team-II |
| | | 100911, 100912, 100913, 100914, 100916, 100917, 100918, 100919, 100920, 100921, 100922, 100924, 100925, 100926, 100928, 100932, 100934, 100940 = 18 candidates | Team-III |
| | | 100947, 100948, 100951, 100952, 100955, 100957, 100959, 100960, 100961, 100963, 100965, 100966, 100967, 100968, 100969, 100973, 100974 = 17 candidates | Team-IV |
| | 12.00 P.M. To 01.30 P.M. | 100975, 100976, 100977, 100978, 100979, 100981, 100983, 100984, 100989, 100990, 100992, 100994, 100998, 100999, 101000 = 15 candidates | Team-I |
| | | 101001, 101003, 101007, 101008, 101009, 101010, 101012, 101015,101016, 101017, 101018, 101024, 101026,101030,101031 = 15 candidates | Team-II |
| | | 101037, 101039, 101041, 101042, 101044, 101045, 101046, 101047, 101049, 101051, 101055, 101056, 101057, 101061, 101062 = 15 candidates | Team-III |
| | | 101067, 101069, 101072, 101073, 101074, 101075, 101076,101077, 101079, 101080, 101082, 101089, 101091, 101092, 101094 = 15 candidates | Team-IV |
| | 02.30 P.M. To 04.00 P.M. | 101096, 101099,101100, 101101, 101102, 101103, 101107, 101108, 101109, 101111, 101112, 101115, 101118, 101123, 101127 = 15 candidates | Team-I |
| | | 101130, 101131, 101132, 101135, 101136, 101137, 101139, 101140, 101141, 101142, 101143, 101144, 101147, 101151, 101152 = 15 candidates | Team-II |
| | | 101153, 101155, 101156, 101159, 101160, 101161, 101162, 101163, 101166, 101167, 101168, 101169, 101170, 101171, 101176 = 15 candidates | Team-III |
| | | 101179, 101180, 101183, 101184, 101185, 101186, 101187, 101192, 101193, 101194, 101195, 101200,101201, 101202, 101206 = 15 candidates | Team-IV |
| | 04.00 P.M. To 05.30 P.M. | 101213, 101215, 101216, 101218, 101219, 101220, 101222, 101224, 101227, 101228, 101229, 101230, 101231, 101232, 101234 = 15 candidates | Team-I |
| | | 101235, 101236, 101237, 101241, 101242, 101244, 101246, 101247, 101248, 101249, 101251,101252, 101253, 101254, 101255 = 15 candidates | Team-II |
| | | 101256, 101257, 101260, 101261, 101262, 101264, 101265, 101266, 101267, 101269, 101271, 101273, 101274, 101276, 101277 = 15 candidates | Team-III |
| | | 101281, 101284, 101287, 101288, 101289, 101291,101292, 101294, 101296, 101299, 101300, 101301, 101302, 101303, 101304 = 15 candidates | Team-IV |
| 19.03.2023 | 10.00 A.M. To 12.00 P.M. | 101305, 101306, 101308, 101309, 101310, 101311, 101312, 101313, 101315, 101317, 101318, 101319, 101320, 101321, 101323, 101325, 101326 = 17 candidates | Team-I |
| | | 101328, 101329, 101331, 101332, 101335, 101336, 101338, 101341, 101342, 101343, 101344, 101345, 101347, 101354, 101355, 101356, 101357 = 17 candidates | Team-II |
| | | 101358, 101360, 101362, 101363, 101366, 101367, 101374, 101375, 101376, 101377, 101378, 101381, 101382, 101383, 101385, 101386, 101389, 101390 = 18 candidates | Team-III |
| | | 101393, 101394, 101401, 101402, 101403, 101404, 101405, 101406, 101409, 101410, 101412, 101414, 101415, 101416, 101417, 101418, 101419, 101421 = 18 candidates | Team-IV |
| | 12.00 P.M. To 01.30 P.M. | 101422, 101431, 101432, 101433, 101434, 101437, 101439, 101440, 101444, 101445, 101446, 101449, 101450, 101451, 101453 = 15 candidates | Team-I |
| | | 101454, 101455, 101458, 101460, 101462, 101464, 101466, 101467, 101468, 101469, 101471, 101472, 101475, 101476, 101477 = 15 candidates | Team-II |
| | | 101480, 101485, 101487, 101488, 101489, 101491, 101493, 101494, 101496, 101497, 101499, 101500, 101501, 101503, 101505 = 15 candidates | Team-III |
| | | 101506, 101507, 101508, 101509, 101512, 101513, 101514, 101517, 101519, 101520, 101521, 101522, 101525, 101527, 101528 = 15 candidates | Team-IV |
| | 02.30 P.M. To 04.00 P.M. | 101530, 101531, 101533, 101534, 101535, 101536, 101537, 101538, 101539, 101542, 101543, 101544, 101545, 101547, 101548 = 15 candidates | Team-I |
| | | 101550, 101552, 101553, 101556, 101561, 101563, 101565, 101566, 101567, 101570, 101574, 101575, 101576, 101577, 101578 = 15 candidates | Team-II |
| | | 101579, 101580, 101582, 101583, 101584, 101588, 101589, 101590, 101593, 101595, 101596, 101599, 101602, 101603, 101604 = 15 candidates | Team-III |
| | | 101605, 101608, 101611, 101616, 101620, 101621, 101622, 101623, 101624, 101625, 101626, 101629, 101630, 101635, 101639 = 15 candidates | Team - IV |
| | 04.00 P.M. To 05.30 P.M. | 101640, 101641, 101642, 101643, 101644, 101647, 101648, 101649, 101651, 101652, 101654, 101657, 101658, 101661, 101662 = 15 candidates | Team - I |
| | | 101663, 101664, 101666, 101667, 101669, 101672, 101673,101675, 101676, 101677, 101679, 101680, 101681, 101684, 101685 = 15 candidates | Team - II |
| | | 101686, 101688, 101689, 101690, 101691, 101692, 101693, 101694, 101695, 101696, 101697, 101698, 101701, 101703, 101704 = 15 candidates | Team - III |
| | | 101705, 101709, 101710, 101712, 101714, 101715, 101716, 101717, 101720, 101722, 101724, 101728, 101730, 101733, 101736 = 15 candidates | Team-IV |
| 20.03.2023 | 10.00 A.M. To 12.00 P.M. | 101738, 101739, 101740,101742, 101743, 101744, 101745, 101746, 101747, 101749, 101751, 101752, 101754, 101756, 101757, 101758, 101759 = 17 candidates | Team-I |
| | | 101763, 101764, 101765, 101766, 101767, 101768, 101769, 101770, 101771, 101772, 101779, 101782, 101783, 101786, 101788, 101789, 101790, 101791 = 18 candidates | Team - II |
| | | 101792, 101793, 101794, 101796, 101799, 101800, 101801, 101802, 101803, 101804, 101806, 101807, 101808, 101813, 101815, 101816,101817 = 17 candidates | Team-III |
| | | 101818, 101820, 101821, 101826, 101827, 101828, 101829, 101830, 101831, 101834, 101835, 101836, 101838, 101839, 101840, 101842, 101845, 101646 = 18 candidates | Team-IV |
| | 12.00 P.M. To 01.30 P.M. | 101850, 101851, 101852, 101853, 101854, 101856, 101857, 101858, 101859, 101860, 101861, 101862, 101863, 101864, 101865 = 15 candidates | Team-I |
| | | 101866, 101871, 101872, 101873, 101874, 101875, 101880, 101884, 101885, 101886, 101888, 101889, 101891, 101892, 101893 = 15 candidates | Team-II |
| | | 101895, 101897, 101899, 101900, 101902, 101905, 101906, 101907, 101908, 101909, 101911, 101916, 101919, 101921, 101924 = 15 candidates | Team-III |
| | | 101925, 101926, 101931, 101932, 101934, 101936, 101938, 101939, 101940, 101944, 101945, 101947, 101948, 101949, 101953 = 15 candidates | Team-IV |
| | 02.30 P.M. To 04.00 P.M. | 101956, 101957, 101959, 101960, 101961, 101962, 101963, 101964, 101965, 101966, 101967, 101968, 101970,101971, 101973 = 15 candidates | Team-I |
| | | 101974, 101977, 101979, 101981,101982, 101983, 101984, 101985, 101986, 101988, 101991, 101992, 101993, 101995, 101996 = 15 candidates | Team-II |
| | | 101997, 102000, 102001, 102002, 102003, 102006, 102009, 102010, 102012, 102016, 102017, 102019, 102020, 102022, 102024 = 15 candidates | Team-III |
| | | 102027, 102028, 102029, 102030, 102033, 102036, 102037, 102039,102041, 102042, 102043, 102044, 102046, 102047, 102048 = 15candidates | Team-IV |
| | 04.00 P.M. To 05.30 P.M. | 102049, 102050, 102051, 102052,102053, 102055,102060, 102065, 102066, 102068, 102069, 102075, 102076, 102077, 102079 = 15 candidates | Team-I |
| | | 102080, 102081, 102083, 102084,102085, 102086, 102089, 102092, 102093, 102094, 102096, 102097, 102098, 102100, 102103 = 15 candidates | Team-II |
| | | 102104, 102105, 102107, 102109, 102110, 102112, 102114, 102115, 102118, 102119, 102120, 102127, 102128, 102129, 102130 = 15 candidates | Team-III |
| | | 102131, 102135, 102136, 102137, 102140, 102141, 102142, 102143, 102144, 102145, 102146, 102147, 102148, 102151, 102152 = 15 candidates | Team-IV |
| 21.03.2023 | 10.00 A.M. To 12.00 P.M. | 102156, 102157, 102159, 102161, 102162, 102166, 102167, 102168, 102173, 102175, 102176, 102177, 102179, 102182, 102183, 102184, 102186, 102187 = 18 candidates | Team-I |
| | | 102188, 102189, 102190, 102193, 102194, 102196, 102197, 102200, 102201, 102202, 102203, 102207, 102208, 102210, 102211, 102214, 102215 = 17 candidates | Team-II |
| | | 102216, 102217, 102220, 102222, 102224, 102227, 102231, 102232, 102235, 102237, 102239, 102240, 102241, 102243, 102244, 102246, 102248 = 17 candidates | Team-III |
| | | 102250, 102251, 102253, 102256, 102257, 102259, 102262, 102264, 102265, 102266, 102267, 102268, 102269, 102271, 102272, 102276, 102277 = 17 candidates | Team-IV |
| | 12.00 P.M. To 01.30 P.M. | 102278, 102280, 102281, 102282, 102284, 102285, 102286, 102287, 102288, 102290, 102292, 102294, 102295, 102296, 102297 = 15 candidates | Team-I |
| | | 102298, 102299, 102302, 102303, 102304, 102306, 102308, 102309, 102310, 102311, 102312, 102316, 102317, 102318, 102319 = 15 candidates | Team-II |
| | | 102320, 102323, 102325, 102326, 102327, 102328, 102329, 102332, 102334, 102336, 102337, 102338, 102339, 102340, 102341 = 15 candidates | Team-III |
| | | 102342, 102350, 102351, 102352, 102355, 102356, 102357, 102360, 102361, 102362, 102363, 102364, 102367, 102368, 102370 = 15 candidates | Team-IV |
| | 02.30 P.M. To 04.00 P.M. | 102371, 102372, 102375, 102376, 102377, 102378, 102382, 102383, 102384, 102386, 102387, 102389, 102390, 102391, 102392 = 15 candidates | Team-I |
| | | 102394, 102395, 102396, 102398, 102401, 102402, 102405, 102406, 102408, 102410, 102412, 102414, 102416, 102420, 102421 = 15 candidates | Team-II |
| | | 102422, 102423, 102424, 102425, 102426, 102427, 102429, 102430, 102431, 102433, 102434, 102436, 102437, 102438, 102439 = 15 candidates | Team-III |
| | | 102442, 102443, 102444, 102445, 102446, 102451, 102452, 102453, 102454, 102455, 102459, 102461, 102462, 102464, 102466 = 15 candidates | Team-IV |
| | 04.00 P.M. To 05.30 P.M. | 102467, 102468, 102470, 102471, 102472, 102481, 102482, 102484, 102485, 102486, 102487, 102489, 102490, 102493, 102494 = 15 candidates | Team-I |
| | | 102497, 102498, 102499, 102501, 102503, 102504, 102505, 102507, 102508, 102509, 102510, 102511, 102512, 102514, 102515 = 15 Candidates | Team-II |
| | | 102517, 102518, 102519, 102520, 102522, 102523, 102524, 102525, 102529, 102531, 102533, 102534, 102536, 102538, 102539 = 15 candidates | Team-III |
| | | 102541, 102545, 102546, 102548, 102549, 102552, 102553, 102554, 102558, 102560, 102563, 102564, 102576, 102578, 102579 = 15 candidates | Team-IV |

It is also made clear that the candidature of these candidates for the above recruitment is purely provisional. The candidature is liable to rejection in the event of inadequacy/ deficiency found at any stage before or after the verification of original certificates/documents and is subject to fulfilment of terms & conditions laid down in the Advertisement.

**THE CANDIDATES ARE REQUIRED TO SUBMIT THE FOLLOWING ORIGINAL CERTIFICATES ALONG WITH SELF ATTESTED PHOTO COPY OF THE FOLLOWING DOCUMENTS AT THE TIME OF VERIFICATION**

1. Hard copy of online application form **mentioning Roll No. at the TOP Right-Hand corner.** Application Forms are available in the website of the Commission. The candidates are required to download the same using their respective Username and Password/ OTP etc through Online Recruitment Management System via www.opscrecruitment.in.
2. **Three (03) passport size photographs tagged** with the Application Form.
3. **H.S.C. or Equivalent Certificate** in support of declaration of age.
4. **MBBS Degree Certificate and Marksheets** from any recognized University in India including fail marks.
5. **Conversion Certificate/ Conversion Formula** in case of award of grades/ credits/ hours in MBBS Degree.
6. **Housemanship/ Compulsory Rotatory Internship Completion Certificate issued within 27.01.2023.**
7. **Permanent Medical Registration Certificate** under the State of Odisha (OCMR) **issued within 27.01.2023.**
8. In case of **Medical Registration Certificate** issued **outside Odisha**, it must be **Issued within 27.01.2023**.
9. Required **Odia Test Pass Certificate** issued within **27.01.2023**.
10. Certificate relating to passing of the Screening Test conducted by the National Board of Examination as prescribed by the Medical Council of India vide Notification No. MCI-203(9) Regn.2001, dated 13.02,2002 for Medical Graduates passing out from a **Foreign University**;
11. **In-service/ Continuation Certificate** from the Competent Authority mentioning continuation in Government Service in case of in-service Government Doctors availing age relaxation.
12. **Caste Certificate by birth** in Support of claim as SCs/ STs/S.E.B.Cs (Please see and refer Note- 2 of the Advertisement) Issued within 27.01.2023.
13. **Recent SEBC Certificate** (issued within **28.01.2020 to 27.01.2023**), wherever applicable.
14. **Permanent Disability Certificate** indicating percentage of disability (i.e., **40% and more**) issued within 27.01.2023.
15. **Discharge Certificates** in case of Ex-Serviceman issued by the Commanding Officer of the Unit last served issued within 27.01.2023. Ex-Serviceman candidates must submit an affidavit undertaking that he has not been appointed against any civil post after retirement from military service.
16. **No Objection Certificate** issued by the Competent Authority in case of in-service candidates; wherever applicable.
17. **Any proof of photo Identity**.
18. **Attestation Form** duly filled-in by the candidate and signed by a Gazetted Officer (to be downloaded from the website of the Commission).
19. The candidates are required to mention **"Submitted by me"** and put their **full signature and data of verification on each Xerox copy** of documents.
20. Any other documents as per Para-10 of the Advertisement.
21. The candidates are required to fill up the Declaration Form enclosed herewith mentioning the marks secured by them in each professional examination (only the pass marks, not fail marks) and sign at the space provided with date of document verification.

OIPR - 12002/11/0289/2223 **Sd./- Secretary**

## ଲକ୍ଷ୍ମୀ ମାର୍କେଟ ଅଗ୍ନିକାଣ୍ଡ ଘଟଣା

# ୩୬ ଘଣ୍ଟା ପରେ ଲିଭିଲା

**ପୁରୀ ଅଫିସ, ୧୦।୩**

ଅଗ୍ନିଶମ ବାହିନୀ ଏବଂ ଓଡ୍ରାଫ୍ ଟିମ୍ ପକ୍ଷରୁ ମିଳିତ ଭାବେ ଦୀର୍ଘ ୩୬ ଘଣ୍ଟାର ଅକ୍ଲାନ୍ତ ପରିଶ୍ରମ ପରେ ମରୀଚିକୋଟ ଛକ ନିକଟସ୍ଥ ଲକ୍ଷ୍ମୀ ମାର୍କେଟ କମ୍ପ୍ଲେକ୍ସରେ ଲାଗିଥିବା ନିଆଁ ଲିଭିଛି। ବୁଧବାର ରାତି ପ୍ରାୟ ୮ଟାରୁ ଏହି କମ୍ପ୍ଲେକ୍ସରେ ନିଆଁ ଲାଗିଥିବାବେଳେ ଶୁକ୍ରବାର ସକାଳ ପ୍ରାୟ ୧୦ଟାରେ ତାହାକୁ ସମ୍ପୂର୍ଣ୍ଣ ଭାବେ ଆୟତ୍ତ କରାଯାଇପାରିଛି। ଅଗ୍ନିକାଣ୍ଡରେ କୌଣସି ଜୀବନ ହାନି ହୋଇ ନ ଥିଲେ ମଧ୍ୟ ସମସ୍ତ ୪୩ ବ୍ୟବସାୟ ପ୍ରତିଷ୍ଠାନ ଜଳିଯାଇଛି। ଫଳରେ ସମ୍ପୃକ୍ତ ବ୍ୟବସାୟୀମାନଙ୍କର ବିପୁଳ ପରିମାଣର କ୍ଷତି ଘଟିଛି। ସେମାନେ ଏକପ୍ରକାର ବେସାହାରା ହୋଇପଡ଼ିଛନ୍ତି। ସେହିପରି ଏଠାକାର ସମ୍ରାଟ ହୋଟେଲରେ ରହୁଥିବା ପର୍ଯ୍ୟଟକମାନଙ୍କୁ ସୁରକ୍ଷିତ ଭାବେ ଅନ୍ୟ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଅଗ୍ନିକାଣ୍ଡ ସମ୍ପର୍କରେ ପ୍ରଶାସନ ପକ୍ଷରୁ ତଦନ୍ତ ଓ କ୍ଷୟକ୍ଷତି ଆକଳନ କରାଯିବା ପାଇଁ ଏକ କମିଟି ଗଠନ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ନିଆଁ ଲିଭାଇବା କାର୍ଯ୍ୟରେ ସାମିଲ ଥିବା କର୍ମଚାରୀମାନଙ୍କୁ ସାବାସି ଦେବା ସହ ସାଧୁବାଦ ଜଣାଇଛନ୍ତି। ସେହିପରି ଅଗ୍ନିଶମ ଡିଜି ସନ୍ତୋଷ ଉପାଧ୍ୟାୟ ସମସ୍ତ କର୍ମଚାରୀଙ୍କୁ ପ୍ରଶଂସା କରିଛନ୍ତି। ସମ୍ପୃକ୍ତ କର୍ମଚାରୀମାନଙ୍କୁ ପୁରସ୍କୃତ କରାଯିବ ବୋଲି ସେ କହିଛନ୍ତି।

ସୂଚନା ଅନୁଯାୟୀ, ଲକ୍ଷ୍ମୀ ମାର୍କେଟ କମ୍ପ୍ଲେକ୍ସ ପରିସରସ୍ଥ ତଳ ମହଲାରେ ଥିବା ଅମ୍ବିକା ଲୁଗା ଦୋକାନରେ ପ୍ରଥମେ ନିଆଁ ଲାଗିଥିଲା। ସଙ୍ଗେସଙ୍ଗେ ତାହା ପ୍ରଥମ ଓ ଦ୍ୱିତୀୟ ମହଲାକୁ ବ୍ୟାପିଯାଇଥିଲା। ଖବର ପାଇ ପୋଲିସ, ଅଗ୍ନିଶମ ବାହିନୀ, ଓଡ୍ରାଫ୍ ଟିମ୍ ପହଞ୍ଚି ନିଆଁ ଲିଭାଇବା କାର୍ଯ୍ୟ ଆରମ୍ଭ କରିଥିଲେ। ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୦ଟା ବେଳକୁ ନିଆଁକୁ ସମ୍ପୂର୍ଣ୍ଣ ଭାବେ ଆୟତ୍ତ କରାଯାଇପାରିଥିଲା। ତେବେ କ୍ଷତିଗ୍ରସ୍ତ ବ୍ୟବସାୟୀମାନେ କିପରି ପରିବାର ପ୍ରତିପୋଷଣ କରିବେ, ଧାରକରଜ ଶୁଝିବେ ଓ ପୁଣି ବେଉସା ସଜାଡ଼ିବେ ସେ ନେଇ ଚିନ୍ତାରେ ପଡ଼ିଛନ୍ତି। ଏହି ଚିନ୍ତାରେ ପୂର୍ଣ୍ଣିମା ମହାନ୍ତିଙ୍କ ସମେତ କେତେଜଣ ବ୍ୟବସାୟୀ ସଂଜ୍ଞାହୀନ ହୋଇପଡ଼ିଥିବା ଦେଖିବାକୁ ମିଳିଛି। ଉକ୍ତ ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକରେ କାର୍ଯ୍ୟରତ କର୍ମଚାରୀଙ୍କ ଜୀବିକା ମଧ୍ୟ ପ୍ରଭାବିତ ହୋଇଛି। କ୍ଷତିଗ୍ରସ୍ତ ବ୍ୟବସାୟୀମାନେ ଥଇଥାନ ସହ ସରକାରୀ ସହାୟତା ଯୋଗାଇ ଦେବାକୁ ପ୍ରଶାସନକୁ ନିବେଦନ କରିଛନ୍ତି। ଘଟଣାର ତଦନ୍ତ ସହ କ୍ଷୟକ୍ଷତି ଆକଳନ ପାଇଁ ପୁରୀ ଉପଜିଲାପାଳଙ୍କ ଅଧ୍ୟକ୍ଷତାରେ ସଦର ତହସିଲଦାର, ଟାଉନ ଥାନା ଆଇଆଇସି ଏବଂ ଅଗ୍ନିଶମ ଅଧିକାରୀଙ୍କୁ ନେଇ ଏକ କମିଟି ଗଠନ କରାଯାଇଥିବା ସୂଚନା ମିଳିଛି। ଏ ନେଇ ସଦର ତହସିଲଦାର କ୍ଷୀରୋଦ କୁମାର ବେହେରା କହିଛନ୍ତି, ନିଆଁକୁ ସମ୍ପୂର୍ଣ୍ଣ ଭାବେ ଆୟତ୍ତ କରାଯାଇଛି। ତେବେ ତାପମାତ୍ରା ଅଧିକ ଥିବାରୁ ଏବଂ ଅଣନିଃଶ୍ୱାସୀ ଭଳି ପରିସ୍ଥିତି ଥିବାରୁ କମ୍ପ୍ଲେକ୍ସ ପରିସରକୁ କାହାରିକୁ ଛଡ଼ାଯାଉନାହିଁ। ପ୍ରଶାସନ ନିଜ ଅଧୀନକୁ କମ୍ପ୍ଲେସକୁ ନେଇଛି। ଶନିବାର ସ୍ଥିତି ସ୍ୱାଭାବିକ ହେଲେ ଦୋକାନୀମାନଙ୍କୁ ଭିତରକୁ ଛଡ଼ାଯିବ ଓ ସେମାନେ ସେମାନଙ୍କ ଜିନିଷ କାଢ଼ିବେ। ତେବେ ପ୍ରଶାସନ ପକ୍ଷରୁ ଇଂଜିନିୟରିଂ ଟିମ୍‌କୁ ଅନୁଧ୍ୟାନ ପାଇଁ କୁହାଯାଇଛି। ଟିମ୍ ଆସି ଅନୁଧ୍ୟାନ କରି ରିପୋର୍ଟ ଦେବା ପରେ ଯାହାକିଛି ନିଷ୍ପତ୍ତି ନିଆଯିବ। ପ୍ରାଥମିକ ପର୍ଯ୍ୟାୟରେ କ୍ଷୟକ୍ଷତି ଆକଳନ କରାଯିବ। ଏ ନେଇ ରିପୋର୍ଟ ପ୍ରସ୍ତୁତ ହେବ। ସରକାରୀ ବ୍ୟବସ୍ଥା ଅନୁଯାୟୀ ସାହାଯ୍ୟ ଯୋଗାଇ ଦିଆଯିବ। ଲକ୍ଷ୍ମୀ ମାର୍କେଟ କମ୍ପ୍ଲେକ୍ସର ଅଗ୍ନି ନିରାପତ୍ତା ବ୍ୟବସ୍ଥା ଥିଲା କି ନାହିଁ ତାହା ପରବର୍ତ୍ତୀ ପର୍ଯ୍ୟାୟରେ ତଦନ୍ତ କରାଯିବ। ଯଦି ନିୟମ ଉଲ୍ଲଂଘନ ହୋଇଥିବ ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସହରରେ ଥିବା ବିଭିନ୍ନ ଶପିଂ କମ୍ପ୍ଲେକ୍ସର ଅଗ୍ନି ନିରାପତ୍ତା ବ୍ୟବସ୍ଥା ସମ୍ପର୍କରେ ତଦନ୍ତ କରାଯିବ ବୋଲି ବେହେରା ସୂଚନା ଦେଇଛନ୍ତି।



ଲକ୍ଷ୍ମୀ ମାର୍କେଟ କମ୍ପ୍ଲେକ୍ସକୁ ପୋଲିସ ନିଜ ଅଧୀନକୁ ନେଇ ଜଗି ରହିଛି।

**ସାଧୁବାଦ ଜଣାଇଲେ ମୁଖ୍ୟମନ୍ତ୍ରୀ**

- କର୍ମଚାରୀଙ୍କୁ ପୁରସ୍କୃତ କରାଯିବ: ଅଗ୍ନିଶମ ଡିଜି
- ତଦନ୍ତ ଓ କ୍ଷୟକ୍ଷତି ଆକଳନ ପାଇଁ କମିଟି ଗଠିତ
- ସରକାରୀ ସହାୟତା ପାଇଁ ଗୁହାରି କଲେ ବ୍ୟବସାୟୀ


ଘଟଣାସ୍ଥଳରେ ଏସ୍‌ପି କନୱର ବିଶାଲ ସିଂ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

# ନୀଳାଦ୍ରି କମ୍ପ୍ଲେକ୍ସ ହ୍ୟାଣ୍ଡଲୁମ୍ ଶୋ' ରୁମ୍‌ରେ ନିଆଁ

**ପୁରୀ ଅଫିସ, ୧୦।୩**

ଲକ୍ଷ୍ମୀ ମାର୍କେଟ କମ୍ପ୍ଲେକ୍ସରେ ନିଆଁ ନ ଲିଭୁଣୁ ପୁଣି ଏକ ମାର୍କେଟ କମ୍ପ୍ଲେକ୍ସରେ ଅଗ୍ନିକାଣ୍ଡ ଘଟିଛି। ଶୁକ୍ରବାର ସକାଳେ ନୀଳାଦ୍ରି କମ୍ପ୍ଲେକ୍ସ ପରିସରସ୍ଥ ଓଡ଼ିଶା ହ୍ୟାଣ୍ଡଲୁମ୍ ଶୋ' ରୁମ୍‌ରେ ନିଆଁ ଲାଗିଥିଲା। ତେବେ ଶୋ'ରୁମ୍ କର୍ମଚାରୀମାନେ ତୁରନ୍ତ ୧୧୨କୁ ଫୋନ୍ କରିବା ସହ ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ। ଅଗ୍ନିଶମ ବାହିନୀ ସହାୟତାରେ ନିଆଁକୁ ଆୟତ୍ତ କରାଯାଇଥିଲା। ଫଳରେ ପୁଣି ଏକ ବଡ଼ ଧରଣର ଅଘଟଣରୁ ସମ୍ପୃକ୍ତ ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକ ବର୍ତ୍ତିଯାଇଛି। ଲକ୍ଷ୍ମୀ ମାର୍କେଟ କମ୍ପ୍ଲେକ୍ସଠାରୁ ମାତ୍ର ୫୦ ମିଟର ଦୂରରେ ନୀଳାଦ୍ରି କମ୍ପ୍ଲେକ୍ସ ରହିଛି। ଏ ନେଇ ଏସ୍‌ପି କନୱର ବିଶାଲ ସିଂ ସୂଚନା ଦେଇ କହିଛନ୍ତି, ଏହା ଏକ ଛୋଟ ଘଟଣା। ଶର୍ଟ ସର୍କିଟରୁ ନିଆଁ ଲାଗିଥିଲା। ତେବେ ତାହାକୁ ୫-୧୦ ମିନିଟ ମଧ୍ୟରେ ଆୟତ୍ତ କରାଯାଇଥିଲା। ଏଥିରେ କିଛି କ୍ଷୟକ୍ଷତି ହୋଇନାହିଁ। ତେଣୁ ଭୟଭୀତ ନ ହେବାକୁ କିମ୍ବା କୌଣସି ଗୁଜବରେ ବିଶ୍ୱାସ ନ କରିବାକୁ ସେ ସମସ୍ତଙ୍କୁ ଅନୁରୋଧ କରିଛନ୍ତି। ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକରେ ଅଗ୍ନି ନିର୍ବାପକ ବ୍ୟବସ୍ଥା ଅଛି କି ନାହିଁ ତା'ର ଯାଞ୍ଚ କରାଯିବ ବୋଲି ଏସ୍‌ପି କହିଛନ୍ତି। ପ୍ରତ୍ୟେକ ବିଲ୍ଡିଂରେ ଅଗ୍ନି ନିର୍ବାପକ ବ୍ୟବସ୍ଥା କରିବା ସହ ଧୂଆଁ ନିଷ୍କାସନ ଲାଗି ଯଥେଷ୍ଟ ବାଟ ରଖିବାକୁ ସେଣ୍ଟ୍ରାଲ ରେଞ୍ଜ୍ ଫାୟାର ଅଫିସର ରମେଶ ଚନ୍ଦ୍ର ମାଝି ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର ପକ୍ଷରୁ ଜାତୀୟ ସେମିନାର, ସୂଚନା ଭବନ, ପୂର୍ବାହ୍ନ ୧୦ଟା ୩୦।
- ନିଖିଳ ଓଡ଼ିଶା ଅଙ୍ଗନୱାଡ଼ି କର୍ମୀ ସଂଘ ପକ୍ଷରୁ ରାଜ୍ୟସ୍ତରୀୟ ସଭା, ଲୋହିଆ ଏକାଡେମୀ, ମଧ୍ୟାହ୍ନ ୧୨ଟା।
- ଜନ ଶିକ୍ଷା ସଂସ୍ଥାନ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ, ଦୀନବନ୍ଧୁ ସ୍ନେହୀ ସଦନ, କଳ୍ପନା ଫ୍ଲାଟ ଏରିଆ, ଅପରାହ୍ନ ୩ଟା ୩୦ରୁ ଆରମ୍ଭ।
- ଉତ୍କଳ ସମ୍ମିଳନୀ ପକ୍ଷରୁ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳନ, ଦୁର୍ଗାପୂଜା ମଣ୍ଡପ, ଭିଏସ୍‌ଏସ୍ ନଗର, ଅପରାହ୍ନ ୪ଟା।
- ଓଡ଼ିଶା ପର୍ଯ୍ୟଟନ ବିଭାଗ ଓ ଭୁବନେଶ୍ୱର ମ୍ୟୁଜିକ ସର୍କଲ ପକ୍ଷରୁ ସଙ୍ଗୀତ କାର୍ଯ୍ୟକ୍ରମ ସମର୍ପଣ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

**ବାଲିଅନ୍ତା**

- ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଓ ମା' ମହାଲକ୍ଷ୍ମୀ ପୂଜା ପ୍ରତିଷ୍ଠାର ସୂର୍ଯ୍ୟ ପୂଜା ଓ ଗୋପୂଜା, କୋଟକଣା, ଜଗନ୍ନାଥ ମନ୍ଦିର, ସକାଳ ୮ଟା।
- ବାର୍ଷିକ ଦୋଳ ମେଳନ ଉତ୍ସବ, ବେଣୁପୁର, ନୀଳକଣ୍ଠେଶ୍ୱର ମନ୍ଦିର ନିକଟ, ସକାଳ ୯ଟା।

**କଟକ**

- ଜଷ୍ଟିସ ଯୁଗଳ କିଶୋର ମହାନ୍ତି ସ୍ମୃତି ସଂସଦ ପକ୍ଷରୁ ରକ୍ତଦାନ ଶିବିର, ରାଜକିଶୋର ଭବନ, ଡଗରପଡ଼ା, ପୂର୍ବାହ୍ନ ୧୦ଟା।
- ବିଶ୍ୱ ବୃକକ୍ ଦିବସ ଅବସରରେ ବୃକକ୍ ରୋଗ ଓ ଚିକିତ୍ସା କର୍ମଶାଳା, ସମ୍ମିଳନୀ କକ୍ଷ, ଶିଶୁ ଭବନ, ମଧ୍ୟାହ୍ନ ୧୨ଟା ୧୫।



ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପ୍ରଦର୍ଶିତ ବିଜୁ ବାବୁଙ୍କ ଡାକୋଟା ବିମାନକୁ ଦେଖିବା ଅବସରରେ ଶୁକ୍ରବାର ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ଉତ୍ସାହିତ ଛାତ୍ରୀଛାତ୍ର।

# ଡାକୋଟା ବିମାନ ଦେଖି ଅଭିଭୂତ ହେଲେ ଛାତ୍ରୀଛାତ୍ର

**ଭୁବନେଶ୍ୱର, ୧୦।୩(ବ୍ୟୁରୋ)**

ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପ୍ରଦର୍ଶିତ ବିଜୁ ବାବୁଙ୍କ ଡାକୋଟା ବିମାନକୁ ଦେଖିବା ପାଇଁ ଶୁକ୍ରବାର ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ, ସାଇ ଇଣ୍ଟରନ୍ୟାଶନାଲ ରେସିଡେନ୍ସିଆଲ ସ୍କୁଲ ଏବଂ ପ୍ଲେ ସ୍କୁଲ 'ସାଇ ଆଙ୍ଗନ'ର ୮୫୦ଜଣ ଛାତ୍ରୀଛାତ୍ର ପରିଦର୍ଶନରେ ଯାଇଥିଲେ। ବିଜୁବାବୁଙ୍କ ପରି ଜଣେ ମହାନ ନେତାଙ୍କ ବିଷୟରେ ଛାତ୍ରୀଛାତ୍ର ବେଶ କିଛି ଜାଣିବାକୁ ପାଇଥିଲେ। ଇଣ୍ଡୋନେସିଆର ପୂର୍ବତନ ଉପରାଷ୍ଟ୍ରପତି ମହମ୍ମଦ ହାଟା ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ସୁତାନ ସଜହୀରଙ୍କୁ କିପରି ନିଜ ବିମାନରେ ଉଦ୍ଧାର କରି ସେମାନଙ୍କୁ ରକ୍ଷା କରିଥିଲେ ଏବଂ ବିଜୁବାବୁଙ୍କ ଇତିହାସ ସମ୍ପର୍କରେ ଛାତ୍ରୀଛାତ୍ର ଜାଣି ଆନନ୍ଦିତ ହୋଇଥିଲେ। ଭବିଷ୍ୟତରେ ଜଣେ ପାଇଲଟ ହୋଇ ବିଜୁ ପଟ୍ଟନାୟକଙ୍କ ପରି ଦେଶ ସେବା କରିବା ପାଇଁ ଡାକୋଟା ମୋତେ ପ୍ରେରଣା ଦେଇଛି ବୋଲି ଜଣେ ଛାତ୍ର କହିଥିଲେ। ସାଇ ଇଣ୍ଟରନ୍ୟାଶନାଲ ଚେୟାରମ୍ୟାନ ଶିଳ୍ପୀ ସାହୁ କହିଥିଲେ, ଆମ ରାଜ୍ୟ ଓ ଦେଶର ଐତିହ୍ୟ ତଥା ଅତୀତର ମହାନ ନେତାଙ୍କୁ ମନେ ରଖିବା ସହ ଛାତ୍ରୀଛାତ୍ରମାନେ ଏକ ନୂତନ ଭାରତର ପରିକଳ୍ପନା କରିବା ଦରକାର।

# ପାନୀୟରେ ନିଶା ଦେଇ ଲୁଟ୍: ଅଭିଯୁକ୍ତ ଗିରଫ

**କଟକ ଅଫିସ, ୧୦।୩**

ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ ରୋଗ ପ୍ରତିଷ୍ଠାନ ପରିସରରୁ ଜଣେ ରୋଗୀ ଓ ସମ୍ପର୍କୀୟଙ୍କଠାରୁ ଲୁଟ୍ କରିବା ଅଭିଯୋଗରେ ମଙ୍ଗଳାବାଗ ପୋଲିସ ଶୁକ୍ରବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ପୁରୀ ଜିଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ ବେଗୁନିଆବସ୍ତ ଗ୍ରାମର ବୁଲୁ ସ୍ୱାଇଁ (୪୨)। କିଛିଦିନ ହେବ ସେ ନିଆଳିରେ ରହୁଥିବା ପୋଲିସ ସୂଚନା ଦେଇଛି। ତାଙ୍କଠାରୁ ୧୫ଟି ମୋବାଇଲ ଫୋନ୍ ଓ ୭୦୦ ଟଙ୍କା ଜବତ କରାଯାଇଛି। ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ କାଦମ୍ବିରା ଗ୍ରାମର ରମେଶ ଚନ୍ଦ୍ର ମିଶ୍ର(୩୧) ତାଙ୍କ ମା'ଙ୍କୁ ଆଚାର୍ଯ୍ୟ ହରିହର କର୍କଟ ରୋଗ ପ୍ରତିଷ୍ଠାନରେ ଚିକିତ୍ସା କରାଇବା ପାଇଁ ଗୁରୁବାର ଭଦ୍ରକରୁ ଟ୍ରେନ୍‌ରେ ଆସିଥିଲେ। କଟକ ରେଳ ଷ୍ଟେଶନରେ ଓହ୍ଲାଇବା ପରେ ବୁଲୁ ସେମାନଙ୍କ ସହିତ ସମ୍ପର୍କ ସ୍ଥାପନ କରିଥିଲେ। ସେ ସୁବିଧାରେ ଚିକିତ୍ସା କରାଇଦେବାକୁ କହି ଏକ ଅଟୋରେ ବସାଇ ମେଡିକାଲ୍‌କୁ ଆସିଥିଲେ। ବୁଲୁ ନିଜେ ଅମୁଲ୍‌କୁଲ୍ ପାନୀୟ ପିଇବା ସହ ସେମାନଙ୍କୁ ପିଇବା ପାଇଁ ଦେଇଥିଲେ। ସେଥିରେ ନିଶା ମିଶା ଯାଇଥିବାରୁ ସେମାନେ ଅଚେତ ହୋଇପଡିଥିଲେ। ଏହି ସୁଯୋଗରେ ରମେଶଙ୍କ ପକେଟରେ ଥିବା ୨୫୦୦ ଟଙ୍କା ଓ ଗୋଟାଏ ମୋବାଇଲ୍ ଫୋନ୍ ଲୁଟ୍ କରି ବୁଲୁ ଘଟଣାସ୍ଥଳରୁ ପଳାଇଥିଲେ। ଏନେଇ ରମେଶ ଥାନାରେ ଅଭିଯୋଗ କରିଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଶ୍ରୁତିଶ୍ରୀ


@ ମହମ୍ମଦ


@ ସତ୍ୟବ୍ରତ


@ ସୁରେଶ୍ୱର


@ ସତ୍ୟନାରାୟଣ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।



ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟାର ସିବିଆଇ ତଦନ୍ତ ଦାବି କରି ସତ୍ୟ ସନାତନ ପ୍ରଜା ସମିତି ପକ୍ଷରୁ ଶୁକ୍ରବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣା ଦିଆଯାଇଛି।


କୃଷି ବିଭାଗରେ କୃଷି କର୍ମଚାରୀର ମାନ୍ୟତା ସମେତ ୭ ଦଫା ଦାବି ନେଇ ଓଡ଼ିଶା କୃଷକ ସାଥୀ ସଂଘ ପକ୍ଷରୁ ଶୁକ୍ରବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଅଭିନବ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। (ଫଟୋ- ବିକାଶ)

## ୯ ଦଫା ଦାବିରେ ଠିକା କର୍ମଚାରୀଙ୍କ ଧାରଣା

ସାଲେପୁର,(ଡି.ଏନ୍.ଏ.): ନିଖିଳ ଓଡ଼ିଶା ବିଦ୍ୟୁତ୍ ମଜଦୁର ମହାସଂଘ ପକ୍ଷରୁ ଶୁକ୍ରବାର ସାଲେପୁର ବିଦ୍ୟୁତ୍ ଡିଭିଜନ ଅଧୀନରେ କାର୍ଯ୍ୟରତ ଠିକା କର୍ମଚାରୀମାନେ ୯ ଦଫା ଦାବି ନେଇ ଟିପିସିଓଡିଏଲ୍ ଡିଭିଜନ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ତୁରନ୍ତ ସ୍ଥାୟୀ ନିଯୁକ୍ତି, ସମାନ କାମକୁ ସମାନ ଦରମା, ଚାକିରି ସର୍ତ୍ତାବଳୀ, ଗ୍ରୁପ୍ ହେଲ୍ଥ ଇନ୍ସୁରାନ୍ସ, ଗ୍ରୁପ୍ ଟର୍ମ ଇନ୍ସୁରାନ୍ସ, ଠିକା ବିଦ୍ୟୁତ୍ ଶ୍ରମିକଙ୍କୁ ଶୋଷଣ ଆଦି ଦାବି ନେଇ ଧାରଣାରେ ଦିଆଯାଇଥିଲା। ତୁରନ୍ତ ସରକାର ଏଥିପ୍ରତି ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ଆନ୍ଦୋଳନ ବ୍ୟାପକ ହେବ ବୋଲି ଠିକା କର୍ମଚାରୀମାନେ ଚେତାବନୀ ଦେଇଛନ୍ତି।

### ସଂକ୍ଷେପରେ

## ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଦାବିପତ୍ର

ମାହାଙ୍ଗା,୧୦।୩(ସ୍ୱ.ପ୍ର.)

ମାହାଙ୍ଗା ବ୍ଲକ ମିଳିତ ପ୍ରାଥମିକ ଶିକ୍ଷକ ସଂଘ (ନୂତନ ପେନ୍ସନଭୁକ୍ତ) ତରଫରୁ ୩ ଦଫା ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ସଂଯୁକ୍ତା ଭୋଇଙ୍କୁ ପ୍ରଦାନ କରାଯାଇଛି। ସଂଘ ସଭାପତି ଜ୍ୟୋତି ପ୍ରକାଶ ନାଥ, ସମ୍ପାଦକ ପୁରୁଷୋତ୍ତମ ସେଠୀଙ୍କ ନେତୃତ୍ୱରେ ୧୦୦ରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀଶିକ୍ଷକ ବଣୁଆ ମହାପୁରୁଷଙ୍କ ପୀଠରୁ ଏକ ପଟୁଆରରେ ଆସି ଦାବିପତ୍ର ଦେଇଥିଲେ। ସଂଘ ଉପସଭାପତି ରବୀନ୍ଦ୍ର କୁମାର ରାଉତ ଏହି ଆନ୍ଦୋଳନକୁ ସମ୍ବୋଧିତ କରିଥିଲେ। ୨୦୨୨ ନଭେମ୍ବର ୨୭ରୁ ୪ ଦିନ ଧରି ବିଧାନସଭା ସମ୍ମୁଖରେ ସାରା ଓଡ଼ିଶାର ଲକ୍ଷାଧିକ ଶିକ୍ଷୟିତ୍ରୀଶିକ୍ଷକ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେମାନଙ୍କ ମୁଖ୍ୟ ଦାବିଗୁଡ଼ିକ ହେଲା, ୬ଟି ଇନ୍‌କ୍ରିମେଣ୍ଟ ସହ ୬ ବର୍ଷ ଠିକା ନିଯୁକ୍ତି ଅବଧିକୁ ନିୟମିତ ଚାକିରିରେ ଗଣତି କରିବା, ପ୍ରାଥମିକ ବିଦ୍ୟାଳୟରୁ ଠିକା ନିଯୁକ୍ତି ଉଚ୍ଛେଦ କରିବା, ଅବିକଳ କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ, ପୁରୁଣା ପେନ୍ସନ ଲାଗୁ କରିବା। ଏହିସବୁ ଦାବି ବିଷୟରେ ବିଚାର କରିବା ପାଇଁ ସେତେବେଳର ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଲିଖିତ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଥିଲା। ତାଙ୍କ ଅଧକ୍ଷତାରେ ଦୁଇ ୩ଟି ବୈଠକ ବସିଥିଲେ ମଧ ସେମାନଙ୍କ ଦାବି ପୂରଣ ସମ୍ପର୍କରେ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ନେଇ ନ ଥିଲେ। ସରକାରଙ୍କ ଏହି ନୀତିକୁ ବିରୋଧକରି ଶୁକ୍ରବାର ସାରା ଓଡ଼ିଶାର ଶିକ୍ଷୟିତ୍ରୀଶିକ୍ଷକ ୩୧୪ଟି ବ୍ଲକରେ ମଣ୍ଡଳ ଶିକ୍ଷା ଅଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ୫-ଟି ସଚିବଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ମାର୍ଚ୍ଚ ୧୫ରୁ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଶିକ୍ଷୟିତ୍ରୀଶିକ୍ଷକ ବିଧାନସଭା ସମ୍ମୁଖରେ ଧାରଣାରେ ବସିବେ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

## କେନ୍ଦ୍ର ସରକାରଙ୍କ ନୀତି ବିରୋଧରେ କଂଗ୍ରେସର ବିକ୍ଷୋଭ

ମାହାଙ୍ଗା,୧୦।୩(ସ୍ୱ.ପ୍ର.)

କେନ୍ଦ୍ରର ରାଷ୍ଟ୍ରବିରୋଧୀ ନୀତି ପ୍ରତିବାଦରେ ମାହାଙ୍ଗା ବ୍ଲକ କୁଆଁପାଳ ବ୍ୟାଙ୍କ ସମ୍ମୁଖରେ ଶୁକ୍ରବାର କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କଂଗ୍ରେସ କମିଟି ସଭାପତି ଅଲେଖ ପ୍ରସାଦ ସ୍ୱାଇଁଙ୍କ ଅଧକ୍ଷତାରେ ଆୟୋଜିତ ପ୍ରତିବାଦ ସଭାରେ ମୁଖ୍ୟ ଅତିଥିଭାବେ ପିସିସି ସଭ୍ୟ ତଥା ବରିଷ୍ଠ ନେତା ଦେବେନ୍ଦ୍ର କୁମାର ସାହୁ ଯୋଗଦେଇ କେନ୍ଦ୍ର ସରକାରଙ୍କ ଗ୍ୟାସ୍ ଓ ପେଟ୍ରୋଲ ଦର ବୃଦ୍ଧି, ଆଦାନୀ ଗ୍ରୁପ୍ ଜାଲିଆତି, ବେକାରି ଓ କୃଷି ସମସ୍ୟା ସହ ଗରିବ ମାରଣ ନୀତି ଉପରେ ବର୍ଷିଥିଲେ। ଯଦି ସରକାର ତୁରନ୍ତ ସମସ୍ୟାର ସମାଧାନ ନ କରନ୍ତି ତେବେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଚେତାବନୀ ଦେଇଥିଲେ। ଏଥିରେ ନିଶ୍ଚିନ୍ତକୋଇଲି ବ୍ଲକ କଂଗ୍ରେସ କମିଟି ସଭାପତି ରମାକାନ୍ତ ବେହେରା, ଆଇନଜୀବୀ ଭାସ୍କର ଚନ୍ଦ୍ର ବେହେରା, ସରୋଜ ପରିଡ଼ା, ମହେଶ୍ୱର ରାଉତଙ୍କ ସମେତ ବହୁ ବରିଷ୍ଠ ଦଳୀୟ କର୍ମକର୍ତ୍ତା ଯୋଗଦେଇ ସରକାରଙ୍କ ବିରୋଧରେ ନାରାବାଜି ଦେଇଥିଲେ।

# ଚୂଲି ମୁଣ୍ଡକୁ ଫେରିଲେ ଗୃହିଣୀ

ନିଶ୍ଚିନ୍ତକୋଇଲି,୧୦।୩(ସ୍ୱ.ପ୍ର.)

କେନ୍ଦ୍ର ସରକାର ଉଜ୍ଜ୍ୱଳା ଯୋଜନା ମାଧ୍ୟମରେ ଗ୍ରାମାଞ୍ଚଳର ଗରିବ ମା'ମାନଙ୍କୁ ମାଗଣାରେ ରନ୍ଧନ ଗ୍ୟାସ ଓ ଚୂଲା ଯୋଗାଇ ଦେଇଥିଲେ। ଗାଁର ଗୃହିଣୀମାନଙ୍କୁ ଆଉ ଚୂଲି ମୁଣ୍ଡକୁ ଯିବାକୁ ପଡ଼ିବ ନାହିଁ ବୋଲି ସରକାର ପ୍ରଚାର କରୁଥିଲେ। ପରେ ରନ୍ଧନ ଗ୍ୟାସ ଦର ବୃଦ୍ଧି ଯୋଗୁ ଖାଦ୍ୟ ପ୍ରସ୍ତୁତି ସମୟରେ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼ିଥିଲା। ଏବେ ପୁଣି ଗ୍ୟାସ ଦର ବୃଦ୍ଧି ହେତୁ ଗୃହିଣୀମାନେ ଚୂଲି ମୁଣ୍ଡକୁ ଫେରି ରୋଷେଇ କରୁଥିବାର ଦେଖିବାକୁ ମିଳିଛି।

ସୂଚନା ଅନୁଯାୟୀ, ୨୦୧୪ରେ ରନ୍ଧନ ଘରୋଇ ଗ୍ୟାସ୍ ସିଲିଣ୍ଡର ଦର ୪୧୦ ଟଙ୍କା ଥିବା ବେଳେ ୨୦୨୩ରେ ଏହା ବଢି ୧୧୩୦ ଟଙ୍କାରେ ପହଞ୍ଚିଛି। ସମ୍ପ୍ରତି ୧୪.୨ କିଲୋ ଗ୍ୟାସ ପାଇଁ ଦର ୫୦ ଟଙ୍କା ବଢିଥିବା ବେଳେ ୧୯ କିଲୋ କମରସିଆଲ ଗ୍ୟାସ ପାଇଁ ୩୫୧ଟଙ୍କା ୫୦ ପଇସା ବୃଦ୍ଧି ପାଇଛି। ୨ ବର୍ଷ ମଧ୍ୟରେ ଦେଶରେ ଘରୋଇ ଏଲପିଜି ଗ୍ୟାସ ସିଲିଣ୍ଡର ମୂଲ୍ୟ ୨୮୪ ଟଙ୍କା ବୃଦ୍ଧି ପାଇଛି। ମାର୍ଚ୍ଚ ପହିଲାରୁ ଏହି ବର୍ଦ୍ଧିତ ଗ୍ୟାସ ଦର ଲାଗୁ ହୋଇଛି। ଏବେ କଟକ ଜିଲା ନିଶ୍ଚିନ୍ତକୋଇଲିରେ

### ହାଣ୍ଡି ଶାଳରେ ମହଙ୍ଗା ମାଡ଼

ଘରୋଇ ସିଲିଣ୍ଡର ମୂଲ୍ୟ ୧୦୫୩ ଟଙ୍କା ଥିବା ବେଳେ ଏବେ ଏହା ବଢ଼ି ୧୧୦୩ ଟଙ୍କାରେ ପହଞ୍ଚିଛି । ଗତ ଜୁଲାଇରେ ମଧ ଗ୍ୟାସ୍ ସିଲିଣ୍ଡର ପିଛା ୫୦ ଟଙ୍କା ବୃଦ୍ଧି ହୋଇଥିଲା। ଫଳରେ ଗ୍ରାମାଞ୍ଚଳରେ ଥିବା ଗରିବ ଖାଉଟିମାନେ ରନ୍ଧନ ଗ୍ୟାସ କିଣିବା ପାଇଁ ସକ୍ଷମ ହୋଇପାରୁନାହାନ୍ତି। ଏହାର କେବଳ ଘରୋଇ ଗ୍ରାହକଙ୍କୁ ନୁହେଁ ବ୍ୟବସାୟୀ କରୁଥିବା ଗ୍ରାହକଙ୍କୁ ମଧ ପ୍ରଭାବିତ କରିଛି। ଏବେ ବ୍ୟବସାୟୀକ ଗ୍ୟାସ୍ ସିଲିଣ୍ଡର ୩୫୦ ଟଙ୍କା ବୃଦ୍ଧି ପାଇ ୨୧୧୯ଟଙ୍କା ୫୦ ପଇସାରେ ପହଞ୍ଚିଛି। ଏହା ଜଳଖିଆ ଦୋକାନୀ, ଫାଷ୍ଟଫୁଡ ଦୋକାନୀ ଓ ହୋଟେଲ ମାଲିକମାନଙ୍କୁ ମଧ ପ୍ରଭାବିତ କରିଛି। ଏସମ୍ପର୍କରେ ଯୋଗାଣ ଅଧିକାରୀ ପ୍ରିତମ ଦାସ କୁହନ୍ତି, ତୈଳ କମ୍ପାନୀମାନେ ରନ୍ଧନ ଗ୍ୟାସ ଦର ବୃଦ୍ଧି କରିବା ପରେ ଗ୍ରାମାଞ୍ଚଳରେ ଗ୍ୟାସ ଦର ବୃଦ୍ଧି ପାଇଛି। ଏଭଳି ପରିସ୍ଥିତିରେ ଯଦି କେହି କଳାବଜାରି କରନ୍ତି ତେବେ କାର୍ଯ୍ୟାନୁଷ୍ଠାନ ନିଆଯିବ।

### ଏମାନେ ଯାହା କୁହନ୍ତି:-


"କ୍ରମାଗତ ଭାବେ ରନ୍ଧନ ଗ୍ୟାସ ଦର ବୃଦ୍ଧି ଫଳରେ ବ୍ୟବସାୟ କମିଛି। ଏହାଛଡ଼ା ଉଜ୍ଜ୍ୱଳା ଯୋଜନା ନେଇଥିବା ଗ୍ରାହକମାନଙ୍କ ସବ୍‌ସିଡ୍ କମିଛି। ଏନେଇ ସେମାନେ ଗ୍ୟାସ କ୍ରୟ କରିବାକୁ ଅମଙ୍ଗ ହେଉଛନ୍ତି। ଅପରପକ୍ଷରେ ବ୍ୟବସାୟୀମାନେ ମଧ କମ୍ ଗ୍ୟାସ ବ୍ୟବହାର କରୁଛନ୍ତି। ଫଳରେ ବ୍ୟବସାୟ ମାନ୍ଦା ପଡ଼ିଛି।

**ରାଜଶ୍ରୀ ରଥ, ସତ୍ତ୍ୱାଧିକାରୀ ଲାବଣ୍ୟ ଗ୍ୟାସ ଏଜେନ୍ସି**


"ହୋଟେଲରେ ରୋଷେଇ ପାଇଁ ରନ୍ଧନ ଗ୍ୟାସ ମୁଖ୍ୟ ଜାଳେଣି ଭାବେ ବ୍ୟବହାର କରାଯାଉଥିଲା। ଏବେ ରନ୍ଧନ ଗ୍ୟାସ ମୂଲ୍ୟ ବହୁ ଅଧିକ ହୋଇଯାଇଥିବାରୁ ଆମେ ରନ୍ଧନ ଗ୍ୟାସ ପରିବର୍ତ୍ତେ କୋଇଲା ଓ କାଠ ବ୍ୟବହାର କରୁଛୁ। ରନ୍ଧନ ଗ୍ୟାସ ଦର ବୃଦ୍ଧି ଫଳରେ ଗ୍ରାହକଙ୍କ ପାଇଁ ମଧ ମିଲ ଦର ବଢ଼ାଇବାକୁ ପଡୁଛି।

**ନରେନ୍ଦ୍ର ସାହୁ, ଗାୟତ୍ରୀ ହୋଟେଲ ମାଲିକ**


"ସରକାର ପ୍ରଥମେ ମାଗଣାରେ ଉଜ୍ଜ୍ୱଳା ଗ୍ୟାସ ଓ ଚୂଲା ଦେଲା ପରେ ସବ୍‌ସିଡି ଟଙ୍କା ଠିକ୍ ସମୟରେ ଦେଲେ ନାହିଁ। ଏବେ କ୍ରମାଗତ ଭାବେ ରନ୍ଧନ ଗ୍ୟାସ ଦର ବଢ଼ି ଚାଲିଛି । ଫଳରେ ଗ୍ୟାସ କିଣିବା ସମ୍ଭବ ପର ହେଉନାହିଁ। ଏନେଇ ଘସି ଓ କାଠ ଚୁଲିରେ ପୁଣି ରୋଷେଇ କରିବାକୁ ବାଧ ହେଉଛୁ।

**ସସ୍ମିତା ସାହୁ, ଗୃହିଣୀ -**


"କ୍ରମାଗତ ଭାବେ ରନ୍ଧନ ଗ୍ୟାସ ଦର ବଢ଼ି ଚାଲିଛି। ଯେହେତୁ ଆମେ ରନ୍ଧନ ଗ୍ୟାସରେ ରୋଷେଇ କରିବା ଅଭ୍ୟସ୍ତ ହୋଇଗଲୁଣି, ଏବେ ଚୂଲିରେ ରାନ୍ଧିବା କଷ୍ଟ ସାଧ। ସରକାର ରନ୍ଧନ ଗ୍ୟାସ ଦର କମାଇବା କଥା। କାରଣ ଏହା ସବୁ ବର୍ଗଙ୍କ ପାଇଁ ନିତ୍ୟାନ୍ତ ଆବଶ୍ୟକ।

**ମିତାଲି ମିଶ୍ର,ଗୃହିଣୀ -**


"କରୋନା ମହାମାରୀ ପରେ ପ୍ରତି ପରିବାରର ଆୟ କମିଛି। ସରକାର ଦିନକୁ ଦିନ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ମୂଲ୍ୟ ବଢ଼ାଇ ଚାଲିଥିବା ବେଳେ ଏବେ ଗ୍ୟାସ ଦର ବୃଦ୍ଧି ସବୁ ପରିବାର ପାଇଁ ଏକ କଷ୍ଟକର ବ୍ୟାପାର। ଆଗାମୀ ଦିନରେ ଏହାର ଉଚିତ ଜବାବ ଦିଆଯିବ।

**କବିତା ସେନାପତି, ନାରୀ ନେତ୍ରୀ**

## ବାଇକ୍ ଉପରେ ଖସିଲା ଗଛ,ବିଦ୍ୟୁତ୍ ଖୁଣ୍ଟ: ୨ ଗୁରୁତର


ବାଇକ୍ ଉପରେ ପଡିଯାଇଥିବା ଗଛ।

ଆଠଗଡ଼,୧୦।୩(ସ୍ୱ.ପ୍ର.)

ଚଳନ୍ତା ବାଇକ୍ ଉପରେ ଗୋଟିଏ ବରଗଛ ସହ ବିଦ୍ୟୁତ୍ ଖୁଣ୍ଟ ପଡ଼ିବାରୁ ୨ ଜଣ ଗୁରୁତର ଏବଂ ଜଣେ ସାମାନ୍ୟ ଆହତ ହୋଇଛି। ଆଠଗଡ଼ ଥାନା ଅନ୍ତର୍ଗତ ୬୫ ନମ୍ବର ଜାତୀୟ ରାଜପଥର ମହୀଧରପୁର ଛକରେ ଏହି ଦୁର୍ଘଟଣା ଘଟିଛି। ଗୁରୁତରଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ଅପରାହ୍ନରେ ଗୋଟିଏ ବାଇକ୍‌ରେ ଟୁକୁନା ରଣା(୩୪), ନିମେଇଁ ଚରଣ ରଣା (୭୦) ଏବଂ ରବି ସ୍ୱାଇଁ (୪୦)ଠାକୁରାଣୀ ଘଟ ନେଇ ନିଜଘର ତିଗିରିଆ ଥାନା ଅନ୍ତର୍ଗତ ପୁରୁଣା ତିଗିରିଆ ଯାଉଥିବା ସମୟରେ ମହୀଧରପୁର ଛକରେ ବାଇକ୍ ଉପରେ ହଠାତ୍ ଏକ ବରଗଛ ଓ ବିଦ୍ୟୁତ୍ ଖୁଣ୍ଟ ଖସିପଡ଼ିଥିଲା। ଫଳରେ ୩ ଜଣ ଗଛତଳେ ଚାପିହୋଇ ଯାଇଥିଲେ। ଗଛ ଉପରେ ବିଦ୍ୟୁତ୍ ଖୁଣ୍ଟ ସହ ତାର ଥିବା ଯୋଗୁ ପ୍ରଥମେ କୌଣସି ଲୋକ ସେମାନଙ୍କୁ ଉଦ୍ଧାର କରି ପାରି ନ ଥିଲେ। ପରେ ବିଦ୍ୟୁତ୍ ସଂଯୋଗ କାଟିବା ପରେ ସେହି ରାସ୍ତାଦେଇ ଯାଉଥିବା ପଥଚାରୀଙ୍କ ସହଯୋଗରେ ଗଛକୁ କଟାଯାଇଥିଲା। ତିନିଜଣଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ନିଆଯାଇ ଆଠଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତେବେ ସେଠାରେ ଟୁକୁନା ଓ ନିମେଇଁଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଖବରପାଇ ଅଗ୍ନିଶମ ବିଭାଗ, ଆଠଗଡ଼ ପୋଲିସ ଓ ବିଦ୍ୟୁତ୍ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଭାଙ୍ଗିପଡ଼ିଥିବା ବରଗଛ ଓ ବିଦ୍ୟୁତ୍ ଖୁଣ୍ଟକୁ ହଟାଇଥିଲେ। ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।

## ହୋଲି ଖେଳବେଳେ ଆକ୍ରମଣ ଘଟଣା, ୩ ଗିରଫ

ମଙ୍ଗୁଳି-ଜଗତପୁର,୧୦।୩(ଡି.ଏନ୍.ଏ.)

ଜଗତପୁରସ୍ଥିତ ନାନକା ଗ୍ରାମରେ ହୋଲି ଖେଳବେଳେ ଆକ୍ରମଣ ଘଟଣାରେ ସମ୍ପୃକ୍ତି ଥିବା ୩ଜଣ ଅଭିଯୁକ୍ତଙ୍କୁ ଜଗତପୁର ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଜଗତପୁର ଥାନା ଅଧୀନ ନୂଆସାହିର ପ୍ରଦୀପ କୁମାର ଜେନା ଓରଫ ପିଣ୍ଟୁ (୩୮), ନାନକା ଉପରସାହିର ଜିତେନ୍ଦ୍ର କୁମାର ପାତ୍ର(୩୨) ଓ ଟାଙ୍ଗୀ ଥାନା ଅଧୀନ ଓଡସି ଗ୍ରାମର ସୁଜିତ କୁମାର ନାୟକ (୪୧)। ସୁଜିତ ଜଣେ ହୋମଗାର୍ଡ ଭାବେ କାର୍ଯ୍ୟ କରୁଥିଲେ। ସେ ପୂର୍ବରୁ ବିଭିନ୍ନ ଆପରାଧିକ କାର୍ଯ୍ୟରେ ଲିପ୍ତ ଥିବାରୁ ଚାକିରିରୁ ବିଦା ହୋଇଯାଇଛନ୍ତି। ସେମାନଙ୍କ ନିକଟରୁ ୨ଟି ବାଉଁଶ ଫାଳିଆ ଏବଂ ଗୋଟେ ବୁଲେଟ (ନଂ.ଓଡି୩୩ କ୍ୟୁ- ୧୯୩୮) ପୋଲିସ ଜବତ କରିଛି। ସୂଚନା ମୁତାବକ, ବୁଧବାର ଜଗତପୁର ଥାନା ଅଧୀନ ନାନକା ଗ୍ରାମର ବଦ୍ରି ପ୍ରସାଦଙ୍କ ଘର ସାମ୍ନାରେ ତାଙ୍କ ପରିବାର ମହିଳାଙ୍କ ସହ ପଡ଼ୋଶୀ ମହିଳା ମିଶି ରଙ୍ଗ ଖେଳୁଥିଲେ। ଏହି ସମୟରେ ପିଣ୍ଟୁ ହଠାତ ଏକ ବୁଲେଟରେ ଆସି ତାଙ୍କୁ ରଙ୍ଗ କରିବାକୁ ବାଧ କଲା। ମହିଳାମାନେ ପ୍ରତିରୋଧ କରିବାରୁ ତାଙ୍କୁ ଗାଳିଗୁଲଜ କଲା। ଉପସ୍ଥିତ ଲୋକେ ପାଟି କରିବାରୁ ସେ ଚାଲିଯାଇଥିଲା। ପ୍ରାୟ ଅଧ ଘଣ୍ଟା ପରେ ପିଣ୍ଟୁ ପୁଣି ସାଥୀରେ ୨ସାଙ୍ଗଙ୍କୁ ଆଣି ସେଠାରେ ପୁନଶ୍ଚ ଗାଳିଗୁଲଜ କରିଥିଲେ। ଏ ନେଇ ବଦ୍ରି ପ୍ରସାଦଙ୍କ ପରିବାର ଓ ପଡୋଶୀଙ୍କ ପରିବାରଲୋକେ ପାଟି କରିବାରୁ ସେମାନେ ସଂଘବଦ୍ଧ ଆକ୍ରମଣ କରିଥିଲେ। ଫଳରେ ବଦ୍ରିଙ୍କ ସମେତ ୩ଜଣ ଆହତ ହୋଇ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ କରି ୩ଜଣଙ୍କୁ ଗିରଫ କରିଥିଲା।


ବିଭିନ୍ନ ଦାବି ନେଇ କଟକ ପାଲାମଣ୍ଡପସ୍ଥିତ ଟିପିସିଓଡିଏଲ୍ ସୁପରିଣ୍ଟେଣ୍ଡେଣ୍ଟଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଠିକା ବିଦ୍ୟୁତ୍ କର୍ମଚାରୀମାନେ ଶୁକ୍ରବାର ଧାରଣାରେ ବସିଛନ୍ତି।

## ଚୋରି ଅଭିଯୋଗରେ ଜଣେ ଗିରଫ

ନିଶ୍ଚିନ୍ତକୋଇଲି,୧୦।୩(ସ୍ୱ.ପ୍ର)

ଚୋରି ଅଭିଯୋଗରେ ନିଶ୍ଚିନ୍ତକୋଇଲି ଥାନା ପୋଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ରାଜେଶ ମଲ୍ଲିକ । ଏନେଇ ଥାନାରେ ମାମଲା (ନଂ. ୪୨/୨୩) ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ, ଅସୁରେଶ୍ୱର ପଞ୍ଚାୟତ ଭାରିଗୋଳ ଗ୍ରାମର ପୂର୍ଣ୍ଣଚନ୍ଦ୍ର ରାୟଙ୍କ ଘରୁ ମଲ୍ଲିକ କିଛି ସାମଗ୍ରୀ ଚୋରି କରିନେଇଥିଲେ। ଏନେଇ ରାୟ ଥାନାରେ ଅଭିଯୋଗ କରିବା ପରେ ପୋଲିସ କାର୍ଯ୍ୟାନୁଷ୍ଠାନ ନେଇଛି।

## ହତ୍ୟା ଅଭିଯୋଗ ଆଣିଲେ ବାପଘର, ୩ ଗିରଫ

ନିଶ୍ଚିନ୍ତକୋଇଲି,୧୦।୩(ସ୍ୱ.ପ୍ର.)

### ମହିଳାଙ୍କ ମୃତ୍ୟୁ ମାମଲା

କଟକ ଜିଲା ନିଶ୍ଚିନ୍ତକୋଇଲି ଥାନା ମହାଜନପୁର ଗ୍ରାମର ସରୋଜ ବେହେରାଙ୍କ ସ୍ତ୍ରୀ ସୁଭଦ୍ରା ବେହେରାଙ୍କ ମୃତ୍ୟୁ ଏକ ଯୋଜନାବଦ୍ଧ ହତ୍ୟା ବୋଲି ତାଙ୍କ ବାପା ମହେନ୍ଦ୍ର ଗୋଛାୟତ ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏହି ଘଟଣାରେ ସୁଭଦ୍ରାଙ୍କ ଶ୍ୱଶୁର ଗୌରହରି, ସ୍ୱାମୀ ସରୋଜ ଓ ଦେଢ଼ଶୁର ଅଶୋକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଜଗତ୍‌ସିଂହପୁର ଜିଲା ଏରସମା ଥାନା ଅଟିମଟି ଗ୍ରାମର ମହେନ୍ଦ୍ର ଗୋଛାୟତଙ୍କ ଝିଅ ସୁଭଦ୍ରା ୨୦୧୪ ଜୁନରେ ବୈଦିକ ରୀତିରେ ନିଶ୍ଚିନ୍ତକୋଇଲି ବ୍ଲକ୍ ଜିଗ୍ନିପୁର ପଞ୍ଚାୟତ ମହାଜନପୁର ଗ୍ରାମର ସରୋଜ ବେହେରାଙ୍କୁ ବିବାହ କରିଥିଲେ। କିଛି ଦିନ ହେଲା ତାଙ୍କ ପରିବାରରେ କଳହ ଲାଗିରହିଥିଲା। ଏନେଇ ଥାନାରେ ନଂ. ୪୮୫/୨୨ରେ ଏକ ମାମଲା ରୁଜୁ ହୋଇଥିଲା। ଫଳରେ ସୁଭଦ୍ରା ବାପଘରକୁ ପଳାଇଥିଲେ। ପରବର୍ତ୍ତୀ ସମୟରେ ଏହାର ସମାଧାନ କରାଯିବାରୁ ଫେବୃୟାରୀ ୮ରେ ସୁଭଦ୍ରା ପୁନର୍ବାର ଶାଶୁଘରକୁ ଫେରିଥିଲେ। ମାତ୍ର ଗୁରୁବାର ଅପରାହ୍ନରେ ସୁଭଦ୍ରା ଶାଶୁଘରେ ପଙ୍ଖାରେ ନିଜ ଶାଢି ବାନ୍ଧି ଆତ୍ମହତ୍ୟା କରିଥିବା ଶାଶୁଘର ତରଫରୁ କୁହାଯାଇଥିଲା। ହତ୍ୟା ଅଭିଯୋଗ ପରେ ପୋଲିସ ନଂ. ୪୫/୨୩ରେ ଏକ ମାମଲା ରୁଜୁ ହୋଇଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ହସ୍ତଗତ ହେଲେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ ସୂଚନା ଦେଇଛି।

## ମନ୍ଦିର ସମ୍ମୁଖରେ ଗୃହ ନିର୍ମାଣକୁ ବିରୋଧ: ଶ୍ରଦ୍ଧାଳୁଙ୍କ ରାସ୍ତାରୋକୋ

ଆଠଗଡ଼,୧୦।୩(ସ୍ୱ.ପ୍ର.)


ଶ୍ରଦ୍ଧାଳୁମାନେ ରାସ୍ତା ଅବରୋଧ କରିଛନ୍ତି।

ଆଠଗଡ଼ ସହରସ୍ଥିତ ରଘୁନାଥ ମନ୍ଦିର ସମ୍ମୁଖରେ ଗୃହ ନିର୍ମାଣକୁ ବିରୋଧ କରାଯାଇଛି। ଏନେଇ ରଘୁନାଥ ଜୀଉ ରାମଲିଳା ସଂଘ ପକ୍ଷରୁ ମନ୍ଦିର ସମ୍ମୁଖ ୬୫ନଂ.ଖୁଣ୍ଟୁଣୀ-ନରସିଂହ ପୁର ମୁଖ୍ୟ ରାସ୍ତା ଅବରୋଧ କରାଯାଇଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଏହାପରେ ନିର୍ମାଣ କାର୍ଯ୍ୟକୁ ବନ୍ଦ ରଖିଯାଇଛି। ପରେ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁଙ୍କ ଆବାସିକ କାର୍ଯ୍ୟାଳୟରେ ଆଲୋଚନା ମାଧ୍ୟମରେରେ କାର୍ଯ୍ୟ କରିବାକୁ ନିଷ୍ପତ୍ତି ହୋଇଛି। ଏହି ଅବସରରେ ସଂଘ ସଭାପତି ପ୍ରଭାକର ପଟ୍ଟନାୟକ, ସମ୍ପାଦକ ଶିବ ଶଙ୍କର ଜେନା, ତ୍ରିଲୋଚନ ପ୍ରଧାନ, ସୁଧାଂଶୁ ଶେଖର ଦଳାଇ,ପ୍ରଦିପ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ବାଇକ୍ ଧକ୍କାରେ ଜଣେ ମୃତ: ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତା ଅବରୋଧ



ବଡ଼ମ୍ବା/ମାଣିଆବନ୍ଧ ,୧୦।୩ (ଡି.ଏନ୍.ଏ.)

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଧୋବଣୀନାଳ ଛକରେ ଶୁକ୍ରବାର ଅପରାହ୍ନରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ଘଟଣାସ୍ଥଳରେ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି। ମୃତକ ହେଲେ ବାରିମୂଳ ଗାଁର ଟୁକୁନା ପ୍ରଧାନ ଓ ଆହତ ସୁନ୍ଦରିଆ ଗାଁର ପିନା ଗୋଛି। ଆହତଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏହାପରେ ସ୍ଥାନୀୟ ଲୋକେ କଟକ- ନରସିଂହପୁର ମୁଖ୍ୟରାସ୍ତାର ଧୋବଣୀନାଳ ଛକଠାରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ସୁନ୍ଦରିଆ ଗାଁରୁ ଏକ ବାଇକ୍ ଯୋଗେ ଟୁକୁନା ଓ ପିନା ବାହାଘର ପାଇଁ ଜିନିଷ କିଣିବାକୁ ନୂଆପାଟଣା ଆସୁଥିଲେ। ଏହି ସମୟରେ ମାଣିଆବନ୍ଧ ପଟୁ ବାଇକ୍ ଯୋଗେ ଆସୁଥିବା ଜଣେ ଯୁବକଙ୍କ ସହ ଧୋବଣୀନାଳ ଛକରେ ଧକ୍କା ହୋଇଥିଲା।

ଏହାପରେ ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବସରୋଧ କରି ହମ୍ପ୍ସ ନିର୍ମାଣ କରାଯିବା ସହ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଦାବି କରିଥିଲେ। ତହସିଲଦାର ନୀଳକଣ୍ଠ ବେହେରା ଓ ଆଠଗଡ଼ ଏସ୍‌ଡିପିଓ ବିଜୟ କୁମାର ବିଶି ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ ମଧ କିଛି ସୁଫଳ ମିଳି ନ ଥିଲା । ପରେ ବିଧାୟକ ଦେବୀପ୍ରସାଦ ମିଶ୍ର ଘଟଣାସ୍ଥଳରେ ପହଞ୍ଚି ବିଭାଗୀୟ ଯନ୍ତ୍ରୀଙ୍କ ସହ ଯୋଗାଯୋଗ କରିଥିଲେ। ଏଠାରେ ସ୍ଥାୟୀ ହମ୍ପ୍ସ ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେବାପରେ ଲୋକମାନେ ଆନ୍ଦୋଳନରୁ ହଟିଥିଲେ। ରେଡ୍‌କ୍ରସ୍ ତରଫରୁ ତହସିଲଦାର ୩୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିଥିଲେ ।

# ବିଧାୟକଙ୍କ ଉଦ୍‌ଘାଟନୀ କାର୍ଯ୍ୟକ୍ରମକୁ ବିରୋଧ

ମଙ୍ଗୁଳି-ଜଗତପୁର/ଚୌଦ୍ୱାର,୧୦।୩(ଡି.ଏନ୍.ଏ.)

- ଫାଟ ସ୍ଥାନକୁ ଗାମୁଛାରେ ଲୁଚାଯାଇଥିଲା
- ପାର୍କରେ ଆଲୋକ ବ୍ୟବସ୍ଥା ନାହିଁ
- ୬ ପ୍ରକଳ୍ପ ବ୍ୟୟର ସୂଚନାଫଳକ ନାହିଁ

ଚୌଦ୍ୱାର ପୌରପାଳିକା ଅଧୀନ ୮ଟି ୱାର୍ଡରେ ମୁକ୍ତା ଯୋଜନା ଜରିଆରେ ନିର୍ମିତ ହୋଇଥିବା ୧୦ଟି ପ୍ରକଳ୍ପର ପୌର ପ୍ରଶାସନ ପକ୍ଷରୁ ଉଦ୍‌ଘାଟନ ଓ ୨ଟି ପ୍ରକଳ୍ପର ଗୁରୁବାର ଶିଳାନ୍ୟାସ କାର୍ଯ୍ୟକ୍ରମ ଥିଲା। ଚୌଦ୍ୱାର କଟକ ବିଧାୟକ ସୌଭିକ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏ ସବୁ ପ୍ରକଳ୍ପଗୁଡିକୁ ଉଦ୍‌ଘାଟନ କରିବାର ଥିଲା। କିନ୍ତୁ ୧୨ଟି ପ୍ରକଳ୍ପ ମଧ୍ୟରୁ ୩ଟି ପ୍ରକଳ୍ପର ଉଦ୍‌ଘାଟନ ସ୍ଥଳରେ ବିଧାୟକ ସୌଭିକ ପହଞ୍ଚିବା ମାତ୍ରେ ସ୍ଥାନୀୟ ମହିଳା ଏବଂ ପୁରୁଷ ତାଙ୍କୁ ବିରୋଧ କରିଥିଲେ। ୫ ନମ୍ବର ୱାର୍ଡରେ ହେବାକୁ ଥିବା ମିଶନଶକ୍ତି ଗୃହ ଉଦ୍‌ଘାଟନ ପୂର୍ବରୁ ଦୁଇଟି କାନ୍ଥରେ ବଡ଼ ଫାଟ ସୃଷ୍ଟି ହୋଇ ହଲିବାକୁ ଲାଗୁଛି। କାନ୍ଥଗୁଡିକରେ ଫାଟ ଲୁଚାଇବା ପାଇଁ ନୀଳ ରଙ୍ଗର ଗାମୁଛା ଘୋଡାଯାଇଥିଲା। ଚଟାଣର ବିଭିନ୍ନ ସ୍ଥାନରେ ଫାଟି ବାଲି ବାହାରୁଛି। ଏହାକୁ ଉଦ୍‌ଘାଟନ କଲେ କେତେଦିନ ପର୍ଯ୍ୟନ୍ତ ଆମର କାର୍ଯ୍ୟରେ ଆସିବ ବୋଲି ସ୍ଥାନୀୟ ଲୋକେ ବିଧାୟକଙ୍କୁ ପ୍ରଶ୍ନ କରିବା ସହ ଗୃହ ପରିସର ବୁଲାଇ ଦେଖାଇଥିଲେ। ଠିକାଦାର ପୁନଃ ମରାମତି ନ କରିବା ଯାଏଁ ଏହାର ଉଦଘାଟନ କରାଯିବ ନାହିଁ ବୋଲି ବିଧାୟକ ପ୍ରତିଶ୍ରୁତି ଦେବା ପରେ ଲୋକେ ଶାନ୍ତ ପଡ଼ିଥିଲେ।

ସେହିପରି ୧୩ନମ୍ବର ୱାର୍ଡରେ ମିନିପାର୍କ ଉଦ୍‌ଘାଟନ କାର୍ଯ୍ୟକ୍ରମକୁ ସ୍ଥାନୀୟ ମହାବୀର ମନ୍ଦିର ପୂଜା କମିଟି ସଦସ୍ୟ ବିରୋଧ କରିଥିଲେ। ମନ୍ଦିରଠୁ ଜାଗା ନେଇ ପୌର ପ୍ରଶାସନ ଏଠାରେ ପାର୍କ ନିର୍ମାଣ କରୁଛି। ପାର୍କ ପାଇଁ ୧୪ଲକ୍ଷ ଟଙ୍କା ମଞ୍ଜୁରୀ ହୋଇଛି। ମିନି ପାର୍କର ଚାରି ପଟ ପାଚେରି ଓ ରଙ୍ଗ କାମ ମନ୍ଦିର କମିଟି କରିଛି। ଠିକାଦାର କେବଳ ପାଚେରିକୁ ରଡ଼ ଜାଳି ଲଗେଇବା, ପାର୍କ ମଝିରେ ୩ଟି ଚେୟାର ଏବଂ ଅଧାପନ୍ତରିଆ ଫ୍ଲେବର ବ୍ଲକ ଟାଇଲ ପକାଇ ୧୪ଲକ୍ଷ ଟଙ୍କା ବିଲ କିପରି ନେଲା। ଯାହାର ମୂଲ୍ୟ ଆନୁମାନିକ ୩ରୁ ୪ଲକ୍ଷ ଟଙ୍କା ହେବ ବାକି ୧୦ଲକ୍ଷ ଟଙ୍କା କୁଆଡେ ଗଲା, ଯେପର୍ଯ୍ୟନ୍ତ ପାର୍କର ସମସ୍ତ କାମ ନ ସରିଛି ସେପର୍ଯ୍ୟନ୍ତ ଆମେ ଉଦଘାଟନ କରାଇ ଦେବୁ ନାହିଁ। ପାର୍କରେ କୌଣସି ଆଲୋକ ବ୍ୟବସ୍ଥା ନ ଥାଇ କାହିଁକି ରାତି ଅନ୍ଧାରରେ କାହାକୁ ନ ଜଣାଇ ଉଦ୍‌ଘାଟନ କରିବାକୁ ଆସିଛନ୍ତି ବୋଲି ମହାବୀର ପୂଜା କମିଟିର ସଦସ୍ୟ ଆଶିଷ କୁମାର ଧଳ ପ୍ରଶ୍ନ କରିଥିଲେ। ଆଗାମୀ ୨୫ତାରିଖ ସୁଦ୍ଧା ମିନିପାର୍କର ସମସ୍ତ କାର୍ଯ୍ୟ ସରିବା ପରେ ଏହାର ଉଦ୍‌ଘାଟନ କରାଯିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଅପରପକ୍ଷେ ଉଦ୍‌ଘାଟନ ହେବାକୁ ଥିବା ପ୍ରକଳ୍ପ ମଧ୍ୟରେ ୬ଟି ପ୍ରକଳ୍ପରେ ବ୍ୟୟ ଅଟକଳର ସୂଚନାଫଳକ ନ ଥିବାର ଦେଖିବାକୁ ମିଳିଥିଲା। ଏ ନେଇ ନିର୍ବାହୀ ଅଧିକାରୀ ସଞ୍ଜୀବ ମହାପାତ୍ର କହିଛନ୍ତି, ଯେଉଁ ଉଦ୍‌ଘାଟନ କାର୍ଯ୍ୟକ୍ରମ ରହିଥିଲା, ତାହାକୁ ପୌର ପ୍ରଶାସନର ବିନା ଅନୁମତିରେ ଚାଲୁ ରହିଥିଲା। ଏହାର ଉତ୍ତର କେବଳ ବିଧାୟକ ଏବଂ ଚେୟାରମ୍ୟାନ ଦେଇପାରିବେ। ସବୁ ପ୍ରକଳ୍ପ ମୋ ଆସିବା ପୂର୍ବରୁ ନିର୍ମାଣ ହେଇଛି। କାହିଁକି ସୂଚନା ଫଳକ ଲଗାଯାଇନି ଏବଂ ଏ ସବୁ କାମ କେଉଁ ଠିକା ସଂସ୍ଥା କରୁଥିଲା, ଏହାର ତଦନ୍ତ କରାଯିବ ଏବଂ ପୌର ଜେଇ ସମସ୍ତ ପ୍ରକଳ୍ପର ତଦନ୍ତ କରି ରିପୋର୍ଟ କରିବା ପାଇଁ କୁହାଯାଇଛି ବୋଲି ଅଧିକାରୀ କହିଛନ୍ତି।

ଅପରପକ୍ଷରେ ଚୌଦ୍ୱାର ପୌରପାଳିକାର ୧୯ନଂ. ୱାର୍ଡରେ ମିଶନଶକ୍ତି ଗୃହ, ରାସ୍ତା, ଡ୍ରେନ୍ ଓ ମନ୍ଦିରକୁ ବିଧାୟକ ଉଦ୍‌ଘାଟନ କରିଥିଲେ। ସେହିପରି ୧୪, ୧୬ ନଂ. ୱାର୍ଡରେ ମୁକ୍ତା ପ୍ରକଳ୍ପରେ ନିର୍ମିତ ଜଗିଙ୍ଗ ଟ୍ରାକ୍, ୪ ଓ ୧୩ନଂ. ୱାର୍ଡରେ ମିଶନଶକ୍ତି ଗୃହ, ୬ନଂ. ୱାର୍ଡରେ ଭାଗବତ ଟୁଙ୍ଗିର ଶିଳାନ୍ୟାସ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧକ୍ଷ ଶୁଭେନ୍ଦୁ ସାମଲ, ନିର୍ବାହୀ ଅଧିକାରୀ ସଞ୍ଜୀବ ମହାପାତ୍ର, ମୁକ୍ତା ପ୍ରକଳ୍ପ ସଂଯୋଜିକା ଦେବୀକା ମହାନ୍ତି, ଏମ୍‌ପି ଓ ବିଧାୟକଙ୍କ ପ୍ରତିନିଧିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଯୁବକଙ୍କୁ ମରଣାନ୍ତକ ଆକ୍ରମଣ, ଜଣେ ଗିରଫ

ଭୁବନେଶ୍ୱର,୧୦।୩(ବ୍ୟୁରୋ) : ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରିବା ଘଟଣାରେ ଏୟାରଫିଲ୍ଡ ଥାନା ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ସ୍ଥାନୀୟ ଥାନା ଅନ୍ତର୍ଗତ ସୁନ୍ଦରପଦା ଅଞ୍ଚଳର ସନ୍ତୋଷ ପ୍ରଧାନ। ତାଙ୍କଠାରୁ ଆକ୍ରମଣରେ ବ୍ୟବହୃତ ଲୁହା ପାଇପ ଜବତ କରିଛି ପୋଲିସ। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ଗତ ୨୪ ତାରିଖ ସନ୍ଧ୍ୟାରେ ଅଭିଯୋଗକାରୀ ମୁନା ଜେନା ପାଲାମଣ୍ଡପ ସମ୍ମୁଖ ରାସ୍ତାରେ ଯାଉଥିବା ସମୟରେ ଅଭିଯୁକ୍ତ ସନ୍ତୋଷ ତାଙ୍କୁ ଅଟକାଇ ସେଣ୍ଟରିଂପଟା ଚୋରି ସମ୍ପର୍କରେ ପଚାରିଥିଲେ। ଚୋରି ସମ୍ପର୍କରେ ସେ କିଛିବି ଜାଣି ନ ଥିବା କହିବାରୁ ଅଭିଯୁକ୍ତ ହଠାତ ଉତ୍‌କ୍ଷିପ୍ତ ହୋଇ ପାଖରେ ଥିବା ଏକ ଲୁହା ପାଇପ ସାହାଯ୍ୟରେ ମୁନାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ତାଙ୍କର ମୁଣ୍ଡ ଫାଟି ଯିବାରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା। ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ।

### ବିଶ୍ୱ ଶୌଚାଳୟ ମହାବିଦ୍ୟାଳୟରେ ମହିଳା ଦିବସ ପାଳନ

ଭୁବନେଶ୍ୱର,୧୦।୩(ବ୍ୟୁରୋ) : ବିଶ୍ୱ ଶୌଚାଳୟ ମହାବିଦ୍ୟାଳୟ ପକ୍ଷରୁ ଶୁକ୍ରବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଇଛି। ମହାବିଦ୍ୟାଳୟର ରାଜ୍ୟ ସଂଯୋଜକ ସଞ୍ଜୟ କୁମାର ପଲାଇଙ୍କ ଅଧକ୍ଷତାରେ ୨ଟି ପର୍ଯ୍ୟାୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଏମ୍‌ସି ପରିମଳ ବିଶେଷଜ୍ଞ ଶୁଭାଶିଷ ମହାନ୍ତି, ମେଡ଼ିକାଲ ଅଫିସର ଡ. ଧ୍ୟାନମ୍ ଦୀପକ, ବନିତା ମହାରଣା ଓ ଡ. ଶୈଳ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ପରିମଳ ଓ ସ୍ୱାସ୍ଥ୍ୟ ସୁରକ୍ଷା ସମ୍ପର୍କରେ ମହିଳାଙ୍କୁ ସଚେତନ କରିଥିଲେ। ପରିମଳ ରକ୍ଷା ଦିଗରେ ମହିଳାଙ୍କ ଭୂମିକା ସମ୍ପର୍କରେ ଅତିଥିମାନେ ମତ ରଖିଥିଲେ। ଏହି ଅବସରରେ ୨୦ଜଣ ସ୍ୱଚ୍ଛ କର୍ମୀଙ୍କୁ ସମ୍ମାନିତ କରାଯିବା ସହ ସାନିଟେଶନ କିଟ୍ ପ୍ରଦାନ କରାଯାଇଥିଲା। ଶୁଭସ୍ମିତା ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

### ସରିଲା ପଞ୍ଚ ଦୋଳ ମେଳଣ

ବାଲିପାଟଣା,୧୦।୩(ଡି.ଏନ୍.ଏ.): ପାଞ୍ଚ ଦିନ ଧରି ଚାଲିଥିବା ବାଲିପାଟଣା ପଞ୍ଚୁ ଦୋଳ ମେଳଣ ଶୁକ୍ରବାରେ ଶେଷ ହୋଇଛି। ହୋଲି ଅବସରରେ ଚଣାହଟା ଜନବିଦ୍ୟା ମନ୍ଦିରସ୍ଥିତ ସ୍କୁଲ୍ ମେଳଣ ପଡ଼ିଆରେ ଅନୁଷ୍ଠିତ ହୋଇଥିବାବେଳେ ବାଲିପାଟଣା ହାଟ ନିକଟ ମେଳଣ ପଡ଼ିଆଠାରେ ହାଟ ମେଳଣ ଅନୁଷ୍ଠିତ ହୋଇଥିଲା। ଚଣାହଟା ଦହିକଡ଼ି ମେଳଣରେ ୧୦ରୁ ଊର୍ଦ୍ଧ୍ୱ ବିମାନ ଯୋଗଦେଇଥିଲେ। ସେହିପରି ହାଟ ମେଳଣରେ ହରିହର ଭେଟ ପରେ ମେଳଣରୁ ବିଗ୍ରହମାନେ ମନ୍ଦିର ପ୍ରାଙ୍ଗଣକୁ ଫେରିଥିଲେ। ଗୁରୁବାର ବିଳମ୍ବିତ ରାତ୍ରରେ ସରାଟ ମୌଜାର ଇଷ୍ଟଦେବ ଶ୍ରୀ ନୀଳକଣ୍ଠେଶ୍ୱର ଦେବ ଗାଁ ଗାଁ ବୁଲି ଭୋଗ ଖାଇବା ପରେ ଦହିକଡି ମେଳଣରେ ପହଞ୍ଚିଥିଲେ। ଦହିକଡି ମେଳଣ ଥାନପତି ଗୋପୀନାଥ ଦେବଙ୍କ ସହ ଅନ୍ୟ ଠାକୁରମାନେ ବିମାନରେ ମେଳଣରେ ବିରାଜମାନ ହୋଇଥିଲେ। ଶାନ୍ତିଶୃଙ୍ଖଳା ପାଇଁ ପୋଲିସ ମୁତୟନ ହୋଇଥିଲେ। ହରିହର ଭେଟ ପରେ ଠାକୁର ସ୍ୱ ମନ୍ଦିର ପ୍ରତ୍ୟାବର୍ତ୍ତନ କରିଥିଲେ।

# ମେଳଣରେ ୬୦ ଗାଁର ଠାକୁର

ଖୋର୍ଦ୍ଧା ଅଫିସ,୧୦।୩

ହିନ୍ଦୁ ସଂସ୍କୃତି, ପରମ୍ପରାରେ ଦୋଳ ଉତ୍ସବର ବିଶେଷ ମହତ୍ତ୍ୱ ରହିଛି। ଦୋଳ ମେଳଣ ଭାଇଚାରା, ସଂସ୍କୃତିର ବାର୍ତ୍ତା ବହନ କରିଥାଏ। ଫଗୁ ଦଶମୀରୁ ପୂର୍ଣ୍ଣିମୀ ପର୍ଯ୍ୟନ୍ତ ଠାକୁରମାନେ ଦାଣ୍ଡ ପରିକ୍ରମା କରି ଭୋଗ ଖାଇଥାନ୍ତି। ହୋଲି ଉତ୍ସବ ପରେ ମେଳଣ ଆୟୋଜନ କରାଯାଇଥାଏ। ଖୋର୍ଦ୍ଧା ଜିଲାରେ ସହରଠୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ସବୁଠି ଆନନ୍ଦ ଉଲ୍ଲାସର ସହ ଆରମ୍ଭ ହୋଇଛି ଦୋଳ ମେଳଣ।

ଖୋର୍ଦ୍ଧା ସହରର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ଶ୍ରୀଲୋକେଶ୍ୱର। ଏଠାରେ ହୋଲି ପରଦିନ ୩ଦିନ ବ୍ୟାପୀ ମେଳଣ ଉତ୍ସବ ଆୟୋଜନ ହୋଇଥାଏ। ଚଳିତବର୍ଷ ୬୦ ଗ୍ରାମର ଠାକୁର ଏଠାରେ ଏକତ୍ରିତ ହୋଇଛନ୍ତି। ଠାକୁରମାନେ ଦୋଳ ବିମାନରେ ବିଜେ ହୋଇ ଏଠାକୁ ଆସନ୍ତି। ରାଧାକାନ୍ତ ମଠ ପରିଚାଳକ ବିଜୟ ପ୍ରଧାନ କୁହନ୍ତି, ଏହି ମେଳଣ ଇତିହାସ ବହୁ ପ୍ରାଚୀନ। ପ୍ରଥମେ ୫ ଗ୍ରାମର ଠାକୁରଙ୍କୁ ନେଇ ଦୋଳ ମେଳଣ ଆରମ୍ଭ ହୋଇଥିଲା। ଏବେ ଠାକୁରଙ୍କ ସଂଖ୍ୟା ୬୦ରେ ପହଞ୍ଚିଛି। ୩ଦିନ ଧରି ଏହି ମେଳଣ ଆୟୋଜିତ ହୋଇଥାଏ। ଥାନପତି ଭାବେ ଶ୍ରୀଲୋକେଶ୍ୱର ବିଜେ କରନ୍ତି। ପରେ ଠାକୁରମାନେ ଦୋଳ ବିମାନରେ ଆସି ନିଜ ଆସନରେ ବିଜେ କରନ୍ତି। ତିନିଦିନ ଧରି ନାମ ସଙ୍କୀର୍ତ୍ତନ, ସାଂସ୍କୃତିକ କାର୍ଯ୍ୟକ୍ରମରେ ମେଳଣ ପଡିଆରେ ଏକ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି ହୋଇଥାଏ। ଖୋର୍ଦ୍ଧା ସହର ସମେତ ଆଖପାଖ ଅଞ୍ଚଳର ଗ୍ରାମବାସୀ ଏକାଠି ହୋଇଥାନ୍ତି। ଦୋଳ ମେଳଣ ପାଇଁ ଲୋକେଶ୍ୱର ମନ୍ଦିର ଏବଂ ମେଳଣ ପଡିଆକୁ ଆଲୋକମାଳାରେ ସଜ୍ଜିତ କରାଯାଇଛି। ଠାକୁରଙ୍କ ସନ୍ଧ୍ୟା ଆଳତି ଦର୍ଶନ ପାଇଁ ପ୍ରବଳ ଜନସମାଗମ ହେଉଛି। ପୂର୍ବରୁ ୫୪ଟି ଗ୍ରାମର ଠାକୁର ଆସୁଥିବା ବେଳେ ଚଳିତବର୍ଷ ଆଢଖଣ୍ଡିଆର ନୀଳକଣ୍ଠେଶ୍ୱର, ପତନିବରର ନୀଳକଣ୍ଠେଶ୍ୱର, ବୋତଳମାର ରଘୁନାଥ, ତରାବୋଇର ରାଧାମୋହନ ଓ ନୀଳକଣ୍ଠେଶ୍ୱର ଏବଂ ଛତିପୁର ନୀଳକଣ୍ଠେଶ୍ୱରଓ ସାମନ୍ତରାପୁର ବାସେଳି ସାହିର ରଘୁନାଥ ଦେବ ପ୍ରମୁଖ ରହିଛନ୍ତି। ୩ଦିନ ବ୍ୟାପୀ ଭଜନ ସମାରୋହ, ନାମ ସଂକୀର୍ତ୍ତନ ଏବଂ ନୟାଗଡ ଓ ପୁରୀ ଜିଲାର ପ୍ରସିଦ୍ଧ ରାମ ନାଟକ ପରିବେଷଣ କରାଯିବ। ଦୋଳ ମେଳଣରେ ଲକ୍ଷ୍ମୀ ନାରାୟଣ-ରାଧାକାନ୍ତ-ମଦନମୋହନ-ଗୋପୀନାଥ ଭାଲିଆବାଡି, ବାଲୁଙ୍କେଶ୍ୱର ପାନବରଜ, ଆଖଣ୍ଡଳମଣି-ଶ୍ରୀଗଣେଶ ପଲାହାଟ, ମଦନମୋହନ ଲୋକେଶ୍ୱରପୁର, ବ୍ରଜବିହାରୀ ପଲ୍ଲା, ଗୋପୀନାଥ ଦେବ-ମଦନମୋହନ ଦଳେଇପୁଟ, ରାଢେଶ୍ୱର-ମଦନମୋହନ ବରପଦା, ରଘୁନାଥ ଦେବ ଜରିପୁଟ, ରାଧାକୃଷ୍ଣ ପାଟପୁର (ଗୋପପୁରିଆ), ଆଖଣ୍ଡଳେଶ୍ୱର ସିଆଳିଆପାଟଣା, ରାଧାକୃଷ୍ଣ ପାଟପୁର, ବାଲୁଙ୍କେଶ୍ୱର-ଶ୍ରୀଜଗନ୍ନାଥ-ଭାଗବତ ବାସୁଦେବ ଜେମାଦେଇ, ରାଧାକୃଷ୍ଣ ଚମ୍ପାପୁର, ପଶ୍ଚିମେଶ୍ୱର ପାଟପୁର, ମାର୍କଣ୍ଡେଶ୍ୱର-ରାଧାକାନ୍ତ-ରାଧାମୋହନ ଦୁର୍ଗାପୁର, ନୀଳକଣ୍ଠେଶ୍ୱର ଛତିପୁର, ଦକ୍ଷେଶ୍ୱର ମଙ୍ଗଳାନଗର ରାଧାଗୋବିନ୍ଦ-ପତିତପାବନ ଗୁରୁଜଙ୍ଗ(ଟାଙ୍ଗୀସାହି), ରାଧାମୋହନ ଲୋକେଶ୍ୱର, ଲକ୍ଷ୍ମୀନାରାୟଣ-ରାମନାଥ ଡାକ୍ତରସାହି, ଗୋପୀନାଥ ଭାଲିଆବାଡି, ମଦନମୋହନ ସିଆଳିଆ, କେଦାରଶ୍ୱର ଟାଙ୍ଗିଆପଡା, ରାଧାକାନ୍ତ ଶରଧାପୁର, ସ୍ୱପ୍ନେଶ୍ୱର ସାମନ୍ତାପୁର, ବାଲୁଙ୍କେଶ୍ୱର-ଗୋପାଳଜୀଉ ଉପରସାହି, ଗୋପିନାଥ ହଡାଛକ, ବରାଳ ବାଲୁଙ୍କେଶ୍ୱର-ରାଧାବଲ୍ଲଭ ରାଧାବଲ୍ଲଭ ସାହି, ମଦନମୋହନ-ନଟବରଚନ୍ଦ୍ର ବଣିଆଟାଙ୍ଗୀ, ଦଧିବାମନ-ରାଧାଗୋବିନ୍ଦ ବଡତୋଟା, ଲକ୍ଷ୍ମୀନାରାୟଣ ଶ୍ରୀରାମନଗର, ଚନ୍ଦ୍ରଶେଖର ନନ୍ଦପୁର, ରାଧାକୃଷ୍ଣ ବରମପୁର, ତାରକେଶ୍ୱର ଟିଏଲସି ଛକ ଆଦି ଅଞ୍ଚଳ ଠାକୁର ରହିଛନ୍ତି।


ମେଳଣ ପଡ଼ିଆରେ ବିମାନରେ ବିରାଜମାନ କରିଥିବା ଠାକୁର।

### ଆଞ୍ଚଳିକ ଦୋଳ ମହୋତ୍ସବ ଉଦ୍‌ଘାଟିତ

ନିରାକାରପୁର, (ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ଲେଣ୍ଡୋସ୍ଥିତ ଶ୍ରୀଲଡୁକେଶ୍ୱର ଦେବଙ୍କ ପୀଠରେ ଦୁଇଦିନିଆ ଫୁଲଦୋଳ ଗୁରୁବାର ଠାରୁ ଆରମ୍ଭ ହୋଇଯାଇଛି। ଏହି ଉପଲକ୍ଷେ ଉକ୍ତ ପଡିଆରେ ଆଞ୍ଚଳିକ ଦୋଳ ମହୋତ୍ସବ ମଧ୍ୟ ଆରମ୍ଭ ହୋଇଛି। ଏଥିରେ ଅନୁଷ୍ଠାନର ସଭାପତି ଶ୍ୟାମସୁନ୍ଦର ତ୍ରିପାଠୀ ସଭାପତିତ୍ୱ କରିଥିବା ବେଳେ ଉଦ୍‌ଘାଟକ ଭାବେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ଚିଲିକା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ସାମାଜିକ କର୍ମୀ ସଞ୍ଜୟ କୁମାର ପଟ୍ଟନାୟକ, ବିଜୁ ଛାତ୍ର ଜନତା ଦଳର ଜିଲା ସଭାପତି ବିଶ୍ୱଜିତ ପ୍ରଧାନ, ଦୋଳ କମିଟିର ପୂର୍ବତନ ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ଜେନା, କମିଟି ସମ୍ପାଦକ ମହେନ୍ଦ୍ର କୁମାର ବିଶୋୟୀ, ସ୍ଥାନୀୟ ସରପଞ୍ଚ ବିନୋଦିନୀ ଦାଶ ପ୍ରମୁଖ ଯୋଗଦେଇଥିଲେ। ଏହି ଉପଲକ୍ଷେ ନକ୍ଷତ୍ର ଗୁରୁକୁଳ ଭୁବନେଶ୍ୱରର ଗୋଟିପୁଅ ନୃତ୍ୟ, ଶ୍ରୀ ସାଇଡ୍ୟାନ୍ସ ଗ୍ରୁପ୍ ନିରାକାରପୁର, ଭଦ୍ରକର ମୋଗଲଇ ଆଜିମ୍ ନୃତ୍ୟ ଦର୍ଶକଙ୍କୁ ବିମୋହିତ କରିଥିଲା। ପ୍ରଶାନ୍ତ କୁମାର ପାଟଶାଣୀ ମଞ୍ଚ ପରିଚାଳନା ସହ ଧନ୍ୟବାଦ ଦେଇଥିଲେ। ଜିଲାପରିଷଦ ସଭ୍ୟ ବିଜୟ କୁମାର ପାଲଟାସିଂ, ସମିତିସଭ୍ୟ ବିକାଶ କୁମାର ନାୟକଙ୍କ ସମେତ ଦୋଳ କମିଟିର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।



ଦୋଳ ମହୋତ୍ସବ ଉଦ୍‌ଘାଟନୀ ଅବସରରେ ଉପସ୍ଥିତ ଅତିଥିମାନେ।

### ଛାତ୍ରୀଙ୍କୁ ଅସଦାଚରଣ, ଘର ମାଲିକ ଗିରଫ

ଭୁବନେଶ୍ୱର,୧୦।୩(ବ୍ୟୁରୋ)

ରାଜଧାନୀରେ ଘର ମାଲିକଙ୍କ ଉତ୍ପାତ ଦେଖିବାକୁ ମିଳିଛି। ପରୀକ୍ଷା ଲାଗି ପ୍ରୋଜେକ୍ଟ ପ୍ରସ୍ତୁତି କରୁଥିବାବେଳେ କୌଣସି କାରଣକୁ ନେଇ କଲେଜ ଛାତ୍ରୀ ଓ ତାଙ୍କ ବନ୍ଧୁଙ୍କୁ ମାଡ ମାରିବା ସହ ଅସଦାଚରଣ ଅଭିଯୋଗରେ ଇନ୍‌ଫୋସିଟି ଥାନା ପୋଲିସ ସଂପୃକ୍ତ ଘର ମାଲିକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଉକ୍ତ ଥାନା ଅନ୍ତର୍ଗତ ଶିଶୁ ବିହାର ଅଞ୍ଚଳର ଉପେନ୍ଦ୍ର ଚାନ୍ଦ (୬୯)। ଏହି ଘଟଣାରେ ସଂପୃକ୍ତ ତାଙ୍କ ସ୍ତ୍ରୀ ଓ ପୁଅ ଫେରାର ଥିବାରୁ ତାଙ୍କୁ ଧରିବା ଲାଗି ପୋଲିସ ଚଢଉ ଜାରି ରଖିଛି। ପୋଲିସ ସୂଚନାନୁଯାୟୀ, ଅଭିଯୁକ୍ତଙ୍କ ଘରେ କେତେଜଣ କଲେଜ ଛାତ୍ରୀ ଭଡାରେ ରହୁଥିଲେ। ଗୁରୁବାର ସନ୍ଧ୍ୟାରେ ଅଭିଯୋଗକାରିଣୀ ଓ ଦୁଇ ବନ୍ଧୁ ଜଣେ ପୁରୁଷ ବନ୍ଧୁଙ୍କ ସହ ମିଶି ପରୀକ୍ଷା ଲାଗି ପ୍ରୋଜେକ୍ଟ ପ୍ରସ୍ତୁତି କାର୍ଯ୍ୟରେ ବ୍ୟସ୍ତ ଥିବାବେଳେ ଅଭିଯୁକ୍ତ ଓ ତାଙ୍କ ପୁଅ ସେଠାକୁ ଆସି ହଠାତ୍ ଅଶ୍ରାବ୍ୟ ଭାଷାରେ ଗାଳି କରିଥିଲେ। ଏହାକୁ ଜଣେ ଛାତ୍ରୀ ପ୍ରତିବାଦ କରିବାରୁ ଅଭିଯୁକ୍ତଙ୍କ ପୁଅ ଏକ ଲୁହାଛଡରେ ତାଙ୍କୁ ମାଡ ମାରିଥିଲେ। ଏଥିସହ ଅସଦାଚରଣ କରିବା ସହିତ ସେମାନଙ୍କ ଫଟୋ ଉଠାଇଥିଲେ। ଏହି ସମୟରେ ଅଭିଯୁକ୍ତଙ୍କ ସ୍ତ୍ରୀ ମଧ୍ୟ ସେଠାକୁ ଆସି ସେମାନଙ୍କ ଫଟୋ ସାମାଜିକ ଗଣମାଧ୍ୟମରେ ପ୍ରସାର କରିଦେବାର ଧମକ ମଧ୍ୟ ଦେଇଥିଲେ। ଏପରିକି ୩ ଅଭିଯୁକ୍ତ ଛାତ୍ରୀଙ୍କ ଦୁଇବନ୍ଧୁଙ୍କ ପର୍ସରୁ ସାଢେ ୯ ହଜାର ଟଙ୍କା ଓ ଏକ ସୁନା କାନଫୁଲ ନେଇଯାଇଥିବା ନେଇ ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି।


ଭୁବନେଶ୍ୱରସ୍ଥିତ ରାଜଭବନରେ ଗୀତିକବି ଚୈତନ୍ୟ ପ୍ରସାଦ ବେହେରାଙ୍କ ଗୀତିକବିତା ପୁସ୍ତକ 'ଅତୀତର ଅନ୍ତାକ୍ଷରୀ' ଉନ୍ମୋଚନ ଅବସରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏବଂ ଅନ୍ୟମାନେ।

### ରାଜ୍ୟପାଳଙ୍କ ଦ୍ୱାରା 'ଅତୀତର ଅନ୍ତାକ୍ଷରୀ' ଉନ୍ମୋଚିତ

ଖୋର୍ଦ୍ଧା ଅଫିସ,୧୦।୩

ରାଜଭବନ ପରିସରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ଦ୍ୱାରା ଗୀତିକବି ଚୈତନ୍ୟ ପ୍ରସାଦ ବେହେରାଙ୍କ ଗୀତିକବିତା ପୁସ୍ତକ 'ଅତୀତର ଅନ୍ତାକ୍ଷରୀ' ଉନ୍ମୋଚିତ ହୋଇଯାଇଛି। ଏହି ପୁସ୍ତକ ଉନ୍ମୋଚନ ବେଳେ ଚୈତନ୍ୟଙ୍କ ସମେତ ଓଡ଼ିଶା ଅକ୍ଷୟ ମହାନ୍ତି ଫାଉଣ୍ଡେଶନ ଟ୍ରଷ୍ଟ ସମ୍ପାଦିକା ଅନସୂୟା ବେହେରା, ସାଂସ୍କୃତିକ ସମ୍ପାଦକ ରାଜା ସାଗର ରଞ୍ଜନ ମେହେର ଓ ସଦସ୍ୟା ପ୍ରଜ୍ଞା ପ୍ରୀତିପର୍ଣ୍ଣା ମେହେର ପ୍ରମୁଖ ଉପସ୍ଥିତ ଥିଲେ।

### 'ଅଦ୍ୱୈତ, ସାଂଖ୍ୟ ଦର୍ଶନରୁ ରାଧା ମତବାଦର ଉତ୍ପତ୍ତି'



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ଏବଂ ଅନ୍ୟମାନେ।

ପୁରୀ ଅଫିସ, ୧୦।୩

ଶ୍ରୀଗୁଣ୍ଡିଚା ଆଧ୍ୟାତ୍ମିକ ଟ୍ରଷ୍ଟ ପୁରୀ ଶାଖା ଆନୁକୂଲ୍ୟରେ ୟୁଥ ହଷ୍ଟେଲ ପରିସରରେ ଗୋବିନ୍ଦ ଉପାସନା ଓ ଶ୍ରୀଜଗନ୍ନାଥ ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟ ଉପାଧ୍ୟକ୍ଷ ବିନୋଦ କୁମାର ପଣ୍ଡା ଆଲୋଚନାଚକ୍ରକୁ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି ଯୋଗଦେଇ କହିଥିଲେ, ଜଗଦଗୁରୁ ଶଙ୍କରାଚାର୍ଯ୍ୟ ରାଧାତତ୍ତ୍ୱର ପ୍ରବକ୍ତା ଓ ଉପାସକ। ଜଗନ୍ନାଥ ସଂସ୍କୃତିରେ ଆତ୍ମା ସ୍ୱରୂପ ରାଧା ଓ ପରମାତ୍ମା ସ୍ୱରୂପ ଶ୍ରୀକୃଷ୍ଣ ଜଗନ୍ନାଥ ଅଟନ୍ତି। ସ୍ୱର୍ଗର ଗୋଲକ ଭୁବନରେ ପରମାତ୍ମା କୃଷ୍ଣଙ୍କ ନିତ୍ୟ ରାସ ତତ୍ତ୍ୱର ଅବତାରଣା ଶ୍ରୀକ୍ଷେତ୍ରରେ ଥିବାରୁ ଶ୍ରୀକ୍ଷେତ୍ରର ଅନ୍ୟନାମ ଗୋଲକ ବୃନ୍ଦାବନ ବା ଭୌମ ବୃନ୍ଦାବନ। ବିଶିଷ୍ଟ ଅତିଥି ଭାବେ ଐତିହାସିକ ମଦନ ମୋହନ ମହାପାତ୍ର ଯୋଗଦେଇ କହିଲେ, ଅଦ୍ୱୈତ ଦର୍ଶନ ଓ ସାଂଖ୍ୟ ଦର୍ଶନରୁ ରାଧା ମତବାଦର ଉତ୍ପତ୍ତି। ଅର୍ଥବ ବେଦ ରାଧୋପନିଷଦ ଓ ଗୋପାଳ ତାପିନୀ ଉପନିଷଦର କେନ୍ଦ୍ରୀୟ ଦେବତା ଶ୍ରୀଜଗନ୍ନାଥ। ଅନ୍ୟତମ ଅତିଥି ଭାବେ ଡ. କାର୍ତ୍ତିକ କୁମାର ଦାସ, ଡ. ପ୍ରମୋଦ କୁମାର ଦଳାଇ, ପ୍ରମୋଦା ଦେବୀ ଓ ବିଜୟଲକ୍ଷ୍ମୀ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ଟ୍ରଷ୍ଟ ସମ୍ପାଦକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷାବିତ୍ ଶିବ ସୁନ୍ଦର ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସଦାଶିବ ମିଶ୍ର, ସୁଚରିତା ପ୍ରତିହାରୀ, ପୁରୁଷୋତ୍ତମ ନନ୍ଦ, ଅନାମ ଚନ୍ଦ୍ର ସାହୁ, ଡ. ରାନୁମିଶ୍ର, କାଶୀନାଥ ଖୁଣ୍ଟିଆ, ପ୍ରଭାତ ଚନ୍ଦ୍ର ରଥ, କୈଳାଶ ଚନ୍ଦ୍ର ସାହୁ, ବିଜୟ ଚରଣ ମହାନ୍ତି ପ୍ରମୁଖ ନିଜ ମତ ଉପସ୍ଥାପନ କରିଥିଲେ। ପ୍ରଫେସର ପ୍ରଫୁଲ୍ଲ ମହାନ୍ତିଙ୍କୁ ଶ୍ରୀପୁରୁଷୋତ୍ତମ ସେବା ସମ୍ମାନ, ଦାଶରଥି ମହାପାତ୍ର ଓ ସୂର୍ଯ୍ୟକାନ୍ତ ଦାସ ରାୟଙ୍କୁ ଶ୍ରୀଗୁଣ୍ଡିଚା ସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା। ତପନ ସେଠୀ ଓ ଯୋଗେନ୍ଦ୍ର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଭବାନୀ ପ୍ରସାଦ ବଳିୟାରସିଂ ଧନ୍ୟବାଦ ଦେଇଥିଲେ।

## ଡିଇଓ, ବିଇଓଙ୍କ କାର୍ଯ୍ୟାଳୟରେ ତାଲା

ଖୋର୍ଦ୍ଧା ଅଫିସ,୧୦।୩

ଶୁକ୍ରବାରଠାରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଛି। ଶୃଙ୍ଖଳିତ ପରୀକ୍ଷା ଆୟୋଜନ ଉପରେ ଜିଲା ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ଜିଲାରେ ବ୍ୟବସ୍ଥିତ ଭାବେ ପରୀକ୍ଷା ଆୟୋଜନ ଲାଗି ଜିଲା ଶିକ୍ଷାଧିକାରୀଙ୍କ ଉତ୍ତରଦାୟିତ୍ୱ ରହିଛି। ସେହିଭଳି ବ୍ଲକସ୍ତରରେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ମଧ୍ୟ ଦାୟିତ୍ୱ ରହିଛି। ସକାଳ ୮ଟାରୁ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ପରୀକ୍ଷା ଚାଲିଥିଲା। ତେବେ ପରୀକ୍ଷା ଚାଲିଥିବା ସମୟରେ ଜିଲା ଶିକ୍ଷାଧିକାରୀ ଏବଂ ଖୋର୍ଦ୍ଧା ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ତାଲା ଝୁଲୁଥିବା ଦେଖିବାକୁ ମିଳିଥିଲା। ଏନେଇ




**ଅଭିଭାବକଙ୍କ ମହଲରେ ଅସନ୍ତୋଷ**

ବୁଦ୍ଧିଜୀବୀ ଓ ଅଭିଭାବକଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ପରୀକ୍ଷା ପରିଚାଳନାରେ ଜିଲା ଶିକ୍ଷା ବିଭାଗ କେତେ ତତ୍ପର ରହିଛି, ତାହାକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। ଏନେଇ ଜିଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇଙ୍କ ମୋବାଇଲ ନମ୍ବରକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ପ୍ରତିକ୍ରିୟା ମିଳିପାରି ନ ଥିଲା।

### ଡୁମୁଡୁମାରୁ ହଟିଲା ଜବରଦଖଲ

ଭୁବନେଶ୍ୱର,୧୦।୩ (ବ୍ୟୁରୋ)

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ପକ୍ଷରୁ ଶୁକ୍ରବାର ଡୁମୁଡୁମା ଅଞ୍ଚଳରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ପ୍ଲଟ୍ ନଂ.୧୧୧୩ରୁ ସାଇ ସରସ୍ୱତୀ ଶିଶୁ ମନ୍ଦିରର ୩ଟି ଆରସିସି ରୁମ୍, ପୂଜା ମଣ୍ଡପ ଆଦି ଉଚ୍ଛେଦ କରାଯାଇଛି। ମୋଟ୍ ୨.୪୮୩ ଏକର ସରକାରୀ ଜମିକୁ ଜବରଦଖଲମୁକ୍ତ କରାଯାଇଛି। ଖଣ୍ଡଗିରି ପୋଲିସ୍ ସହାୟତାରେ ୨ଟି ଜେସିବି ମାଧ୍ୟମରେ ଏହି ଉଚ୍ଛେଦ କରାଯାଇଛି। ଏନ୍‌ଫୋର୍ସମେଣ୍ଟ ଅଫିସର ପ୍ରମୋଦ କୁମାର ପାତ୍ର, ଜନସମ୍ପର୍କ ଅଧିକାରୀ ଶୁଭ୍ରାଂଶୁ ଶେଖର ମହାନ୍ତି, ଖଣ୍ଡଗିରି ଥାନା ଏଏସଆଇ ଶଙ୍କର ଭୋଇ ଏବଂ ସଞ୍ଜୟ କୁମାର ଷଣ୍ଢ ଉପସ୍ଥିତ ଥିଲେ।

## ଶିକ୍ଷା, ଅର୍ଥନୈତିକ ସଶକ୍ତୀକରଣ ଦ୍ୱାରା ଲିଙ୍ଗଗତ ଅସମାନତା, ଶୋଷଣକୁ ପ୍ରତିହତ କରିହେବ

ଭୁବନେଶ୍ୱର,୧୦।୩ (ବ୍ୟୁରୋ)

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଏବଂ ଓଡିଶା ବିଦ୍ୟୁତ୍ ଶକ୍ତି ସଞ୍ଚାରଣ ନିଗମ (ଓପିଟିସିଏଲ୍) ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଯୋଗଦେଇ ପଞ୍ଚାୟତିରାଜ ବିଭାଗର ଅତିରିକ୍ତ ଶାସନ ସଚିବ ତଥା ଓର୍‌ମାସ ଅଧ୍ୟକ୍ଷା ଗୁହା ପୁନମ ତାପସ କୁମାର କହିଲେ, ଲିଙ୍ଗଗତ ଅସମାନତା ଓ ଶୋଷଣକୁ ପ୍ରତିହିତ କରିବାକୁ ହେଲେ ଶିକ୍ଷା ଓ ଅର୍ଥନୈତିକ ସଶକ୍ତୀକରଣର ଦୁଇଟି ଅସ୍ତ୍ର ଏକାନ୍ତ ଜରୁରୀ। ଅନ୍ୟତମ ଅତିଥି ଭାବେ ଓପିଟିସିଏଲ୍‌ର ପରିଚାଳନା ନିର୍ଦ୍ଦେଶକ ସଞ୍ଜୟ କୁମାର ମିଶ୍ର କହିଲେ, ଜନସଂଖ୍ୟାର ଅଧାଭାଗ ମହିଳାଙ୍କୁ ଉତ୍ପାଦନକ୍ଷମ କରିପାରିଲେ ଦେଶ ତଥା ସମାଜର ପ୍ରଗତି ସମ୍ଭବ। କୁଳପତି ପ୍ରଫେସର ଚୌଧୁରୀ ସମାନତା ପାଇଁ ସମସ୍ତେ ଉଦ୍ୟମ କରିବା ଉଚିତ ବୋଲି ମତ ପ୍ରକାଶ କରିଥିଲେ। ସ୍ନାତକୋତ୍ତର ପରିଷଦ ଅଧକ୍ଷ ପ୍ରଫେସର ଚଣ୍ଡୀ ଚରଣ ରଥ, ଛାତ୍ରୀ ସଂଗଠନ ଅଧିକାରୀ ଡ଼. ଶିଖା ସିଂ ସ୍ୱାଗତ ଭାଷଣ ଦେଇଥିବା ବେଳେ ଦୁଇଜଣ ଦୃଷ୍ଟିବାଧିତ ଛାତ୍ରୀ ନିଜର ଅନୁଭୂତି ବଖାଣିଥିଲେ। କୁଳସଚିବ ଶ୍ୟାମଳୀ ମହାପାତ୍ର, ଓପିଟିସିଏଲର ଲୋକସମ୍ପର୍କ ଅଧିକାରୀ ଡ. ମାନସ ବେହେରା, ପଙ୍କଜ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

## କଳିଙ୍ଗ ସ୍ପୋର୍ଟିଂ କ୍ଲବ ଫାଇନାଲରେ


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିଙ୍କ ସହ ଅନ୍ୟମାନେ।

ଖୋର୍ଦ୍ଧା ଅଫିସ,୧୦।୩

**ରାଜ୍ୟସ୍ତରୀୟ ଅହମଦୀୟା ଫୁଟ୍‌ବଲ ଟୁର୍ନାମେଣ୍ଟ**

ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଅହମଦୀୟା ମୁସଲିମ ସ୍ପୋର୍ଟ୍ସ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ରାଜ୍ୟସ୍ତରୀୟ ୪୯ତମ ଅହମଦୀୟା ଫୁଟ୍‌ବଲ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ୍ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅରଗୁଳ ଗୋଲ୍ଡେନ କ୍ଲବକୁ ହରାଇ କଳିଙ୍ଗ ସ୍ପୋର୍ଟିଂ କ୍ଲବ ଭୁବନେଶ୍ୱର ଫାଇନାଲରେ ପ୍ରବେଶ କରିଛି। ସ୍ଥାନୀୟ ଖେଳପଡିଆରେ କଳିଙ୍ଗ ସ୍ପୋର୍ଟିଂ କ୍ଲବ ଏବଂ ଅରଗୁଳ ଗୋଲ୍ଡେନ କ୍ଲବ ମଧ୍ୟରେ ମ୍ୟାଚ ହୋଇଥିଲା। ଆରମ୍ଭରୁ ମ୍ୟାଚ ସଂଘର୍ଷପୂର୍ଣ୍ଣ ରହିଥିଲା। ମ୍ୟାଚ୍ ଶେଷ ପର୍ଯ୍ୟନ୍ତ କେହି କାହାରିକୁ ଗୋଲ ଦେଇପାରିନଥିଲେ। ଫଳରେ ଟାଇବ୍ରେକରରେ କଳିଙ୍ଗ ସ୍ପୋର୍ଟିଂ କ୍ଲବ ୫-୩ ଗୋଲରେ ବିଜୟୀ ହୋଇଥିଲା। ଏହି ମ୍ୟାଚରେ ଚନ୍ଦନ ନାୟକ ବେଷ୍ଟ ପ୍ଲେୟାରଭାବେ ପୁରସ୍କୃତ ହୋଇଥିଲେ। ସଖାୱତ ଅଲ୍ଲି, ସାଗିର ଅହମଦ, ରମେଶ ଚନ୍ଦ୍ର ପାଇକରାୟ, ଶୋଏବ ଅହମଦ ଏବଂ ଅମଜାଦ ଏହେସାନ ଖାଁ ମ୍ୟାଚ୍ ପରିଚାଳନା କରିଥିଲେ। ଖୋର୍ଦ୍ଧା ବ୍ଲକ ଅଧକ୍ଷା ଶ୍ରୀମୟୀ ପ୍ରିୟଦର୍ଶିନୀ ମୁଖ୍ୟ ଅତିଥି, ବରସାହି ପଞ୍ଚାୟତ ସମିତିସଭ୍ୟ ରାମଚନ୍ଦ୍ର ସାମନ୍ତରାୟ, କେରଙ୍ଗ ଅହମଦୀୟା ମୁସଲିମ ସଙ୍ଗଠନର ସଭାପତି ଅମିରୁଦ୍ଦୀନ ଖାଁ, ସ୍ଥାନୀୟ ସରପଞ୍ଚ ମବରୁର ହୁସେନ ଏବଂ ସମିତି ସଭ୍ୟ ଶାହିଦ ମୁହମ୍ମଦ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଶନିବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଜୁନିୟର ୟୁନାଇଟେଡ୍ ଏଫ.ସି କଟକ ଏବଂ ଏସ୍.ଏସ୍.ଏ ଶରଧାପୁର ମଧ୍ୟରେ ଖେଳାଯିବ ବୋଲି ଆୟୋଜକ କମିଟି ପକ୍ଷରୁ ସୂଚନା ମିଳିଛି।

## ସେମିଫାଇନାଲରେ ଟାଙ୍ଗୀ କ୍ଲବ

ଖୋର୍ଦ୍ଧା ଅଫିସ,୧୦।୩

**ତ୍ରିଦେବ ଚ୍ୟାଲେଞ୍ଜ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ**

ଖୋର୍ଦ୍ଧା ବ୍ଲକ ମଲ୍ଲୀପୁର ପଞ୍ଚାୟତର ବିଂକୁଡିଆରେ ଚାଲିଥିବା ପ୍ରଥମ ରାଜ୍ୟସ୍ତରୀୟ ବାବା ବାଲୁଙ୍କେଶ୍ୱର-ମୁକ୍ତେଶ୍ୱର ଓ ସିଦ୍ଧେଶ୍ୱର(ତ୍ରିଦେବ) ଚ୍ୟାଲେଞ୍ଜ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଶୁକ୍ରବାର ଟାଙ୍ଗୀ କ୍ଲବ ୩ୟ ଟିମ୍‌ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ସ୍ଥାନୀୟ ଖେଳପଡିଆରେ ଟାଙ୍ଗୀ ଫୁଟବଲ କ୍ଲବ ଓ ନୟାଗଡ଼ ଇଟାମାଟି ଯଦୁମଣୀ ସ୍ପୋର୍ଟିଂ କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଉଭୟ ଟିମ୍ ନିର୍ଦ୍ଧାରିତ ସମୟରେ କେହି କାହାରିକୁ ଗୋଲ ଦେଇପାରିନଥିଲେ। ଟାଇବ୍ରେକରରେ ଟାଙ୍ଗୀ କ୍ଲବ ୪-୨ ଗୋଲରେ ଇଟାମାଟିକୁ ହରାଇ ବିଜୟୀ ହୋଇଥିଲା। ସ୍ଥାନୀୟ ସରପଞ୍ଚ ସୁଦାମ ଚରଣ ସେଠୀ, ସାମାଜିକ କର୍ମୀ ସଞ୍ଜୟ ଜେନା ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ମିହିର ରଞ୍ଜନ ମହାପାତ୍ର ମ୍ୟାଚ ଧାରା ବିବରଣୀ ପ୍ରଦାନ କରିଥିଲେ। ରାଜ୍ୟସ୍ତରୀୟ ରେଫରି ବିଦେଶୀ ନାୟକ, ଗିରିଶ ଚନ୍ଦ୍ର ଜାନୀ, ପ୍ରଫୁଲ୍ଲ କୁମାର ବେହେରା, ଯୁଧିଷ୍ଠିର ବେହେରା ପ୍ରମୁଖ ମ୍ୟାଚ ପରିଚାଳନା କରିଥିଲେ। ଶନିବାର ଭୁବନେଶ୍ୱର ଇଟାଲିଆ ସ୍ପୋର୍ଟ୍ସ କ୍ଲବ ଏବଂ ଢେଙ୍କାନାଳ ପପୁଲାର କ୍ଲବ ମଧ୍ୟରେ ମ୍ୟାଚ୍ ହେବ ବୋଲି ଆୟୋଜକ କମିଟି ପକ୍ଷରୁ କୁହାଯାଇଛି।


ଅତିଥିଙ୍କ ସହ ଖେଳାଳିମାନେ।

## ସଂକ୍ଷେପରେ

### ମହନ୍ତ ବନମାଳୀ ଦାସଙ୍କ ଶ୍ରାଦ୍ଧବାର୍ଷିକ

କଣାସ,୧୦।୩(ସ୍ୱ.ପ୍ର.)- କଣାସ ବ୍ଲକ ଅନ୍ତର୍ଗତ କଣାସ ଗ୍ରାମରେ ପ୍ରତିଷ୍ଠିତ କଣାସ ବଡ଼ମଠର ମହନ୍ତ ମହାରାଜ ସ୍ୱର୍ଗତ ବନମାଳୀ ଦାସଙ୍କ ୪୫ତମ ଶ୍ରାଦ୍ଧବାର୍ଷିକ ସୋମବାର ମହନ୍ତ ବନମାଳୀ ଦାସ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ବର୍ତ୍ତମାନର ମହନ୍ତ ପୂର୍ଣ୍ଣଚନ୍ଦ୍ର ଦାସ ମହାରାଜ ପୁଷ୍ପମାଲ୍ୟ, ଧୂପ, ଦୀପ, ଫୁଲ, ଚନ୍ଦନ ଦେଇ ପୂଜାର୍ଚ୍ଚନା କରିଥିଲେ। ପରେ ବାଦଲପୁର ମଠ ମହନ୍ତ ସନାତନ ଦାସ ମହାରାଜ, ଶିକ୍ଷାବିତ୍ ବିଭୂତି ଭୂଷଣ ପଟ୍ଟନାୟକ, ପରିକ୍ଷିତ ବଡ଼ଜେନା, ଖବରଦାତା ବିଭୂତି ଭୂଷଣ ତ୍ରିପାଠୀ, ପ୍ରଶାନ୍ତ ବଳିୟାରସିଂ, ପ୍ରଦୀପ ସ୍ୱାଇଁ, ପ୍ରଧାନ ଶିକ୍ଷୟିତ୍ରୀ ରୂପଶ୍ରୀ ଛୋଟରାୟ ଓ ସମସ୍ତ ଶିକ୍ଷୟିତ୍ରୀ ଏବଂ କର୍ମଚାରୀ, ଛାତ୍ରୀ ସ୍ୱର୍ଗତ ମହନ୍ତଙ୍କୁ ଫୁଲଚନ୍ଦନ ଦେଇଥିଲେ। କଣାସ ଅଞ୍ଚଳ ପ୍ରତି ତାଙ୍କର ଅବଦାନ ସମ୍ପର୍କରେ ଉପସ୍ଥିତ ଅତିଥିମାନେ ସୂଚନା ଦେଇଥିଲେ।

### ଓଡ଼ିଶା ଦିବସ ପାଳନ ପ୍ରସ୍ତୁତି ବୈଠକ

ପୁରୀ ଅଫିସ,୧୦।୩- ଜିଲାସ୍ତରୀୟ ୮୮ତମ ଓଡ଼ିଶା ଦିବସ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଛି। ଭାରପ୍ରାପ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଉକ୍ତ ବୈଠକରେ ଅଧକ୍ଷତା କରିଥିଲେ। ଭାଷା ଭିତ୍ତିରେ ୧୯୩୬ ମସିହାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପରେ ଓଡ଼ିଆ ଭାଷାକୁ ନେଇ ଆମେ ଗର୍ବ କରୁଛୁ। ତେଣୁ ଏହି ଦିବସର ପ୍ରତ୍ୟେକ କାର୍ଯ୍ୟକ୍ରମକୁ ନିଷ୍ଠାର ସହ ପାଳନ କରିବାକୁ ସେ ଅନୁରୋଧ କରିଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ଦିଲୀପ କୁମାର ମହାପାତ୍ର, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର, ଏଡିଏମ୍ଓ ଡା. ବିରଜା ଶଙ୍କର ରଥ ପ୍ରମୁଖ ଯୋଗଦେଇ ଓଡ଼ିଶା ଦିବସ ପାଳନ ସମ୍ପର୍କରେ ଆଲୋଚନା କରିଥିଲେ। ବିସ୍ତୃତ ଆଲୋଚନା ପରେ ଏପ୍ରିଲ ୧ ତାରିଖ ସକାଳ ୫ଟା ସମୟରେ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସହର ମଧରେ ଡାକବାଜି ଯନ୍ତ୍ର ମାଧମରେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ପରିବେଷଣ କରାଯିବ। ପୌରପାଳିକା ଓ ସଦର ବ୍ଲକ ପକ୍ଷରୁ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ଏଥିସହ ବିଭିନ୍ନ ସରକାରୀ ବେସରକାରୀ, ରାଷ୍ଟ୍ରାୟତ୍ତ ଉଦ୍ୟୋଗ କାର୍ଯ୍ୟାଳୟ, ବ୍ୟାଙ୍କଗୁଡିକୁ ଆଲୋକମାଳାରେ ସଜାଯିବ। ସନ୍ଧ୍ୟାରେ ସଂସ୍କୃତି ଭବନରେ ସଭା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ। ବିଗତ ବର୍ଷ ଭଳି ନୀଳଚକ୍ର ସାମାଜିକ ଓ ସାଂସ୍କୃତିକ ସଂଗଠନ ସହଯୋଗରେ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କ ମଧରେ ବିବିଧ ପ୍ରତିଯୋଗିତା ଜିଲା ଶିକ୍ଷା ଅଧିକାରୀଙ୍କ ଦ୍ୱାରା ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ, ଡେପୁଟି କଲେକ୍ଟର ରାମଚନ୍ଦ୍ର ପଟ୍ଟନାୟକ, ଅତିରିକ୍ତ ପୌରନିର୍ବାହୀ ଅଧିକାରୀ ମନୋଜ ବେହେରା, ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ପଞ୍ଚାୟତ ଅଧିକାରୀ ବଳରାମ ପୃଷ୍ଟି, କ୍ରୀଡା ଅଧିକାରୀ ଚନ୍ଦନ ସାହୁ, ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ, ଓଡ଼ିଶା ଚାରୁ ଓ କାରୁକଳା ମହାବିଦ୍ୟାଳୟ ଅଧକ୍ଷ ଦୁର୍ଗାମାଧବ କର,ଏନସିସି ଅଫିସର ସଞ୍ଜୟ ସୁନ୍ଦରରାୟ, ଚକ୍ରଧର ମହାପାତ୍ର, ଶିବ ସୁନ୍ଦର ମିଶ୍ର, ବଦ୍ରି ମିଶ୍ର, ଅନାମ ଚନ୍ଦ୍ର ସାହୁ, ଗୀତାଞ୍ଜଳି ପଣ୍ଡା, ରବୀନ୍ଦ୍ରନାଥ ପଟ୍ଟନାୟକ, ସଙ୍ଗୀତ ନିର୍ଦ୍ଦେଶକ ଆଲୋକ ମହାପାତ୍ର ଓ ବିଭିନ୍ନ ବିଭାଗର କର୍ମଚାରୀ ଯୋଗଦେଇଥିଲେ।

# ଡକାୟତି ଯୋଜନା ପଣ୍ଡ, ୩ ଗିରଫ

### ବନ୍ଧୁକ, କଟୁରି ସହ ୧୦ ମୋବାଇଲ ଜବତ

ବଳଙ୍ଗା,୧୦।୩(ଡି.ଏନ୍.ଏ.)

ବଳଙ୍ଗା ଥାନା ପୋଲିସ ଏକ ଡକାୟତି ଯୋଜନାକୁ ପଣ୍ଡ କରିବା ସହିତ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଉକ୍ତ ଥାନା ଅନ୍ତର୍ଗତ ସମ୍ଭୁଭାରତୀ ପାଟଣା ଗ୍ରାମର ଜଗା ଓରଫ ଜଗନ୍ନାଥ ସାହୁ, ବଳିଆ ଓରଫ ବଳରାମ ସାହୁ ଏବଂ ଅରୁଣ କୁମାର ସାହୁ। ସେମାନଙ୍କଠାରୁ ବନ୍ଧୁକ, ଗୁଳି ଓ କଟୁରି ସହିତି ୧୦ଟି ଚୋରା ମୋବାଇଲ ଫୋନ ଜବତ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା(ନଂ.୪୧/୨୩) ରୁଜୁ କରି ଅଧିକ ତଦନ୍ତ ଜାରି ରହିଛି। ଏଥିସହ ଫେରାର ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରାଯିବ ଓ ଏହି ସମ୍ବନ୍ଧରେ ଅଧିକ ତଦନ୍ତ ଜାରି ରହିଛି ବୋଲି ପିପିଲି ଉପଖଣ୍ଡ ଆରକ୍ଷୀ ଅଧିକାରୀ ଦେବଦତ୍ତ ବରାଳ ଓ ଆରକ୍ଷୀ ଉପ ନିରୀକ୍ଷକ କେଦାରଚନ୍ଦ୍ର ଦୋରାଙ୍କ ଉପସ୍ଥିତିରେ ଶୁକ୍ରବାର ବଳଙ୍ଗା ଥାନା ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରିଛନ୍ତି। ପୋଲିସ ସୂଚନା ଅନୁଯାୟୀ, ଗୁରୁବାର ବିଳମ୍ବିତ ରାତିରେ ବଳଙ୍ଗା ଥାନା ସହାୟକ ଉପ ଆରକ୍ଷୀ ନିରୀକ୍ଷକ ପ୍ରହଲ୍ଲାଦ ବରାଳ ଥାନା ଅଞ୍ଚଳରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ବିଶେଷ ସୂତ୍ରରୁ ଡକାୟତି ଯୋଜନା ସମ୍ବନ୍ଧରେ ଖବରପାଇ ମଉଜୀଗେ ଗ୍ରାମ ନିକଟସ୍ଥ ଭାର୍ଗବୀ ନଦୀ ବନ୍ଧ ନିକଟରେ ଚଢ଼ାଉ କରିଥିଲେ। ସେଠାରେ ୬ଜଣ ବ୍ୟକ୍ତି ଏକାଠି ବସି ଡକାୟତି ଯୋଜନା କରୁଥିବା ସମୟରେ ପୋଲିସକୁ ଦେଖି ୩ ଜଣ ଦଉଡ଼ି ପଳାଇଯାଇଥିଲେ। ଅନ୍ୟ ୩ଜଣଙ୍କୁ ପୋଲିସ ଧରିବାକୁ ଚେଷ୍ଟା କରୁଥିବା ସମୟରେ ସେମାନେ ଏକ ଏୟାର ଗନ ଦେଖାଇ ପୋଲିସକୁ ଭୟଭୀତ କରିଥିଲେ। ହେଲେ ପୋଲିସ ଅଧିକାରୀମାନେ ସାହସିକତା ଦେଖାଇ ୩ଜଣଙ୍କୁ ଧରି ନେଇଥିଲେ। ସେମାନଙ୍କ ପାଖରେ ଥିବା ଏକ ଜରି ଅଖା ବ୍ୟାଗ ଯାଞ୍ଚ କରିବାରୁ ସେଥିରୁ ୬ ଗୁଳି, ଗୋଟିଏ କଟୁରି, ଏକ ପ୍ୟାକେଟ ଲଙ୍କା ପାଉଡର, ୬ଟି ସ୍କ୍ରିନ ଟଚ ମୋବାଇଲ ଓ ୪ ଗୋଟି କି ପ୍ୟାଡ ମୋବାଇଲ ମୋଟ ୧୦ ଚୋରି ମୋବାଇଲ ଜବତ କରିଥିଲା। ଜେରା ସମୟରେ ଧରା ପଡ଼ିଥିବା ଅଭିଯୁକ୍ତମାନେ ବିଳମ୍ବିତ ରାତିରେ ପାଖ ଗାଁ ରେ ଡକାୟତି କରିବା ପାଇଁ ଯୋଜନା କରିଥିବା ସ୍ୱୀକାର କରିଥିଲେ। ଅଭିଯୁକ୍ତ ଜଗନ୍ନାଥ ଓ ବଳରାମଙ୍କ ନାମରେ ପୂର୍ବରୁ ଅନେକ ମାମଲା ରହିଛି।


ଖବରଦାତା ସମ୍ମିଳନୀରେ ଉପଖଣ୍ଡ ଆରକ୍ଷୀ ଅଧିକାରୀ ଦେବଦତ୍ତ ବରାଳ ସୂଚନା ଦେଉଛନ୍ତି ।


ସମ୍ବର୍ଦ୍ଧନା ଅବସରରେ ଅଗ୍ନିଶମ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ ପୁରୀ ଲକ୍ଷ୍ମୀ ମାର୍କେଟ କମ୍ପ୍ଲେକ୍ସ ନିଆଁ ଲିଭାଇବା କାର୍ଯ୍ୟରେ ସାମିଲ ଥିବା କର୍ମଚାରୀମାନେ।

# ଅସ୍ଥାୟୀ ବିଦ୍ୟୁତ୍ କର୍ମଚାରୀଙ୍କ ଧାରଣା


ବିଦ୍ୟୁତ୍ ଡିଭିଜନ କାର୍ଯ୍ୟାଳୟ ଆଗରେ ଅସ୍ଥାୟୀ ବିଦ୍ୟୁତ୍ କର୍ମଚାରୀମାନେ ଧାରଣା ଦେଇଛନ୍ତି ।

ନିମାପଡ଼ା,୧୦।୩(ଡି.ଏନ୍.ଏ.)

ନିଖିଳ ଓଡ଼ିଶା ବିଦ୍ୟୁତ୍ ମଜଦୁର ମହାସଂଘ ନିମାପଡ଼ା ଡିଭିଜନ ପକ୍ଷରୁ ବିଦ୍ୟୁତ୍ ଡିଭିଜନ କାର୍ଯ୍ୟାଳୟ ଆଗରେ ଅସ୍ଥାୟୀ ବିଦ୍ୟୁତ୍ କର୍ମଚାରୀମାନେ ବିଭିନ୍ନ ଦାବି ନେଇ ଧାରଣାରେ ବସିଥିଲେ। ବିଦ୍ୟୁତ କମ୍ପାନୀର ଶ୍ରମିକ ଶୋଷଣ, ଶ୍ରମିକମାରଣ କାର୍ଯ୍ୟକଳାପ, କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ, ସ୍ଥାୟୀ ନ ହେବା ପର୍ଯ୍ୟନ୍ତ ଅସ୍ଥାୟୀ କର୍ମଚାରୀଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ଦରମା ପ୍ରଦାନ, ସମାନ କାମକୁ ସମାନ ଦରମା ପ୍ରଦାନ, ସମସ୍ତ ଠିକା ବିଦ୍ୟୁତ୍ କର୍ମଚାରୀଙ୍କ ଚାକିରି ସର୍ତ୍ତାବଳୀ ଲାଗୁ କରିବା, କର୍ମଚାରୀଙ୍କ ଇନ୍ସୁରାନ୍ସ ବ୍ୟବସ୍ଥା ଆଦି ଦାବି ନେଇ ବିଦ୍ୟୁତ୍ ମଜଦୁର ସଂଘ ପକ୍ଷରୁ ବିଦ୍ୟୁତ୍ ନିମାପଡ଼ା ଡିଭିଜନ କର୍ତ୍ତୃପକ୍ଷଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ସଂଘ ନେତା ଗିରୀଶଚନ୍ଦ୍ର ପ୍ରଧାନ, ଦିଲୀପ କୁମାର ସ୍ୱାଇଁ, ପ୍ରଶାନ୍ତ ଓଝା, ସଞ୍ଜୟ କୁମାର ମହାନ୍ତି, ତୋଫାନ ତରାଇ ପ୍ରମୁଖ କହିଛନ୍ତି। ଏହି ଆନ୍ଦୋଳନରେ ନିମାପଡ଼ା, ଗୋପ, କୋଣାର୍କ, କାକଟପୁର, ଅସ୍ତରଙ୍ଗ, ପିପିଲି, ବାଲକାଟୀ, ବାଲିପାଟଣା ଆଦି ଅଞ୍ଚଳର ବିଦ୍ୟୁତ୍ କର୍ମଚାରୀ ସାମିଲ ଥିଲେ।

# ଅଭିଭାବକ-ଶିକ୍ଷକ ବୈଠକ ସ୍ଥଗିତ

ସାକ୍ଷୀଗୋପାଳ,୧୦।୩(ସ୍ୱ.ପ୍ର./ଡି.ଏନ୍.ଏ.)

ସତ୍ୟବାଦୀ ବାଳକ ଉଚ୍ଚ ବିଦ୍ୟାଳୟରେ ସୋମବାର ଅଭିଭାବକ-ଶିକ୍ଷକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ମାତ୍ର ୨୨ ଜଣ ଅଭିଭାବକ ଉପସ୍ଥିତ ଥିଲେ। ଅପରାହ୍ନ ୪ଟା ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ ମଧ୍ୟ ଅନ୍ୟ କେହି ଅଭିଭାବକ ଆସି ନଥିଲେ। ଫଳରେ ସ୍କୁଲ କର୍ତ୍ତୃପକ୍ଷ ବୈଠକକୁ ସ୍ଥଗିତ ରଖିଥିଲେ। ଆଗକୁ ପିଟିଏ ବୈଠକରେ ସମସ୍ତ ଅଭିଭାବକ ଉପସ୍ଥିତ ରହିବା ସହ ଶୀଘ୍ର କମିଟି ଗଠନ କରିବା ନିମନ୍ତେ ଅଭିଭାବକଙ୍କୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଅନୁରୋଧ କରିଛନ୍ତି।

# ବିଇଓଙ୍କୁ ଦାବିପତ୍ର ଦେଲା ଶିକ୍ଷକ ସଂଘ


ବ୍ଲକ ଶିକ୍ଷାଧିକାରୀଙ୍କୁ ଶିକ୍ଷକ ସଂଘର କର୍ମକର୍ତ୍ତାମାନେ ଦାବିପତ୍ର ପ୍ରଦାନ କରୁଛନ୍ତି ।

କଣାସ/ନିମାପଡ଼ା, ୧୦।୩(ସ୍ୱ.ପ୍ର./ଡି.ଏନ୍.ଏ.):

ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘର ଆହ୍ୱାନକ୍ରମେ କଣାସ ବ୍ଲକ ଶାଖା ସଂଘ ପକ୍ଷରୁ ୩ଦଫା ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କଣାସ ବ୍ଲକ ଶିକ୍ଷାଧିକାରୀ ଆର୍ତ୍ତତ୍ରାଣ ମିଶ୍ରଙ୍କୁ ପ୍ରଦାନ କରାଯାଇଛି। ପ୍ରାଥମିକ ଶିକ୍ଷାରୁ ଠିକା ନିଯୁକ୍ତି ବାତିଲ କରି କନିଷ୍ଠ ଶିକ୍ଷକଙ୍କୁ ନିୟମିତ କରିବା, ସମସ୍ତ ପ୍ରାଥମିକ ଶିକ୍ଷକଙ୍କୁ କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ ଓ ନୂତନ ପେନସନ୍ ବ୍ୟବସ୍ଥାକୁ ଉଚ୍ଛେଦ କରି ପୁରୁଣା ପେନସନ୍ ପୁନଃ ପ୍ରଚଳନ କରିବା ଆଦି ୩ଟି ଦାବିପୂରଣ ପାଇଁ ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘ ଦାବି କରିଛି। ଏହି ଉଦ୍ଦେଶ୍ୟରେ କଣାସ ବ୍ଲକ ଶାଖା ପକ୍ଷରୁ ଶୁକ୍ରବାର ଏହି ଦାବି ନେଇ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ୫-ଟି ସଚିବ, ଗଣଶିକ୍ଷା ମନ୍ତ୍ରୀ ଓ ଗଣଶିକ୍ଷା ସଚିବଙ୍କ ଉଦ୍ଦେଶ୍ୟରେ ବ୍ଲକ ଶିକ୍ଷାଧିକାରୀ ମିଶ୍ରଙ୍କୁ ଶାଖା ସଭାପତି ପ୍ରତାପକେଶରୀ ଛୋଟରାୟଙ୍କ ନେତୃତ୍ୱରେ ଏକ ଶିକ୍ଷକ ମଣ୍ଡଳି ଦାବିପତ୍ର ପ୍ରଦାନ କରିଥିଲେ। ଦାବିପୂରଣ ନ ହେଲେ ଆସନ୍ତା ୧୫ତାରିଖରୁ ୩ଦିନ ପାଇଁ ସମସ୍ତ ପ୍ରାଥମିକ ଶିକ୍ଷକ (ନୂତନ ପେନସନ୍ ଯୋଜନା ଭୁକ୍ତ) ସାମୂହିକ ଛୁଟିରେ ରହିବେ। ସରକାର ଯଦି ଏହି ୩ଦିନ ମଧରେ ଦାବି ପୂରଣ ନ କରନ୍ତି, ତେବେ ୧୮ତାରିଖରୁ ଗଣଛୁଟିରେ ବୋଲି ଛୋଟରାୟ ସୂଚନା ଦେଇଛନ୍ତି। ସେହିପରି ନିମାପଡ଼ା ବ୍ଲକ ଶାଖା ପକ୍ଷରୁ ଏକ ଦଳ ଦାବିପତ୍ର ନେଇ ବିଇଓ ଦ୍ୱିତିକାନ୍ତ ପ୍ରଧାନ, ସହକାରୀ ବ୍ଲକ ଶିକ୍ଷାଧିକାରୀ ସୌଦାମିନୀ ଦାଶ ଓ ସରୋଜିନ ମିଶ୍ର ପ୍ରମୁଖଙ୍କୁ ଏକତ୍ର ପ୍ରଦାନ କରାଯାଇଥିଲା। ନିମାପଡ଼ା ଶାଖା ସଭାପତି ସୁଶାନ୍ତ କୁମାର ସ୍ୱାଇଁ, ସମ୍ପାଦକ ନିହାଲ ଅକତାର, ଅମିୟ ସ୍ୱାଇଁ, ରାଜ୍ୟ ଉପସଭାପତି ମହେନ୍ଦ୍ର ମିଶ୍ର, ଶିକ୍ଷକ ନେତା ନୃସିଂହ ନାରାୟଣ ତ୍ରିପାଠୀ, ଲକ୍ଷ୍ମୀଧର ସେଠୀ, ଚିତ୍ତରଞ୍ଜନ ଲେଙ୍କା ପ୍ରମୁଖଙ୍କ ନେତୃତ୍ୱରେ ଏହି ଦାବିପତ୍ର ଦିଆଯାଇଥିଲା। ଏହି ଅବସରରେ ଏକ ଶୋଭାଯାତ୍ରା ଥାନା ଛକରୁ ବାହାରି ସହର ପରିକ୍ରମା କରି ବିଇଓଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ଏକ ପ୍ରତିବାଦ ସଭା ହୋଇଥିଲା।

# ଜଳଛତ୍ର ଖୋଲିବା, ନଳକୂପ ମରାମତିକୁ ଗୁରୁତ୍ୱ

### ଗ୍ରୀଷ୍ମ ପ୍ରବାହ ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ

ପୁରୀ ଅଫିସ, ୧୦।୩:

ଗ୍ରୀଷ୍ମପ୍ରବାହ ମୁକାବିଲା ପାଇଁ ଶୁକ୍ରବାର ପୁରୀ ଜିଲା ପ୍ରଶାସନ ପକ୍ଷରୁ ଆଭାସି ମାଧମରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରପ୍ରାପ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଅଧକ୍ଷତା କରିଥିଲେ। ଗ୍ରୀଷ୍ମପ୍ରବାହ ମୁକାବିଲା ପାଇଁ ସମସ୍ତ ବିଭାଗ ପ୍ରସ୍ତୁତ ରହିବାକୁ ସେ କହିଥିଲେ। ଜନସାଧାରଣଙ୍କୁ ସତର୍କ ଓ ସଚେତନ କରିବା ସହ ସ୍ୱାସ୍ଥ୍ୟ, ପାନୀୟଜଳ, ବିଦ୍ୟୁତ୍, ଶ୍ରମ, ପରିବହନ, ପ୍ରାଣୀସମ୍ପଦ, କୃଷି ଇତ୍ୟାଦି ବିଭାଗ ଉପଯୁକ୍ତ ପଦକ୍ଷେପ ନେବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟ ସରକାର ଏବଂ ଏସ୍ଆର୍ସି ଧାର୍ଯ୍ୟ କରିଥିବା ମାର୍ଗଦର୍ଶିକା ଅନୁପାଳନ, ପ୍ରତ୍ୟେକ ଚିକିତ୍ସାଳୟରେ ଅଂଶୁଘାତ ଚିକିତ୍ସା ବ୍ୟବସ୍ଥା, ନଳକୂପ ମରାମତି, ଜଳଛତ୍ର ବ୍ୟବସ୍ଥା, ପଶୁପକ୍ଷୀଙ୍କ ପାଇଁ ପାନୀୟଜଳ ପାତ୍ର ବ୍ୟବସ୍ଥା, ଶିକ୍ଷାନୁଷ୍ଠାନ, ଅଙ୍ଗନୱାଡ଼ି କେନ୍ଦ୍ର, ଯାତ୍ରୀ ପରିବହନ ଗାଡ଼ି ଓ ଶ୍ରମିକଙ୍କ ପାଇଁ ଧାର୍ଯ୍ୟ ସମୟ ନିର୍ଘଣ୍ଟ ଅନୁପାଳନ କରିବାକୁ ସାହୁ କହିଥିଲେ। ପଶୁପକ୍ଷୀଙ୍କ ପାଇଁ ନିଜ ଘର ନିକଟରେ, ଛାତରେ ଜଳପାତ୍ର ବ୍ୟବସ୍ଥା କରିବା, ଖରାରେ ବାହାରକୁ ନ ବାହାରିବା, ଅତ୍ୟାବଶ୍ୟକ କ୍ଷେତ୍ରରେ ବାହାରକୁ ଯାଉଥିଲେ ପ୍ରଚୁର ପାଣି, ଦହି, ଲେମ୍ବୁ ପାଣି ଇତ୍ୟାଦି ପିଇବା ଓ ସାଥିରେ ନେବା, କଳା ଚଷମା, ଟୋପି ଇତ୍ୟାଦି ବ୍ୟବହାର କରିବା, ଅଂଶୁଘାତ ଲକ୍ଷଣ ଦେଖାଦେଲେ ତୁରନ୍ତ ଚିକିତ୍ସିତ ହେବାକୁ ସାହୁ ଅନୁରୋଧ କରିଛନ୍ତି। ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ୩୦ମିନିଟ ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ରଖିବା, କାର୍ଯ୍ୟକ୍ଷେତ୍ରରେ ଛାଇ ବ୍ୟବସ୍ଥା, ପାନୀୟ ବ୍ୟବସ୍ଥା, ଓଆର୍ଏସ୍ ରଖିବା, ଶ୍ରମିକଙ୍କୁ ସଚେତନ କରାଇବା, ଅଙ୍ଗନୱାଡ଼ି କେନ୍ଦ୍ର ଓ ବିଦ୍ୟାଳୟଗୁଡ଼ିକ ସରକାରୀ ନିର୍ଦ୍ଦେଶନାମା ଅନୁସାରେ ପରିଚାଳନା ଲାଗି ଶ୍ରମ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର, ଉପଜିଲାପାଳ ଭବତାରଣ ସାହୁ, ଜିଲା ଜରୁରୀ ବିଭାଗ ଡେପୁଟି କଲେକ୍ଟର ଜିତେନ୍ଦ୍ର ପାତ୍ର, ସିଡିଏମ୍ଓ ଡା. ସୁଜାତା ମିଶ୍ର ଏବଂ ପୌରନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଆଭାସି ମାଧମରେ ପ୍ରତ୍ୟେକ ବ୍ଲକ କାର୍ଯ୍ୟାଳୟରେ ବିଡିଓ, ତହସିଲଦାର, ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ, ସିଡିପିଓ ଏବଂ ଅନ୍ୟ ଅଧିକାରୀ ଯୋଗଦେଇଥିଲେ।

# ଲିଟିଲଷ୍ଟାର ଗ୍ରୁପ୍ର ସୃଜନୀ କର୍ମଶାଳା

ନିମାପଡ଼ା,୧୦।୩(ଡି.ଏନ୍.ଏ.)

ନିମାପଡ଼ାର ଲିଟିଲଷ୍ଟାର ପକ୍ଷରୁ ସୃଜନୀ କର୍ମଶାଳା, ପୁରସ୍କାର ବିତରଣ ଉତ୍ସବ, ବନ୍ଧୁମିଳନ ସମାରୋହ ମା' ସାଥିଭଉଣୀ ଠାକୁରାଣୀଙ୍କ ପୀଠରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଶିକ୍ଷାବିତ୍ ଡ. ପ୍ରଣବ ସ୍ୱାଇଁ, ପ୍ରାଧାପକ ଡ. ରବୀନ୍ଦ୍ରନାଥ ପାଢୀ, ଅଧାପକ ସୁବ୍ରତ ମହାନ୍ତି, ଶିକ୍ଷାବିତ୍ ବସନ୍ତ ସ୍ୱାଇଁ, ଶିକ୍ଷକ ନିର୍ମଳ ମିଶ୍ର, ପୂର୍ଣ୍ଣଚନ୍ଦ୍ର ରାଉତ, ଗ୍ରୁପର ସମ୍ପାଦକ ସୁମନ୍ତ ମହାରଣା ପ୍ରମୁଖ ଯୋଗଦେଇ ଶିଶୁ ଛାତ୍ରୀଛାତ୍ରଙ୍କ ସୃଜନଶିଳତା, ବୌଦ୍ଧିକ, ଜ୍ଞାନର ବିକାଶ ଦିଗରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଶିଶୁଙ୍କ ମଧରେ କବିତା ଆବୃତ୍ତି, ଗଳ୍ପକଥନ, ଚିତ୍ରାଙ୍କନ ପ୍ରତିଯୋଗିତା ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅର୍ପିତା ମହାରଣା, ପ୍ରତ୍ୟୁଷା ମହାନ୍ତି, ଆଦ୍ୟାଶା ଆରାଧନା ପାଢୀ, ଅଂଶୁମାନ ମହାରଣା, ରୁଦ୍ରାକ୍ଷୀ ମିଶ୍ରଙ୍କ ସମେତ ବହୁ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ। ଗ୍ରୁପ୍ର ଅମିୟ ମିଶ୍ର, ଅଜୟ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମରେ ପ୍ରଯୋଜନା ଓ ସଂଯୋଜନା କରିଥିଲେ। ବନ୍ଧୁମିଳନ ସମାରୋହରେ ବହୁ ଶିକ୍ଷାବିତ୍, ଅଧାପିକା, ଶିକ୍ଷକ, ଅଭିଭାବକ, ବହୁ ପୁରାତନ ଛାତ୍ରୀଛାତ୍ର, ସ୍ଥାନୀୟ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଲିଟିଲ୍ ଷ୍ଟାର ଗ୍ରୁପ୍ର ଶିଶୁ ବିକାଶ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ।

# ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍ ଖୁଣ୍ଟ

ପିପିଲି,୧୦।୩(ସ୍ୱ.ପ୍ର.)

ପିପିଲି ପୌରାଞ୍ଚଳ ଜୟପୁର କିଲ୍ଲା ଛକ ଜଟଣୀ-ପିପିଲି ମୁଖ୍ୟ ରାସ୍ତା କଡ଼ରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟର ମୂଳ ଭାଗ ଧୀରେ ଧୀରେ ନଷ୍ଟ ହୋଇଯିବାରୁ ଦୀର୍ଘଦିନ ହେବ ତାହା ରାସ୍ତା ଆଡ଼କୁ ବିପଦସଙ୍କୁଳ ଅବସ୍ଥାରେ ଢଳିରହିଛି। ଦୈନିକ ଶହ ଶହ ସଂଖ୍ୟାରେ ଲୋକେ ଏହି ରାସ୍ତା ଦେଇ ଯାତାୟାତ କରୁଥିବାବେଳେ ଆଗକୁ ବଡ଼ ଅଘଟଣର ସୂଚନା ଦେଉଥିବା ସ୍ଥାନୀୟ ଲୋକେ କହିଛନ୍ତି। କେତେବେଳେ ସେହି ଖୁଣ୍ଟଟି ଗଳିପଡ଼ିବ କୁହାଯାଇ ନ ପାରେ। ଏଭଳି ସମ୍ବେଦନଶୀଳ ଘଟଣା ନେଇ ନିକଟରେ ଥିବା ଜଗନ୍ନାଥ ମିଷ୍ଟାନ୍ନ ଦୋକାନୀ ଗଣମାଧମକୁ ସୂଚନା ଦେଇଥିବାବେଳେ ପୂର୍ବରୁ ଏନେଇ ସ୍ଥାନୀୟ ଗ୍ରାମବାସୀ ପିପିଲି ବିଦ୍ୟୁତ୍ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟିଗୋଚର କରିଥିଲେ। ହେଲେ ସେହି ଘଟଣାରେ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନାହିଁ। କୌଣସି ଅଘଟଣ ପୂର୍ବରୁ ଏହାକୁ ତୁରନ୍ତ ବିଭାଗୀୟ ଅଧିକାରୀ ଗୁରୁତର ସହ ନେଇ ବିଦ୍ୟୁତ୍ ଖୁଣ୍ଟର ସ୍ଥାୟୀ ସମାଧାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ମହିଳାଙ୍କୁ ସ୍ୱାବଲମ୍ବୀ କରାଇବା ଉପରେ ଗୁରୁତ୍ୱ

ପୁରୀ ଅଫିସ, ୧୦।୩:

ପୁରୀ ୟୁଥ୍ ହଷ୍ଟେଲ ପରିସରରେ ଶୁକ୍ରବାର ପେଣ୍ଠକଟା ମସ୍ତଜୀବୀ ସମ୍ପ୍ରଦାୟର ମହିଳାଙ୍କ ଉପସ୍ଥିତିରେ ଗୋପବନ୍ଧୁ ସେବା ପରିଷଦ ତରଫରୁ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମନ୍ୱିତ ଶିଶୁ ବିକାଶ ଅଧିକାରୀ ଅଞ୍ଜନା କାନୁନଗୋ, ସମ୍ମାନିତ ଅତିଥି ଭାବେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଉପଖଣ୍ଡ ଜିଲା ଲୋକ ସମ୍ପର୍କ ସୂଚନା ଅଧିକାରୀ ରଘୁନାଥ ସେଠୀ, ମିଶନ ଶକ୍ତି ବ୍ଲକ ସଂଯୋଜିକା ଦେବସ୍ମିତା ମହାପାତ୍ର, ଜିଲାର ଅଗ୍ରଣୀ ବ୍ୟାଙ୍କ ପରିଚାଳକ ପ୍ରତିନିଧି ନୀଳାମ୍ବର ମହନ୍ତ, କମ୍ୟୁନିଟି ଆକ୍ସନ କୋଲାବର୍ ପ୍ରତିନିଧି ସମ୍ବିତ କୁମାର ନନ୍ଦ, ସାମାଜିକ କର୍ମୀ ଅନ୍ନପୂର୍ଣ୍ଣା ଦେବୀ ପ୍ରମୁଖ ଯୋଗଦେଇଥିଲେ। ଅବହେଳିତ ମହିଳାଙ୍କ ଡିଜିଟାଲ ସାକ୍ଷରତା ଉପରେ ଗୁରୁତ୍ୱ ପ୍ରଦାନ ଓ ସରକାରୀ ସ୍ତରରେ ମିଳୁଥିବା ଉନ୍ନୟନମୂଳକ ଯୋଜନାରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସାମିଲ କରାଇ ସ୍ୱାବଲମ୍ବୀ କରାଇବା ନେଇ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପେଣ୍ଠକଟା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ସମ୍ମାନିତ କରାଯାଇଥିଲା। ବିସ୍ମୟ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଦୀପ ମହାରଣା, ଏଲିନା ମିଶ୍ର, ଡା. ରେଡିସ କୁମାର କାର୍ଯ୍ୟକ୍ରମ ପରିଚାଳନା ଓ ସୁଶ୍ରୀ ସଙ୍ଗୀତା ପରିଡା ଧନ୍ୟବାଦ ଅର୍ପଣ କରିଥିଲେ। ଗୋପବନ୍ଧୁ ସେବା ପରିଷଦ କମ୍ୟୁନିଟି ଆକ୍ସନ କୋଲାବ ଓ ଭୃତି ସଂସ୍ଥା ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ହୋଇଥିଲା।



କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱମାନେ ।

# କାଜୁ ଚାଷକରି ଅଧିକ ଲାଭବାନ୍ ହେବାକୁ ପରାମର୍ଶ

### କେବିକେରେ ଚାଷୀ ପ୍ରଶିକ୍ଷଣ ଶିବିର

ସାକ୍ଷୀଗୋପାଳ, ୧୦।୩(ଡି.ଏନ୍.ଏ./ସ୍ୱ.ପ୍ର.)

ଓୟୁଏଟି, ସର୍ବଭାରତୀୟ ସଂଯୋଜିତ କାଜୁ ଗବେଷଣା ପ୍ରକଳ୍ପ ଓ ପୁରୀ କୃଷି ବିଜ୍ଞାନ କେନ୍ଦ୍ର(କେବିକେ)ର ମିଳିତ ଆନୁକୂଲ୍ୟରେ ଅନୁସୂଚିତ ଜାତି ଉପଯୋଜନା ମାଧମରେ କାଜୁ ଉତ୍ପାଦନ ବୃଦ୍ଧି ତଥା ଚାଷୀମାନଙ୍କର ଅର୍ଥନୈତିକ ବିକାଶ ପାଇଁ ଉନ୍ନତ ପ୍ରଣାଳୀ କାଜୁଚାଷ ପ୍ରଶିକ୍ଷଣ ଶିବିର ପୁରୀ କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ କାର୍ଯ୍ୟାଳୟ ସାକ୍ଷୀଗୋପାଳରେ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଓୟୁଏଟିର ଅବସରପ୍ରାପ୍ତ ପ୍ରଫେସର ଡ. ଶରତ ଚନ୍ଦ୍ର ସାହୁ ମୁଖ୍ୟ ଅତିଥି ରୂପେ ଯୋଗଦେଇ ପୁରୀ ଜିଲାର ଜଳବାୟୁ ଓ ମୃତ୍ତିକା କାଜୁଚାଷ ପାଇଁ ଅନୁକୂଳ ବୋଲି କହିଥିଲେ। ତେଣୁ ଏଭଳି ଏକ ଲାଭଜନକ ଫସଲକରି ଚାଷୀମାନେ ସେମାନଙ୍କର ଅର୍ଥନୈତିକ ବିକାଶ ନିମନ୍ତେ ଆଗେଇ ଆସିବାକୁ ସେ ଉପସ୍ଥିତ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ। କାଜୁ ଗବେଷଣା ପ୍ରକଳ୍ପର ଭାରପ୍ରାପ୍ତ ଅଧିକାରୀ ପ୍ରଫେସର ଡ. ପ୍ରମୋଦ କୁମାର ପଣ୍ଡା ନୂତନ ଜ୍ଞାନକୌଶଳ ଉପଯୋଗ କରି ଅଧିକ ଉତ୍ପାଦନ ଓ ପ୍ରକ୍ରିୟାକରଣ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା ଦିଗରେ ସରକାରୀ ପ୍ରୋତ୍ସାହନ ସମ୍ପର୍କରେ ସୂଚନା ଦେଇଥିଲେ। ବିଭାଗୀୟ ବୈଜ୍ଞାନିକ ଡ. କବିତା ସେଠୀ କାଜୁର ବିଭିନ୍ନ କିସମ ଓ କଲମୀ ଚାରା ରୋପଣ ସମ୍ପର୍କରେ ଚାଷୀମାନଙ୍କୁ କହିଥିଲେ। ପୁରୀ ଜିଲା ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ଅଜୟ ପ୍ରଧାନ କାଜୁଚାଷ ପାଇଁ ଉଦ୍ୟାନ ବିଭାଗ ପକ୍ଷରୁ ସମ୍ପୂର୍ଣ୍ଣ ସହଯୋଗ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ପୁରୀ ଜିଲା କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ଡ. ସଞ୍ଜୟ କୁମାର ମହାନ୍ତି କାଜୁ ଫସଲରେ ରୋଗ ପୋକ ନିୟନ୍ତ୍ରଣ ନିମନ୍ତେ ବୈଜ୍ଞାନିକ ତଥା ଆଧୁନିକ ପ୍ରଣାଳୀ ଚାଷପାଇଁ କୃଷି ବିଜ୍ଞାନ କେନ୍ଦ୍ର ଦାୟିତ୍ୱ ବହନ କରିବା ସହ ଜୈବିକ ପଦ୍ଧତିରେ ପରିବେଶ ସୁରକ୍ଷା ସମ୍ପର୍କିତ ତଥ୍ୟମୂଳକ ସୂଚନା ପ୍ରଦାନ କରିଥିଲେ। ଉପସ୍ଥିତ ଚାଷୀମାନଙ୍କ ମଧ୍ୟରେ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିବିରରେ ପ୍ରଶିକ୍ଷଣ ନେଇଥିବା ୫୦ରୁ ଊର୍ଦ୍ଧ୍ୱ ଚାଷୀମାନଙ୍କୁ ଉନ୍ନତ କିସମର କଲମୀ କାଜୁ ଚାରା ଓ ଅମୃତଭଣ୍ଡା ଚାରା ବଣ୍ଟନ କରାଯାଇଥିଲା। କୃଷି ବିଜ୍ଞାନ କେନ୍ଦ୍ରର ଗୃହ ବିଜ୍ଞାନୀ ଡ. ସୁମିତା ଆଚାର୍ଯ୍ୟ, ଯାନ୍ତ୍ରିକ ବୈଜ୍ଞାନିକ ଡ. ଦୀପସିକା ପରାମଜିତା, ସମ୍ପ୍ରସାରଣ ବୈଜ୍ଞାନିକ ସୋନିତା ରାଣୀ ସେଠୀ, ବିଭୁପ୍ରସାଦ ଦାସ ଓ କ୍ଷେତ୍ର ପରିଚାଳକ ନିଭା ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।


ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିବା ଅତିଥିଙ୍କ ସହ ପ୍ରଶିକ୍ଷାର୍ଥୀମାନେ ।

## ସଂକ୍ଷେପରେ

### ୫୪ କେଜି ଗଞ୍ଜେଇ ଜବତ, ଅଭିଯୁକ୍ତ ଗିରଫ

କଟକ ଅଫିସ,୧୦।୩: ବାରଙ୍ଗ ଥାନା ଅନ୍ତର୍ଗତ ତ୍ରିଶୂଳିଆ ଛକ ନିକଟରେ ରାଜ୍ୟ ଅବକାରୀ ଫ୍ଲାଇଂ ସ୍କ୍ୱାଡ୍ ପକ୍ଷରୁ ଶୁକ୍ରବାର ଚଢ଼ାଉ କରାଯାଇ ଏକ କାର୍ ସହ ୫୪ କେଜି ଗଞ୍ଜେଇ ଜବତ କରାଯାଇଛି। ଏହି ବେଆଇନ କାରବାରରେ ସମ୍ପୃକ୍ତ କନ୍ଧମାଳ ଜିଲା ବାଲିଗୁଡ଼ା କେ. ନୂଆଗାଁର ଜୋହନ୍ ନାୟକ (୨୮)ଙ୍କୁ ଗିରଫ କରାଯାଇଛି। ଏନେଇ ଏକ ମାମଲା(ନଂ.୫୨୬/୨୨-୨୩) ରୁଜୁ ହୋଇଛି। ଉମାକାନ୍ତ ସ୍ୱାଇଁ, ନଟବର ମଲ୍ଲିକ, ପ୍ରଦୀପ କୁମାର ବେହେରା, ରାଜକିଶୋର ନାୟକ ପ୍ରମୁଖ ଅବକାରୀ ଅଧିକାରୀ ଏହି ଚଢ଼ାଉରେ ସାମିଲ ଥିଲେ।

### ୨୪ରୁ କଟକ କଳା ବିକାଶ କେନ୍ଦ୍ର ମହୋତ୍ସବ

କଟକ ଅଫିସ, ୧୦।୩: ଦ୍ୱିତୀୟ କଟକ କଳା ବିକାଶ କେନ୍ଦ୍ର ମହୋତ୍ସବ ଆସନ୍ତା ୨୪ରୁ ୨୬ ତାରିଖ ପର୍ଯ୍ୟନ୍ତ କଟକ କଳା ବିକାଶ କେନ୍ଦ୍ରଠାରେ ଅନୁଷ୍ଠିତ ହେବ। ଏଥିରେ ଜାତୀୟ ସ୍ତରର ସ୍ୱନାମଧନ୍ୟ କଳାକାର, ଓଡ଼ିଶୀ ନୃତ୍ୟ, ଓଡ଼ିଶୀ ସଙ୍ଗୀତ, କଥକ, ଭାରତନାଟ୍ୟମ୍, କୁଚିପୁଡ଼ି, ଘୋଡ଼ାନାଚ ଲୋକନୃତ୍ୟ ପରିବେଷଣ କରାଯିବ। ସେହିପରି ହାଇଦ୍ରାବାଦର ପଦ୍ମଶ୍ରୀ ଗୀତା ଚନ୍ଦ୍ରନ, ଓଡ଼ିଶୀ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ କୁମ୍‌କୁମ୍ ମହାନ୍ତି, ପଦ୍ମଶ୍ରୀ ଶ୍ୟାମାମଣୀ ଦେବୀ, ପଦ୍ମଶ୍ରୀ ଉତ୍ସବ ଦାସ, ଡ. ସଙ୍ଗୀତା ଗୋସାଇଁ, ତେଲେଙ୍ଗାନାର ରାଜେନ୍ଦ୍ର ଗଙ୍ଗାନୀ, କଲିକତାର କଥକ ନୃତ୍ୟାଙ୍ଗନା ମଧୁମିତା ରାଏ, ଦିଲ୍ଲୀର କେଡ଼ିଆ ବ୍ରଦର୍ସ, ରାଘବରାଜ ଏବଂ ମଙ୍ଗଳା ଭଟ୍ଟ, ଦୀପିକା ରେଡି, ସୁଜାତା ମହାପାତ୍ର, ବିଜୟ ଜେନା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିବେଷଣ କରିବେ। ଏନେଇ ଏକ ପ୍ରସ୍ତୁତି ବୈଠକ କେନ୍ଦ୍ରର ମ୍ୟାନେଜିଂ ଟ୍ରଷ୍ଟି ରବୀନ୍ଦ୍ର ନାଥ ମହାନ୍ତିଙ୍କ ପୌରୋହିତ୍ୟରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କେନ୍ଦ୍ରର କାର୍ଯ୍ୟକାରୀ ସଭାପତି ତଥା ଆଡ୍‌ଭୋକେଟ ପ୍ରସନ୍ନ କୁମାର ନନ୍ଦ, ସାଧାରଣ ସମ୍ପାଦକ ପ୍ରସେନଜିତ୍ ମହାନ୍ତି, ଉପସଭାପତି ଭକ୍ତ ବଲ୍ଲଭ ଦାସ, ଯୁଗ୍ମ ସମ୍ପାଦିକା ସୁଦୀପ୍ତା ଦାଶ, କାର୍ଯ୍ୟକାରୀ ସଦସ୍ୟ ଏ. ମହେଶ୍ୱର ରାଓ, ଗୌର ପଟ୍ଟନାୟକ, ପ୍ରଶାସନିକ ଅଧିକାରୀ ରବୀନ୍ଦ୍ର ନାଥ ଜଟ ପ୍ରମୁଖ ଯୋଗ ଦେଇଥିଲେ। ଉପସଭାପତି ରାଧାମୋହନ ସାହୁ ଧନ୍ୟବାଦ ଦେଇଥିଲେ।

### ‘ଅତୀତର ଅନ୍ତାକ୍ଷରୀ’ ପୁସ୍ତକ ଉନ୍ମୋଚିତ



ଖୋର୍ଦ୍ଧା ଅଫିସ,୧୦।୩: ରାଜଭବନ ପରିସରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ଦ୍ୱାରା ଗୀତିକବି ଚୈତନ୍ୟ ପ୍ରସାଦ ବେହେରାଙ୍କ ଗୀତିକବିତା ପୁସ୍ତକ ‘ଅତୀତର ଅନ୍ତାକ୍ଷରୀ’ ଉନ୍ମୋଚିତ ହୋଇଯାଇଛି। ଏହି ପୁସ୍ତକ ଉନ୍ମୋଚନ ବେଳେ ଚୈତନ୍ୟଙ୍କ ସମେତ ଓଡ଼ିଶା ଅକ୍ଷୟ ମହାନ୍ତି ଫାଉଣ୍ଡେଶନ ଟ୍ରଷ୍ଟ ସମ୍ପାଦିକା ଅନସୂୟା ବେହେରା, ସାଂସ୍କୃତିକ ସମ୍ପାଦକ ରାଜା ସାଗର ରଞ୍ଜନ ମେହେର ଓ ସଦସ୍ୟା ପ୍ରଜ୍ଞା ପ୍ରୀତିପର୍ଣ୍ଣା ମେହେର ପ୍ରମୁଖ ଉପସ୍ଥିତ ଥିଲେ।

# ପୋତିଦେଲେ ଡ୍ରେନ୍, ଉପୁଜିପାରେ ଜଳବନ୍ଦୀ ସମସ୍ୟା

## ବରମୁଣ୍ଡା ସର୍ଭିସ୍ ରୋଡ୍ ମରାମତି ଓ ସୌନ୍ଦର୍ଯ୍ୟକରଣ

ଭୁବନେଶ୍ୱର,୧୦।୩ (ବ୍ୟୁରୋ)



ଭାରତରେ ଜି-୨୦ ସମ୍ମିଳନୀ ଅବସରରେ ବିଦେଶୀ ପ୍ରତିନିଧି ଦଳ ଓଡିଶା ଆସିବାର କାର୍ଯ୍ୟକ୍ରମ ରହିଛି। ଏହାକୁ ଦୃଷ୍ଟିରେ ରଖି ବରମୁଣ୍ଡାରେ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଆଗେଇ ଚାଲିଛି। ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ) ପକ୍ଷରୁ ଓଭରବ୍ରିଜ୍ ସଂଲଗ୍ନ ଅଞ୍ଚଳକୁ ସୌନ୍ଦର୍ଯ୍ୟକରଣ କରାଯିବାର ଯୋଜନା ରହିଥିବାବେଳେ ଏଠାରେ ପୂର୍ବରୁ ରହିଥିବା ଡ୍ରେନ୍‌କୁ ପୋତିଦିଆଯାଇଛି। ବର୍ଷା ହେଲେ ଓଭରବ୍ରିଜରୁ ତଳକୁ ପଡୁଥିବା ପାଣି ଏହି ଡ୍ରେନ୍ ଦେଇ ମୁଖ୍ୟ ନାଳକୁ ନିଷ୍କାସିତ ହେଉଥିଲା। ଏବେ ଏହି ଡ୍ରେନ୍ ପୋତାଯିବା ପରେ ବର୍ଷାଦିନେ ଜଳବନ୍ଦୀ ସମସ୍ୟା ସୃଷ୍ଟି ହେବାର ଆଶଙ୍କା ପ୍ରକାଶ ପାଇଛି। ଏହାର ବିପରୀତ ପାର୍ଶ୍ୱରେ ଡ୍ରେନ୍ ନିର୍ମାଣ ହୋଇଥିଲେ ମଧ୍ୟ ବର୍ଷା ଜଳ ପ୍ରବେଶ ପାଇଁ ସୁବିଧା ନାହିଁ। ପୁଣି ଡ୍ରେନର ଉଭୟମୁଣ୍ଡ ମଧ୍ୟ ବନ୍ଦ ରହିଛି। ଓଭରବ୍ରିଜରୁ ବର୍ଷାଦିନେ ପ୍ରବଳ ମାତ୍ରାରେ ଜଳ ତଳକୁ ଖସିଥାଏ। ଫଳରେ ଡ୍ରେନ୍ ପୂରଣ ହୋଇ ରାସ୍ତା ଉପରେ ପାଣି ଚାଲିଥାଏ। ଏହି ଡ୍ରେନ୍ ପୋତିଦିଆଯିବା ଫଳରେ ରାସ୍ତା ଉପରେ ପାଣିର ପରିମାଣର ବଢ଼ିବ। ଫଳରେ ଇସ୍କନ ମନ୍ଦିର ସମ୍ମୁଖରେ ପ୍ରତିବର୍ଷ ସୃଷ୍ଟି ହେଉଥିବା ଜଳବନ୍ଦୀ ସମସ୍ୟା ଏଠାରେ ମଧ୍ୟ ସୃଷ୍ଟି ହୋଇପାରେ। ଏନେଇ ଏନ୍‌ଏଚ୍‌ଏଆଇ ଅଧିକାରୀ ରାମଚନ୍ଦ୍ର କହିଛନ୍ତି, ଉକ୍ତ ଡ୍ରେନ୍ ପୋତାଯାଇ ସେଠାରେ ଫୁଟପାଥ୍ ନିର୍ମାଣ କରାଯିବ। ଓଭରବ୍ରିଜ୍‌ରୁ ବର୍ଷାଜଳ ତଳକୁ ଆସିବା ପାଇଁ ପାଇପ୍ ସଂଯୋଗ କରାଯିବ ଏହା ପରେ ରାସ୍ତା ଦେଇ ବିପରୀତ ପାର୍ଶ୍ୱରେ ଥିବା ଡ୍ରେନରେ ପ୍ରବେଶ କରିବ। ବିପରୀତ ପାର୍ଶ୍ୱରେ ଡ୍ରେନ ସଫେଇ, ମରାମତି ଓ ଅନ୍ୟାନ୍ୟ କାର୍ଯ୍ୟ ଆସନ୍ତା ୧୫ରୁ ୨୦ ଦିନ ମଧ୍ୟରେ ସରିବ ବୋଲି ସେ କହିଛନ୍ତି।

### କେବେ ବନ୍ଦ ହେବ ରଙ୍ଗ୍ ରୁଟ୍ ଗାଡ଼ି ଚଳାଚଳ?

ରଙ୍ଗ୍ ରୁଟ୍‌ରେ ଗାଡି ଚାଳନା ବହୁ ସମୟରେ ଦୁର୍ଘଟଣାର କାରଣ ପାଲଟିବା ସହ ଜୀବନ ନେଉଛି। ଏହାଜାଣି ମଧ୍ୟ ଲୋକେ ରଙ୍ଗ୍‌ରୁଟ୍‌ରେ ଯିବାଆସିବା କରୁଛନ୍ତି। ବରମୁଣ୍ଡାରୁ କୋଳଥିଆ ଓ ଘାଟିକିଆ ଭିତରକୁ ଯିବାକୁ ଚାହୁଁଥିବା ଲୋକେ ବରମୁଣ୍ଡା ଓଭରବ୍ରିଜ୍ ତଳେ ରଙ୍ଗ୍ ରୁଟ୍‌ରେ ତପୋବନ ରୋଡ୍ ବା ଆଶ୍ରମ ରୋଡ୍ ଦେଇ ଯାତାୟତ କରୁଛନ୍ତି। ଏଥିପାଇଁ ତାରିଣୀ ମନ୍ଦିର ଛକରେ ଅଧିକାଂଶ ସମୟ ଟ୍ରାଫିକ୍ ଜାମ୍ ଭଳି ସମସ୍ୟା ସୃଷ୍ଟି ହେଉଛି। ବାରମ୍ବାର ଛୋଟବଡ଼ ଦୁର୍ଘଟଣା ଘଟି ଲୋକ ମୃତାହାତ ହେଉଛନ୍ତି। ସେହିପରି ରାଜପଥର ବାଣୀବିହାର, ରସୁଲଗଡ଼, ପଲାଶୁଣି ଆଦି ସ୍ଥାନରେ ବର୍ଷସାରା ରଙ୍ଗ୍‌ରୁଟ୍ ଗାଡ଼ି ଚଳାଚଳ ଦେଖିବାକୁ ମିଳୁଛି। ଏହା କେବେ ବନ୍ଦ ହେବ ସେନେଇ ସାଧାରଣରେ ପ୍ରଶ୍ନ ଉଠିଛି। ସେହିପରି ବିଭିନ୍ନ ଛକରେ ଟ୍ରକ୍, ବସ ଆଦି ଭାରିଯାନ ଅଟକି ରହୁଥିବାରୁ ସମସ୍ୟା ବଢୁଛି। ଏସବୁ ଦିଗ ପ୍ରତି ଧ୍ୟାନ ଦେବା ପାଇଁ ଅଞ୍ଚଳବାସୀ ଦାବି କରୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ।

## ଓଭରବ୍ରିଜରେ ଗଛ: ଡାଳ କାଟୁଛନ୍ତି ଚେର ରହୁଛି



ଓଭରବ୍ରିଜ୍ ପାଇଁ ବିପଦ ଆଣିବ ଗଛ। ବରମୁଣ୍ଡା ଓଭରବ୍ରିଜର ଉଭୟ ପାର୍ଶ୍ୱରେ ବର, କଦମ୍ବ ଓ ଅଶ୍ୱତ୍ଥ ଆଦି ଗଛ ଉଠୁଛି। ଗଣମାଧ୍ୟମରେ ଏନେଇ ବାରମ୍ବାର ଖବର ପ୍ରକାଶ ପାଇବା ପରେ ୧୫ ଫୁଟ୍‌ରୁ ଅଧିକ ଉଚ୍ଚ ହେବା ପରେ ଏହି ଗଛଗୁଡ଼ିକର ଶାଖାଗୁଡ଼ିକୁ କାଟି ଦିଆଯାଇଛି। ଗଛର ମୂଳଗୁଡ଼ିକ ବିନାଶ କରା ନ ଯିବା ଫଳରେ ପୁଣିଥରେ ମୂଳରେ କଳି ବାହାରି ବଢ଼ିବାରେ ଲାଗିଛି। ତେବେ ବାରମ୍ବାର ଡାଳ କଟା ବାବଦକୁ ବିପୁଳ ଅର୍ଥ ଖର୍ଚ୍ଚ ହେବା ସହ ମାନସମ୍ବଳ ବିନିଯୋଗ ହେଉଛି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ସାଧାରଣତଃ ପବନ, ପକ୍ଷୀ କିମ୍ବା ଅନ୍ୟାନ୍ୟ କୀଟପତଙ୍ଗଙ୍କ ମାଧ୍ୟମରେ ଏପରି ସ୍ଥାନରେ ଗଛ ଉଠିଥାଏ। ବର୍ଷାଦିନରେ ଲଗାଣବର୍ଷା ଫଳରେ ଏହି ମଞ୍ଜି ଅଙ୍କୁରୋଦ୍‌ଗମ୍ କରିଥାଏ। ଓଭରବ୍ରିଜ ଫାଙ୍କରେ ଜମି ରହିଥିବା ପାଣି ଓ ମାଟିରୁ ପୋଷଣ ଗ୍ରହଣ କରି ବଢ଼ିଥା’ନ୍ତି। ଓଭର ବ୍ରିଜରେ ଥିବା ମାଇକ୍ରୋସ୍କୋପିକ୍ ଫାଟ



ଜରିଆରେ ଗଛର ଚେର ମଝିଭାଗକୁ ସହଜରେ ଯାଇପାରେ ଓ ଅନାୟାସରେ ବଢ଼ିବାକୁ ଲାଗିଥାଏ। ତେବେ ଗଛଟି ବଢ଼ିବା ସହ ଏହାର ଚେର ମୋଟା ହୋଇ ଓଭରବ୍ରିଜରେ ଫାଟ ସୃଷ୍ଟି ହେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ।

## ୧୦ ଗ୍ରାମ୍ ବ୍ରାଉନ୍‌ସୁଗାର, ବାଇକ୍ ଜବତ: ଜଣେ ଗିରଫ

ଖୋର୍ଦ୍ଧା ଅଫିସ,୧୦।୩

ଖୋର୍ଦ୍ଧାରେ ବ୍ରାଉନ୍‌ସୁଗାର କାରବାର ଥମିବାରେ ନାଁ ଧରୁନି। ଧରପଗଡ଼ ସତ୍ତ୍ୱେ ଏହା କାୟା ବିସ୍ତାର କରିବାରେ ଲାଗିଛି। ଶୁକ୍ରବାର ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ପାନବରଜ ଛକରେ ଚଢ଼ାଉ କରି ଜଣେ ବ୍ରାଉନ୍‌ସୁଗାର ବେପାରୀଙ୍କୁ ଗିରଫ କରିଛି। ସେ ହେଲେ ନୟାଗଡ଼ ଜିଲା ରଣପୁର ଥାନା ତରେଇ ଗ୍ରାମର ରାମଚନ୍ଦ୍ର ବଳିୟାରସିଂ। ତାଙ୍କଠାରୁ ୧୦ଗ୍ରାମ୍ ବ୍ରାଉନ୍‌ସୁଗାର ସହ ଏକ ବାଇକ୍(ଓଡି୦୨-ଏଏଚ୍-୨୪୧୪)ଜବତ ହୋଇଛି। ଲୋକେଶ୍ୱରପୁରଠାରେ ଦୋଳ ମେଳଣ ଚାଲିଛି। ପୂର୍ବାହ୍ନରେ ପୋଲିସ ପାଟ୍ରୋଲିଂ ବେଳେ ପାନବରଜ ଛକରେ ରାମଚନ୍ଦ୍ର ଗ୍ରାହକଙ୍କୁ ଅପେକ୍ଷା କରିଥିଲେ। ସନ୍ଦେହ ହେବାରୁ ପୋଲିସ ପଚରାଉଚରା ବେଳେ ବ୍ରାଉନ୍‌ସୁଗାର ଜବତ କରିଥିଲା। ଏନ୍‌ଡିପିଏସ୍ ଆକ୍ଟରେ ମାମଲା ରୁଜୁକରି ପୋଲିସ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।







ରବୀନ୍ଦ୍ର ମଣ୍ଡପରେ ଭୁବନେଶ୍ୱର ମ୍ୟୁଜିକ ସର୍କଲ ଦ୍ୱାରା ଚାଲିଥିବା ସମର୍ପଣର ଦ୍ୱିତୀୟ ସନ୍ଧ୍ୟାରେ ଲୋକ ସଙ୍ଗୀତ ପରିବେଷଣ କରାଯାଉଛି।

## ମୁଖ୍ୟ ଆକର୍ଷଣ ଲୋକ ସଙ୍ଗୀତ ବାଉଲ, ଅଭଙ୍ଗ

### ସମର୍ପଣର ଦ୍ୱିତୀୟ ସନ୍ଧ୍ୟା

ଭୁବନେଶ୍ୱର,୧୦।୩(ବ୍ୟୁରୋ)

ଓଡ଼ିଶା ପର୍ଯ୍ୟଟନ ବିଭାଗ ସହାୟତାରେ ଭୁବନେଶ୍ୱର ମ୍ୟୁଜିକ ସର୍କଲ ଦ୍ୱାରା ତିନିଦିନ ଧରି ଆୟୋଜିତ ୧୧ତମ ବାର୍ଷିକ ସୁଫିୟାନା ଓ ଆଧାତ୍ମିକ ସଙ୍ଗୀତ କାର୍ଯ୍ୟକ୍ରମ ସମର୍ପଣର ଦ୍ୱିତୀୟ ସନ୍ଧ୍ୟା ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ପାରମ୍ପରିକ ବଙ୍ଗଳା ଲୋକ ସଙ୍ଗୀତ ବାଉଲ ସହିତ ମହାରାଷ୍ଟ୍ରର ଲୋକ ସଙ୍ଗୀତ ଅଭଙ୍ଗ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲା। ସନ୍ଧ୍ୟାର ପ୍ରଥମ ସଙ୍ଗୀତ କାର୍ଯ୍ୟକ୍ରମ ଥିଲା ସନ୍ତତ ଦାସ ବାଉଲ ଓ ସାଥୀଙ୍କ ଦ୍ୱାରା ବଙ୍ଗଳା ଲୋକ ସଙ୍ଗୀତ ବାଉଲ ପରିବେଷଣ। ଏହି ସଙ୍ଗୀତକୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ନିରନ୍ତର ରୂପେ ଯାଇ ସଙ୍ଗୀତ ଦ୍ୱାରା ଲୋକମାନଙ୍କର ଭଲପାଇବା ଓ ଚିରନ୍ତନ ପ୍ରେମର ପ୍ରଚାର କରିଥାଏ। ଦାସଙ୍କ ଦ୍ୱାରା ପରିବେଷିତ ବାଉଲ ଦର୍ଶକମାନଙ୍କୁ ଏକ ଆଧାତ୍ମିକ ଓ ଭାବପୂର୍ଣ୍ଣ ପରିବେଶକୁ ଟାଣି ନେଇଯାଇଥିଲା। ତାଙ୍କ ସହ ଶ୍ରୀଖୋଳରେ ଆଶିଷ କରମାକର, ଦୋତାରାରେ ଗୋସ୍ତା ଗୋପାଳ ଥଣ୍ଡାର ଓ ବଂଶୀରେ ଧରଣୀ ମାଝି ଥିଲେ। ସନ୍ଧ୍ୟାର ଶେଷ ଉପସ୍ଥାପନା ଓମକାର ଦାଦରକର ଓ ସାଥୀଙ୍କ ଦ୍ୱାରା ଅଭଙ୍ଗ ସଙ୍ଗୀତ ଉପସ୍ଥାପିତ ହୋଇଥିଲା। ଅଭଙ୍ଗ ସଙ୍ଗୀତ ଭଗବାନ ଭିଥଲାଙ୍କ ପାଖରେ ଗାନ କରାଯାଇଥାଏ। ଭଗବାନ ଭିଥଲା ହେଉଛନ୍ତି ମହାରାଷ୍ଟ୍ର ଓ କର୍ନାଟକରେ ଶ୍ରୀକୃଷ୍ଣଙ୍କର ଅନ୍ୟନାମ। ଆକ୍ଷରିକ ଭାବରେ ଏହାର ଅର୍ଥ ହେଉଛି ଏକ ନିଖୁଣ ଏବଂ ନିରବଚ୍ଛିନ୍ନ ଆଧାତ୍ମିକ ସଙ୍ଗୀତ ପରିବେଷଣ। ତବଲାରେ ଗୌରବ ଚାଟାର୍ଜୀ ଏବଂ ହାରମୋନିୟମରେ ଅଶୋକ ମୁଖାର୍ଜୀ ସହଯୋଗ କରିଥିଲେ। ସନ୍ଧ୍ୟାରେ ଅତିଥି ଭାବେ ସର୍କଲର ସଭାପତି ଅରବିନ୍ଦ ବେହେରା, ଆଇସିସିଆରର ନିର୍ଦ୍ଦେଶିକା ମିନାକ୍ଷୀ ମିଶ୍ର, ବିଶିଷ୍ଟ ବାଉଲ ସଙ୍ଗୀତ ଗାୟକ ସନ୍ତତ ଦାସ ବାଉଲ ଓ ସର୍କଲର ସଚିବ କ୍ଷୀରୋଦ କୁମାର ପଟ୍ଟନାୟକ ଯୋଗଦେଇଥିଲେ। ଡ.ସଙ୍ଗୀତା ଗୋସାଇଁ ଓ ରାଜଶ୍ରୀ ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମହିଳା ସଶକ୍ତୀକରଣ ପାଇଁ ଟେକ୍ନୋ-ଟ୍ରେନ୍ ପ୍ରଶିକ୍ଷଣ

ଭୁବନେଶ୍ୱର,୧୦।୩(ବ୍ୟୁରୋ)

ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ସିଏସ୍ଆଇଆର୍- ଆଇଏମ୍ଏମ୍‌ଟିର ଭୁବନେଶ୍ୱର ପକ୍ଷରୁ ସିଏସ୍ଆଇଆର୍ ସମନ୍ୱିତ ଦକ୍ଷତା ପ୍ରୟାସ ଅଧୀନରେ ସ୍ୱେଚ୍ଛାସେବୀ ସଂଗଠନ ବିଜୟ କଳିଙ୍ଗ ବିକାଶର ସହଯୋଗରେ ଡବ୍ଲ୍ୟୁଏସ୍ଏଚ୍‌ଜି ପାଇଁ ପ୍ରାସଙ୍ଗିକ ଜ୍ଞାନକୌଶଳ ଉପରେ ଏକ ଦିନିକିଆ ପ୍ରଶିକ୍ଷଣ ଏବଂ ପ୍ରଦର୍ଶନ କାର୍ଯ୍ୟକ୍ରମ ଟେକ୍ନୋ-ଟ୍ରେନ୍ ଅନୁଷ୍ଠିତ ହୋଇଯାଇଛି। ଏହାଦ୍ୱାରା ବୈଜ୍ଞାନିକ ସାମାଜିକ ଦାୟିତ୍ୱବୋଧର ଏକ ଅଂଶ ଭାବରେ ପରୀକ୍ଷାଗାରାରେ ଜୀବାଣୁନାଶକ ସଫେଇ, ଔଷଧୀୟ ହ୍ୟାଣ୍ଡ ସାନିଟାଇଜର, ସାବୁନ ବାର୍ ଏବଂ ହ୍ୟାଣ୍ଡୱାଶ୍ ଫର୍ମୁଲେଶନ ଭଳି କିଛି ଉତ୍ପାଦନ କରାଯାଇପାରିବ ଏବଂ ରାଜ୍ୟ ସରକାରଙ୍କ ଜୀବିକା ମିଶନକୁ ପ୍ରୋତ୍ସାହିତ କରିପାରିବ। ଓଡ଼ିଶାର ମୟୂରଭଞ୍ଜ, ଯାଜପୁର, କେନ୍ଦ୍ରାପଡ଼ା ଓ କେନ୍ଦୁଝର ଜିଲାର ବିଭିନ୍ନ ବ୍ଲକର ସ୍ୱୟଂ ସହାୟକ ଗୋଷ୍ଠୀର ମୋଟ ୨୦୦ଜଣ ମହିଳା ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଛନ୍ତି। ସିଏସ୍ଆଇଆର୍-ଆଇଏମ୍ଏମ୍‌ଟିର ନିର୍ଦ୍ଦେଶକ ପ୍ରଫେସର ଡ. ଜି.ଏନ୍. ଶାସ୍ତ୍ରୀଙ୍କ ସହଯୋଗ ଓ ପ୍ରୋତ୍ସାହନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଡ. ସୋନି ପାଣ୍ଡେ ସଂଯୋଜନା କରିଥିବା ବେଳେ ଡ. ଏନ୍.କେ. ଧଳ, ଡ.ଏଲ୍.ଡି.ବେସ୍ରା ଓ ଡ.ଅଶୋକ ସାହୁ ପରାମର୍ଶ ଦେଇଥିଲେ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ)ର ଓଡ଼ିଶା ରାଜ୍ୟ ସରକାରଙ୍କ ଉପଦେଷ୍ଟା ନିବେଦିତା ନାୟକ, ମିଳିତ ଜାତିସଂଘ ଉନ୍ନୟନ କାର୍ଯ୍ୟକ୍ରମର ଓଡ଼ିଶା କାର୍ଯ୍ୟାଳୟର ମୁଖ୍ୟ ଆଭା ମିଶ୍ର ଓ ଏନ୍‌ଏସ୍‌ଡବ୍ଲ୍ୟୁଏସ୍ଏସ୍ ନିର୍ଦ୍ଦେଶିକା ପ୍ରଫେସର ଯଶୋଧରା ପ୍ରମୁଖ ଯୋଗଦେଇ ଡବ୍ଲ୍ୟୁଏସ୍ଏଚ୍‌ଜିଗୁଡିକୁ ଆତ୍ମନିର୍ଭରଶୀଳ ହେବା ସହ ଆର୍ଥିକ ସ୍ୱାଧୀନତା ହାସଲ ପାଇଁ ପ୍ରୋତ୍ସାହିତ କରିଥିଲେ। ଓଆର୍‌ଏମ୍ଏସ୍‌ର ସିଇଓ ଗୁହା ପୁନମ ତାପସ କୁମାର ଡବ୍ଲ୍ୟୁଏସ୍ଏଚ୍‌ଜିମାନଙ୍କୁ ଏକ ବାର୍ତ୍ତାରେ ସମର୍ଥନ ଜଣାଇଛନ୍ତି।

## ଜଳିଗଲା ୪ ବଖରା

ସାକ୍ଷୀଗୋପାଳ,୧୦।୩
(ଡି.ଏନ୍.ଏ./ ସ୍ୱ.ପ୍ର.)

ସ୍ଥାନୀୟ ଅଳଗୁମ ପଞ୍ଚାୟତର କାନପୁର ଗ୍ରାମରେ ଶୁକ୍ରବାର ସକାଳେ ଆକସ୍ମିକ ଅଗ୍ନିକାଣ୍ଡ ଘଟି ୪ ବଖରା ଘର ଜଳିଯାଇଛି। ଗଦାଧର ପ୍ରଧାନ, କାଶୀନାଥ ପ୍ରଧାନ ଓ ସଦାଶିବ ପ୍ରଧାନଙ୍କର ୪ ବଖରା ଚାଳଘର ପୋଡ଼ିଯାଇଛି। ଗ୍ରାମର ଯୁବକମାନେ ନିଆଁ ଲିଭାଉଥିବା ବେଳେ ଖବରପାଇ ସାକ୍ଷୀଗୋପାଳ ଅଗ୍ନିଶମ କେନ୍ଦ୍ରର କର୍ମଚାରୀମାନେ ଦୁଇଟି ଦମକଳ ସହିତ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହି ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ଧାନ, ଚାଉଳ, ଲୁଗାପଟା ଓ ବାସନକୁସନ ପୋଡ଼ି ଯାଇଥିବା ଜଣାପଡିଛି। ଅଗ୍ନିକାଣ୍ଡର କାରଣ ଜଣାପଡିନାହିଁ।

## ଡୁମୁଡୁମାରୁ ହଟିଲା ଜବରଦଖଲ



ଭୁବନେଶ୍ୱର,୧୦।୩ (ବ୍ୟୁରୋ)

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ପକ୍ଷରୁ ଶୁକ୍ରବାର ଡୁମୁଡୁମା ଅଞ୍ଚଳରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ପ୍ଲଟ୍ ନଂ.୧୧୧୩ରୁ ସାଇ ସରସ୍ୱତୀ ଶିଶୁ ମନ୍ଦିରର ୩ଟି ଆରସିସି ରୁମ୍, ପୂଜା ମଣ୍ଡପ ଆଦି ଉଚ୍ଛେଦ କରାଯାଇଛି। ମୋଟ୍ ୨.୪୮୩ ଏକର ସରକାରୀ ଜମିକୁ ଜବରଦଖଲମୁକ୍ତ କରାଯାଇଛି। ଖଣ୍ଡଗିରି ପୋଲିସ୍ ସହାୟତାରେ ୨ଟି ଜେସିବି ମାଧ୍ୟମରେ ଏହି ଉଚ୍ଛେଦ କରାଯାଇଛି। ଏନ୍‌ଫୋର୍ସମେଣ୍ଟ ଅଫିସର ପ୍ରମୋଦ କୁମାର ପାତ୍ର, ଜନସମ୍ପର୍କ ଅଧିକାରୀ ଶୁଭ୍ରାଂଶୁ ଶେଖର ମହାନ୍ତି, ଖଣ୍ଡଗିରି ଥାନା ଏଏସଆଇ ଶଙ୍କର ଭୋଇ ଏବଂ ସଞ୍ଜୟ କୁମାର ଷଣ୍ଢ ଉପସ୍ଥିତ ଥିଲେ।

## କୋଟିଏ ଟଙ୍କା ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ



ପୁରୁଣା ଭୁବନେଶ୍ୱର,୧୦।୩
(ଡି.ଏନ୍.ଏ.)

ବରମୁଣ୍ଡା ବିଜୁ ପଟ୍ଟନାୟକ ଖେଳପଡିଆର ପାଚେରି ଓ ଆନୁସଙ୍ଗିକ ଉନ୍ନତି ପାଇଁ ଶୁକ୍ରବାର ମନ୍ତ୍ରୀ ଆଶୋକ ଚନ୍ଦ୍ର ପଣ୍ଡାଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ପ୍ରାୟ ୧କୋଟି ଟଙ୍କା ବ୍ୟୟ ଅଟକଳରେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ପକ୍ଷରୁ କାର୍ଯ୍ୟ କରାଯିବ। ଡେପୁଟି ମେୟର ମଞ୍ଜୁଲତା କଅଁର, କର୍ପୋରେଟର ଦୀପକ ମିଶ୍ର, ଶ୍ରୀଧର ବେହେରା, ଆଶ୍ୱିନ ସୁନ୍ଦରାୟ, ହୃଦୟବଲବ ସାମନ୍ତରାୟ, ଇଂ.ସୁଜିତ୍ ସ୍ୱାଇଁ, ରାମ ରଣସିଂହ, ସଞ୍ଜୁକ୍ତା ଭୁଡିଆ, ପ୍ରଭାତ ପ୍ରଧାନ, ବାପିନା ପ୍ରଧାନ, ବଳରାମ ପ୍ରଧାନ, ସନ୍ଦୀପ ବିଶ୍ୱାଳ, ସୁଶାନ୍ତ ଦୀକ୍ଷିତ, ରୋହନ ରାଉତରାୟ, ପ୍ରଦ୍ୟୁମ୍ନ ମାର୍ଥା, ବିଜୟ ପ୍ରଧାନ, କାଳନ୍ଦୀ ବାରିକ, ଉଗ୍ରସେନ ପାଇକରାୟ ଉପସ୍ଥିତ ଥିଲେ।

## ପୌରାଣିକ ଯୁଗର ନାରୀ ଆଜିବି ପ୍ରେରଣାର ଉତ୍ସ

### ଅନ୍ତର୍ଜାତୀୟ ମହିଳା ଦିବସ

ଭୁବନେଶ୍ୱର,୧୦।୩(ବ୍ୟୁରୋ)

ଉଇସ୍ ପକ୍ଷରୁ ବନ୍ଧୁ ୱେଲ୍‌ଫେୟାର ଟ୍ରଷ୍ଟ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ବମିଖାଲସ୍ଥିତ ଜୟଦୁର୍ଗା ନଗରଠାରେ ପାଳିତ ହୋଇଯାଇଛି। ଅନୁଷ୍ଠାନ ଅଧ୍ୟକ୍ଷା ଅନୁସୃତା ସିଂହଦେଓ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବେ କଟକ ଏସ୍‌ସିବି ମେଡିକାଲ କଲେଜ ସ୍ନାୟୁତତ୍ତ୍ୱ ବିଭାଗର ପ୍ରଫେସର ଡ. ରବି ନାରାୟଣ ପଣ୍ଡା ଯୋଗଦେଇ ପୌରାଣିକ ଯୁଗରେ ଥିବା ନାରୀଙ୍କ ଭୂମିକା ଆଜି ମଧ୍ୟ କିଭଳି ଆମକୁ ପ୍ରେରଣା ଯୋଗାଉଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଉପନିର୍ଦ୍ଦେଶିକା ସଂଯୁକ୍ତା ଶତପଥୀ ସମାଜ କଲ୍ୟାଣରେ ନାରୀଙ୍କ ଭୂମିକା ସମ୍ପର୍କରେ ମତ ରଖିଥିଲେ। ଟ୍ରଷ୍ଟ ସଭାପିତ ଶ୍ରୀକାନ୍ତ ଦାଶ ସମାଜରେ ମହିଳାଙ୍କ ସ୍ଥାନ ଓ ରାଜ୍ୟ ତଥା ଦେଶର ବିକାଶରେ ସେମାନଙ୍କ କର୍ତ୍ତବ୍ୟ ବିଷୟରେ ବୁଝାଇଥିଲେ। ଟ୍ରଷ୍ଟର ସମ୍ପାଦକ ଫଗୁ ସମାଲ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦିଲୀପ କୁମାର ବଳବନ୍ତରାୟ, ସୁଚିସ୍ମିତା ମହାନ୍ତି, ଅନ୍ନପୂର୍ଣ୍ଣା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଅନ୍ତର୍ଜାତୀୟ ମହିଳା ଦିବସକୁ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ଏଥିସହ ଛାତ୍ରୀମାନଙ୍କୁ ଆତ୍ମନିର୍ଭରଶୀଳ ହେବା ପାଇଁ ପରାମର୍ଶ ଦେଇଥିଲେ। କୁଳ ସଚିବ ଅନାମିକା ଅଧିକାରି ଆଜିର ଯୁଗରେ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ଦ୍ୱାରା ସମାଜରେ ଲିଙ୍ଗଗତ ବୈଷମ୍ୟକୁ ଦୂର କରିବା ସହ ସାମାଜିକ ଗଣମାଧ୍ୟମ ଜରିଆରେ ନାରୀ ସଶକ୍ତୀକରଣର ନୂତନ ଆଭିମୁଖ୍ୟ ସମ୍ପର୍କରେ ମତ ରଖିଥିଲେ। ଅଧାପିକା ଡ. ଇତିଶ୍ରୀ ସାହୁ ମହିଳାଙ୍କ କର୍ତ୍ତବ୍ୟ ଓ ଅଧିକାର ସମ୍ପର୍କରେ କହିଥିଲେ। ସ୍ନାତକୋତ୍ତର ବିଭାଗର ମୁଖ୍ୟ ଡ. ଚକ୍ରଧର ବେହେରା ସ୍ୱାଗତ ଭାଷଣ ଓ ଅଧାପକ ଡ. ଆଶିଷ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିବା ସହିତ ଧନ୍ୟବାଦ ଦେଇଥିଲେ। ଅନ୍ୟପକ୍ଷରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ପକ୍ଷରୁ କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡ. ସେବା ମହାପାତ୍ର ଯୋଗଦେଇ ମହିଳାଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ଏବଂ ଉନ୍ନତ ସମାଜ ଗଠନ ପାଇଁ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଇଂଲିଶ ପ୍ରଫେସର ଇତିଶ୍ରୀ ଷଡ଼ଙ୍ଗୀ ନାରୀ ଶିକ୍ଷା, ସାମାଜିକ ଶାନ୍ତି ପ୍ରତିଷ୍ଠା କ୍ଷେତ୍ରରେ ମହିଳାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା କହିଥିଲେ। କୃଷି କଲେଜର ଡିନ୍ ପ୍ରଫେସର ହୃଷିକେଶ ପାତ୍ର ପ୍ରାରମ୍ଭିକ ସୂଚନା ଦେଇଥିଲେ। ପ୍ରଫେସର ରାମଚନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲେ।

ରାଜ୍ୟ ଭାଜପା କାର୍ଯ୍ୟାଳୟରେ ଆୟୋଜିତ ଅନ୍ତର୍ଜାତୀୟ ମହିଳା ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଯୋଗ ଦେଇଥିଲେ। ରାଜ୍ୟ ମହିଳା ମୋର୍ଚ୍ଚାର ରାଜ୍ୟ ସଭାନେତ୍ରୀ ସ୍ମୃତି ପଟ୍ଟନାୟକ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଅନ୍ୟତମ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକା ଡ. ଶକୁନ୍ତଳା ବଳିୟାରସିଂହ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅତିରିକ୍ତ ଶିକ୍ଷା ନିର୍ଦ୍ଦେଶିକା ପ୍ରୀତି ପ୍ରତିଭା ଭୋଳ ପ୍ରମୁଖ ଯୋଗଦେଇଥିଲେ। ରାଜ୍ୟ ମହିଳାମୋର୍ଚ୍ଚା ଉପସଭାନେତ୍ରୀ କାନନବାଳା ପଟ୍ଟନାୟକ ମଞ୍ଚ ପରିଚାଳନା ଓ କସ୍ତୁରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନାରେ ଖର୍ଚ୍ଚ ହେବ ୮୧୧ କୋଟି: ମନ୍ତ୍ରୀ

ଭୁବନେଶ୍ୱର, ୧୦।୩(ବ୍ୟୁରୋ)

ଅନୁସୂଚିତ ଜାତି ଓ ଜନଜାତି, ସଂଖ୍ୟାଲଘୁ ଏବଂ ପଛୁଆବର୍ଗ କଲ୍ୟାଣ ନିମନ୍ତେ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତିବଦ୍ଧ। ଶିକ୍ଷା ହିଁ ଏହି ଉପେକ୍ଷିତ ଲୋକଙ୍କ ସଶକ୍ତିକରଣ ପାଇଁ ବଳିଷ୍ଠ ଅସ୍ତ୍ର। ତେଣୁ ଗୁଣାତ୍ମକ ଶିକ୍ଷାକୁ ସୁନିଶ୍ଚିତ କରିବା ଲାଗି ବିଭାଗ ପକ୍ଷରୁ ମେଧାବୀ ଛାତ୍ରୀଛାତ୍ରଙ୍କ ଲାଗି ବିଭିନ୍ନ ପ୍ରକାର ବ୍ୟବସ୍ଥା କରାଯାଇଛି। ସେମାନଙ୍କୁ ବୃତ୍ତି, ଆବାସିକ ଛାତ୍ରାବାସ ନିର୍ମାଣ, ଶିକ୍ଷା ଉପକରଣ ଯୋଗାଇ ଦିଆଯିବା ସହ ଅନ୍‌ଲାଇନ୍ ଶିକ୍ଷାଦାନ ଏବଂ ଜୀବିକାର୍ଜନ କାର୍ଯ୍ୟକ୍ରମ ମାଧ୍ୟମରେ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଉଛି। ଏହାସହ ଦକ୍ଷତା ବୃଦ୍ଧି ନିମନ୍ତେ ଟ୍ରେନିଂ କାର୍ଯ୍ୟକ୍ରମ ମଧ୍ୟ ହାତକୁ ନିଆଯାଇଛି ବୋଲି ମନ୍ତ୍ରୀ ଜଗନ୍ନାଥ ସାରକା କହିଛନ୍ତି।

ଗୀତଗୋବିନ୍ଦ ସଦନଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ୨୦୨୩-୨୪ ବିଭାଗୀୟ ବଜେଟ ସମ୍ବନ୍ଧରେ ସୂଚନା ଦେଇ ମନ୍ତ୍ରୀ ସାରକା କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନାରେ ୮ ଶହ ୧୧ କୋଟି ଟଙ୍କା ବ୍ୟୟ କରାଯିବ। ୨୩ ଲକ୍ଷ (୬୦% ଛାତ୍ରୀ ଓ ୪୦% ଛାତ୍ର) ମେଧାବୀ ଛାତ୍ରୀଛାତ୍ର ଛାତ୍ରବୃତ୍ତି ପାଇବେ। ସେହିପରି ଛାତ୍ରୀଛାତ୍ରମାନଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ଏକ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ। ଏଥିରେ ୨ ଲକ୍ଷ ଅନୁସୂଚିତ ଜାତି ଓ ଜନଜାତି ଅନ୍ତେବାସୀ ଛାତ୍ରୀଛାତ୍ରଙ୍କ ପୋଷଣ ବୃଦ୍ଧି କରାଯିବ। ପ୍ରାକ୍ ମାଟ୍ରିକ୍ ସ୍କଲାରଶିପ୍ ଯୋଜନାରେ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପଢୁଥିବା ୬ ଲକ୍ଷ ଅନୁସୂଚିତ ଜାତି ଓ ଜନଜାତି ବିଦ୍ୟାର୍ଥୀଙ୍କ ଛାତ୍ରବୃତ୍ତି ବୃଦ୍ଧି କରାଯିବ। ବର୍ଷକୁ ୫୦୦ ଟଙ୍କା ଛାତ୍ରବୃତ୍ତି ମିଳିବ। ମାଟ୍ରିକ୍ ପରବର୍ତ୍ତୀ ଛାତ୍ରବୃତ୍ତି ଯୋଜନାରେ ରକ୍ଷଣାବେକ୍ଷଣ ଭତ୍ତା ପ୍ରୋତ୍ସାହନ ବାର୍ଷିକ ଅତିରିକ୍ତ ଏକ ହଜାର ଟଙ୍କା ଅନ୍ତେବାସୀମାନଙ୍କ ପାଇଁ ଓ ୫୦୦ ଟଙ୍କା ଦିବାଧାୟୀଙ୍କ ଲାଗି ଖର୍ଚ୍ଚ ହେବ। ଅନ୍ୱେଷା କାର୍ଯ୍ୟକ୍ରମ ଅଧୀନରେ ୧୦୬ଟି ଅନ୍ୱେଷା ବିଦ୍ୟାଳୟ ଓ ୮୦ଟି ଛାତ୍ରାବାସ ମାଧ୍ୟମରେ ଛାତ୍ରାବାସ ଏବଂ ଟ୍ୟୁଶନ୍ ଫି ପ୍ରଦାନ କରାଯାଉଛି। ପ୍ରତିଷ୍ଠିତ ଇଂଲିଶ ମାଧ୍ୟମ ବିଦ୍ୟାଳୟରେ ଶିକ୍ଷାଦାନ କରାଯାଉଛି। ଏଥିରେ ୧୨୪ କୋଟି ଟଙ୍କା ବ୍ୟୟ କରାଯିବ। ସହରାଞ୍ଚଳରେ ଉଚ୍ଚଶିକ୍ଷା ପାଇଁ ପଢୁଥିବା ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତିର ଛାତ୍ରୀଛାତ୍ରଙ୍କ ପାଇଁ ଆକାଂକ୍ଷା ଯୋଜନାରେ ୪ଟି ଛାତ୍ରାବାସ ନିର୍ମାଣ ବାବଦରେ ୪ କୋଟି ଟଙ୍କା ବ୍ୟୟ କରାଯିବ। ୪୨୨ଟି ଉଚ୍ଚ ବିଦ୍ୟାଳୟକୁ ସ୍ମାର୍ଟ ଲର୍ନିଂ ସେଣ୍ଟରରେ ଉନ୍ନୀତ କରାଯାଇ ଚଳିତବର୍ଷ ଡିସେମ୍ବର ସୁଦ୍ଧା ଲୋକାର୍ପଣ କରାଯିବ। ୧୦୦ ଶଯ୍ୟାବିଶିଷ୍ଟ ୧୦୦ଟି ଓବିସି ହଷ୍ଟେଲ (ଅନ୍ୟାନ୍ୟ ପଛୁଆବର୍ଗ ଛାତ୍ରାବାସ) ମଧ୍ୟରୁ ୬୬ଟି ଛାତ୍ରାବାସ ସମ୍ପୂର୍ଣ୍ଣ ହୋଇସାରିଛି। ୩୪ଟି ହଷ୍ଟେଲ ନିର୍ମାଣାଧୀନ ଅଛି ବୋଲି ମନ୍ତ୍ରୀ ସାରକା ସୂଚନା ଦେଇଛନ୍ତି। ବିଭାଗୀୟ ସଚିବ ରୂପା ରୋଶନ ସାହୁ ପାୱାର ପଏଣ୍ଟ ଜରିଆରେ ବିଭାଗର ଚଳିତ ବର୍ଷର ରୋଡ୍‌ମ୍ୟାପ୍ ସମ୍ବନ୍ଧରେ ସୂଚନା ଦେଇଛନ୍ତି। ୨୦୨୩-୨୪ ବର୍ଷ ପାଇଁ ବିଭାଗର ମୋଟ ବଜେଟ ବ୍ୟୟ ୪୬୫୧.୨୭ କୋଟି ଟଙ୍କା ରହିଛି।

## ଉଚ୍ଚ ଶିକ୍ଷାନୁଷ୍ଠାନକୁ ମାନ୍ୟତା ପ୍ରଦାନରେ ବିସଙ୍ଗତି ନେଇ ନାକ୍‌ର ସ୍ପଷ୍ଟୀକରଣ

ଭୁବନେଶ୍ୱର, ୧୦।୩(ବ୍ୟୁରୋ)

ଜାତୀୟ ମୂଲ୍ୟାଙ୍କନ ଓ ମାନ୍ୟତା ପରିଷଦ(ନାକ୍) ଦ୍ୱାରା ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକୁ ମାନ୍ୟତା ପ୍ରଦାନ କ୍ଷେତ୍ରରେ କେତେକ ବିସଙ୍ଗତିକୁ ନେଇ ନିକଟରେ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଏ ସମ୍ପର୍କରେ ନାକ୍ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇ କୁହାଯାଇଛି, ଗଣମାଧ୍ୟମରେ ପ୍ରକାଶ ପାଇଥିବା ସିଏଜି ରିପୋର୍ଟ ଚୂଡ଼ାନ୍ତ ନୁହେଁ। ନାକ ନିର୍ଦ୍ଦେଶକଙ୍କ ପକ୍ଷରୁ ଡ୍ରାଫ୍ଟ ଅନୁପାଳନର ଜବାବ ସିଏଜି ନିକଟକୁ ପଠାଯାଇଛି। ଏହା ବର୍ତ୍ତମାନ ବିଚାରାଧୀନ ରହିଛି। ସିଏଜି କାର୍ଯ୍ୟାଳୟ ପକ୍ଷରୁ କେତେକ ପରିବର୍ତ୍ତନ ପାଇଁ ଦିଆଯାଇଥିବା ପରାମର୍ଶକୁ ମଧ୍ୟ କାର୍ଯ୍ୟକାରୀ କରାଯାଉଛି ଏବଂ ଏକ ସଂଶୋଧିତ ଡ୍ରାଫ୍ଟ ପ୍ରସ୍ତୁତ କରାଯାଉଛି। ନଷ୍ଟ ହେଉ ନ ଥିବା ଆବର୍ଜନା ପରିଚାଳନା ପାଇଁ ୧୦୦୦ ପଏଣ୍ଟରୁ ନାକ୍ ୧୬ ପଏଣ୍ଟ ଦିଆଯିବା ନେଇ ଯେଉଁ ପ୍ରଶ୍ନ ଉଠିଛି ସେ ସମ୍ପର୍କରେ ମଧ୍ୟ ସ୍ପଷ୍ଟୀକରଣ ଦିଆଯାଇଛି। କଲେଜ ପକ୍ଷରୁ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ଉଚିତ ବର୍ଜ୍ୟବସ୍ତୁ ପରିଚାଳନା କରାଯାଇ କ୍ୟାମ୍ପସକୁ ସଫା ରଖାଯାଇଛି। ପରିସରରେ ଗଛ ଲଗାଯିବା ସହିତ ସେଥିରେ କ୍ୟୁଆର୍ କୋଡ୍ ଦିଆଯାଇଛି। ସେହିପରି ବର୍ଷା ଜଳ ପରିଚାଳନା ଏବଂ ଜୈବିକ ଖତ ପ୍ରସ୍ତୁତି ମଧ୍ୟ କରାଯାଇଛି । ଅନାବଶ୍ୟକ ବର୍ଜ୍ୟବସ୍ତୁକୁ ନ ଜଳାଇବାକୁ ନାକ୍ ପକ୍ଷରୁ ଦିଆଯାଇଥିବା ପରାମର୍ଶକୁ କଲେଜ ଗ୍ରହଣ କରିଛି। ସେହିପରି କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କ ଦ୍ୱାରା କରାଯାଇଥିବା ସବୁଜ ପ୍ରୟାସ ନିମନ୍ତେ ୧୦୦୦ ପଏଣ୍ଟରୁ ୨ ପଏଣ୍ଟ ଦିଆଯାଇଛି। ଛଅଟି ମାପଦଣ୍ଡକୁ ଆଧାର କରି ପ୍ଲାଷ୍ଟିକମୁକ୍ତ କ୍ୟାମ୍ପସ ଗଠନ ପାଇଁ ପଦକ୍ଷେପ ସ୍ୱରୂପ ଏହି ମାନ୍ୟତା ଦିଆଯାଇଛି। କଲେଜ କ୍ୟାମ୍ପସକୁ ପ୍ଲାଷ୍ଟିକମୁକ୍ତ କରିବା ଏବଂ କାଗଜମୁକ୍ତ କାର୍ଯ୍ୟାଳୟ ପାଇଁ ପଦକ୍ଷେପ ନେବା ନିମନ୍ତେ ଏଭଳି ମୂଲ୍ୟାଙ୍କନ କରାଯାଇଛି। ତେବେ ସବୁଜ ଅଭ୍ୟାସର ଅନ୍ୟ ମାପଦଣ୍ଡ କ୍ଷେତ୍ରରେ ସେଭଳି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ସେହିଭଳି ଉଚ୍ଚ ଶିକ୍ଷାନୁଷ୍ଠାନର ଶିକ୍ଷାବର୍ଷ ପରିଚାଳନା ସହ ଜଡ଼ିତ କଲେଜ ଦ୍ୱାରା ନିୟମିତ ଇଣ୍ଟରନାଲ ଆୟୋଜନ ଓ ଗୁଣବତ୍ତା ଅନୁଯାୟୀ ମୂଲ୍ୟାଙ୍କନ କରାଯାଇଛି। ନାକ୍ ଦଳ କ୍ଷେତ୍ର ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ସାମଗ୍ରିକ ଜ୍ଞାନ ଓ ବୁଦ୍ଧିମତ୍ତା ଏବଂ ଉଚ୍ଚ ଶିକ୍ଷାନୁଷ୍ଠାନ ପକ୍ଷରୁ ଦିଆଯାଇଥିବା ଦସ୍ତାବିଜ ଆଧାରରେ ମାନ୍ୟତା ପ୍ରଦାନ କରାଯାଇଛି। ନାକ୍ ପକ୍ଷରୁ କୁହାଯାଇଛି, ସବୁ ମାପଦଣ୍ଡ ବା ମେଟ୍ରିକ୍ସ ପାଇଁ ଶିକ୍ଷାନୁଷ୍ଠାନଗୁଡ଼ିକୁ ଦସ୍ତାବିଜ ଦାଖଲ କରିବା ଆବଶ୍ୟକ। କ୍ୱାଲିଟେଟିଭ୍ ମେଟ୍ରିକ୍ସ ବା ଗୁଣବତ୍ତା ମାପଦଣ୍ଡ ପାଇଁ ୫୦୦ ଶବ୍ଦ ମଧ୍ୟରେ ବିବରଣୀ ସହିତ ଅତିରିକ୍ତ ଦସ୍ତାବିଜ ଦାଖଲ କରାଯିବା ଉଚିତ। ସେହିପରି ପରିମାଣ ଆଧାରିତ ମାପଦଣ୍ଡ ବା କ୍ୱାଣ୍ଟିଟେଟିଭ ମେଟ୍ରିକ୍ସ କ୍ଷେତ୍ରରେ ସଂଖ୍ୟାତ୍ମକ ମୂଲ୍ୟ ସହିତ ଅତିରିକ୍ତ ଦସ୍ତାବିଜ ଦାଖଲ କରାଯିବା ଆବଶ୍ୟକ ବୋଲି ନାକ୍ ପକ୍ଷରୁ ସ୍ପଷ୍ଟ କରାଯାଇଛି।

## ଦୁବାଇରେ ଓଡ଼ିଆ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ବ୍ରହ୍ମବରଦା,୧୦।୩(ଡି.ଏନ.ଏ.): ରସୁଲପୁର ବ୍ଲକ୍ ଅଧୀନ ମହେଶ୍ୱରପୁର ପଞ୍ଚାୟତ ୱାର୍ଡ ନମ୍ବର ୨ର ସେକ୍ ତଫିରୁଦ୍ଦିନଙ୍କ ସାନ ପୁଅ ସେକ୍ କମିରୁଦ୍ଦିନ(୪୦)ଙ୍କ ଦୁବାଇରେ ଗୁରୁବାର ସନ୍ଦେହଜନକଭାବେ ମୃତ୍ୟୁ ହୋଇଛି। ସେ ୫ ବର୍ଷ ହେଲା ଦୁବାଇର ଆଲଜୁବେରାଠାରେ ଥିବା ଚିକବୟ୍ ଇନାସାଲ ରେଷ୍ଟୁରାଣ୍ଟର ମୁଖ୍ୟ କାର୍ଯ୍ୟାଳୟଠାରେ ରୋଷେୟା ଭାବେ କାର୍ଯ୍ୟ କରୁଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ହେଟେଲ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିଛି। ହୋଟେଲ ମାଲିକ ମୃତ ଶରୀରକୁ କମିରୁଦ୍ଦିନଙ୍କ ବାସ ସ୍ଥାନ ବ୍ରହ୍ମବରଦାକୁ ପଠାଇବା ପାଇଁ ବ୍ୟବସ୍ଥା କରାଇ ଦେବାକୁ ତାଙ୍କ ପରିବାର ଲୋକେ ହୋଟେଲ ମାଲିକଙ୍କୁ ଗୁହାରି କରିଛନ୍ତି। ହୋଟେଲ ମାଲିକଙ୍କ ପକ୍ଷରୁ ମୃତଦେହ ପଠାଇବାର ବ୍ୟବସ୍ଥା କରାଯାଉଥିବା ପରିବାର ଲୋକଙ୍କ ତରଫରୁ ସୂଚନା ମିଳିଛି। ନିକଟରେ ଘରକୁ ଫେରି ପୁଣି ୧୦ ଦିନ ତଳେ କମିରୁଦ୍ଦିନ ଘରୁ ଦୁବାଇ ଯାଇଥିବା ବେଳେ ତାଙ୍କର ଏଭଳି ମୃତ୍ୟୁକୁ ପରିବାର ଲୋକେ ସହଜରେ ଗ୍ରହଣ କରିପାରୁନାହାନ୍ତି। ତାଙ୍କର ଛୋଟ ଦୁଇ ପୁଅ ଓ ଏକ ଝିଅ ଥିବା ପରିବାର ଲୋକେ କହିଛନ୍ତି।

## ଚଣ୍ଡିଖୋଲ ଛକରେ ଦୁର୍ଘଟଣା, ଜଣେ ମୃତ

ଚଣ୍ଡିଖୋଲ,୧୦।୩(ଡି.ଏନ.ଏ.): ଚଣ୍ଡିଖୋଲ ଛକରେ ଶୁକ୍ରବାର ଦୁଇ ବାଇକ୍ ଆରୋହୀ ଦୁର୍ଘଟଣା ଗ୍ରସ୍ତ ହେବା ପରେ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ହୋଇଛି। ଅନ୍ୟ ଜଣେ ଗୁରୁତର ହୋଇ କଟକ ବଡ଼ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ମୃତକ ହେଲେ ଯାଜପୁର ଜିଲା କୁଆଖିଆ ଥାନା ଅନ୍ତର୍ଗତ ମଧୁବନ ନିକଟସ୍ଥ ମିର୍ଜାପୁର ଗ୍ରାମର ଦିଲ୍ଲୀପ କୁମାର ସାହୁ (୩୫)। ଗୁରୁତର ଜଣକ ସେହି ଗ୍ରାମର ଅନନ୍ତ କୁମାର ସାହୁ(୩୮)। ସକାଳେ ଉଭୟ ଏକ ବାଇକ୍ ଯୋଗେ ନିଜ ଗ୍ରାମରୁ କଟକ ଅଭିମୁଖେ ଯାଉଥିଲେ। ଚଣ୍ଡିଖୋଲ ଛକ ନିକଟରେ ଟ୍ରାଫିକ୍ ଅଟକାଇବା ଯୋଗୁ ସେମାନେ ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଓଲଟି ପଡ଼ିଥିଲେ। ଏହି ସମୟରେ ପଛରୁ ଆସୁଥିବା ଏକ ଲୁହା ପଥର ବୋଝେଇ ଟ୍ରକ୍ ଉଭୟଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଦିଲୀପଙ୍କ ମୃତ୍ୟୁ ହୋଇଥିଲା। ଅନନ୍ତ ଗୁରୁତର ହୋଇଥିଲେ। ତାଙ୍କୁ ଚଣ୍ଡିଖୋଲ ଅଗ୍ନିଶମ ବାହିନୀ ଉଦ୍ଧାର କରି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।

# ସର୍ବସାଧାରଣଙ୍କ ପାଇଁ ଖୋଲିଲା ମ୍ୟୁଜିୟମ ଅଫ୍ ଜଷ୍ଟିସ୍



କଟକ ଅଫିସ,୧୦।୩

- ସୋମବାର ବ୍ୟତୀତ ଅନ୍ୟ ଦିନ ଖୋଲା
- ପରିଦର୍ଶନ ସମୟ ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୬ଟା
- ପ୍ରବେଶ ଦେୟ ସମ୍ପୂର୍ଣ୍ଣ ଛାଡ଼

କଟକ ବାରବାଟୀ ଦୁର୍ଗ ପରିସରସ୍ଥ ମ୍ୟୁଜିୟମ୍ ଅଫ୍ ଜଷ୍ଟିସ୍‌କୁ ସର୍ବସାଧାରଣଙ୍କ ଲାଗି ଶୁକ୍ରବାରଠାରୁ ଖୋଲାଯାଇଛି। ଏହି ନ୍ୟାୟିକ ସଂଗ୍ରହାଳୟ ସପ୍ତାହରେ ସୋମବାର ବ୍ୟତୀତ ଅନ୍ୟ ସବୁଦିନ ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଖୋଲାରହିବ। ସଂଗ୍ରହାଳୟ ମଧ୍ୟକୁ ପ୍ରବେଶ ଦେୟ ସମ୍ପୂର୍ଣ୍ଣ ମାଗଣା ରଖାଯାଇଥିବା ଓଡ଼ିଶା ହାଇକୋର୍ଟ ପକ୍ଷରୁ ସୂଚନା ଦିଆଯାଇଛି।

ସଂଗ୍ରହାଳୟକୁ ଆନୁଷ୍ଠାନିକ ଭାବେ ସର୍ବସାଧାରଣଙ୍କ ନିମନ୍ତେ ଖୋଲାଯିବା ଉପଲକ୍ଷେ ଏକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର କହିଥିଲେ, ସଂଯୋଜକ କମିଟି ସଦସ୍ୟମାନଙ୍କର ମାର୍ଗଦର୍ଶନରେ ସଂଗ୍ରହାଳୟକୁ ଗୁଣାତ୍ମକମାନ ବିଶିଷ୍ଟ କରିପାରିଛି। ଏହି କାର୍ଯ୍ୟରେ ଇନ୍‌ଟାକ୍, ପିଲୁ ମୁଡି କଲେଜ ଅଫ୍ ଆର୍କିଟେକ୍ଚର, କଟକ ମହାନଗର ନିଗମ, ୱାର୍କସ୍ ଡିପାର୍ଟମେଣ୍ଟ ଆଦିର ପ୍ରମୁଖ ଭୂମିକା ରହିଛି। ଓଡ଼ିଶା ସଂସ୍କୃତି, କଳା ଓ ପରମ୍ପରାରେ ସମୃଦ୍ଧ। ଓଡ଼ିଶାର ଅତୀତ ଏହି ସଂଗ୍ରହାଳୟରେ ପ୍ରତିଫଳିତ ହୋଇଛି। ଏହି ଅବସରରେ ସଂଯୋଜକ କମିଟିର ସଦସ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଗ୍ରହାଳୟର ରୂପରେଖ ପ୍ରସ୍ତୁତିରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଏହି ସଂଯୋଜକମାନେ ହେଲେ ବିଚାରପତି ଡ. ଏ.କେ. ମିଶ୍ର, ଅବସରପ୍ରାପ୍ତ ପୋଲିସ ଅଧିକାରୀ ଏ.ବି. ତ୍ରିପାଠୀ, ବି.ବି. ମିଶ୍ର, ସଞ୍ଜୀବ ଚନ୍ଦ୍ର ହୋତା, ଡ. ନିବେଦିତା ମହାନ୍ତି, ଜନଜାତି ସଂଗ୍ରହାଳୟର ନିର୍ଦ୍ଦେଶକ ଏ.ବି. ଓତା, ପ୍ରଫେସର ନୀହାର ରଞ୍ଜନ ପଟ୍ଟନାୟକ, ଜିଲାପାଳ ଭବାନୀ ଶଙ୍କର ଚୟନୀ ଓ ଇନ୍‌ଟାକ୍‌ର ନିର୍ଦ୍ଦେଶକ ମଲ୍ଲିକା ମିତ୍ର। ବିଚାରପତି ଦେବବ୍ରତ ଦାସ ସ୍ୱାଗତ ଭାଷଣ ଓ ବିଚାରପତି ଶଶିକାନ୍ତ ମିଶ୍ର ଧନ୍ୟବାଦ ଦେଇଥିଲେ।

ସୂଚନାଯୋଗ୍ୟ, ଗତ ଫେବୃୟାରୀ ୨୫ରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏହି ସଂଗ୍ରହାଳୟକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଗୋଟିଏ ଥିମ୍ ପାଭିଲିୟନ୍ ଓ ୭ଟି ଗ୍ୟାଲେରି କରାଯିବା ସହ ଏକ ଲାଇବ୍ରେରି ଓ ସୋଭେନିର୍ ଶପ୍ ମଧ୍ୟ ନିର୍ମାଣ ହୋଇଛି। ଲାଇବ୍ରେରିରେ ଅଷ୍ଟାଦଶ ଓ ଊନବିଂଶ ଶତାବ୍ଦୀର ଆଇନ ପୁସ୍ତକ ଓ ଜର୍ନାଲଗୁଡ଼ିକୁ ଉପଲବ୍ଧ କରାଯାଇଛି।

## ଏପ୍ରିଲ ୬ ସୁଦ୍ଧା ରିପୋର୍ଟ ଦିଅ

### କଣ୍ଟାବାଞ୍ଜି ଜେଲରେ ଗୋବିନ୍ଦ ସାହୁଙ୍କ ସନ୍ଦେହଜନକ ମୃତ୍ୟୁ ମାମଲା

ବଲାଙ୍ଗୀର ଅଫିସ, ୧୦।୩

- ଏନ୍‌ଏଚ୍‌ଆରସି ପକ୍ଷରୁ ନିର୍ଦ୍ଦେଶ ଜାରି କଲେ
- ବଲାଙ୍ଗୀର ଜିଲାପାଳ, ଏସ୍‌ପି, କଣ୍ଟାବାଞ୍ଜି ଜେଲ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ନୋଟିସ

ବହୁଚର୍ଚ୍ଚିତ ମମିତା ମେହେର ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ କଣ୍ଟାବାଞ୍ଜି ଜେଲ ଭିତରେ ସନ୍ଦେହଜନକ ମୃତ୍ୟୁ ହେବା ରାଜ୍ୟବ୍ୟାପି ଆଲୋଡ଼ନ ଖେଳାଇ ଦେଇଥିଲା। ଏହି ସନ୍ଦେହଜନକ ମୃତ୍ୟୁ ମାମଲାରେ ଜାତୀୟ ମାନବିକ ଅଧିକାର କମିଶନ ବଲାଙ୍ଗୀର ଜିଲାପାଳ, ଏସ୍‌ପି, କଣ୍ଟାବାଞ୍ଜି ଜେଲ ସୁପରିଣ୍ଟେଣ୍ଡେଣ୍ଟଙ୍କ ସମେତ କଳାହାଣ୍ଡି ଏସପିଙ୍କୁ ରିପୋର୍ଟ ତଲବ କରିଥିଲେ। ଏହି ଜେଲ ଭିତର ମୃତ୍ୟୁ ଘଟଣା ସମ୍ପର୍କରେ ୬ ସପ୍ତାହ ମଧ୍ୟରେ ୧୫ଟି ସମ୍ବେଦନଶୀଳ ତଥ୍ୟର ତଦନ୍ତ ରିପୋର୍ଟ ଦେବାକୁ ଗତ ଜାନୁୟାରୀ ୯ ତାରିଖରେ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଏହି ତଦନ୍ତ ରିପୋର୍ଟ ଠିକଣା ସମୟରେ ନ ପହଞ୍ଚିବାରୁ କମିଶନ ଅସନ୍ତୋଷ ପ୍ରକାଶ କରି ଗତ ୬ ତାରିଖ ଦିନ ପ୍ରଥମ ରିମାଇଣ୍ଡର ଯୋଗେ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ଏପ୍ରିଲ ୬ ତାରିଖ ସୁଦ୍ଧା ଉକ୍ତ ରିପୋର୍ଟ ପ୍ରଦାନ କରିବା ପାଇଁ ଜାତୀୟ ମାନବିକ ଅଧିକାର କମିଶନ ବଲାଙ୍ଗୀର ଜିଲାପାଳ, ଏସ୍‌ପି, କଣ୍ଟାବାଞ୍ଜି ଜେଲ ସୁପରିଣ୍ଟେଣ୍ଡେଣ୍ଟ, କଳାହାଣ୍ଡି ଏସ୍‌ପି ଏବଂ ରାଜ୍ୟ ମାନବ ଅଧିକାର କମିଶନଙ୍କୁ ପୁନଃ ନିର୍ଦ୍ଦେଶ ଜାରି କରିଥିବା ଜଣାପଡ଼ିଛି। ନ୍ୟାୟ ପାଇଁ ଲଢେଇ ପରିବାରର ଓଡ଼ିଶାର ରାଜ୍ୟ ସଭାପତି ସୁବ୍ରତ କୁମାର ଦାଶ ଏହି ମାମଲା ଏନ୍‌ଏଚ୍‌ଆରସିରେ ଦାୟର କରିଥିଲେ।

# ଦୁଇ ଅଧିକାରୀଙ୍କୁ ନିଲମ୍ବନ କଲେ ଡିଏଫ୍‌ଓ

କୋରୁକୋଣ୍ଡା/ ମାଲକାନଗିରି ୧୦।୩(ଡି.ଏନ. ଏ)





ଦୁର୍ଗା ପ୍ରସାଦ ନାୟକ, ପଦ୍ମିନୀ ପଟ୍ଟନାୟକ

ମାଲକାନଗିରି ଜିଲା ବାଲିମେଳା ବନାଞ୍ଚଳ କେନ୍ଦୁ ପତ୍ର ବିଭାଗରେ ପଞ୍ଜୀକୃତ କେନ୍ଦୁ ପତ୍ର ତୋଳାଳିଙ୍କ ସାଭାବିକ ମୃତ୍ୟୁ ହେଉ ଅବା ଦୁର୍ଘଟଣାଜନିତ ମୃତ୍ୟୁରେ ପରିବାର ଲୋକଙ୍କ ମଧ୍ୟରୁ ପ୍ରକୃତ ହିତାଧିକାରୀ ଯିଏ ସେ ୨ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପାଇବା ନିୟମ ରହିଛି। ମାତ୍ର ସ୍ଥାନୀୟ ଚଢ଼େଇଗୁଡ଼ା, ବୁଟିଗୁଡ଼ା କଲୋନୀ, କୁଡୁମୁଲୁଗୁମ୍ମା, ଜାମୁଗୁଡ଼ା ଓ ପୂଜାରୀଗୁଡ଼ା ଅଞ୍ଚଳରେ କେତେକ ହିତାଧିକାରୀଙ୍କୁ ସହାୟତା ପ୍ରଦାନରେ ଚଞ୍ଚକତା କରାଯାଇଛି। ହିତାଧିକାରୀଙ୍କଠାରୁ ୩୦ରୁ ୪୦ ହଜାର ଲେଖାଏ ଟଙ୍କା ଆଦାୟ କରାଯାଇଥିବା ହିତାଧିକାରୀ ବୁଦ୍ରି ଡ଼ଲା, ସମାରୀ ଦୋରା, ଲଖନ ବଡନାୟକ, ମୋହନ ସିଂଙ୍କ ସମେତ ଅନ୍ୟ କେତେଜଣ ଅଭିଯୋଗ କରିଛନ୍ତି। ଏହି ଖବର ପଦାକୁ ଆସିବା ପରେ କେନ୍ଦୁପତ୍ର ବିଭାଗୀୟ ଡିଏଫ୍‌ଓ ତ୍ୱରିତ ପଦକ୍ଷେପ ଗ୍ରହଣ କରିଛନ୍ତି। ତାଙ୍କ ଚିଠି ସଂଖ୍ୟା ୭୮ ଓ ୭୯, ୧୦।୩।୨୩ ରିଖ ଅନୁସାରେ ଦୁଇଜଣ ଅଧିକାରୀ ପଦ୍ମିନୀ ପଟ୍ଟନାୟକ ଓ ଦୁର୍ଗା ପ୍ରସାଦ ନାୟକଙ୍କୁ ନିଲମ୍ବନ କରିଛନ୍ତି। ଏଥିରେ ଅନ୍ୟ ଅଧିକାରୀ କେହି ସାମିଲ ଅଛନ୍ତି କି ନାହିଁ ସେ ନେଇ ଅଧିକ ତଦନ୍ତ କରିବାକୁ ଏକ ସ୍ୱାଧୀନ କମିଟି ଗଠନ ଲାଗି ନବରଙ୍ଗପୁର କେନ୍ଦୁପତ୍ର ବିଭାଗକୁ ଦାୟିତ୍ୱ ଦେଇଛନ୍ତି।

## ଆଶ୍ରମ ବିଦ୍ୟାଳୟ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ

କାଲିମେଳା,୧୦।୩(ଡି.ଏନ୍.ଏ.)

ମାଲକାନଗିରି ଜିଲା କାଲିମେଳା ଥାନା ଅନ୍ତର୍ଗତ ଗିରିକାନପଲ୍ଲୀ ଆଶ୍ରମ ବିଦ୍ୟାଳୟର ଜଣେ ଛାତ୍ରଙ୍କ ଶୁକ୍ରବାର ସନ୍ଧ୍ୟାରେ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ସେ ହେଲେ ପଡିଆ ବ୍ଲକ ଗଠନପାଲି ଗ୍ରାମର ବିଜୟ ମାଡକାମି (୮)। ବିଜୟ ତୃତୀୟ ଶ୍ରେଣୀରେ ପଢୁଥିଲେ। ସେ ଅଚେତ ଅବସ୍ଥାରେ ପଡ଼ିଥିବା ଦେଖି ବିଦ୍ୟାଳୟ କର୍ତ୍ତୃପକ୍ଷ କାଲିମେଳା ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ପ୍ରଧାନ ଶିକ୍ଷକ ନନ୍ଦ ମୁଦୁଲି ଶୁକ୍ରବାର ଅନୁପସ୍ଥିତ ଥିବା ବେଳେ ଶିକ୍ଷକ ଅନିରୋଧ ଦାସ ଦାୟିତ୍ୱରେ ଥିଲେ। ବିଜୟଙ୍କୁ ସାପ କାମୁଡ଼ିଥିବା ସେ କହିଛନ୍ତି। ତେବେ ବିଦ୍ୟାଳୟ କର୍ତ୍ତୃପକ୍ଷ ଏ ସମ୍ପର୍କରେ ଜଣାଇ ନ ଥିବା ବିଜୟଙ୍କ ବାପା ପଦିଆ ମାଡକାମି ଅଭିଯୋଗ କରିଛନ୍ତି ।

## ବିଜୁବାବୁଙ୍କ ପ୍ରତିମୂର୍ତ୍ତି ଫଳକକୁ ଭାଙ୍ଗିଦେଲେ

ବଇଣ୍ଡା,୧୦।୩(ଡି.ଏନ.ଏ.)

କିଶୋରନଗର ବ୍ଲକ ନାକିଚିରେ ଥିବା ପ୍ରବାଦ ପୁରୁଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ଲାଗିଥିବା ଫଳକକୁ ଦୁର୍ବୃତ୍ତମାନେ ଭାଙ୍ଗି ଦେଇଛନ୍ତି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ସୂଚନାଯୋଗ୍ୟ, ୨୦୧୮ରେ ଆଠମଲ୍ଲିକର ତତ୍କାଳୀନ ବିଧାୟକ ସଞ୍ଜୀବ ସାହୁଙ୍କ ଉଦ୍ୟମରେ ନାକିଚିଠାରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିଲା। ଏହାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ତେବେ ପ୍ରତିମୂର୍ତ୍ତିରେ ଲାଗିଥିବା ଫଳକକୁ ଦୁର୍ବୃତ୍ତମାନେ ଭାଙ୍ଗି ଦେଇଛନ୍ତି। ଏହା ଜଣାପଡ଼ିବା ପରେ ବିଜୁପ୍ରେମୀ ଏବଂ ଅଞ୍ଚଳବାସୀଙ୍କ ମଧ୍ୟରେ ଚାପା ଅସନ୍ତୋଷ ଦେଖାଦେଇଛି। ହୀନ ରାଜନୀତି ପାଇଁ ଫଳକ ଭଙ୍ଗାଯାଇଥିବା ଚର୍ଚ୍ଚା ହେଉଛି। ଏଭଳି ଅପକର୍ମ କରିଥିବା ଅଭିଯୁକ୍ତଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

# ଡାକଘରେ ୨୫ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଠକେଇ ଅଭିଯୋଗ

### ଲୋକଙ୍କ ଟଙ୍କା ପୈଠ ନ କରି ଗାଏବ କରିଛନ୍ତି ପୋଷ୍ଟ ମାଷ୍ଟର

ରାୟଗଡ଼ା,୧୦।୩(ସ୍ୱ.ପ୍ର.)



ଠକେଇର ଶିକାର ହୋଇଥିବା ୨ ଜମାକାରୀ ।

ରାୟଗଡ଼ା ଜିଲା ବିଷମକଟକ ବ୍ଲକ ଅନ୍ତର୍ଗତ କୁମ୍ଭାରଢ଼ାମୁଣିସ୍ଥିତ ଡାକଘରେ ୨୫ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱର ଠକେଇ ହୋଇଥିବା ଜିଲାପାଳଙ୍କ ନିକଟରେ ଜମା ଖାତାଧାରୀମାନେ ଅଭିଯୋଗ କରିଛନ୍ତି। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ ଅଭିଯୋଗପତ୍ର ଗ୍ରହଣ କରିଛନ୍ତି। ଏହାର ନିରପେକ୍ଷ ତଦନ୍ତ କରାଯିବ ବୋଲି ଡାକ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ କହିଛନ୍ତି।

ସୂଚନା ଅନୁଯାୟୀ, କୁମ୍ଭାରଢ଼ାମୁଣୀ ପଞ୍ଚାୟତରେ ଥିବା ଡାକଘରେ କାର୍ଯ୍ୟରତ ପୋଷ୍ଟ ମାଷ୍ଟର ଲୋକଙ୍କ ଖାତା ଖୋଲିବା ଆଳରେ ନକଲି ଆକାଉଣ୍ଟ ନମ୍ବର ପକାଇ ପାସବୁକ ଦେଉଥିଲେ। ଅଞ୍ଚଳର ନିରୀହ ଜନସାଧାରଣ ଏହା ନ ଜାଣିପାରି ବିଭିନ୍ନ ପ୍ରକାରର ଆକାଉଣ୍ଟ ଖୋଲି ଟଙ୍କା ରଖୁଥିଲେ ମଧ୍ୟ ତାହା ଆକାଉଣ୍ଟରେ ଜମା ହେଉନାହିଁ। ଏହାର କାରଣ ହେଉଛି ପାସବୁକ୍‌ରେ ଲେଖାଥିବା ଆକାଉଣ୍ଟ ନମ୍ବର ନକଲି। ଏହି ଆଳରେ ଲୋକଙ୍କ ୨୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଲୁଟି ନେଇଛନ୍ତି ପୋଷ୍ଟମାଷ୍ଟର। ଏଭଳିକି ଜୁନ ମାସରେ ୩୦ ଦିନ ରହିଥିବା ବେଳେ ୩୧.୬.୨୦୧୩ ତାରିଖ ପକାଇ ଏକ ଏନଏସସି ଆକାଉଣ୍ଟ ମଧ୍ୟ ଖୋଲାଯାଇଛି। ଏନଏସସି ଯୋଜନା ଅଧୀନରେ ୧୦ବର୍ଷ ୩ମାସ ଅବଧି ବିଶିଷ୍ଟ ଏକ ଫିକ୍ସଡ଼ ଡିପୋଜିଟ ତୁଳସୀ ପିଡ଼ିକାକା ନାମକ ଜଣେ ମହିଳାଙ୍କ ନାମରେ ହୋଇଛି। ତୁଳସୀ ଏଥିରେ ୨୦ ହଜାର ଟଙ୍କା ଜମା କରିଛନ୍ତି। ଉକ୍ତ ଡିପୋଜିଟର ମାଚ୍ୟୁରିଟି ୩୦ ସେପ୍ଟେମ୍ବର ୨୦୨୩ରେ ସମ୍ପୂର୍ଣ୍ଣ ହେବାକୁ ଥିବା ବେଳେ ସେ ୪୦ହଜାର ୬୯୦ଟଙ୍କା ପାଇବେ ବୋଲି ଜମାଖାତାରେ ଲେଖା ହୋଇଛି। ତେବେ ତୁଳସୀଙ୍କ ସ୍ୱାମୀ ପୋଷ୍ଟ ଅଫିସରେ ଯାଇ ବୁଝିବା ବେଳେ ସେଭଳି କୌଣସି ଆକାଉଣ୍ଟ ଖୋଲାଯାଇ ନ ଥିବା ଜଣାପଡ଼ିଛି। ସେହିଭଳି ସୁକନ୍ୟା ଯୋଜନାରେ ନକଲି ଆକାଉଣ୍ଟ ଖୋଲିବା ସହ କିଛି ଆକାଉଣ୍ଟରେ ଟଙ୍କା ପୈଠ ନ କରି ପୋଷ୍ଟ ମାଷ୍ଟର ଉକ୍ତ ଟଙ୍କା ଚଳୁ କରିଦେଇଥିବା ଅଭିଯୋଗ ହୋଇଛି। କୁମ୍ଭାରଢ଼ାମୁଣିର ସୁରେଶ ସାହୁ ନିଜ ଝିଅ ନାମରେ ସୁକନ୍ୟା ଯୋଜନାରେ ଆକାଉଣ୍ଟ ଖୋଲିଥିଲେ। ଏଥିରେ ସେ ୧ଲକ୍ଷ ୩୦ହଜାର ଟଙ୍କା ଜମା କରିଥିଲେ। କିନ୍ତୁ ପୋଷ୍ଟମାଷ୍ଟର ଉକ୍ତ ଆକାଉଣ୍ଟରେ ଟଙ୍କା ଜମା କରି ନ ଥିଲେ। ସୁରେଶ ଏହା ଜାଣିବା ପରେ ପାଟି କରିବାରୁ ତାଙ୍କୁ ଟଙ୍କା ଫେରସ୍ତ କରିଥିଲେ। ସେହିପରି ଦାମୋଦର ଲାବଲାଙ୍କ ମୃତ୍ୟୁ ବେଳକୁ ତାଙ୍କ ଆକାଉଣ୍ଟରେ ୨୦ହଜାର ଟଙ୍କା ଥିଲା। ତାଙ୍କ ପରିବାରବର୍ଗ ଲିଗାଲ ହେୟାର ସାର୍ଟିଫିକେଟ ନେଇ ଟଙ୍କା ଉଠାଇବାକୁ ଯିବା ବେଳେ ସେଥିରେ ମାତ୍ର ୧୪୦ଟଙ୍କା ରହିଥିବା ପୋଷ୍ଟମାଷ୍ଟର କହିଥିଲେ। ଏହା ଲୋକଲୋଚନକୁ ଆସିବା ପୂର୍ବରୁ ଡରରେ ପୋଷ୍ଟମାଷ୍ଟର ସମସ୍ତ ଟଙ୍କା ଫେରସ୍ତ କରିଥିଲେ। ପୋଷ୍ଟମାଷ୍ଟରଙ୍କ ବିରୋଧରେ ଏଭଳି ଅନେକ ଅଭିଯୋଗ ଆସିଥିବା ବେଳେ ସତ ଧରାପଡ଼ିଲେ ଚାକିରି ଚାଲିଯିବା ଭୟରେ ସେ ଲୋକଙ୍କୁ ଟଙ୍କା ଫେରସ୍ତ କରୁଛନ୍ତି ବୋଲି ଅଭିଯୋଗକାରୀ ରାମଚନ୍ଦ୍ର ପିଡ଼ିକାକା କହିଛନ୍ତି। ଏ ନେଇ ଡାକ ବିଭାଗର ରାୟଗଡ଼ା ଜୋନାଲ ଅଧୀକ୍ଷକ ଜବାହାରଲାଲ ରାଓଙ୍କୁ ପଚାରିବାରୁ ଏହାର ନିରପେକ୍ଷ ତଦନ୍ତ କରାଯିବା ସହ କୁମ୍ଭାରଢ଼ାମୁଣି ପୋଷ୍ଟ ଅଫିସରେ ଥିବା ପ୍ରତ୍ୟେକ ଆକାଉଣ୍ଟକୁ ନିଜେ ଯାଞ୍ଚ କରିବେ ବୋଲି କହିଛନ୍ତି। ଯଦି କୌଣସି ହେରଫେର ଘଟଣା ସାମ୍ନାକୁ ଆସେ, ତାହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ବୀରମହାରାଜପୁରରେ ପୋଲିସର ଫ୍ଲାଗ୍‌ମାର୍ଚ୍ଚ



ବୀରମହାରାଜପୁରରେ ପୋଲିସର ଫ୍ଲାଗ୍‌ମାର୍ଚ୍ଚ।

ଅମରପାଲି,୧୦।୩(ଡି.ଏନ.ଏ.)

ବୀରମହାରାଜପୁର ସହରରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ଶୁକ୍ରବାର ସନ୍ଧ୍ୟାରେ ପୋଲିସ ତରଫରୁ ୨ ପ୍ଲାଟୁନ ଫୋର୍ସକୁ ନେଇ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ଏହାସହିତ ଅଘଟଣ ନ ଘଟିବା ପାଇଁ ଦୋକାନ ବଜାର ସନ୍ଧ୍ୟା ୮ ଟାରୁ ବନ୍ଦ ପାଇଁ ବ୍ୟବସାୟୀମାନଙ୍କୁ ପ୍ରଶାସନ ନିର୍ଦ୍ଦେଶ ଜାରି କରିଛି।

ପ୍ରକାଶ ଯେ, ସୋନପୁର ଜିଲା ବୀରମହାରାଜପୁର ସହରରେ ଆୟୋଜିତ ହୋଇଥିବା ପ୍ରସିଦ୍ଧ ଫଗୁନ ପୁନି ଯାତ୍ରାର ହରିହର ଭେଟଘାଟ ସମୟରେ କୌଣସି କାରଣରୁ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଏବଂ ମାରପିଟ ହୋଇଥିଲା। ଉକ୍ତ ଘଟଣାକୁ ନେଇ ଗୁରୁବାର ମିନାବଜାର ନିକଟରେ ପୁଣି ଉଭୟ ଗୋଷ୍ଠୀ ମଧ୍ୟରେ ଝଗଡା ଆରମ୍ଭ ହୋଇ ଉଗ୍ରରୂପ ନେଇଥିଲା। ଏହାକୁ ନେଇ ସହରରେ ଉତ୍ତେଜନା ଦେଖାଦେଇଥିବା ବେଳେ ପରିସ୍ଥିତିକୁ ଦେଖି ପୋଲିସ ପ୍ରଶାସନ ତରଫରୁ ଏକଜକ୍ୟୁଟିଭ ମାଜିଷ୍ଟ୍ରେଟ ଅତିରିକ୍ତ ତହସିଲଦାର ସ୍ୱାଗତ ପଣ୍ଡାଙ୍କ ଉପସ୍ଥିତିରେ ଦୁଇ ପ୍ଲାଟୁନ ପୋଲିସ ଫୋର୍ସ ସହରରେ ଫ୍ଲାଗମାର୍ଚ୍ଚ କରିଛି। ବୀରମହାରାଜପୁର ଥାନା ଅଧିକାରିଣୀ ପଦ୍ମାସିନୀ ମେହେରଙ୍କ ନେତୃତ୍ୱରେ ଫ୍ଲାଗମାର୍ଚ୍ଚ କରାଯାଇଥିଲା।

# ଝୁଲନ୍ତା ଅବସ୍ଥାରେ ମା' ସହ ଶିଶୁକନ୍ୟାଙ୍କ ମୃତଦେହ ଜବତ

ମାଲକାନଗିରି,୧୦।୩(ଡି.ଏନ୍.ଏ.)

ମାଲକାନଗିରି ଜିଲା ସଦର ବ୍ଲକ ତଣ୍ଡିକି ପଞ୍ଚାୟତ ଅନ୍ତର୍ଗତ ତଥା ଛତିଶଗଡ଼ ସୀମାନ୍ତକୁ ଲାଗିଥିବା ଆଭ୍ୟନ୍ତରୀଣ ଅଞ୍ଚଳର ନୂଆ ବଣ୍ଡିକି ଗ୍ରାମରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଏକ ଘର ଭିତରୁ ମାଆ ଓ ଶିଶୁକନ୍ୟାଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଜବତ ହୋଇଛି। ସେମାନେ ମାଆ ଆଡମେ ମୁଚାକି (୩୦) ଓ ତାଙ୍କର ୨ ବର୍ଷର ଶିଶୁକନ୍ୟା ସୁନିତା ବୋଲି ଜଣାପଡ଼ିଛି। ଘଟଣା ଆଭ୍ୟନ୍ତରୀଣ ଅଞ୍ଚଳରେ ଘଟିଥିବାରୁ ଶୁକ୍ରବାର ସାମ୍ନାକୁ ଆସିଛି। ଏହା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ଖେଳାଇ ଦେଇଛି।

ଖବରରୁ ଜଣାପଡ଼ିଛି, ଗତ ୨ ଦିନ ତଳେ ନୂଆ ବଣ୍ଡିକି ଗ୍ରାମର ଭୀମା ମୁଚାକି ତାଙ୍କ ମଝିଆ ଝିଅ ଓ ସାନପୁଅକୁ ଧରି ଚାଷ କାମ କରିବାକୁ ଜମିକୁ ଚାଲି ଯାଇଥିଲେ। ଘରେ ତାଙ୍କ ସ୍ତ୍ରୀ ଆଡମେ ଓ ଶିଶୁକନ୍ୟା ସୁନିତା ଥିଲେ। ମଧ୍ୟାହ୍ନରେ ଭୀମା ଘରକୁ ଫେରିଲା ପରେ ସ୍ତ୍ରୀଙ୍କୁ ଡାକିବାରୁ କେହି ଶୁଣି ନ ଥିଲେ। ପରେ ଅଧା ଖୋଲାଥିବା କବାଟ ଦେଖି ସେ କବାଟ ଖୋଲି ଦେବାରୁ ସ୍ତ୍ରୀ ଓ ତାଙ୍କ ଛୋଟ ଶିଶୁକନ୍ୟା ଗୋଟିଏ ଶାଢ଼ିରେ ଫାଶ ହୋଇ ଝୁଲୁଥିବା ଦେଖିବାକୁ ପାଇଥିଲେ। ସଙ୍ଗେ ସଙ୍ଗେ ଭୀମା ଗ୍ରାମବାସୀଙ୍କୁ ଡାକି କାଳେ ଉଭୟେ ଜୀବିତ ଥିବେ ଚିନ୍ତାକରି ଝୁଲୁଥିବା ଶାଢ଼ି ଖୋଲି ତଳକୁ ଆଣିଥିଲେ। ସେତେବେଳକୁ ଉଭୟଙ୍କ ମୃତ୍ୟୁ ଘଟି ସାରିଥିଲା। ଏ ସମ୍ପର୍କରେ ମାଲକାନଗିରି ଆଦର୍ଶ ଥାନାକୁ ଖବର ଦେବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁଇ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରଯାଇଛି। ଏକ ମାମଲା ରୁଜୁକରି ତଦନ୍ତ ଜାରି ରହିଥିବା ପୋଲିସ କହିଛି। ତେବେ କେଉଁ କାରଣରୁ ଏପରି ଘଟଣା ଘଟିଛି ତାହା ସ୍ପଷ୍ଟ ହୋଇନାହିଁ। ଘଟଣା ଆଭ୍ୟନ୍ତରୀଣ ଅଞ୍ଚଳରେ ଘଟିଥିବାରୁ ବିଳମ୍ବରେ ଏହା ଜଣାପଡ଼ିଛି।

# ଜଳୁଛି ବୁଦ୍ଧଖୋଲ ଜଙ୍ଗଲ, ବିପଦରେ ଜୀବଜନ୍ତୁ

ବୁଗୁଡ଼ା,୧୦।୩(ଡି.ଏନ.ଏ.)

| 2 | Total No of works | 1 no work |
| 3 | Estimated Cost | Rs. 23,08,800.00 |
| 4 | Class of Contractor | "HT" Class & Above |
| 5 | Period of Completion | 1 (One ) Calendar Month |
| 6 | Type of Tender | Single Cover System (Online) |
| 7 | Date & time of availability of bid document in the portal | From 10.03.2023 at 01.00 P.M. to 20.03.2023 at 05.30 P.M |
| 8 | Last Date & Time for Receipt of bids in the Portal | 20.03.2023, upto 05:30 P.M. |
| 9 | Name & Address of the Officer inviting Bid | Er. Gayatri Patel, Executive Engineer, Bhubaneswar (R&B) Division No III, Bhubaneswar |

Further details can be seen from the e-procurement portal https://tendersorissa.gov.in. N.B: Subsequent corrigendum/addendum If required shall be available in the website as Indicated above.
Sd./- Executive Engineer
OIPR-34089/11/0023/2223 BBSR (R&B) Division No.III, BBSR

Government of Odisha
Office of the Chief Construction Engineer, Rural Works Circle, Angul
E-Mail - sencrwangul@yahoo.co.in, Ph:06764- 236404
No.O-1062: e-Procurement Notice for Bridge works in Odisha
Bid Identification No. Bridge Online AGL- 23/2022-23
No.533 Dt.09.03.2023
1.Name of the work : Bridge Works. 2. Total No.of work : 03 Nos. 3. Estimated cost : Rs.135.78 to Rs.252.50 Lakhs. 4. Class of Contractor :'B' & 'A' Class. 5. Period of completion : As per Annexure. 6.Other details.

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Cirde,Angul | Bridge Online- AGL-23/2022-23 | 13.03.2023 at 10.00 A.M | 24.03.2023 up to 5.00 P.M | 22.03.2023 upto 1.00 P.M | 24.03.2023 at 5.10 PM | Will be intimated separately |

(1) For detailed Notice Inviting Tenders, Please visit to the website www.tendersorissa.gov.in.
OIPR-25180/11/0032/2223 Sd./-D.Padhi, Chief Construction Engineer, Rural Works Circle, Angul

PANCHAYAT RAJ & DRINKING WATER DEPARTMENT
GOVERNMENT OF ODISHA
OFFICE OF THE PANCHAYAT SAMITI, PAPADAHANDI
INVITATION FOR BIDS No: 01/2022-23 DATED: -01.03.2023
No.i-493:The Panchayat Samiti, Papadahandi on behalf of Governor of Odisha Invites Percentage Rate bid through e-procurement in single cover system according to norm of e- procurement system in on-line mode. Name of Works : As mentioned in Table "A" which includes Construction of Sub-Center of Papadahandi Block in the Nabarangpur District. No. of Works : 5 (five)Nos(Detailed in Tender Call Notice available in the website). Estimated Cost : As mentioned in Table "A". Tender Paper Cost : Rs.6000/- per each work. Class of Contractor : B & C Class. Period of Completion :180 Days. Critical Dates :*Further details can be seen in the bidding documents, which is available in the e-procurement Portal https//:www.tendersodisha.gov.in. *Subsequent corrigendum if required shall be appeared in the website. Authority reserves the right to reject any or all tenders without assigning any reason thereof.

| Procurement Officer | Bid Identification No. | Availability of Tender Online for Bidding | | Date of Opening of Bid |
|---|---|---|---|---|
| | | From | To | |
| Block Development Officer, Papadahandi | 01/2022-23 of Panchayat Samiti, Papadahandi | 04.03.2023 at 11.00 AM | 21.03.2023 at 05.00 PM | 22.03.2023 at 11.00 AM |

Sd./- Block Development Officer, Papadahandi
OIPR-19328/11/0001/2223

GOVERNMENT OF ODISHA
DEPARTMENT OF HANDLOOMS, TEXTILES AND HANDICRAFTS, LOKA SEVA BHAVAN, BHUBANESWAR-1
TELEPHONE (0674) 2322785, FAX-(0674-2536224)
Website-https://handloom.odisha.gov.in/E-mail:hthdepartment@gmail.com
QUOTATION CALL NOTICE
BHUBANESWAR HTH-OEII-OM-0001-2019/__________/HT&H, Sealed quotations/
No.PP-66:Tenders are invited from interested reputed Travel Agencies/Tour Operators or private individuals for providing four vehicles as detailed below on hire basis in accordance with FDOM No.30464/F, dated 06.09.2019 & No.29819/F, dt.30.11.2022 for official use in Handlooms, Textiles & Handicrafts Department , Loka Seva Bhavan, Bhubaneswar, Odisha on monthly basis.
VEHICLES DETAILS

| Sl. No. | Type of vehicles | Number of vehicles required | Maximum Hire Charges per month (excluding Fuel Cost and GST) | Minimum Average Mileage in Kms per Litre. |
|---|---|---|---|---|
| i | (Two)Zest/Tigor/SwiftDzire/Xcent/Etios or equivalent (preferably BS-VI compliant AC petrol vehicle) | Two (2) | Rs.26,000/- | 17 (Seventeen) |
| 2 | Celerio/Tiago/Bolt or equivalent (preferably BS-VI compliant AC petrol vehicle) | Two (2) | Rs.26,000/- | 17 (Seventeen) |

The details of terms and conditions for hiring & bidding and the bid document has been enumerated in the website of this Department https://handloom.odisha.gov.in/ along with the tender call notice.
The sealed quotations completed in all respect are required to reach the undersigned within 21 days from the date of publication. The received quotations will be opened in presence of the interested bidders subsequently. The undersigned reserves the right to reject or cancel the tender without any reason thereof.
Sd./- Joint Secretary to Government
OIPR-31001/11/0011/2223

Notice Inviting Tender (NIT)
No.F-486:- Collector & District Magistrate, Kalahandi ("CLIENT"), invites sealed proposal from all interested Bidder/s for 'SELECTION OF AGENCY FOR PROVIDING COMPREHENSIVE FACILITY MANAGEMENT SERVICES (CFMS)' at Circuit House, Bhawanipatna.
A. Indicative Scope:
The Broad Scope of services required through this RFP, shall be inter alia as indicated below:
a. Housekeeping and Cleaning services.
b. Security Services & Parking Management.
c. Landscaping & Garden & Lawn Maintenance.
d. Help Desk & Reception Services.
e. Catering Services (Paid Service).
f. Pest Control.
g. Reporting and Complaint Management.
h. Coordination with other service providers.
i. Minor Repair of Electrical & PHED fittings.
j. AMC of all electronic items.
k. Laundry Service (Paid)
A. Contract Period: 03 years
B. Bid Processing Fee (INR): 10000/- (Circuit House, Bhawanipatana) Draft should be prepared in favour of Collector, Kalahandi.
C. Earnest Money Deposit (INR): Bid Security declaration As per Finance Department Circular No. 8943/F, Dtd. 18.03.2021 & No. 8484 Dtd. 05.04.2022.
The RFP document can be downloaded from 04.03.2023 from website - orikal@nic.in to clarify the queries of the Bidder/s a pre-bid meeting is scheduled to be held on Dt.20.03.2023 in the Conference Hall of Collectorate, Kalahandi at 3.00 PM. Duly completed proposal along with other prerequisites documents in support of eligibility criteria and the required information as per format must be submitted through Registered Post/ Speed Post/ Courier latest by 06.04.2023 at 5.30 PM as specified in the critical date sheet below. For details, please refer to the RFP Documents.
A. Critical Data Sheet:

| | | |
|---|---|---|
| 1 | RFP Issue Date | 04.03.2023 |
| 2 | Last Date and Time for Submission of Pre-Bid queries through email | 13.03.2023 |
| 3 | Pre Bid Meeting Date and Time | 20.03.2023 and 3 PM |
| 4 | Upload of Pre Bid Clarification Date and Time | 27.03.2023 and 11.30 AM |
| 5 | Last Date and Time of submission of Bid | 06.04.2023 and 5.30 PM |
| 6 | Technical Bid Opening Date and Time | 13.04.2023 and 11.00 AM |
| 7 | Financial Bid Opening Date and Time | 21.04.2023 11.00 AM |

B. Contact Person: Pramod Kumar Khillo
Asst. Collector, Nizarat Section
Mobile No. 9439455521
Email: adm-kalahandi.od@nic.in
C. Complete Address for submission of Bid:
Office of the Collector and District Magistrate, Kalahandi
At/Po - Bhawanipatna -766001, Dist - Kalahandi
OIPR-24180/11/0005/2223 Sd./- Collector, Kalahandi

# ମୋ ମାତୃଭାଷା ମୋତେ ଶ୍ରେଷ୍ଠ

**ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀର ଧଉଳି ଓ ଜଉଗଡ଼ ଶିଳାଲେଖ, ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀର ଉଦୟଗିରି ହାତୀଗୁମ୍ଫା ଶିଳାଲେଖରୁ ଆରମ୍ଭ କରି ୧୦୫୧ ଖ୍ରୀଷ୍ଟାବ୍ଦର ପ୍ରଥମ ପୂର୍ଣ୍ଣାଙ୍ଗ ଓଡ଼ିଆ ଶିଳାଲେଖ ଉରଜାମ ଆମକୁ ଆମ ଲିପି ଓ ଭାଷାର କ୍ରମବିକାଶ କଥା ସୂଚାଇ ଦେଇଥାଏ। ଓଡ଼ିଶା ସମଗ୍ର ଭାରତବର୍ଷରେ ଏକମାତ୍ର ରାଜ୍ୟ, ଯେଉଁଠି ପ୍ରାକ୍ ବ୍ରାହ୍ମୀ, ବ୍ରାହ୍ମୀ ଓ ପରବର୍ତ୍ତୀ ବ୍ରାହ୍ମୀ ଲିପିର ସନ୍ଧାନ ମିଳିଛି।**

ତାମିଲ, ସଂସ୍କୃତ, କନ୍ନଡ, ତେଲୁଗୁ ଓ ମାଲୟାଲମ୍ ପରେ ଭାରତବର୍ଷର ଷଷ୍ଠ ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇଥିଲା ଆମ ଭାଷା, ଓଡ଼ିଆ ଭାଷା। ଆମ ଭାଷାର ଗୌରବ ଗାଥା ଗାନ କରୁଥିବା ଏହି ଦିନ ଆମକୁ ଆମର ଗୌରବମୟ ଅତୀତର କଥା ସ୍ମରଣ କରାଇଦିଏ। ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀର ଧଉଳି ଓ ଜଉଗଡ଼ ଶିଳାଲେଖ, ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀର ଉଦୟଗିରି ହାତୀଗୁମ୍ଫା ଶିଳାଲେଖରୁ ଆରମ୍ଭ କରି ୧୦୫୧ ଖ୍ରୀଷ୍ଟାବ୍ଦର ପ୍ରଥମ ପୂର୍ଣ୍ଣାଙ୍ଗ ଓଡ଼ିଆ ଶିଳାଲେଖ ଉରଜାମ ଆମକୁ ଆମ ଲିପି ଓ ଭାଷାର କ୍ରମବିକାଶ କଥା ସୂଚାଇ ଦେଇଥାଏ। ଆମ ରାଜ୍ୟ ଓଡ଼ିଶା ସମଗ୍ର ଭାରତବର୍ଷରେ ଏକମାତ୍ର ରାଜ୍ୟ, ଯେଉଁଠି ପ୍ରାକ୍ ବ୍ରାହ୍ମୀ, ବ୍ରାହ୍ମୀ ଓ ପରବର୍ତ୍ତୀ ବ୍ରାହ୍ମୀ ଲିପିର ସନ୍ଧାନ ମିଳିଛି। ସମଗ୍ର ଓଡ଼ିଶାର ୫୫ଟି ଗୁମ୍ଫାରୁ ୫୭୭୫ଟି ଗୁମ୍ଫା ଚିତ୍ରରେ ମିଳେ ଆମର ଅତୀତର ସ୍ୱାକ୍ଷର। ନୂଆପଡ଼ାର ଗୁଡ଼ହାଣ୍ଡି ଓ ଯୋଗୀମଠ, ବିକ୍ରମଖୋଲରେ ଆମ ଭାଷାର ଆଦ୍ୟ ପଦଚିହ୍ନ ସ୍ପଷ୍ଟ। ଆମ ବୋଇତବନ୍ଦାଣ ସହ ଲାଓମାନଙ୍କର ଥାଟ୍ ଲୁଆଙ୍ଗ, କାମ୍ବୋଡିଆର ବନ୍ ଓମ୍ ତୋକ୍ ଓ ଥାଇଲାଣ୍ଡର ଲୋଇ କ୍ରାଥୋଙ୍ଗର ବହୁ ସାମ୍ୟ ଦେଖିବାକୁ ମିଳେ, ଯାହାକି ଆମ ଗୌରବମୟ ନୌବାଣିଜ୍ୟର ସୂଚନା ଦିଏ। କହିବା ବାହୁଲ୍ୟ– ଗୁମ୍ଫାଚିତ୍ର, ମନ୍ଦିର ଗାତ୍ର, ପୋଥିପଥର, ମଠମନ୍ଦିର ସର୍ବତ୍ର ଆମ ଭାଷାର ପ୍ରାଚୀନତା, ଆମ ଭାଷାର ଗୌରବଗାଥାର ପ୍ରମାଣ ସ୍ପଷ୍ଟ। ଶିଳାଲେଖ, ତାଳପତ୍ର ପୋଥିରୁ ଆରମ୍ଭ କରି ବୌଦ୍ଧ ପରିବ୍ରାଜକଙ୍କ ବିବରଣୀ ସବୁଠି ଆମେ ଆମ ଭାଷାର ଜୟଜୟକାର ଦେଖୁ। ସପ୍ତମ ଶତାବ୍ଦୀ ବେଳକୁ ଓଡ଼ିଶାରେ ବଜ୍ରଯାନ, କାଳଚକ୍ରଯାନ ଓ ସହଜଯାନ, ବୌଦ୍ଧଧର୍ମର ଏ ତିନୋଟି ଶାଖା ପଲ୍ଲବିତ ହୋଇଥିଲା। ବୁଦ୍ଧଦେବଙ୍କ ପ୍ରଥମ ଶିଷ୍ୟ ଭାବେ ପରିଚିତ ତପସୁ ଓ ଭଲ୍ଲୁକଙ୍କ କଥା ଆମେ ଅବଗତ ଅଛେ। ବୌଦ୍ଧବିଦ୍ୱାନ ପଦ୍ମସମ୍ଭବ ଓଡ଼ିଶାରୁ ତିବ୍ବତକୁ ଯାଇ ବଜ୍ରଯାନ ପ୍ରଚାର ପ୍ରସାର ସହ ଏହାର ନୂଆନାମ ଦେଇଥିଲେ ଲାମା। ଅଷ୍ଟମ, ନବମ ଶତାବ୍ଦୀର ଓଡ଼ିଆ ବୌଦ୍ଧ ବିଦ୍ୱାନ ଆଚାର୍ଯ୍ୟ ପୀତୋପାଦ ସହଜଯାନ ଓ ବଜ୍ରଯାନ ବିଷୟରେ ବୁଝାଇ ଲେଖିଥିବା ଲେଖା ମିଳେ। ସାଧନାମାଳାରେ ବୌଦ୍ଧଧର୍ମର ଚାରୋଟି ମୁଖ୍ୟକେନ୍ଦ୍ର ମଧ୍ୟରୁ ଉଡୀୟାନ (ଆଧୁନିକ ଓଡ଼ିଶା) କିଭଳି ଗୁରୁତ୍ୱପୂର୍ଣ୍ଣ ଥିଲା ତାହା ପ୍ରମାଣ ମିଳେ। ସେହିଭଳି ଆମେ ଦେଖୁ, ଇନ୍ଦ୍ରଭୂତି ସମଲକ (ଆଧୁନିକ ସମ୍ବଲପୁର)ର ରାଜା ବଜ୍ରଯାନ, ସହଜଯାନରେ ସଂସ୍କାର ଆଣିବାର ପ୍ରୟାସ କରିଥିଲେ। ତାଙ୍କ ଲିଖିତ 'ଜ୍ଞାନସିଦ୍ଧି'ରେ ଏକଥା ସ୍ପଷ୍ଟ। ତିବ୍ବତ ପର୍ଯ୍ୟନ୍ତ ସେ ବଜ୍ରଯାନର ପ୍ରସାର କରିଥିଲେ। ଏସବୁ କଥାରୁ ଗୋଟିଏ କଥା ସ୍ପଷ୍ଟ ହୁଏ ଯେ, ଓଡ଼ିଆ ଜାତି ବା ଓଡ଼ିଶା ଭୌଗୋଳିକ ଭୂଖଣ୍ଡର ଅନ୍ତଃସ୍ୱରରେ ଭାଷା ଓ ଭାବର ଉତ୍ସ ଛପି ରହିଛି। ଆମେ ଆମର ଭାଷାର ଇତିହାସକୁ ଲକ୍ଷ୍ୟ କଲେ ଦେଖୁ ଯେ, ଖ୍ରୀଷ୍ଟପୂର୍ବ ଅଷ୍ଟମ ଶତାବ୍ଦୀରୁ ଆମ ଭାଷାର ପ୍ରାଚୀନ ନାମ ଉଡ୍ର ବିଭାଷାର ସଙ୍କେତ ମିଳୁଛି। ଭରତମୁନିଙ୍କ ନାଟ୍ୟଶାସ୍ତ୍ରରେ ଏ ଭାଷା କଥା ଅଛି। ପ୍ରାକୃତ ଲଙ୍କେଶ୍ୱର ଗ୍ରନ୍ଥରେ ଅଠରଟି ଭାଷା ମଧ୍ୟରେ ଓଡ୍ରିୟା ଭାଷା, ଲଳିତ ବିସ୍ତରରେ ବୁଦ୍ଧଦେବ ଜାଣିଥିବା ଚଉଷଠି ଲିପି ମଧ୍ୟରୁ ଉଡ୍ରଲିପିର କଥା ଥିବା ସହ ଜୈନ ସମବାୟ ସୂତ୍ର, ପ୍ରଜ୍ଞାପନୀ ସୂତ୍ର, ନନ୍ଦୀସୂତ୍ର ସମେତ ଓଡ଼ିଶାର ବିଭିନ୍ନ ସ୍ଥାନରୁ ମିଳିଥିବା ଶିଳାଲେଖ ଗୁଡ଼ିକରେ ଖୋଦିତ ଭାଷାରେ ଉଡ୍ରବିଭାଷା, ଅର୍ଦ୍ଧମାଗଧୀ, ବ୍ରାହ୍ମୀଲିପି, କୁଶାଣ ବ୍ରାହ୍ମୀଲିପି, ଅପଭ୍ରଂଶ ଓଡ଼ିଆ ଭାଷା କଥା କୁହାଯାଇଛି। ଏ ସବୁ ଆମର ସମ୍ପଦ। ଆମକୁ ଆମର ଭାଷାର ପ୍ରାଚୀନତା, ପ୍ରାଚୀନ ପରମ୍ପରା, ନୌବାଣିଜ୍ୟ ସମ୍ପର୍କ ସହ ବୌଦ୍ଧଗାନ ଓ ଦୋହାରୁ ଆମେ ପ୍ରାମାଣିକ ତଥ୍ୟ ପାଇଥାଉ। ଆମ ଭାଷା, ଶାସ୍ତ୍ରୀୟ ଭାଷା ଏହା ଆମକୁ ଗୌରବାନ୍ୱିତ କରିଛି। ଏହାର ସୁରକ୍ଷା ଓ ସଂରକ୍ଷଣ ଦିଗରେ ଆସନ୍ତୁ ଆମେ ସମସ୍ତେ ନିଜ ନିଜ ଭୂମିକା ନିର୍ବାହ କରିବା। ଅଭିଯୋଗ ହୁଏ ଯେ, ଆମେ ଆମ ମାତୃଭାଷାକୁ ଅବହେଳା ଓ ଅଣଦେଖା କରି ଆସୁଛେ। ବିଶେଷକରି ଗଣମାଧ୍ୟମକୁ ଆମେ ଏଥିପାଇଁ ଦାୟୀ ମଧ୍ୟ କରୁଛେ। ତେବେ ମନେ ରଖିବାକୁ ହେବ– ହେଉ ପଛକେ ସେ ନିକୃଷ୍ଟ, ମୋ ମାତୃଭାଷା ମୋତେ ଶ୍ରେଷ୍ଠ।




–ଡ. ଦେବାଶିଷ ମହାପାତ୍ର
ବରିଷ୍ଠ ଗବେଷକ, ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର, ଭୁବନେଶ୍ୱର,
ମୋ: ୬୩୭୨୦୮୨୬୯୦

## ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା
# ୯ ବର୍ଷ ପରେ...




ପ୍ରାଚୀନ ପୋଥି, ପଥର, ପ୍ରାଚୀନ ଗୁମ୍ଫା, ମନ୍ଦିର ସବୁଠାରେ ଓଡ଼ିଆ ଭାଷାର ଅଲିଭା ସ୍ୱାକ୍ଷର ଦେଖିବାକୁ ମିଳେ। ଓଡ଼ିଆ ଭାଷାର କ୍ରମବିକାଶ ଦେଖିଲେ ପ୍ରମାଣ ମିଳେ ଯେ ଅଢ଼େଇ ହଜାର ବର୍ଷ ତଳର ଓଡ଼ିଆ ଭାଷା ବାସ୍ତବରେ ଅମଳିନ ଏବଂ ଅଦ୍ୱିତୀୟ। ବହୁ ଚେଷ୍ଟାପରେ ୨୦୧୪ ମାର୍ଚ୍ଚ ୧୧ରେ ବିଧିବଦ୍ଧ ଭାବେ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳିଥିଲା। ସେବେଠାରୁ ପ୍ରତିବର୍ଷ ମାର୍ଚ୍ଚ ୧୧କୁ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ଭାବେ ପାଳନ କରାଯାଉଛି। ଭାରତରେ ମୋଟ୍ ୬ଟି ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ କରାଯାଇଛି। ପ୍ରଥମେ ତାମିଲ ଭାଷାକୁ ଏହି ମାନ୍ୟତା ମିଳିଥିବାବେଳେ ଏହାପରେ ସଂସ୍କୃତ, ତେଲୁଗୁ, କନ୍ନଡ଼, ମାଲୟାଲମ୍ ଏବଂ ପରେ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳିଛି। ତେବେ ଶାସ୍ତ୍ରୀୟ ମାନ୍ୟତା ପାଇବାର ୯ ବର୍ଷ ପରେ ଓଡ଼ିଆ ଭାଷାର ସ୍ଥିତି କିଭଳି ରହିଛି ବା ଏହାକୁ କିପରି ଆଗକୁ ନିଆଯାଇ ପାରିବ ସେନେଇ ମାନସମନ୍ଥନ ଚାଲିଛି।

–ଉପସ୍ଥାପନା: **ବନ୍ଦନା ସେଠୀ**

## କ'ଣ କୁହନ୍ତି ଏମାନେ...

### ଓଡ଼ିଆକୁ ଜ୍ଞାନ ଓ ବିକାଶର ଭାଷାରେ ପରିଣତ କରିବା ଦରକାର



୧୯୩୬ ମସିହାରେ ଓଡ଼ିଶା ଭାଷାଭିତ୍ତିକ ପ୍ରଦେଶ ହୋଇଥିବାବେଳେ ୨୦୧୪ରେ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳିଥିଲା, ଯାହା ଆମ ପାଇଁ ଏକ ବଡ଼ ଉପଲବ୍ଧି। ସାମଗ୍ରିକ ଭାବେ ଭାଷା ଉପଯୋଗ ବା ବ୍ୟବହାରର ୩ଟି ବଡ଼ କ୍ଷେତ୍ର ଯଥା ଶିକ୍ଷା, ପ୍ରଶାସନ ଏବଂ ଗଣମାଧ୍ୟମରେ ସମୁଚିତ ଭାବେ ଓଡ଼ିଆ ଭାଷାକୁ ବ୍ୟବହାର କରିବା ଆବଶ୍ୟକ। ଏଥିସହ ଓଡ଼ିଆ ଭାଷାକୁ ଜ୍ଞାନ ଓ ବିକାଶର ଭାଷାରେ ପରିଣତ କରିବା ପାଇଁ ସବୁଦିଗରୁ ପ୍ରୟାସ ହେବା ଦରକାର। ଉଭୟ ସରକାରୀ ଏବଂ ବ୍ୟକ୍ତିଗତ ସ୍ତରରେ ଏନେଇ ଚେଷ୍ଟା କରାଯିବା ଆବଶ୍ୟକ। ଶାସ୍ତ୍ରୀୟ ମାନ୍ୟତା ପାଇବା ପରେ ତାମିଲ ଭାଷା ଆମଠାରୁ ବହୁତ ଆଗରେ ରହିଛି। ଆମକୁ ମଧ୍ୟ ଓଡ଼ିଆ ଭାଷାର ଉନ୍ନତି ପାଇଁ ସେଭଳି ଆଗକୁ ଆସିବା ଦରକାର।

- **ପ୍ରଫେସର ବସନ୍ତ କୁମାର ପଣ୍ଡା**, ପ୍ରକଳ୍ପ ନିର୍ଦ୍ଦେଶକ, ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର

### ଆମ କଥାରେ ଅଧିକ ଇଂଲିଶ, ହିନ୍ଦୀ ଭାଷାର ପ୍ରୟୋଗ ରହୁଛି



ଖାଲି ଶାସ୍ତ୍ରୀୟ ଭାଷା କହି ସ୍ଲୋଗାନ ଦେଲେ ହେବନାହିଁ। ମାତୃଭାଷା ଓଡ଼ିଆକୁ ଓଡ଼ିଶାବାସୀ ଭଲ ପାଇବା ସହ ଗର୍ବ କରିବା ଦରକାର। ସମସ୍ତଙ୍କୁ ଏବେ ଓଡ଼ିଆରେ କହିବା କଷ୍ଟକର ହୋଇପଡୁଛି। ଯେଉଁମାନେ ଓଡ଼ିଆ କହୁଛନ୍ତି, ସେମାନଙ୍କ କଥାରେ ଅଧିକ ଇଂଲିଶ, ହିନ୍ଦୀ ଭାଷାର ପ୍ରୟୋଗ ରହୁଛି। ତେଣୁ ସମ୍ପୂର୍ଣ୍ଣ ଓଡ଼ିଆ ଭାଷାରେ କହିବା ପାଇଁ ଆମେ ଏପର୍ଯ୍ୟନ୍ତ ଶୃଙ୍ଖଳିତ ହୋଇପାରିନାହୁଁ। ତେଣୁ ଓଡ଼ିଆ ଭାଷାର ଉନ୍ନତି ପାଇଁ ସାମୂହିକ ଭାବେ ସମସ୍ତେ ଚେଷ୍ଟା କରିବା ଦରକାର।

- **ରଘୁନାଥ ମିଶ୍ର**, ସଭାପତି, କେଦାରନାଥ ଗବେଷଣା ପ୍ରତିଷ୍ଠାନ

### ଯୁବପିଢ଼ି ଓଡ଼ିଆ ଭାଷାକୁ ଅଣଦେଖା କରୁଛନ୍ତି



ଓଡ଼ିଆ ଭାଷାର ଭିତ୍ତି ଖୁବ୍ ସୁଦୃଢ଼। ତେବେ ଇତିହାସ ସୁଦୃଢ଼ ହେଲେ ବି ଭବିଷ୍ୟତ ଉଜ୍ଜ୍ୱଳ ହେବାଭଳି ଲାଗୁନାହିଁ। କାରଣ ଭବିଷ୍ୟତ ପିଢ଼ି ବା ଯୁବପିଢ଼ି ଓଡ଼ିଆ ଭାଷା ପ୍ରତି ଅଣଦେଖା କରୁଛନ୍ତି। ଇଂଲିଶ, ହିନ୍ଦୀ ଭାଷା ପ୍ରତି ସେମାନଙ୍କର ଯେପରି ଆଗ୍ରହ ରହୁଛି ସେଭଳି ଓଡ଼ିଆ ପ୍ରତି ନାହିଁ। ସେହିପରି ଯେତିକି ଲୋକ ଓଡ଼ିଆ ଭାଷାକୁ ନେଇ ଗବେଷଣା କରୁଛନ୍ତି ତାହା ଯଥେଷ୍ଟ ନୁହେଁ।

- **ଝିଲି ମହାରଣା**, ଓଡ଼ିଆ ଅଧାପିକା

## ଫୁର୍ସତ



ଆଲିଆ ଭଟ୍ଟ

# ଆଲିଆଙ୍କୁ ଝିଅ ଦେଲେ ବିଜ୍‌ନେସ୍ ଆଇଡିଆ

ଅଭିନେତ୍ରୀ ଆଲିଆ ଭଟ୍ଟଙ୍କୁ ବିଜ୍‌ନେସ୍ ଲାଗି ଆଇଡିଆ ଦେଇଛନ୍ତି କୁନି ଝିଅ ରାହା। ଯେଉଁଥିଲାଗି ସେ ଖୁବ୍‌ଶୀଘ୍ର ସେ ଭଉଣୀ ଶାହିନଙ୍କ ସହ ମିଶି ଏକ ଷ୍ଟୋରୀବୁକ୍ ଲଞ୍ଚ କରିବେ। ଭାଷାନ୍ତରରେ ସେତେଟା ଦକ୍ଷ ନ ହେଲେ ବି ଭଉଣୀଙ୍କ ସହାୟତାରେ ସେ ନିଜର ଏହି ଆଶାକୁ ପୂରଣ କରିବେ ବୋଲି ମନସ୍ଥ କରିଛନ୍ତି। ମା' ହେବା ପରେ ଏବେ ଝିଅ ରାହା ସହ ଅଧିକ ସମୟ ବିତାଉଛନ୍ତି ଆଲିଆ। ଏହି ସମୟରେ ରାହାଙ୍କ ବ୍ୟବହାରରୁ ତାଙ୍କୁ ବ୍ୟବସାୟ ଲାଗି ଆଇଡିଆ ମିଳିଛି।

ରାହା ଏବେ ବହୁତ ଛୋଟ। ଆଲିଆ ଘରେ ରହିବା ବେଳେ ବହି ପଢିବାକୁ ପସନ୍ଦ କରନ୍ତି। ରାହା ତାଙ୍କ କଥାକୁ ବହୁତ ଧ୍ୟାନର ସହ ଶୁଣନ୍ତି। ଝିଅଙ୍କ ଏହି ଗୁଣ ତାଙ୍କୁ ବ୍ୟବସାୟିକ ଆଇଡିଆ ଦେଇଛି। ଆଗାମୀ ଦିନରେ ସେ ନଅଟି ପୁସ୍ତକ ବିଶିଷ୍ଟ ଏକ ସିରିଜ ରିଲିଜ କରିବାକୁ ପ୍ରସ୍ତୁତ ହେଉଛନ୍ତି। ଏହି ସିରିଜ ଖୁସି, କରୁଣା ଏବଂ ଆଶା ଭଳି ଭାବନା ଉପରେ ଆଧାରିତ ହେବ ବୋଲି ଅଭିନେତ୍ରୀ ସ୍ପଷ୍ଟ କରିଛନ୍ତି। ଅଭିନୟ ଦେଖିଲେ ସେ ଖୁବ୍‌ଶୀଘ୍ର ଫିଲ୍ମ 'ରକି ଔର ରାନୀ କି ପ୍ରେମ କାହାଣୀ'ରେ ନଜର ଆସିବେ। କରଣ ଜୋହରଙ୍କ ଏହି ଫିଲ୍ମରେ ରଣବୀର ସିଂଙ୍କ ସହ ସେ ସ୍କ୍ରିନ ଶେୟାର କରିବେ।

# 'ବିଟେକ୍ ଗୁପ୍‌ଚୁପ୍ ବାଲୀ'

ଯେତେବେଳେ ୨୨ ବର୍ଷୀୟ ପ୍ରଫୁଲ୍ଲ ବିଲୋର୍ 'ଏମ୍‌ବିଏ ଚାଏୱାଲା' ନାମରେ ନିଜର ଦୋକାନ ଖୋଲିଥିଲେ, କେହି ବି ଭାବି ନ ଥିଲେ ଯେ ତାଙ୍କର ଚା' ବ୍ୟବସାୟ ଏତେ ଆଗକୁ ବଢ଼ିବ ଯେ ସେ କୋଟିପତି ହୋଇଯିବେ। ଏବେ ଏହି କ୍ରମରେ 'ବିଟେକ୍ ଗୁପ୍‌ଚୁପ୍ ବାଲୀ' ନାମକ ଷ୍ଟଲ ଲଗାଇ ଜଣେ ଯୁବତୀ ଚର୍ଚ୍ଚାକୁ ଆସିଛନ୍ତି। ସେ ବୁଲେଟ୍ ଚଳାଇ ନିଜର ଷ୍ଟଲ ନେଇ ଆସୁଛନ୍ତି। ତାଙ୍କର ସ୍ୱାଗ୍‌କୁ ଲୋକେ ପସନ୍ଦ କରୁଛନ୍ତି।

ଯୁବତୀ ଜଣଙ୍କ ହେଲେ ୨୧ ବର୍ଷୀୟ ତାପସୀ ଉପାଧ୍ୟାୟ। ବିଟେକ୍ ଶେଷ ହେବା ପରେ ସେ ନିଜର ଗୁପ୍‌ଚୁପ୍ ବ୍ୟବସାୟ ଆରମ୍ଭ କରିଛନ୍ତି। ତେବେ ନିଜର ଏହି ଅଭିନବ ଶୈଳୀକୁ ନେଇ ସେ କୁହନ୍ତି, ମୋର ଉଦ୍ଦେଶ୍ୟ ହେଉଛି ଲୋକଙ୍କୁ ସୁସ୍ଥ ଖାଦ୍ୟ ଖୁଆଇବା। ଆଗାମୀ ଦିନରେ ତାଙ୍କ ଷ୍ଟଲ୍‌ରେ ଗୁପ୍‌ଚୁପ୍ ବ୍ୟତିତ ଅନ୍ୟାନ୍ୟ ସାମଗ୍ରୀ ରହିବ।






ସୋସିଆଲ ମିଡିଆରେ ତାପସୀଙ୍କ ଏକ ଭିଡିଓ ଭାଇରାଲ ହେଉଛି। ଏହି ଭିଡିଓରେ ତାପସୀ ତାଙ୍କ ଷ୍ଟଲକୁ ଏକ ବୁଲେଟ୍‌ରେ ନେଉଥିବା ଦେଖାଯାଉଛି।

# ବର୍ଷକର ଶିଶୁ ମସ୍ତିଷ୍କରେ ଜୀବନ୍ତ ଯମଜ

ସାଂଘାଇ: ଚାଇନାର ସାଂଘାଇ ସହରରେ ଜଣେ ବର୍ଷକର ଶିଶୁ ମସ୍ତିଷ୍କରେ ଜୀବନ୍ତ ଯମଜ ସନ୍ତାନ ଠାବ କରାଯାଇଛି। ଏହା ବିରଳରୁ ବିରଳତମ ଘଟଣା, ଯାହାକୁ ଫେଟସ୍‌–ଇନ୍‌–ଫେଟୁ କୁହାଯାଉଛି। ମାତୃଗର୍ଭରେ ଯମଜ ଯୋଡ଼ିହୋଇ ରହିଥିବାବେଳେ ସେମାନଙ୍କ ମଧ୍ୟରୁ ଗୋଟିଏ ବିକଶିତ ହୋଇଥିଲା। ନ୍ୟୁରୋଲୋଜି ପତ୍ରିକାରେ ପ୍ରକାଶିତ ଅଧ୍ୟୟନ ଅନୁଯାୟୀ, ବର୍ଷକର ଶିଶୁକନ୍ୟାଠାରେ କେତେକ ସମସ୍ୟା ଦେଖାଦେବା ସହ ମୁଣ୍ଡ ବହୁତ ବଢ଼ିଯିବାରୁ ତାଙ୍କୁ ହସ୍ପିଟାଲକୁ ଅଣାଯାଇଥିଲା। ପ୍ରାରମ୍ଭିକ ପରୀକ୍ଷାରୁ ଶିଶୁ ମସ୍ତିଷ୍କ ମଧ୍ୟରେ ଜନ୍ମ ହୋଇପାରି ନ ଥିବା ଯମଜ ସନ୍ତାନର ଭ୍ରୂଣ ବଢୁଥିବା ସାଂଘାଇ ଡାକ୍ତର ଜାଣିବାକୁ ପାଇଥିଲେ। କ୍ରମାଗତ ରକ୍ତ ସଞ୍ଚାଳନ ଯୋଗୁ ଭ୍ରୂଣ ଜୀବିତ ରହିବା ସହ ବିକଶିତ ହେଉଥିବା ଡାକ୍ତର କହିଛନ୍ତି। ଏହାକୁ ଫେଟସ୍‌–ଇନ୍‌–ଫେଟୁ ବା ପାରାସିଟିକ୍ ଟୁଇନ୍ କୁହାଯାଉଛି। ଗର୍ଭାବସ୍ଥା ଆରମ୍ଭରୁ ଏଭଳି ହୋଇଥାଏ। ପୁରୁଷ ଶୁକ୍ରାଣୁ ଏବଂ ମହିଳା ଡିମ୍ବାଣୁ ଗର୍ଭାଧାନ ପରେ ସେଲ୍ କ୍ଲଷ୍ଟର ସୃଷ୍ଟି ଯୋଗୁ ତାହା ଉପଯୁକ୍ତ ଭାବେ ଅଲଗା ହୋଇପାରେ ନାହିଁ। ଏହା ପରେ ପ୍ରଥମ ଭ୍ରୂଣ ଅନ୍ୟ ଦ୍ୱାରା ଆବୃତ୍ତ ହୋଇଯାଇ ଯୋଡ଼ା ଅଂଶ ମସ୍ତିଷ୍କରେ ବିକଶିତ ହୁଏ ବୋଲି ଅଧ୍ୟୟନରେ କୁହାଯାଇଛି। ୧୯୯୭ରେ ଜଣେ ୧୬ ବର୍ଷର ବାଳକ ପେଟରେ ଏଭଳି ଭ୍ରୂଣ ଠାବ ହୋଇଥିଲା। ୨୦୨୨ ନଭେମ୍ବରରେ ଝାଡ଼ଖଣ୍ଡରେ ଏକ ୨୧ ଦିନର ଶିଶୁ ପାକସ୍ଥଳୀରୁ ୮ଟି ଭ୍ରୂଣକୁ ବାହାର କରାଯାଇଥିଲା।



# ବାଘ ଲାଞ୍ଜୀ ଛୁଇଁବା ମହଙ୍ଗା ପଡ଼ିଲା

**ଖାରଗୋନ୍:** ବାଘ ପ୍ରତିକ୍ରିୟା ଜାଣିବା ପାଇଁ ଏହାର ଲାଞ୍ଜକୁ ବାଡ଼ିରେ ଛୁଇଁବା ମଧ୍ୟପ୍ରଦେଶ ଖାରଗୋନ୍ ଜିଲାର ଜଣେ ଚାଷୀଙ୍କ ପାଇଁ ମହଙ୍ଗା ପଡ଼ିଛି। ବାଘ ଆକ୍ରମଣରେ ସନ୍ତୋଷ (୩୫) ନାମକ ଚାଷୀଙ୍କର ମୃତ୍ୟୁ ଘଟିଛି। ବନ ଅଧିକାରୀଙ୍କ ସୂଚନା ଅନୁଯାୟୀ ସନ୍ତୋଷ ବାଘ ଲାଞ୍ଜକୁ ବାଡ଼ିରେ ଛୁଇଁବା ପରେ ଏହା ତତ୍‌କ୍ଷଣାତ୍ ବୁଲିପଡ଼ି ତାଙ୍କ ବେକକୁ ଜୋର୍‌ରେ କାମୁଡ଼ି ଧରିଥିଲା। ସଙ୍ଗେ ସଙ୍ଗେ ସନ୍ତୋଷଙ୍କୁ ହସ୍ପିଟାଲ ନିଆଯାଇଥିଲେ ମଧ୍ୟ ଗୁରୁବାର ତାଙ୍କର ମୃତ୍ୟୁ ଘଟିଛି। ବାଘ ବର୍ତ୍ତମାନ ସୁଦ୍ଧା ଧରାପଡ଼ି ନ ଥିବାବେଳେ ଗାଁ ଲୋକେ ଜଙ୍ଗଲକୁ ନ ଯିବା ଲାଗି ବନ ବିଭାଗ ସତର୍କ କରାଇଛି। ଫରେଷ୍ଟରଙ୍କ ସୂଚନା ଅନୁଯାୟୀ, ବାଘଟି ମହାରାଷ୍ଟ୍ର ଜଲଗାଁଓ ଜିଲାର ୟାୱାଲ ବନ୍ୟପ୍ରାଣୀ ଅଭୟାରଣ୍ୟରୁ ଖାରଗୋନ୍ ଜିଲାର ଚିରିୟା ଜଙ୍ଗଲକୁ ପଳାଇଆସିଥିଲା। ଏହା ଅମ୍ବା ଦୋଚାର ଅଞ୍ଚଳରେ ପ୍ରବେଶ କରି ଏକ ବଡ଼ ଶିକାର ପରେ ବିଶ୍ରାମ ନେଉଥିବାବେଳେ ଗାଁ ଲୋକେ ସେଠାରେ ପହଞ୍ଚି ବାଘକୁ ହଇରାଣ କରିବା ଆରମ୍ଭ କରିଥିଲେ। ବାଘଟି ଉତ୍ତରପୂର୍ବ ଦିଗରେ ୧୦–୧୨ କିଲୋମିଟର ପଳାଇଯାଇ ଖୁସିୟାଲା ଗ୍ରାମର ଏକ ପଡ଼ିଆରେ ବିଶ୍ରାମ ନେଉଥିବାବେଳେ ସନ୍ତୋଷଙ୍କ ସହ ଗାଁର ଅନ୍ୟ କେତେଜଣ ସେଠାରେ ପହଞ୍ଚିଥିଲେ। ସନ୍ତୋଷଙ୍କ ଦୁଃସାହସିକ କାର୍ଯ୍ୟ ପାଇଁ ତାଙ୍କୁ ଜୀବନ ଦେବାକୁ ପଡ଼ିଛି।





## ଗ୍ରନ୍ଥ-ମନନ

# ନାମ, ଅନାମ, ସର୍ବନାମ

**ଡକ୍ଟର ସୀତାକାନ୍ତ ମହାପାତ୍ର**

ବହୁଦିନ ତଳେ ଶୁଣିଥିବା ଭଜନଟିଏ ମୋ ମନରେ ସାଇତି ରଖିଛି। ସେଥିରେ ଏଇସବୁ ଧାଡ଼ିଥିଲା: କେଉଁ ନାମ ଧରି ଡାକିବି ତୁମକୁ/ ତୁମେ ଯେ ସର୍ବନାମ।

ଆମ ଗାଆଁରେ ସେତେବେଳେ ଅଷ୍ଟପ୍ରହରୀ ଓ ଚବିଶପ୍ରହରୀ ଉତ୍ସବ ଅନୁଷ୍ଠିତ ହେଉଥିଲା। 'ପ୍ରହର' ମାପରେ ଆଠ ଓ ଚବିଶ ଗଣାହୁଏ। ସେଥିରେ ନାମ-ସଂକୀର୍ତ୍ତନ ହୁଏ ଓ କରତାଳ ବଜେଇ ସୁନ୍ଦର ଭାବେ ତିଆରି ମଣ୍ଡପ ଚଉକତି ନାମ ସଂକୀର୍ତ୍ତନ (ଭଜ, ନିତାଇ ଗୌର ରାଧେଶ୍ୟାମ/ ଜପ, ହରେକୃଷ୍ଣ ହରେ ରାମ) କରି କେତେ ଜଣ ଘୂରି ବୁଲନ୍ତି। ଅଷ୍ଟପ୍ରହରୀ ହେଉ ବା ଚବିଶପ୍ରହରୀ ହେଉ ତା'ର ସମାପନ ପରେ ନଗର କୀର୍ତ୍ତନ ହୁଏ। ସେଥିରେ ଏକାଧିକ ଖୋଳ (ମୃଦଙ୍ଗ) ଓ କରତାଳ (ଝାଞ୍ଜ) ବ୍ୟବହୃତ ହୁଏ ଏବଂ ଗାଆଁ ସାରା କୀର୍ତ୍ତନିଆ ବୁଲନ୍ତି। ବହୁ ବ୍ୟକ୍ତି ଯୋଗ ଦିଅନ୍ତି ଓ କୀର୍ତ୍ତନରେ ସବୁ ଘର, ଗାଆଁର ସବୁ ସାହି ବୁଲିଆସନ୍ତି।

ମୋର ମନେପଡୁଛି ଆମ ଗାଆଁରେ ବାନା ଗୋସାଇଁ ଓ ଜାଗୁଲେଇ ଉଭୟଙ୍କ ପାଖରେ ହେଉଥିବା ନାମ ସଂକୀର୍ତ୍ତନରେ ମୁଁ ଆନନ୍ଦରେ ଯୋଗ ଦେଉଥିଲି ଓ ସେମାନଙ୍କ ସହ ଗା।ଆଁ।ସା।ରା। ବୁଲି ଆସୁଥିଲି। ମୃଦଙ୍ଗ ବଜାନ୍ତି ସେଥିରେ ଅଭ୍ୟସ୍ତ ବ୍ୟକ୍ତି ମାନେ। ମୁଁ କେବଳ ଗିନି ବଜେଉଥିଲି। ଝାଞ୍ଜର ଛୋଟ ଆକାରକୁ ଗିନି କୁହାଯାଏ। ଅନେକ ଝାଞ୍ଜ, ଗିନି, ଖୋଳ ଓ କରତାଳ ଏବଂ ନାମକୀର୍ତ୍ତନ ଏବେ ମଧ୍ୟ ମନେପଡୁଛି।

ଅଷ୍ଟପ୍ରହରୀ ବା ଚବିଶ ପ୍ରହରୀ ଠିକ୍ ସରିବା ପରେ ପ୍ରସାଦ ସେବନର ବ୍ୟବସ୍ଥା ଥାଏ। ସେଥିରେ କଦଳୀପତ୍ର ପକେଇ ତଳେ ବସି ଅନେକ ଥର ଖାଇଛି। ଖାଇବା ହୁଏ ଅରୁଆ ଅନ୍ନ, ସୁନ୍ଦର ଡାଲମା ଓ ଖିରି। ଏ ପଙ୍‌କ୍ତି ଭୋଜନ ଓ ଖାଦ୍ୟ ସାମଗ୍ରୀର ସୁବାସ ସ୍ମରଣୀୟ ହୋଇ ରହିଛି।

**ଶ୍ରଦ୍ଧେୟ ହୃଷୀକେଶ ମଲ୍ଲିକଙ୍କ ପୁସ୍ତକ "ଅନାମ-କବିତା-ଅନାମ ଆନ୍ଦୋଳନ"ର ଉନ୍ମୋଚନ ଉତ୍ସବରେ ପ୍ରଦତ୍ତ ବକ୍ତୃତା**




ନାମ-ସଂକୀର୍ତ୍ତନ ମନେପକେଇ ହୃଷୀକେଶଙ୍କ ବହି ସମ୍ପର୍କରେ କିଛି କହୁଛି। 'ସର୍ବନାମ' ହେଉଛି ମହାପ୍ରଭୁଙ୍କ ନାମ।

ଅନାମ-ଗୋଷ୍ଠୀ ୧୯୬୯ରେ ପୁରୀର ଦଇତାପଡ଼ା ସାହିରେ ଆରମ୍ଭ ହୋଇଥିଲା। ଆଜି ଦୁର୍ଗାସପ୍ତମୀ, ୨୦୨୩। 'ଅନାମ'କୁ ବଞ୍ଚେଇ ରଖିଛି ଅନାମ ଗୋଷ୍ଠୀ। ଗୋଷ୍ଠୀ ହୋଇ ରହିଯିବ କି ଅନାମ ଯୁଗ ହେବ ତା' ଭବିଷ୍ୟତ କହିବ। ଯୁଗ ତ ବଡ଼ କଥା। ଅସଲରେ ସାହିତ୍ୟର ଚିରନ୍ତନ ପ୍ରବାହରେ 'ଯୁଗ' ଏକ ବିରତି ଚିହ୍ନ।

ବହିଟିର ଲେଖକଙ୍କୁ ସମସ୍ତେ ଜାଣନ୍ତି। କବିତାରେ ସେ "ଧାନସାଉଁଟା ଝିଅ"ରୁ "ସରିଯାଇଥିବା ଅପେରା" ପର୍ଯ୍ୟନ୍ତ କାବ୍ୟ ରଚନା ସହ ଆଧୁନିକ ଓଡ଼ିଆ କବିତାରେ ନିଜର ସ୍ୱାକ୍ଷର ରଖିସାରିଲେଣି। କବିର ପ୍ରାରବ୍ଧ ସମ୍ପର୍କରେ ସୁନ୍ଦର ବୟାନ ରଖିଛନ୍ତି। ମୁଁ ତାଙ୍କ କବିତାକୁ ଆଦର କରେ, ଭଲପାଏ।

ଭଲପାଇବା ଭିତରେ ଅନେକ କିଛି ରହିଯାଏ। କବିତାକୁ ଭଲପାଇବା ଅର୍ଥ ୬୮ ବର୍ଷ ବୟସ୍କ କବିଙ୍କୁ ବି ଭଲପାଇବା। ହୃଷୀକେଶ କେବଳ କବିତା ନୁହଁ, ସମାଲୋଚନା କ୍ଷେତ୍ରରେ ବେଶ୍ କିଛି ଲେଖିଛନ୍ତି। ସେ କହନ୍ତି- "ଯେକୌଣସି ବଡ଼ ମାପର କବିତାରେ ଜୀବନର ଆପାତଃ ସତ୍ୟକୁ କବି ପରାଚେତନା (Universal Consciousness)ର ଆଲୋକରେ ସଂଦୀପିତ କରେ...। ସଂସାର-ତାପକୁ ଶରତ ଆକାଶର ମେଘ ପରି ଛିନ୍ନଭିନ୍ନ କରିଦିଏ ପୂର୍ଣତମ କବିତା। ସୃଜନର ଅଣାୟତ୍ତ ନଟ-ନୃତ୍ୟରେ କବିର ପରମ ସଂବିତ୍ ମୋକ୍ଷ ଲଭେ।"

କବିତାର 'ନିଛାଟିଆ ଭାଗ୍ୟ'କୁ ସେ ଭୋଗି ସାରିଛନ୍ତି। ସେ ପ୍ରାରବ୍ଧ ସବୁ ସତ୍ କବିର ଭାଗ୍ୟ। ସେ ଜଣେ ସତ୍ କବି।

ମୁଁ ଅତ୍ୟନ୍ତ ଆନନ୍ଦିତ ଯେ ହୃଷୀକେଶ ସଂକଳନ କରିଥିବା ସୁନ୍ଦର ବହିଟିର ଉନ୍ମୋଚନ କରିବାକୁ ମୁଁ ସୁଯୋଗ ପାଇଛି।

ବହିଟିର ପ୍ରକାଶ କରିଥିବା ମନୁ ଦାଶଙ୍କ 'ଧଉଳି ବୁକ୍ସ' ପ୍ରକାଶନ ସଂସ୍ଥା ମଧ୍ୟ ଏଥିପାଇଁ ଧନ୍ୟବାଦର ପାତ୍ର।

## ବିନିମୟ

**– ରାମଚନ୍ଦ୍ର ବେହେରା**

**ଲଘୁଗଳ୍ପ**



ନୂଆ ଭାଉଜ ଆମଘରକୁ ଆସିଲେଣି ତିନିମାସ ହେବ। ରନ୍ଧାରନ୍ଧିରେ ମାଷ୍ଟର ପିସ୍। ବୋଉର ବରାଦ ଅନୁସାରେ ସାରା ଆଇଟମ୍ ତିଆରି କରିଦିଅନ୍ତି ସେ ଠିକ୍ ସମୟରେ। ରୋଷେଇ ପରେ ସମସ୍ତଙ୍କୁ ଖାଇବାକୁ ଦିଏ ବୋଉ। ବଢ଼ାବଢ଼ିରେ ପାତରଅନ୍ତର କରିବା ତା'ର ପୁରୁଣା ଅଭ୍ୟାସ।

ସେଦିନ ଭାଉଜ ମୋବାଇଲରେ କଥା ହେଉଥିଲେ ତାଙ୍କ ମାଆଙ୍କ ସହିତ। କବାଟ ବନ୍ଦ ଥିଲେ ବି ଭାଉଜଙ୍କ କଥା ସ୍ପଷ୍ଟ ଶୁଭୁଥିଲା ସନ୍ଧ୍ୟାକୁ। ଖାଇବା ପାଇଁ ହଇରାଣ ହେବାକୁ ପଡୁଛି ବୋଲି ସେ କହୁଥିଲେ। ତାଙ୍କ ଖାଇଲା ବେଳକୁ ପ୍ରାୟ ତରକାରି ନ ଥାଏ ବୋଲି କହି ସୁଁ ସୁଁ ହୋଇ କାନ୍ଦୁଥିଲେ।

ତା'ପର ଦିନ କଲେଜ ନ ଯାଇ ଘରେ ରହିଲା ସନ୍ଧ୍ୟା। ଦି'ପହର ଖାଇଲାବେଳେ ଭାଉଜଙ୍କୁ ଡାକିଲା ମିଶି କରି ଖାଇବା ପାଇଁ। ସନ୍ଧ୍ୟାର କଥା ନ ସରୁଣୁ ବୋଉ କହିଲା, ସେ ସମସ୍ତେ ଖାଇ ସାରିଲା ପରେ ଖାଇବ। ସେଇଆ ତ ସେ ଚାହୁଁଥିଲା। ଭାଉଜ କେତେବେଳେ ଖାଇବେ ସେଥିପ୍ରତି ନଜର ରଖି ଟିଭିଆଡ଼କୁ ଧ୍ୟାନ ଦେଲା ସନ୍ଧ୍ୟା। ସତକୁ ସତ ଭାଉଜ ଖାଇଲାବେଳକୁ ଚିଙ୍ଗୁଡ଼ି ତରକାରି ନ ଥିଲା। ଡାଲି, ବଡ଼ିଚୁରା ଓ କାକୁଡ଼ି ଦି'ପିସ୍ ଲଗେଇ କେମିତି ଖାଇବେ ସେ। ବୋଉକୁ ପ୍ରଶ୍ନକଲା ସନ୍ଧ୍ୟା, ଭାଉଜଙ୍କ ପାଇଁ ଚିଙ୍ଗୁଡ଼ି ତରକାରି କାହିଁକି ନାହିଁ? ଉତ୍ତର ମିଳିଲା- ସମସ୍ତଙ୍କୁ ଦେଉ ଦେଉ ସରିଗଲା। ଠିକ୍ ଅଛି, ମୁଁ ବାହା ହୋଇ ଗଲାପରେ ମୋ' ଶାଶୁ ଯଦି ଠିକ୍ ଏହିପରି ପରିସ୍ଥିତି ଠିଆ କରନ୍ତି, ତତେ କେମିତି ଲାଗିବ ବୋଉ। ବୋଉ କିଛି ନ କହି ମୁହଁ ଶୁଖାଇ ଦେଇ ଯିବା ସମୟରେ ସନ୍ଧ୍ୟା ଅନ୍‌ଲାଇନ୍‌ରେ ଆଗରୁ ମଗାଇଥିବା ମଟନ୍ କରି ପ୍ୟାକେଟ୍‌ଟିକୁ ଭାଉଜଙ୍କୁ ବଢ଼ାଇ ଦେଇ କହିଲା, ଏଇଟା ନିଅ ଭାଉଜ ଓ କାହାକୁ ଅପେକ୍ଷା ନ କରି ଶୀଘ୍ର ଖାଇଦିଅ। ଦେବା ସମୟରେ ହସି ହସି କହିଲା ସନ୍ଧ୍ୟା, ଏଇଟା ତୁମପାଇଁ ବୋଉ ମଗାଇଥିଲା, ମୁଁ ନୁହେଁ।

ସେଇ ଦିନଠୁ ବୋଉର ସ୍ୱଭାବର ବିନିମୟ, ଶାଶୁ ରୂପରେ ନୁହେଁ ମାଆ ରୂପରେ ଆଣି ଦେଇଥିଲା ଚେନାଏ ହସ ଭାଉଜଙ୍କ ଓଠରେ ସବୁଦିନ ପାଇଁ।

ମୋ: ୭୩୫୫୬୩୪୩୪୬

## କବିତା

### ଏତେ ସହଜ ନୁହେଁ ବାୟାଣୀ ହବା

**ହରିଶ୍ଚନ୍ଦ୍ର ବେହେରା**

ତା' ଏନ୍ତୁଡ଼ିଶାଳରୁ ଡେଇଁ ଡେଇଁ ଆସିଲା ତ
ପୂରା ଲଙ୍ଗଳା ଥିଲା
କୁନି ଝିଅ କ'ଣ ପିନ୍ଧିଥାନ୍ତା ଯେ
ଲାଜ ଜାଣିବା ପୂର୍ବରୁ

ଖୁବ୍ ସରଳ ଥିଲା ଉଦଣ୍ଡି ହେବା ଆଗରୁ
କିଏ ତା'କୁ ଉଦଣ୍ଡି କଲା
ଜାଣି ପାରିବେ ତା' ଆତ୍ମକଥାରୁ

କେତେ ଖରା ବର୍ଷା ଶୀତ
ଚାଲିଯାଇଛନ୍ତି ତାକୁ ଛୁଇଁ ଛୁଇଁ
ମୋଟେ ଆଖି କଷା କରି ନାହିଁ
ଆଲୁଅ ଅନ୍ଧାର ଭିତରେ
କେଉଁ ଫରକ ତା' ପାଇଁ
ଗୀତ ଗାଇବାକୁ /ଶୁଣେଇବାକୁ

କେବେ ଦୁଷ୍ଟ ଢେଉ ପଶି ଆସି
ଭିତର ଦୁଆର ଖୋଲିଦିଏ
ମିଛେ ମିଛେ ମୁହଁ ଫୁଲେଇ କହେ
ନା' ଥାଉ
କାହିଁକି କେଜାଣି ସେ
କିଳି ପାରେନି ଦୁଆର
ଆହୁରି ଚକ୍‌ଚକ୍ ଦିଶିବ ବୋଲି ସିନ୍ଦୂର
ତା' ଜୁଆନ ଦେହ
କାହାର ପ୍ରତିବିମ୍ବ
ଧରି ନ ରଖିଛି ନିଜ ଭିତରେ
ଜଳେ ଯେସନ ଚନ୍ଦ୍ର ଛାଇ

ଆଗରେ କେତେ ଦୁଃଖ
ପଚାରି ନାହିଁ କାହାକୁ
ଏତେ ସହଜ ନୁହେଁ ବାୟାଣୀ ହେବା
ପ୍ରେମମୟୀ ହେବା !
ସେ ଜାଣେ ଜଣେ ବାୟା ରାଜା
ଅପେକ୍ଷା କରିଚି ତାକୁ
ବୋକ ଦେଇ ନୁଖୁରା ବାଳ
ସାଉଁଳି ଦେବେ
ରୋଷ ଭାଙ୍ଗିଯିବ
କାନ୍ଦିବ ନାହିଁ
ସିନ୍ଥିରେ ଆହୁରି ଗାଢ଼ ହୋଇ
ଜଳିବ ସିନ୍ଦୂର

ଆଲିଙ୍ଗନ ଭିତରେ ସେ ଭୁଲି ଯାଇଥିବ
ଆଉ ଜଣେ କିଏ ବୋଲି
ଫେରି ପାରିବନି ତା' ଏନ୍ତୁଡ଼ିକୁ
ଟୋପାଏ ଲୁହ ଯାହା ଢଳଢଳ ହେଉଥିବ
ଆଖି କୋଣରେ- ଆଞ୍ଜୁଡ଼ା ଦାଗ ଉପରେ
ବାନ୍ଧି ଆସୁଥିବ ବକଳା
ଆଉ ନିଜର ବୋଲି କ'ଣ ବା ଥିଲା
ତା' ପାଖରେ ଏତକ ଛାଡ଼ି।

ମୋ: ୯୪୩୭୮୧୩୭୦୮

### ସାଥୀ

**ପଦ୍ମାଳୟା ପାଣିଗ୍ରାହୀ**

ଅପରାହ୍ନ ବୟସରେ
ମୁହଁରେ ଟିକେ ହସ ଦେବା ପାଇଁ
ଆଜି ନାହଁ ତୁମେ
ଯାଇଛ ହଜି, ଦୂରେ ବହୁଦୂରେ
କୋଉ ଅଜଣା ଜହ୍ନ ରାଇଜରେ
ଅବା ସକାଳ କୁହୁଡ଼ିର
ଧୂଆଁଳିଆ ଗୋଧୂଳିରେ
କେଉଁ ଅଜଣା ମୁଲକରେ ॥

ମୋ' ଲୁହ ନଦୀର ଆକାଶରେ
ଜହ୍ନ ହୋଇ ଭାସିଗଲ
ଗଢ଼ିଥିବା କେତେ ସମ୍ପର୍କ
କେତେ ଅନୁଭବ
ମୋ' ହୃଦୟରେ ବାନ୍ଧି ରଖିବା
କେତେ ସ୍ମୃତି ଧରାଇ
ମୋ'ଠି ଦୂରେଇ ଭୁଲିଗଲ ॥

ଏବେ ସବୁକିଛି ଶୂନ୍‌ଶାନ୍ ରାତିର
ବେଇମାନ୍ ସାଥୀ ପରି
ଜଳୁଥିବା ହୃଦୟକୁ ଦୀପ କରି
ଆଲୁଅ ଦେବାକୁ, ଦରଦୀ ମନରେ
ଟିକେ ସାନ୍ତ୍ୱନା ଦେବାରେ
ଆଜି ତୁମେ ନାହଁ,
ତୁମରି ସ୍ମୃତିକୁ ଜାବୁଡ଼ି ଧରି
ବିଳପେ ମୁଁ ଏଠି ଅହରହ ॥

ମୋ: ୬୩୭୧୦୦୨୬୧୧

### ଇଚ୍ଛିଲା ଡାଳରେ...

**ବିପିନ ବିହାରୀ ମହାନ୍ତି**

**ଗୀତି କବିତା**

ଇଚ୍ଛିଲା ଡାଳରେ ବସି ହେଲା ନାହିଁ
ଯେତେ ଯେତେ ଇଚ୍ଛା କରି
ଅପେକ୍ଷା ଉପେକ୍ଷା ସବୁ ପାଲଟିଲା
ସମୟ ଚକରେ ଘୂରି ॥୦॥

ସାଗର ବୀଚିରେ ଜୋଛନା ରାତିରେ
ଭିଜିବାରେ ଥିଲା ମନ
ବନ ଉପବନ ନଈ ପଠେ କାହିଁ
ବୁଲି ଥା'ନ୍ତେ କେଇକ୍ଷଣ
କୋଉ ଡାଳେ ବସି ପକ୍ଷୀପରି ପୁଣି
କରିଥାନ୍ତେ କୁହୁ ତାନ
କିଏ ସେ ବାଣୁଆ ଶରଟିଏ ଦେଲା ମାରି
ଫୁର୍‌କିନା ଆମେ କେଣେ ଉଡ଼ିଗଲେ
ଯେତେକ ସପନ ଧରି ॥୧॥

ମୁଁ ଗଛ ଥିଲେ ତୁମେ ଲତା ପରି
ମୋ ଦେହେ ଥା'ନ୍ତ ଜଡ଼ି
ଅମା ଅନ୍ଧାରରେ
ମନର ଆଶାକୁ
ଦେହରେ ହିସାବ କରି
ନିଜକୁ ପରଖି ଜାଣି ପାରିଥା'ନ୍ତେ
ଆପଣା କି ପର ବୋଲି
ଅଦୃଶ୍ୟ କାଟିଲା ଡୋରି
ଲାଭ ନାହିଁ ଏଠି ଯେତେ ମୁଣ୍ଡ କୋଡ଼ି
ସଙ୍ଗ ସୁଖ ଆମ ଲୋଡ଼ି ॥୨॥

ମୋ: ୯୯୩୮୩୪୪୧୩୮

## କାଳକାଳକୁ

**"ବିନା କାମରେ 'ସଫଳତା' ମିଳେ କେବଳ ଅଭିଧାନରେ।"**

**– ଇ.ଏସ୍. ଗାର୍ଡନର୍**



**ଏର୍ଲେ ଷ୍ଟାନ୍‌ଲେ ଗାର୍ଡନର୍**ଙ୍କ ଜନ୍ମ ୧୭ ଜୁଲାଇ ୧୮୮୯ରେ ମାସାଚୁସେଟ୍‌ସ୍‌ର ମାଲ୍‌ଡେନ୍‌ରେ ଓ ପରଲୋକ ୧୧ ମାର୍ଚ୍ଚ ୧୯୭୦ରେ, କାଲିଫର୍ନିଆର ଟେମେକୁଲାରେ। ଆମେରିକୀୟ ଏଇ ଆଇନଜ୍ଞ ଓ ଲେଖକ ତାଙ୍କର ଧାରାବାହିକ ଗୁଇନ୍ଦା ଗଳ୍ପ 'Perry Mason' ପାଇଁ ପ୍ରସିଦ୍ଧ। ରହସ୍ୟ ଓ ରୋମାଞ୍ଚରେ ଭରା ଗାର୍ଡନର୍‌ଙ୍କ ଲେଖାଗୁଡ଼ିକ ପାଠକଙ୍କ ପାଇଁ ସର୍ବଦା ଆନନ୍ଦଦାୟୀ ଓ ଉପଭୋଗ୍ୟ ହୋଇଥାଏ।

## ପୁସ୍ତକ ପରିଚୟ

### ନିରବ କୋଳାହଳ




**କବି:** ଭୁବନାନନ୍ଦ ସାହୁ
**ପ୍ରକାଶକ:** ବିଜୟିନୀ ପବ୍ଲିକେଶନ୍ସ, ଶଙ୍କରପୁର, କଟକ-୧୨
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ.୧୬୦/-

ମୋଟ ୪୫ଟି କବିତାର ଅକ୍ଷର-ମେଳା ଏ ବହିଟି। ପ୍ରାୟ କବିତା ନିଜକୁ, ନିଜ ଜୀବନକୁ ଓ ପରିପାର୍ଶ୍ୱର ଅନନ୍ୟତାକୁ ନେଇ ସଂରଚିତ। କବିତାରେ ଅଳଙ୍କାରକୁ ନେଇ ଭୁବନାନନ୍ଦ ବେଶୀ ଧନ୍ଦିହୁଅନ୍ତି ନାହିଁ। ଅତି ସରଳ ଭାବରେ ନିଜର ଅନୁଭବକୁ ପାଠକଙ୍କ ସମ୍ମୁଖରେ ସେ ବାଢ଼ି ବସନ୍ତି। ଯଥା: "ଥିରି ଥିରି ବହୁଥାଏ ବାଆ/ ନଥାଏ ବିଶବ୍ଦଟିଏ/ ନିରବ ନିଥର ଚୌଦିଗ/ ପୂର୍ବାଶାରେ ଶଙ୍ଖ ଶୁଭ୍ର ଜହ୍ନ/ ଧବଳ ସୁନ୍ଦର।" ('ଜହ୍ନରାତି', ପୃ: ୧୨୪)। କବି 'ଜହ୍ନରାତି' ଭିତରେ ଜୀବନଯାପନର ଅଙ୍କ କଷନ୍ତି ଓ କହନ୍ତି- "ଆଖି ପାଏ ନାହିଁ ସଖି!/ କେତେଦୂର ପୃଥ୍ୱୀରୁ ଆକାଶ ?/ ଜହ୍ନରୁ ଜୋଛନା ?/ ଜୀବନ-ମରଣ।" ('ଜହ୍ନରାତି', ପୃ: ୧୨୫)। ଏହିପରି ବହିର ପ୍ରତିଟି କବିତାରେ କବି ନିବେଦିତ କରିବସନ୍ତି ଆପଣାର ଜୀବନାନୁଭୂତି। ବହିର ଶୀର୍ଷକ ସେ ରଖିଛନ୍ତି- 'ନିରବ କୋଳାହଳ'। 'କୋଳାହଳ' ଭିତରେ ନିରବତାର ଅନୁଭବ ଏକ ଉତ୍ତରିତ ଚେତନାର କଥା କହେ। କବି କହନ୍ତି: "ନିରବତା ଭିତରେ ଜମି ଉଠୁଥାଏ କୋଳାହଳ। ଜୀବନଚିନ୍ତାଠୁ ଜଗତଯାଏ କବିତାର ସାମଗ୍ରୀ ହୋଇ ଉଠେ।" ପ୍ରଫେସର ବୈଷ୍ଣବ ଚରଣ ସାମଲଙ୍କ ସହ ଏକମତ ହେବାକୁ ହୁଏ ଯେ, "ଭୁବନାନନ୍ଦଙ୍କ କବିତା ଜୀବନରସରେ ଜାରିତ।"

### ସ୍ୱୟଂଭୁ

(ଶିବ କଥା ଓ ଶିବଗାଥା ସଙ୍କଳନ)




**ସମ୍ପାଦକ:** ଶୁଭେନ୍ଦୁ କୁମାର ଭୂୟାଁ
**ପ୍ରକାଶକ:** ଶ୍ରୀଶ୍ରୀ ଲକ୍ଷେଶ୍ୱର ମନ୍ଦିର ରଜତ ଜୟନ୍ତୀ ମହୋତ୍ସବ, ମଧୁ ପାଟଣା, କଟକ-୧୦
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ. ୬୦୦/-

ଶ୍ରୀଶ୍ରୀ ଲକ୍ଷେଶ୍ୱର ମନ୍ଦିରର ରଜତ ଜୟନ୍ତୀ ମହୋତ୍ସବ ଅବକାଶରେ ପ୍ରାୟ ଚାରିଶହ ପୃଷ୍ଠା ସମ୍ବଳିତ କ୍ରାଉନ ସାଇଜ୍‌ର ଏହି ବହିଟି ପ୍ରକାଶ ପାଇଛି, ଯହିଁରେ ଶିବ କଥା ଓ ଶିବ ଗାଥାକୁ ନେଇ ନିବନ୍ଧ ଲେଖିଛନ୍ତି ବହୁ ବିଶିଷ୍ଟ ଲେଖକ। "ଶିବକଥା: ଶିବଗାଥା" ପର୍ଯ୍ୟାୟରେ ଓଡ଼ିଶାର ଶୈବ ସଂସ୍କୃତିର ଇତିହାସ, ଦର୍ଶନ ଓ ଶିବତତ୍ତ୍ୱର ମହିମା ବିଶ୍ଳେଷଣ କରାଯାଇଛି। "ପୀଠେ ଶିବ-ମହାଦେବ" ପର୍ଯ୍ୟାୟରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ଥିବା ଶୈବପୀଠ ଓ ଶିବଲିଙ୍ଗ ସମ୍ପର୍କରେ ତତ୍ତ୍ୱ ଓ ତଥ୍ୟନିଷ୍ଠ ଆଲୋଚନା ହୋଇଛି। ଶିବ-ଉପାସନାରେ ବିଶ୍ୱାସ ରଖୁଥିବା ବ୍ୟକ୍ତିବିଶେଷଙ୍କ ପାଇଁ ଗ୍ରନ୍ଥଟି ଏକ ମୂଲ୍ୟବାନ ପ୍ରାପ୍ତିଭାବେ କେବଳ ବିବେଚିତ ହେବନାହିଁ; ଅଧିକନ୍ତୁ ଶୈବଧର୍ମ ଓ ସଂସ୍କୃତି ଗବେଷକଙ୍କ ପାଇଁ ମଧ୍ୟ ପ୍ରେରଣାଦାୟୀ ହୋଇପାରିବ। ଶିବପୀଠର ବର୍ଣ୍ଣନା ସାଙ୍ଗକୁ କେତେକ ପୀଠର ଆଲୋକଚିତ୍ର ପାଠକଙ୍କ ପାଇଁ ରୁଚିକର ସାବ୍ୟସ୍ତ ହେବ ବୋଲି ଆଶା।

## ଗଳ୍ପ

# ଆତ୍ମହତ୍ୟା

**ଡ. ଭବାନୀ ଶଙ୍କର ଦାଶ**

ଖୁବ୍ ଜୋର୍‌ରେ ନିଜ ଉପରେ ପ୍ରତିଶୋଧ ନେବାକୁ ଇଚ୍ଛା ହେଉଥିଲା ତା'ର। ନିଜ ଆଖିରେ ଦେଖିସାରିଲା ପରେ ନିଜକୁ ବୁଝେଇ ପାରୁ ନ ଥିଲା। ପୂର୍ବରୁ ରିମା ବାବଦରେ ଯାହା କିଛି ଶୁଣିଥିଲା, ସେସବୁକୁ ବିଶ୍ୱାସ କରୁ ନ ଥିଲା। ତା'ର ବିଶ୍ୱାସ ଥିଲା ଯେ, ରିମା ଅନ୍ତତଃ ଏପରି କରିପାରିବ ନାହିଁ। ମାତ୍ର ଏପରି ସୁନ୍ଦର ରୂପ ଭିତରେ ଏତେ କଦର୍ଯ୍ୟ ପଶୁ ରହିଛି! ଛି...ଛି...! ଆଉ ତେଣିକି ଭାବି ପାରୁନଥିଲା ଭବେଶ। ଗାଡ଼ିର ଗତି ବଢ଼ିଚାଲିଲା ତୀବ୍ର ବେଗରେ।

ବିଶ୍ୱାସର ଗୋଟେ ବୁଢ଼ିଆଣୀ ଜାଲ ବୁଣି ସିଏ ଭବେଶକୁ ଧରିନେଲା। ଦୀର୍ଘ ବର୍ଷର ସମ୍ପର୍କ ବିବାହର ରୂପନେଲା। ଚାକିରିଆ ଝିଅ। ଜାତି ଅଲଗା ହେଲେ ବି ପିଲାମାନଙ୍କ ଦୃଢ଼ତା ଆଗରେ ପରିବାର ମୁଣ୍ଡ ନୁଆଁଇଲେ। ସକାଳୁ ସହର ପାଖ ଗାଁରୁ କାର୍‌ରେ ସ୍ୱାମୀ-ସ୍ତ୍ରୀ ଦି' ଜଣ ଚାକିରି କ୍ଷେତ୍ରକୁ ଯାଆନ୍ତି, ଫେରନ୍ତି ରାତି ନ'ଟାରେ। ଗଲାବେଳେ ଭବେଶ ରିମାକୁ ତା' ଅଫିସ୍ ପାଖେ ଛାଡ଼ିଦେଇ ସେଠୁ ସାତ କିଲୋମିଟର ଦୂର ନିଜ ଅଫିସ୍‌କୁ ଯାଏ। ଫେରିଲାବେଳେ ଏକାଠି ଫେରନ୍ତି। ରାତି ହୋଇଯାଏ ଘରେ ପହଞ୍ଚିଲାବେଳକୁ। ଦଶଟା ଭିତରେ ରାତିଖାଦ୍ୟ ପ୍ରସ୍ତୁତ କରିବାକୁ ହୁଏ। ଚାକିରି ଓ ପରିବାର ଜଞ୍ଜାଳ ଦୁଇଟାଯାକ ସଠିକ୍ ପରିଚାଳନା କରିପାରୁଥିବାରୁ ପରିବାରରେ ରିମାର ଗୁରୁତ୍ୱ ଯଥେଷ୍ଟ ବେଶି। ନୀଚ ଜାତିର ଝିଅର ଉଚ୍ଚ ଚିନ୍ତାଧାରା ଓ ବ୍ୟବହାରରେ ସମସ୍ତେ ମୁଗ୍ଧ। ରିମା ବିନା ସବୁ ଅଚଳ। ଶଯ୍ୟାଶାୟୀ ବାପାବୋଉ ବି ଅନେଇଥା'ନ୍ତି ରିମା ଖୁଆଇଲେ ଖାଇବେ ବୋଲି। ସବୁବେଳେ ଶେଯରେ ଶୋଇ ରହୁଥିବା ବାପାବୋଉ ରିମା କଥାରେ ଉଠି ବସନ୍ତି। ବିବାହର ଆଠବର୍ଷ ପରେ ବି କିଛି ପିଲାପିଲି ହେଲାନାହିଁ। ଅନେକ ଡାକ୍ତରୀ କବିରାଜି ଇତ୍ୟାଦି ସତ୍ତ୍ୱେ କୌଣସି ସୁଫଳ ମିଳି ନ ଥିଲା। ଏଥିପାଇଁ ଉଭୟଙ୍କ ଭିତରେ ଥିବା ଅକୁହା ଦୁଃଖ କେହି କାହାକୁ ଜାଣିବାକୁ ଦେଉ ନ ଥିଲେ। ବରଂ ଆପଣା ଭିତରର ଏଇ ଦୁଃଖକୁ ଲୁଚାଇ ରଖି ଜଣେ ଅନ୍ୟକୁ ଖୁସିରେ ରଖିବାକୁ ଆପ୍ରାଣ ଉଦ୍ୟମ କରୁଥିଲେ। ଦିନକ ଭିତରେ ରିମା ଅନ୍ତତଃ ପଚାଶଥର ଫୋନ୍ କରୁଥିବ ଭବେଶକୁ। ଏପରିକି ଅଫିସ୍‌ରେ ଭବେଶ ଯେତେଥର ପାଣି ପିଏ, ରିମା ଫୋନ୍ କରିବାରୁ। ଭବେଶର ରିମା ଉପରେ ଅଖଣ୍ଡ ବିଶ୍ୱାସ। ରିମାର ଏକ ବିଶେଷ ଗୁଣ ହେଲା ମନେରଖିବା। କାହାର ଜନ୍ମ ଓ ମୃତ୍ୟୁ ତାରିଖ, ଆଗାମୀ ନିମନ୍ତ୍ରଣ, କେଉଁ ଦରକାରୀ କାଗଜ କେଉଁଠି ରହେ ଇତ୍ୟାଦିର ହିସାବ ରିମାର ତୁଣ୍ଡେ ତୁଣ୍ଡେ ଥାଏ। ରିମା ନ ଥିଲେ ସବୁ ଅଚଳ। ସାରା ପରିବାର ରିମା ଉପରେ ନିର୍ଭରଶୀଳ। ଅଫିସ୍‌ରେ ଥାଇ ବି ଫୋନ୍‌ରେ ବାପା ବୋଉଙ୍କ ଔଷଧ, ଖାଦ୍ୟ ଇତ୍ୟାଦି ତଦାରଖ କରେ।

ରିମା ବିନା ଭବେଶ ସମ୍ପୂର୍ଣ୍ଣ ନୁହଁ, ବରଂ ଅଧାରୁ କମ୍। କାହା ସହ ଗୁରୁତ୍ୱପୂର୍ଣ୍ଣ କଥାବାର୍ତ୍ତା ବା କିଣାକିଣି ସବୁଥିରେ ରିମା ଆଗୁଆ। କନ୍‌ଭେଣ୍ଟରେ ପାଠ ପଢ଼ିଥିବା ଜଣେ କମ୍ପ୍ୟୁଟର ଇଞ୍ଜିନିୟର ରିମା। ଶିକ୍ଷିତା, ସଂସ୍କାରି, ଆଧୁନିକା ହେଲେ ବି ଖାଣ୍ଟି ଓଡ଼ିଆ ଘରର ଘରଣୀ। ଚାଲାକ୍ ଚତୁର ଯେମିତି, ଫୁର୍ତ୍ତି ବି ସେମିତି। ଖୁବ୍ କର୍ମଠ ଓ ନିରଳସ। କଥା କହିଲେ ମନ ମୋହିନିଏ। ଏଇ କିଛିଦିନ ହେଲା ଭବେଶ ଲକ୍ଷ୍ୟକରେ ରିମା ଦେହରୁ ବିଦେଶୀ ଅତରର ବାସ୍ନା। ଭରସିକି ଭବେଶ ପଚାରିପାରେନା। ଦିନେ ପଚାରିଦେଲା ଏଇଟା କି ପର୍ଫ୍ୟୁମ୍। ରିମା କହିଲା- ଫରେନ୍, ଇମ୍ପୋର୍ଟେଡ୍ ଡିଓ। ତମର ଦରକାର କହିଲେ ଆଣିଦେବି। ଆଜି ଆଣିଛି ପ୍ରଥମ କରି। ଏଇଟା ଫର୍ ଓ୍ୱିମେନ। ତୁମ ପାଇଁ ଦଶ ଦିନ ଭିତରେ ଆସି ପହଞ୍ଚିଯିବ। ଫର୍ ମେନ୍‌ଟା ନା ବହୁତ ବଢ଼ିଆ। ଭବେଶ ଗାଡ଼ିର ବେଗ ଆହୁରି ବଢ଼େଇଦେଲା। ଜାଣିଶୁଣି ନିଜ ଅକ୍ତିଆର ବାହାରକୁ ଚାଲିଗଲା। ଗତକାଲିର ଦୃଶ୍ୟ ତା' ଆଖିଆଗରେ ନାଚିବାକୁ ଲାଗିଲା। ଅନେକ ସମୟ ଅପେକ୍ଷା କଲାପରେ ରିମା ଆସିବା ଡେରି ହେବାରୁ ତଳେ କାର୍ ରଖି ସାତ ମହଲାରେ ଥିବା ରିମାର ଅଫିସ୍ ଭିତରକୁ ପଶିଗଲା। ସେତେବେଳେ ରିମା ବିଦେଶିନୀ କାଇଦାରେ ତା' ବସ୍ ପାଖରୁ ବିଦାୟ ନେଉଥିଲା ତାଙ୍କ ଓଠରେ ଓଠ ମିଶାଇ। ଭବେଶ ଆଖିରେ ଧରାପଡ଼ିଯିବାରୁ ସଫେଇ ଦେଇ କହିଥିଲା- ମଲ୍ଟିନ୍ୟାଶନାଲ କମ୍ପାନୀ ତ! ବସ୍ ଆମର ଆମେରିକାନ୍। ତାଙ୍କ ସହିତ ଏମିତି ଚଳିବାକୁ ପଡ଼େ। କଥାଟା ଭବେଶକୁ ଭଲ ଲାଗିଲାନି। ମନେମନେ ଭାବିଲା ରିମାର ଦରମା ବୋଧେ ଏଇଥିପାଇଁ ତା' ଦରମାଠାରୁ ତିନିଗୁଣ ଅଧିକ। ଗାଡ଼ି ଉପରୁ ନିୟନ୍ତ୍ରଣ ହରାଇଲା ଭବେଶ। ଡାହାଣପଟେ ଥିବା ଗଛରେ ଗାଡ଼ି ପିଟି ହୋଇଗଲା। ଷ୍ଟିୟରିଂରେ ଚାପି ହୋଇ ଘଟଣାସ୍ଥଳରେ ଭବେଶର ପ୍ରାଣ ଚାଲିଗଲା। ରିମା ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଦେଢ଼ମାସ ପରେ ଚେତା ଫେରିପାଇଲା। କ୍ରମେ ସ୍ୱାଭାବିକ କଥାବାର୍ତ୍ତା କଲା। ପଚାରି ବୁଝିଲା ଭବେଶ ଆଉ ଶାଶୁ ଶ୍ୱଶୁରଙ୍କ କଥା। ଭବେଶ ଆଉ ନାହିଁ ଏ କଥା ତାକୁ କେହି କହିଲେ ନାହିଁ। ସିଏ ଜାଣିନେଲା ଯେ ଭବେଶ ନାହିଁ। ଭବେଶ ଆଉ ନାହିଁ- ଏଇ କଥାଟାକୁ ବିଶ୍ୱାସ କରିପାରୁନି। ନିଜକୁ ନିଜେ ଅନୁଧ୍ୟାନ କରୁଥିଲା। ଭବେଶ ଓ ସିଏ ନିଜେ ମାସାଧିକ କାଳ ମେଡିକାଲରେ ରହିଲେ। ବୁଢ଼ାବୁଢ଼ୀ ଦି'ଟା କ'ଣ କରିଥିବେ। କ୍ରମେ ଅସ୍ଥିର ହୋଇ ଉଠୁଥିଲା ରିମା। ତା' ମନ କହୁଥିଲା ଧାଇଁ ଯାଇ ଭବେଶର ଗୋଡ଼ଧରି ଭୁଲ୍ ମାଗିବାକୁ। ଶାଶୁ ଶ୍ୱଶୁରଙ୍କ ସେବା କରିବାକୁ। ଉଠିବାକୁ ଚେଷ୍ଟା କଲା। ମୁଣ୍ଡ ବୁଲେଇ ଦେଲା। କାହାକୁ ପଚାରିବ ସେମାନଙ୍କ କଥା। ସନ୍ଧ୍ୟା ହେଇ ଆସୁଥିଲା। ଡାକ୍ତର ଆସିଲେ। କହିଲେ, ପିଲାର କିଛି କ୍ଷତି ହୋଇନାହିଁ। ଆସନ୍ତାକାଲି ଆପଣ ଘରକୁ ଯିବେ। ରିମା ନିଜ ଭିତରେ ଶୁଣିପାରୁଥିଲା ଗୋଟେ କଅଁଳା ପିଲାର କାନ୍ଦ ସହିତ ନିଜ କାନ୍ଦକୁ। ତାକୁ ଲାଗୁଥିଲା ଯେମିତି ତା'ରି କୁକର୍ମ ପାଇଁ ଏତେ କଥା ଘଟିଗଲା। ଏବେ ତା' ପାଇଁ ବଡ଼ ପ୍ରଶ୍ନ ଥିଲା ଚାକିରି ଛାଡ଼ିଦେବ ନା ରଖିବ। ଏବେ ତାକୁ ଉଭୟ ପୁଅ ଓ ବୋହୂର ଭୂମିକା ନିଭେଇବାକୁ ହବ। କେମିତି! ଭବେଶ ବିନା ସିଏ ଯେ ସମ୍ପୂର୍ଣ୍ଣ ନୁହେଁ। କାନ୍ଦିବା ଭିତରେ ତାକୁ ନିଦ ହେଇଗଲା। ନିଦରେ ସ୍ୱପ୍ନ ଦେଖିଲା ଆକ୍ସିଡେଣ୍ଟ ହେଇଥିବା ଗାଡ଼ିଟା ନୂଆ ହୋଇଯାଇଛି। ଆଉ ଭବେଶ କହୁଥିଲେ- ଦେଖ, ଗାଡ଼ି ସଜଡ଼ା ହୋଇଗଲା, ମୁଁ ବି ସଜାଡ଼ି ହୋଇଯାଇଛି। ଖାଲି ତୁମେ ସଜାଡ଼ି ହୋଇଗଲେ ବାପାବୋଉଙ୍କୁ ନେଇ ସହରକୁ ପଳେଇବା। ଏଇ ଗାଡ଼ିଟା ଆମ ପୁଅ ଚଲେଇବ। ନା... ରିମା ଚିତ୍କାର କରିଉଠିଲା। ନିଦ ଭାଙ୍ଗିଗଲା। ସକାଳ ହୋଇଯାଇଥିଲା। ଚାରିଆଡ଼େ ସୁନା ଖରା ବିଂଚିହୋଇ ପଡ଼ିଥିଲା। ଏତେ ଆଲୁଅ ସତ୍ତ୍ୱେ ତା' ଆଖିକୁ ଅନ୍ଧାର ଘେରିରହିଥିଲା।

ମୋ: ୮୯୧୭୬୨୪୩୮୬



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୧୧/୨୦୨୩ Bhubaneswar, Saturday, March 11/ 2023

# ୟୁପି ୱାରିୟର୍ଜ ୧୦ ଉଇକେଟରେ ଜିତିଲା

**ମୁମ୍ବାଇ,୧୦।୩**

ମୁମ୍ବାଇର ବ୍ରାବୋର୍ନ କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ଓମେନ୍ସ ପ୍ରିମିୟର ଲିଗ୍‌ର ମ୍ୟାଚ୍ ନମ୍ବର ୮ରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର(ଆରସିବି)କୁ ୧୦ ଉଇକେଟରେ ପରାସ୍ତ କରିଛି ୟୁପି ୱାରିୟର୍ଜ। ଆରସିବି ୧୯.୩

**ଓମେନ୍ସ ପ୍ରିମିୟର୍ ଲିଗ୍**

**ଆଜିର ମ୍ୟାଚ୍**

**ଗୁଜରାଟ ବନାମ ଦିଲ୍ଲୀ**
**ଡି.ୱାଇ. ପାଟିଲ ଷ୍ଟାଡିୟମ,ନଭି ମୁମ୍ବାଇ**
**ସମୟ- ରାତି ୭.୩୦**

ଓଭରରେ ୧୩୮ ରନ୍‌ରେ ଅଲଆଉଟ ହୋଇଥିବା ବେଳେ ୧୩ ଓଭରରେ ଜିତି ନେଇଥଲା ୟୁପି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଆରସିବି ପକ୍ଷରୁ ସୋଫି ଡିଭାଇନ୍(୩୬) ଓ ଏଲିସ୍ ପେରୀ(୫୨) ରନ୍ କରିଥିଲେ। ପେରୀ ୩୯ ବଲ୍ ଖେଳି ସର୍ବାଧିକ ୫୨ ରନ୍ କରିଥିଲେ। ପେରୀଙ୍କ ଇନିଂସରେ ୬ ଚୌକା ଓ ୧ ଛକା ସାମିଲ ଥିଲା। ଅନ୍ୟ ମାନଙ୍କ ମଧ୍ୟରେ ଶ୍ରେୟଙ୍କା ପାଟିଲ ୧୫ ଓ ଏରିନ୍ ବର୍ନସ୍ ୧୦ ରନ୍ କରିଥିଲେ। ୟୁପି ୱାରିୟର୍ଜ ପକ୍ଷରୁ ସୋଫି ଏକେଲଷ୍ଟୋନ ୧୩ ରନ୍‌ରେ ୪ ଉଇକେଟ ନେଇଥିବା ବେଳେ ଦୀପ୍ତି ଶର୍ମା ୨୬ ରନ୍‌ରେ ୩ ଉଇକେଟ



ପ୍ଲେୟର ଅଫ୍ ଦି ମ୍ୟାଚ୍ ଆଲିସା ହିଲି ।

ନେଇଥିଲେ। ୧୩୯ ରନ୍ ଜବାବରେ ଆଲିସା ହିଲି ୯୬* ଓ ଦେବିକା ବୈଦ୍ୟ ୩୬* ରନରେ ଅପରାଜିତ ରହିଥିଲେ। ହିଲି ୪୭ବଲ୍ ଖେଳି ୧୮ ଚୌକା ଓ ୧ ଛକା ମାରିଥିଲେ। ଅନ୍ୟ ପକ୍ଷରେ ଦେବିକା ୩୧ଟି ବଲ ଖେଳି ୫ ଚୌକା ମାରିଥିଲେ।

**ସଂକ୍ଷିପ୍ତ ସ୍କୋର**

ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୧୯.୩ଓଭରରେ ୧୩୮/୧୦(ଏଲିସ୍ ପେରୀ-୫୨, ସୋଫି ଡିଭାଇନ୍-୩୬, ଶ୍ରେୟଙ୍କା ପାଟିଲ-୧୫, ସୋଫି ଏକେଲଷ୍ଟୋନ-୪/୧୩, ଦୀପ୍ତି ଶର୍ମା-୩/୨୬, ରାଜେଶ୍ୱରୀ ଗାଏକ୍ୱାଡ-୧/୨୬)। ୟୁପି ୱାରିୟର୍ଜ: ୧୩ ଓଭରରେ ୧୩୯/୦ (ଆଲିସା ହିଲି-୯୬*, ଦେବିକା ବୈଦ୍ୟ-୩୬*)।

# ସୁଖଜିତଙ୍କ ଡବଲ୍‌ରେ ଭାରତ ବିଜୟୀ

**ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ହକି**

**ଜର୍ମାନୀ ୩-୨ରେ ପରାସ୍ତ**

**ଭୁବନେଶ୍ୱର (ସ୍ପୋର୍ଟ୍ସ ବ୍ୟୁରୋ)/ ରାଉରକେଲା ଅଫିସ୍,୧୦।୩**

ରାଉରକେଲାର ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମରେ ଅନୁଷ୍ଠିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ହକି ମ୍ୟାଚରେ ଜର୍ମାନୀକୁ ୩-୨ ଗୋଲରେ ପରାସ୍ତ କରିଛି ଭାରତ। ଯୁବ ଖେଳାଳିଙ୍କୁ ନେଇ ଓହ୍ଲାଇଥିବା ଭାରତ ବିଶ୍ୱ ଚାମ୍ପିୟନ୍ ଜର୍ମାନୀକୁ ସମସ୍ତ ବିଭାଗରେ ପରାସ୍ତ କରିଥିଲା। ଭାରତ ପକ୍ଷରୁ ସୁଖଜିତ ସିଂ ଡବଲ୍ ଗୋଲ ସ୍କୋର କରିଥିବା ବେଳେ ହରମନ୍‌ପ୍ରୀତ ସିଂ ଗୋଟିଏ ଗୋଲ ଦେଇଥିଲେ। ଜର୍ମାନୀ ପକ୍ଷରୁ କୌଫମାନ୍ ପଲ୍ ଫିଲିପ ଓ ଷ୍ଟ୍ରୁଥୋଫ୍ ମାଇକେଲ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ମ୍ୟାଚ ଆରମ୍ଭରୁ ବେଶ ସଂଘର୍ଷପୂର୍ଣ୍ଣ ରହିଥିଲା। ମ୍ୟାଚର ପ୍ରଥମାର୍ଦ୍ଧରେ ଜର୍ମାନୀ ଘନଘନ ଆକ୍ରମଣ କରିଥିଲା। ତେବେ ଭାରତୀୟ ରକ୍ଷଣଭାଗ



ଭାରତ-ଜର୍ମାନୀ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

ଖେଳାଳିଙ୍କ ଚମତ୍କାର ପ୍ରଦର୍ଶନ କାରଣରୁ ପ୍ରଥମ କ୍ୱାର୍ଟର ଗୋଲଶୂନ୍ୟ ଭାବରେ ଶେଷ ହୋଇଥିଲା। ଦ୍ୱିତୀୟ କ୍ୱାର୍ଟରରେ ଭାରତୀୟ ଖେଳାଳି ଚମତ୍କାର ପ୍ରଦର୍ଶନ କରିବା ସହିତ ଆକ୍ରମଣକୁ ଜୋରଦାର କରିଥିଲେ। ଦ୍ୱିତୀୟ କ୍ୱାର୍ଟର ଶେଷ ହେବାକୁ କିଛି ସେକେଣ୍ଡ ରହିଥିବା ବେଳେ ମିଳିଥିବା ପେନାଲ୍ଟିକର୍ନରକୁ ଗୋଲରେ ପରିଣତ କରିଥିଲେ ଅଧିନାୟକ ହରମନ୍‌ପ୍ରୀତ୍ ସିଂ। ଭାରତ ୧-୦ରେ ଆଗୁଆ ଥିବା ବେଳେ ତୃତୀୟ କ୍ୱାର୍ଟରର ପ୍ରଥମ ମିନିଟରେ ଏକ ଚମତ୍କାର ଫିଲ୍ଡ ଗୋଲ ଦେଇଥିଲେ ସୁଖଜିତ ସିଂ। ସମାନ କ୍ୱାର୍ଟରର ୪୨ ତମ ମିନିଟରେ ସୁଖଜିତ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରି ଭାରତକୁ ୩-୦ ରେ ଆଗୁଆ କରିଥିଲେ। ତୃତୀୟ କ୍ୱାର୍ଟର ଶେଷ ହେବାକୁ ଏକ ମିନିଟ ରହିଥିବା ବେଳେ ଜର୍ମାନୀ ପକ୍ଷରୁ ୪୪ ତମ ମିନିଟରେ କୌଫମାନ୍ ପଲ୍ ଫିଲିପ୍ ଗୋଲ୍ ପରିଶୋଧ କରିଥିଲେ। ଅନ୍ତିମ କ୍ୱାର୍ଟରର ୫୭ ତମ ମିନିଟରେ ଷ୍ଟ୍ରୁଥୋଫ୍ ମାଇକେଲ ଏକ ଗୋଲ ପରିଶୋଧ କରି ମ୍ୟାଚରେ ରୋମାଞ୍ଚ ଭରି ଦେଇଥିଲେ। ଶନିବାର ଦ୍ୱିତୀୟ ମ୍ୟାଚ ଅଷ୍ଟ୍ରେଲିଆ ଓ ଜର୍ମାନୀ ମଧ୍ୟରେ ଖେଳାଯିବ।

# ଅଙ୍କିତା, ଋତୁଜା ସେମିଫାଇନାଲରେ

**ବେଙ୍ଗାଲୁରୁ, ୧୦।୩ (ପି.ଟି.)**

ଭାରତ ଅଙ୍କିତା ରାଇନା ଓ ଋତୁଜା ଭୋସେଲ ଏଠାରେ ଚାଲିଥିବା ଆଇଟିଏଫ୍ ଓମେନ୍ସ ଓପନ ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଟୁର୍ନାମେଣ୍ଟରେ ଚତୁର୍ଥ ସିଡ୍ ରାଇନା ବୋସନିଆ ହର୍ଜଗୋଭିନାର ଦିଆ ହର୍ଜେଲାସ୍‌ଙ୍କୁ୬-୧,୬-୭(୭), ୭-୫ରେ ପରାସ୍ତ କରିଥିବା ବେଳେ କେଏସ୍‌ଏଲ୍‌ଟିଏ ଷ୍ଟାଡିୟମରେ ଭୋସଲେ ୮ମ ସିଡ୍ ବ୍ରିଟେନର ଇଡେନ୍ ସିଲ୍‌ଭାଙ୍କୁ ୩-୬, ୭-୬ (୫), ୬-୪ରେ ହରାଇ ଦେଇଛନ୍ତି। ରାଇନା ଶନିବାର ଏକ ଅଲ୍ ଇଣ୍ଡିଆନ ସେମିଫାଇନାଲରେ ଭୋସେଲ୍‌ଙ୍କୁ ଭେଟିବେ।



ଋତୁଜା ଭୋସେଲ

ଟେନିସ ଆସୋସିଏଶନ (କେଏସ୍‌ଏଲ୍‌ଟିଏ)। ପୂର୍ବରୁ ଚେକ୍ ରିପବ୍ଲିକର ବ୍ରେଣ୍ଡା ଫ୍ରୁଭିର୍ତୋଭା ୬ଷ୍ଠ ସିଡ୍ ଇଣ୍ଡୋନେସିଆର ମେଡ୍‌ଲିନ୍ ନୁଗ୍ରୋହୋଙ୍କ ବିପକ୍ଷରେ ୬-୦, ୭-୫ରେ ବିଜୟ ହାସଲ କରି ସେମିଫାଇନାଲରେ ପ୍ରବେଶ କରିଥିଲେ। ଅନ୍ୟଏକ କ୍ୱାର୍ଟରଫାଇନାଲରେ ୫ମ ସିଡ୍ ଡାଲିଲା ଜାକୁପୋଭିଚ୍ ୬-୨, ୬-୦ ସିଧାସଳଖ ସେଟ୍‌ରେ ଇକୁମି ୟାମାଜାକିଙ୍କୁ ହରାଇ ଦେଇଛନ୍ତି। ପରେ ଏକ ଡବଲ୍ସ ସେମିଫାଇନାଲରେ ଭୋସେଲ୍ ଓ ତାଙ୍କ ସ୍ୱିଡିଶ ପାର୍ଟନର ଜାକ୍ୱିଲିନ୍ ଆୱାଦ ନମ୍ବର ୱାନ ସିଡ୍ ଯୋଡ଼ି ଜର୍ଜ ଫ୍ରାନ୍‌ସିକା ଓ ଜର୍ଜ ମାଟିଲ୍‌ଡିଙ୍କଠାରୁ ୬-୨, ୩-୬, ୮-୧୦ରେ ପରାଜିତ ହୋଇଛନ୍ତି।

ଆଇଟିଏଫ୍ ଓମେନ୍ସ ୱାର୍ଲ୍ଡ ଟେନିସ ଟୁର୍‌ର ଏକ ଅଂଶବିଶେଷ ଏହି ଟୁର୍ନାମେଣ୍ଟର ଆୟୋଜକ ହେଉଛି କର୍ନାଟକ ରାଜ୍ୟ ଲନ୍

# ସର୍ବଭାରତୀୟ ସିଭିଲ ସର୍ଭିସ ଚେସ୍ ଆଜିଠାରୁ

**ଭୁବନେଶ୍ୱର, ୧୦।୩ (ସ୍ପୋର୍ଟ୍ସ ବ୍ୟୁରୋ)**

ସର୍ବଭାରତୀୟ ସିଭିଲ ସର୍ଭିସ ଚେସ୍ ଟୁର୍ନାମେଣ୍ଟ କିଟ୍ ଓ କିସ୍ ପରିସରରେ ଥିବା କ୍ୟାମ୍ପସ-୧୦ ଅନ୍ତର୍ଗତ ବିଶ୍ୱନାଥନ ଆନନ୍ଦ ଇଣ୍ଟରନ୍ୟାଶନାଲ ଚେସ୍ ହଲ୍‌ରେ ଶନିବାରଠାରୁ ହେବ। ଏହି ଟୁର୍ନାମେଣ୍ଟରେ ୩୦୦ରୁ ଊର୍ଦ୍ଧ୍ୱ ରାଜ୍ୟ ଓ କେନ୍ଦ୍ର ସରକାର କର୍ମଚାରୀ ଭାଗ ନେବେ। ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ, ନୂଆଦିଲ୍ଲୀସ୍ଥିତ ସେଣ୍ଟ୍ରାଲ ସିଭିଲ ସର୍ଭିସ କଲ୍‌ଚରାଲ ଆଣ୍ଡ ସ୍ପୋର୍ଟ୍ସ ବୋର୍ଡ ଏବଂ କିଟ୍‌ର ମିଳିତ ସହଯୋଗରେ ହେଉଥିବା ଏହି ଟୁର୍ନାମେଣ୍ଟ ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। ନିହାର ରଞ୍ଜନ ସାସ୍‌ମଲଙ୍କୁ ମୁଖ୍ୟ ଆର୍ବିଟର ଭାବେ ମନୋନୀତ କରାଯାଇଛି।

# ଶ୍ରୀଲଙ୍କାର ପ୍ରଭାବୀ ବୋଲିଂ

**ଖ୍ରୀଷ୍ଟଚର୍ଚ୍ଚ, ୧୦।୩ (ଏପି)**

ସ୍ଥାନୀୟ ହାଗ୍‌ଲି ଓଭାଲଠାରେ ଚାଲିଥିବା ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ଗୁରୁବାର ୬ ଉଇକେଟ ହରାଇ ୩୦୫ ରନ କରିଥିବା ଶ୍ରୀଲଙ୍କା ୩୫୫ ରନରେ ଅଲଆଉଟ ହୋଇଯାଇଛି। ନ୍ୟୁଜିଲାଣ୍ଡର ନୂଆ ବଲ୍ ଯୋଡ଼ି ଟିମ୍ ସୌଦି ଓ ମ୍ୟାଟ୍ ହେନ୍‌ରୀ ଅବଶିଷ୍ଟ ୪ ଉଇକେଟ ବାଣ୍ଟି ନେଇଥିଲେ। ସୌଦି ଏହି ଇନିଂସରେ ୬୪ ରନ ବିନିମୟରେ ୫ ଉଇକେଟ ନେଇଥିଲେ। ଏହାଥିଲା ତାଙ୍କର ୧୫ ତମ ୫ ଉଇକେଟ ସଫଳତା। ହେନ୍‌ରୀ ୮୦ ରନ ବିନିମୟରେ ୪ଉଇକେଟ ହାସଲ କରିଥିଲେ। ପରେ ଶ୍ରୀଲଙ୍କାର ପ୍ରଭାବୀ ବୋଲିଂ ଯୋଗୁ ଟମ୍ ଲଥାମଙ୍କ ଧୈର୍ଯ୍ୟପୂର୍ଣ୍ଣ ଅର୍ଦ୍ଧଶତକ ସତ୍ତ୍ୱେ ନ୍ୟୁଜିଲାଣ୍ଡ ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ୫ ଉଇକେଟ ବିନିମୟରେ ୧୬୨ ରନ କରିଛି। ଲଥାମ ୧୪୪ ବଲ୍ ସାମ୍ନା କରି ୭ ଚୌକା ସହ ୬୭ ରନ କରିଛନ୍ତି। ତାଙ୍କ ଓପନିଂ ପାର୍ଟନର ଡେଭନ କନୱେ ୩୦ ରନ କରିଛନ୍ତି।

# ସାମୁଏଲଙ୍କୁ ସିଙ୍ଗଲ୍ସ ଟାଇଟଲ

**ମେଜର ସନ୍ଦୀପ ମହାପାତ୍ର ମେମୋରିଆଲ ଟେନିସ୍**

**ଭୁବନେଶ୍ୱର, ୧୦।୩ (ସ୍ପୋର୍ଟ୍ସ ବ୍ୟୁରୋ)**

ସ୍ଥାନୀୟ ମେଣ୍ଢାଶାଳସ୍ଥିତ ଟେନିସ କମ୍ପ୍ଲେକ୍ସଠାରେ ମେଜର ସନ୍ଦୀପ ମହାପାତ୍ର ମେମୋରିଆଲ ଟେନିସ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ କର୍ନାଟକର ରଶିନ୍ ସାମୁଏଲ ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି। ଫାଇନାଲରେ ସେ ତାମିଲନାଡୁର ଭୂପତି ସାକଥିଭେଲ୍‌ଙ୍କୁ ୭-୬ (୫), ୬-୧ରେ ହରାଇ ଦେଇଛନ୍ତି। ପୂର୍ବରୁ ଅନୁଷ୍ଠିତ ଡବଲ୍ସ ଫାଇନାଲରେ ମହାରାଷ୍ଟ୍ର ଯୋଡ଼ି ପ୍ରସାଦ ଇଙ୍ଗାଲେ ଓ ପାରିତୋଷ ପାୱାର ୬-୪, ୬-୪ରେ ଓଡ଼ିଶାର ଅମୃତଜୟ ମହାନ୍ତି ଓ ଶୁଭ୍ରନିଲ୍ ବର୍ମନଙ୍କୁ ହରାଇ ଦେଇଥିଲେ। ପ୍ରତିଯୋଗିତା ଶେଷରେ ସିଙ୍ଗଲ୍ସ ବିଜେତା ଓ ରନରଅପ୍‌କୁ ଟ୍ରଫି ସହ ଯଥାକ୍ରମେ ୧୨,୫୦୦ ଟଙ୍କା ଓ



ରଶିନ୍ ସାମୁଏଲ

୮,୪୦୦ ଟଙ୍କା ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ଡବଲ୍ସ ବିଜେତା ଓ ରନରଅପ୍‌ଙ୍କୁ ଟ୍ରଫି ସହ ଆର୍ଥିକ ପୁରସ୍କାର ବାବଦରେ ଯଥାକ୍ରମେ ୬,୨୦୦ ଟଙ୍କା ଓ ୩,୮୦୦ ଟଙ୍କା ପ୍ରଦାନ କରାଯାଇଥିଲା। ସିଙ୍ଗଲ୍ସର ବିଜେତା ଓ ରନରଅପ୍ ଯଥାକ୍ରମେ ୨୦ ଓ ୧୫ ଅଲ୍ ଇଣ୍ଡିଆ ଟେନିସ ଆସୋସିଏଶନ (ଆଇଟା) ର୍‍ୟାଙ୍କିଙ୍ଗ ପଏଣ୍ଟ ଅର୍ଜନ କରିଛନ୍ତି। ଚାମ୍ପିୟନଶିପ୍‌ରେ ଦେଶର ୧୪ଟି ବିଭିନ୍ନ ରାଜ୍ୟରୁ ମୋଟ ୬୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସ୍ୱର୍ଗତ ମେଜର ସନ୍ଦୀପ ମହାପାତ୍ରଙ୍କ ପିତା ଜଗଦାନନ୍ଦ ମହାପାତ୍ର ଟୁର୍ନାମେଣ୍ଟର ପ୍ରମୁଖ ପ୍ରାୟୋଜକ ରହିଛନ୍ତି। ଉଦ୍‌ଯାପନୀ ଉତ୍ସବରେ ସେ ଫାଇନାଲିଷ୍ଟଙ୍କୁ ଟ୍ରଫି ଓ ପୁରସ୍କାର ପ୍ରଦାନ କରିଥିଲେ। ଗୁରୁକୁଳ ରିସୋର୍ଟସର ନିର୍ଦ୍ଦେଶକ ଚିନ୍ମୟ ପ୍ରଧାନ ଓ ଟୁର୍ନାମେଣ୍ଟ ରେଫରି ଯତୀନ ବସ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ।

# ଭାରତ ୪୪୪ ରନ ପଛରେ

**ଅହମଦାବାଦ,୧୦।୩(ପି.ଟି.)**

ଗୁଜରାଟର ନରେନ୍ଦ୍ର ମୋଦି କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ବର୍ଡର-ଗାଭାସ୍କର ଟ୍ରଫିର ଅନ୍ତିମ ଟେଷ୍ଟରେ ଦୃଢ ସ୍ଥିତିରେ ରହିଛି ଅଷ୍ଟ୍ରେଲିଆ। ଓପନର ଉସ୍‌ମାନ ଖ୍ୱାଜା ଓ କାମେରୁନ୍ ଗ୍ରୀନ୍‌ଙ୍କ ଶତକ ବଳରେ ଅଷ୍ଟ୍ରେଲିଆ ୪୮୦ ରନ୍ କରିଥିବା ବେଳେ ଦ୍ୱିତୀୟ ଦିନର ଖେଳ ସମାପ୍ତ ସୁଦ୍ଧା ଭାରତ ବିନା କ୍ଷତିରେ ୩୬ ରନ୍ ସଂଗ୍ରହ କରି ୪୪୪ ରନ୍ ପଛରେ ରହିଛି।

**ଗାଭାସ୍କର ଟ୍ରଫି ଅନ୍ତିମ ଟେଷ୍ଟର ଦ୍ୱିତୀୟ ଦିନ**

**ଖ୍ୱାଜା ଓ ଗ୍ରୀନ୍‌ଙ୍କ ଶତକ**

ପ୍ୟାଟ୍ କମିନ୍ସଙ୍କ ମାତୃ ବିୟୋଗ କାରଣରୁ ଅଷ୍ଟ୍ରେଲୀୟ ଖେଳାଳିମାନେ ବ୍ଲାକ୍ ଆର୍ମବ୍ୟାଣ୍ଡ ପିନ୍ଧିଥିଲେ। ପ୍ରଥମ ଦିନର ଅସମାପ୍ତ ସ୍କୋର ୨୫୫/୪ରୁ ଖେଳ ଆରମ୍ଭ କରି ଅଷ୍ଟ୍ରେଲିଆ ଅବଶିଷ୍ଟ ୬ ଉଇକେଟ ହରାଇ ଆଉ ୨୧୫ ରନ କରିଥିଲା। ଉସମାନ୍ ଖ୍ୱାଜା ୧୮୦ ଓ କାମେରୁନ୍ ଗ୍ରୀନ୍ ୧୧୪ ରନ୍‌ର ଇନିଂସ ଖେଳିଥିଲେ। ଦ୍ୱିତୀୟ ଦିନରେ ୬ ଉଇକେଟର ପତନ ଘଟିଥିବା ବେଳେ ରବିଚନ୍ଦ୍ରନ ଅଶ୍ୱିନ୍ ୫ ଓ ଅକ୍ଷର ପଟେଲ ଗୋଟିଏ ଉଇକେଟ ନେଇଥିଲେ। ଉଭୟ ଖ୍ୱାଜା ଓ ଗ୍ରୀନ୍ ଆଉ ୧୨୩ ରନ୍ ଯୋଡିଥିଲେ। ଗ୍ରୀନ୍ ସାମାନ୍ୟ ଆକ୍ରମଣାତ୍ମକ ବ୍ୟାଟିଂ କରିବା ସହିତ ନିଜର ଦ୍ୱିତୀୟ ଟେଷ୍ଟ ଶତକ



୬ ଉଇକେଟ ହାସଲ କରିଥିବା ରବିଚନ୍ଦ୍ରନ ଅଶ୍ୱିନ।

ପୂରଣ କରିଥିଲେ। ୧୭୦ ବଲ୍ ଖେଳି ଗ୍ରୀନ୍ ୧୮ ଚୌକା ସହିତ ୧୧୪ ରନ୍ କରିଥିଲେ। ଅଶ୍ୱିନଙ୍କ ଲେଗ୍ ଷ୍ଟମ୍ପ ବାହାରର ବଲ୍ ଖେଳିବାକୁ ଗ୍ରୀନ୍ ପ୍ରୟାସ କରିଥିବା ବେଳେ ଶ୍ରୀକର ଭରତ ନେଇଥିଲେ ଚମତ୍କାର କ୍ୟାଚ୍। ଏହାର ୫ ଓଭର ମଧ୍ୟରେ ଆଲେକ୍ସ କେରୀ(୦) ଓ ମିଚେଲ୍ ଷ୍ଟାର୍କ(୬)ଙ୍କୁ ଆଉଟ କରିଥିଲେ ଅଶ୍ୱିନ୍। ଦଳୀୟ ସ୍କୋର ୪୦୯ରେ ଅଷ୍ଟ୍ରେଲିଆ ଖ୍ୱାଜାଙ୍କ ଉଇକେଟ ହରାଇଥିଲା। ୪୨୨ ବଲ୍‌ର ମାରାଥନ ଇନିଂସରେ ଖ୍ୱାଜା ୨୧ ଚୌକା ମାରି ଅକ୍ଷର ପଟେଲଙ୍କ ବଲରେ ଲେଗ୍ ବିଫୋର ହୋଇଥିଲା। ସେ ୧୦ ଘଣ୍ଟା ୧୧ ମିନିଟ ଧରି ବ୍ୟାଟିଂ କରିଥିଲେ। ଅଷ୍ଟ୍ରେଲିଆ ଇନିଂସ ଶୀଘ୍ର ଶେଷ ହେବା ନେଇ ଆଶା କରାଯାଉଥିଲେ ମଧ୍ୟ ନାଥନ ଲିୟନ ୩୪ ଓ ଟଡ୍ ମର୍ଫି ୪୧ ନବମ ଉଇକେଟରେ ୭୦ ରନ୍ ଯୋଡି ଭାରତୀୟ ବୋଲରଙ୍କୁ ନିରାଶ କରିଥିଲେ। ଉଭୟ ୧୯ ଓଭର ଧରି ବ୍ୟାଟିଂ କରିଥିଲେ। ଅଶ୍ୱିନ୍ ଉଭୟ ଖେଳାଳିଙ୍କୁ ଆଉଟ କରିବା ସହିତ ଅଷ୍ଟ୍ରେଲିଆ ଇନିଂସର ମୁଣ୍ଡି ମାରିଥିଲେ। ଭାରତୀୟ ବୋଲର ୧୬୭.୨ ଓଭର ବୋଲିଂ କରିଥିବା ବେଳେ ଅଷ୍ଟ୍ରେଲିଆ ୪୮୦ ରନ୍‌ର ବିଶାଳ ସ୍କୋର କରିଥିଲା। ଭାରତ ପକ୍ଷରୁ ରବିଚନ୍ଦ୍ରନ ଅଶ୍ୱିନ ୯୧ ରନ୍ ଦେଇ ୬ ଉଇକେଟ ନେଇଥିବା ବେଳେ ମହମ୍ମଦ ଶାମି ୨, ରବୀନ୍ଦ୍ର ଜାଡେଜା ଓ ଅକ୍ଷର ପଟେଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଦ୍ୱିତୀୟ ଦିନରେ ଆଉ ୧୦ ଓଭର ଖେଳ ବାକି ରହିଥିବା ବେଳେ ଦୁଇ ଓପନର ରୋହିତ ଶର୍ମା ଓ ଶୁବମାନ ଗିଲ୍ ବିନା କ୍ଷତିରେ ୩୬ ରନ୍ ଯୋଡିଥିଲେ। ରୋହିତ ଶର୍ମା ୩୩ ବଲରୁ ୧୭ ଓ ଶୁବମାନ ଗିଲ୍ ୨୭ ବଲରୁ ୧୮ ରନ୍ କରି ବ୍ୟାଟିଂ କରୁଛନ୍ତି। ଦୁଇ ଦିନର ଖେଳ ସମାପ୍ତ ହୋଇଥିବା ବେଳେ ମାତ୍ର ୧୦ ଉଇକେଟର ପତନ ଘଟିଥିବା ବେଳେ ଭାରତର ପ୍ରଥମ ଇନିଂସ ଉପରେ ମ୍ୟାଚର ଫଳାଫଳ ନିର୍ଭର କରିବ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ ୧୬୭.୨ ଓଭରରେ ୪୮୦/୧୦ (ଉସ୍‌ମାନ ଖ୍ୱାଜା-୧୮୦, କାମେରୁନ୍ ଗ୍ରୀନ୍-୧୧୪ , ଟଡ୍ ମର୍ଫି-୪୧, ଆର. ଅଶ୍ୱିନ-୬/୯୧, ମହମ୍ମଦ ଶାମି-୨/୧୩୪, ରବୀନ୍ଦ୍ର ଜାଡେଜା-୧/୮୯,ଅକ୍ଷରପଟେଲ-୧/୪୭)। ଭାରତ ପ୍ରଥମ ଇନିଂସ-୧୦ ଓଭରରେ ୩୬/୦ (ରୋହିତ ଶର୍ମା-୧୭*, ଶୁବମାନ ଗିଲ୍-୧୮*)।

**କୁମ୍ବଲେଙ୍କ ରେକର୍ଡ ଭାଙ୍ଗିଲେ ଅଶ୍ୱିନ**

ଭାରତୀୟ ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଅନ୍ୟତମ ଭାରତୀୟ କିମ୍ବଦନ୍ତୀ ଅନିଲ କୁମ୍ବଲେଙ୍କ ରେକର୍ଡ ଭାଙ୍ଗିଛନ୍ତି। ବର୍ଡର-ଗାଭାସ୍କର ଟ୍ରଫିରେ କୁମ୍ବଲେ ୧୧୧ ଉଇକେଟ ନେଇଥିବା ବେଳେ ୧୧୩ ଉଇକେଟ ସହିତ ଅଶ୍ୱିନ ତାଙ୍କୁ ଅତିକ୍ରମ କରିଛନ୍ତି। ଟଡ୍ ମର୍ଫି ଓ ନାଥାନ ଲିୟନଙ୍କୁ ସେ ନିଜର ୪୧୨ ଓ ୪୧୩ ତମ ସଫଳତା ଭାବରେ ଅକ୍ତିଆର କରିଥିଲେ। ୩୬ ବର୍ଷୀୟ ଅଶ୍ୱିନ ନିଜ ଟେଷ୍ଟ କ୍ୟାରିୟରରେ ୩୨ତମ ୫ ଉଇକେଟ ସଫଳତା ହାସଲ କରିଛନ୍ତି। ଭାରତ ମାଟିରେ ଏହା ତାଙ୍କର ୨୬ତମ ୫ ଉଇକେଟ ସଫଳତା ହୋଇଥିବା ବେଳେ ଏହା ସର୍ବାଧିକ। ଟେଷ୍ଟରେ ଭାରତୀୟଙ୍କ ମଧ୍ୟରେ ଦ୍ୱିତୀୟ ସର୍ବାଧିକ ଉଇକେଟ ହାସଲକାରୀ ରହିଥିବା ଅଶ୍ୱିନ ଆଇସିସି ର୍‍ୟାଙ୍କିଙ୍ଗରେ ଯୁଗ୍ମ ପ୍ରଥମ ସ୍ଥାନରେ ରହିଛନ୍ତି। ବର୍ଡର-ଗାଭାସ୍କର ଟ୍ରଫିରେ ନାଥାନ ଲିୟନ୍ ଓ ଆର. ଅଶ୍ୱିନ ୧୧୩ ଉଇକେଟ ସହିତ ଯୁଗ୍ମ ଭାବରେ ପ୍ରଥମ ସ୍ଥାନରେ ରହିଛନ୍ତି।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ